RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-274 ◆THURSDAY ◆02 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୪ ◆ଗୁରୁବାର ◆୦୨ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




କେର୍‌ଙ୍କ ଶତକ: ନ୍ୟୁଜିଲାଣ୍ଡର ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...

### ସଂସଦରେ ଆସିବ ମହିଳା ସଂରକ୍ଷଣ ବିଲ୍

## ବଢ଼ିବ ବଜେଟ ଅଧିବେଶନ ଅବଧି



**ବିରୋଧୀ ଦଳଙ୍କ ସହିତ ବିଚାରବିମର୍ଶ ଆରମ୍ଭ**

**୮୧୬କୁ ବୃଦ୍ଧିପାଇବ ଲୋକସଭା ଆସନ**

**ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ୨୭୩ ଆସନ**

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଲୋକସଭା ଆସନ ସଂଖ୍ୟା ୮୧୬କୁ ବୃଦ୍ଧି କରିବା ସହିତ ମହିଳାଙ୍କ ପାଇଁ ୨୭୩ ଆସନ ସଂରକ୍ଷିତ ରଖିବା ଲାଗି ଯୋଜନା କରିଛନ୍ତି କେନ୍ଦ୍ର ସରକାର। ଏଥିପାଇଁ ଚଳିତ ମାସ ସଂସଦରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବେ। ତେଣୁ ସଂସଦର ବଜେଟ ଅଧିବେଶନକୁ ଆସନ୍ତାକାଲି ଗୁରୁବାର ଦିନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ନକରି ଏହାର ଅବଧିକୁ ବୃଦ୍ଧି କରିପାରନ୍ତି। ସରକାରଙ୍କ ପକ୍ଷରୁ ଏସଂପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇନଥିଲେ ମଧ୍ୟ ଏଭଳି ଯୋଜନା ଚାଲିଥିବା ସଂପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଛି।

ପୂର୍ବ ଯୋଜନା ଅନୁଯାୟୀ ଜାନୁଆରୀ ୨୮ ତାରିଖରେ ଆରମ୍ଭ ହୋଇଥିବା ବଜେଟ ଅଧିବେଶନ ଏପ୍ରିଲ ୨ ତାରିଖ ଯାଏଁ ଚାଲିବ। ଆସନ୍ତାକାଲି ଦୁଇ ତାରିଖରେ ଲୋକସଭାରେ ବାଚସ୍ପତି ଏବଂ ରାଜ୍ୟସଭାରେ ଅଧ୍ୟକ୍ଷ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା କଥା। କିନ୍ତୁ ମହିଳା ସଂରକ୍ଷଣ ବିଲ୍ ପାଇଁ ଯୋଜନାରେ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। କାଲି ସଂସଦ ମୁଲତବୀ ହେବ, କିନ୍ତୁ ଚଳିତ ମାସ ତୃତୀୟ ସପ୍ତାହରେ ଦୁଇ ତିନି ଦିନ ପାଇଁ ପୁଣି ଡକାଯିବ। ୧୬ ତାରିଖରେ ଅଧିବେଶନ ଡକାଯିବାର ସମ୍ଭାବନା ରହିଛି। ଏହି ସମୟରେ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଓ ମହିଳା ଆସନସଂରକ୍ଷଣ (ନାରୀ ଶକ୍ତି ବନ୍ଦନ ଅଧିନିୟମ) ବିଲ୍ ଆଗତ କରିବେ। ମହିଳା ସଂରକ୍ଷଣ ବିଲ୍ ପାଇଁ ସମ୍ବିଧାନରେ ସଂଶୋଧନ ବିଲ୍ ଅଣାଯିବ। ଏସଂପର୍କରେ ସରକାର ବିରୋଧୀ ଦଳ ସହିତ ଆଲୋଚନା ଆରମ୍ଭ କରିଛନ୍ତି। ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଅଣ-କଂଗ୍ରେସ ବିରୋଧୀ ଦଳର ନେତାମାନଙ୍କ ସହିତ ବିଚାରବିମର୍ଶ କରିଛନ୍ତି। ▶ପୃଷ୍ଠା-୭

## ରୁଷ ସାମରିକ ବିମାନ ଦୁର୍ଘଟଣା; ୩୫ ମୃତ



■ ମସ୍କୋ, ୧।୪ (ଏଜେନ୍ସି): ରୁଷର ଏକ ସାମରିକ ପରିବହନ ବିମାନ ଏଏନ୍-୨୬ କ୍ରିମିଆରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୩୫ ଜଣଙ୍କର ମୃତ୍ୟୁ ଘଟିଛି। ବିମାନରେ ୨୯ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟ ଥିଲେ। ରୁଷର ନ୍ୟୁଜ ଏଜେନ୍ସି ତାସ୍ ଅନୁଯାୟୀ, ପ୍ରଥମେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ଏବଂ ପରେ ଏହା ଏକ ପାହାଡ଼ରେ ପିଟି ହୋଇ ଚୂରମାର ହୋଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ବୈଷୟିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ତଥାପି ଏହାର ତଦନ୍ତ ଜାରି ରହିଛି। ଏଏନ୍-୨୬ ବିମାନ ସୋଭିଏତ ସମୟର ଏକ ପୁରୁଣା ସାମରିକ ପରିବହନ ବିମାନ, ଯାହାକୁ ଏଣ୍ଟୋନୋଭ କମ୍ପାନୀ ତିଆରି କରିଥିଲା। ଏହି ବିମାନ ପ୍ରଥମେ ୧୯୬୯ରେ ଉଡ଼ାଣ ଭରିଥିଲା।

## ଭାରତ ହେବ ଦୁନିଆର ଡାଟା ହବ୍

**୫ ଲକ୍ଷ କୋଟିର ପୁଞ୍ଜିନିବେଶ ଆଶା**

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ଆଗାମୀ ଦିନରେ ଭାରତର ଡାଟା ସେଣ୍ଟର କ୍ଷେତ୍ର ନିବେଶକମାନଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ ହୋଇ ରହିବ। କାରଣ ଇତିମଧ୍ୟରେ ଭାରତ ସାରା ଦୁନିଆର ଡାଟା ହବ୍‌ରେ ପରିଣତ ହେବାକୁ ଯାଉଛି। ରିଅଲ୍ ଇଷ୍ଟେଟ୍ ପରାମର୍ଶଦାତା ସିବିଆର୍‌ଇ ପକ୍ଷରୁ ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଚଳିତ କ୍ୟାଲେଣ୍ଡର ବର୍ଷରେ ଭାରତ ଏହାର ଡାଟା ସେଣ୍ଟରରେ ୫୪ ବିଲିୟନ (ପ୍ରାୟ ୫ ଲକ୍ଷ କୋଟି ଟଙ୍କା)ରୁ ଅଧିକ ମୂଲ୍ୟର ନିବେଶ ଆକର୍ଷିତ କରିବ। ଇଣ୍ଡିଆ ଅଲଟରନେଟ୍ ସେକ୍ଟର ଆଉଟଲୁକ୍ ୨୦୨୬ ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ, ଚଳିତବର୍ଷ ଭାରତର ପ୍ରମୁଖ ସହରଗୁଡ଼ିକରେ ମୋଟ ଡାଟା ସେଣ୍ଟର ଷ୍ଟକ୍ ବାର୍ଷିକ ୩୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହିତ ଡାଟା ଲୋକାଲାଇଜେସନ୍ ଆଇନ ଏବଂ ଏକ୍ଷେତ୍ରରେ ଗୁଗୁଲ ଏବଂ ଆଦାନୀ ଗ୍ରୁପ୍‌ର ପୁଞ୍ଜି ବିନିଯୋଗ ଯୋଗୁଁ ଏଭଳି ଅଭିବୃଦ୍ଧି ସମ୍ଭବ ହୋଇପାରିଛି।

### ଟ୍ରମ୍ପଙ୍କ ଦାବିକୁ ଇରାନର ପ୍ରତ୍ୟାଖ୍ୟାନ

# ଅନିଶ୍ଚିତତାରେ ଯୁଦ୍ଧବିରତି



**ଆମେରିକା ଓ ଇସ୍ରାଏଲ ମଧ୍ୟରେ ମତଭେଦ**

**ଚୁକ୍ତି ବିନା ଇରାନ ଛାଡ଼ିବାକୁ ଟ୍ରମ୍ପ ପ୍ରସ୍ତୁତ**

**ଇରାନ ଉପରେ ଆକ୍ରମଣ ଜାରି ରହିବ: ଇସ୍ରାଏଲ**

■ ୱାସିଂଟନ, ୧।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଦୁଇ ତିନି ସପ୍ତାହ ମଧ୍ୟରେ ଯୁଦ୍ଧରୁ ଆମେରିକା ଓହରିଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ସୂଚନା ଦେଲା ପରେ ଆଜି କହିଥିଲେ ଯେ ଇରାନ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଛି। ତେବେ ହର୍ମୁଜ ଖୋଲିଲେ ଯାଇ ଯୁଦ୍ଧବିରତି ସମ୍ଭବ ବୋଲି କହିଥିଲେ। କିନ୍ତୁ ଇରାନ ଆଜି ଟ୍ରମ୍ପଙ୍କ ଏହି ଦାବିକୁ ଖାରଜ କରିଦେଇ କହିଛି ଯେ ଯୁଦ୍ଧବିରତି ପାଇଁ ଇରାନ କୌଣସି ପ୍ରସ୍ତାବ ଦେଇନାହିଁ। ଟ୍ରମ୍ପ ମିଛ କହୁଛନ୍ତି ବୋଲି ଇରାନ ବୈଦେଶିକ ମନ୍ତ୍ରୀ କହିବା ପରେ ପରିସ୍ଥିତି ପୁଣି ଜଟିଳ ହୋଇପଡ଼ିଛି। ସେ କହିଛନ୍ତି ଯେ କେବଳ ଇରାନ ସର୍ତ୍ତରେ ହିଁ ଯୁଦ୍ଧବିରତି ସମ୍ଭବ। ଟ୍ରମ୍ପଙ୍କ ନାଲିଆଖିରେ ଡରିଯିବୁ ନାହିଁ। ହର୍ମୁଜ ସମ୍ପୂର୍ଣ୍ଣ ରୂପେ ଇରାନ ନିୟନ୍ତ୍ରଣରେ ରହିଛି। ଏହା ଉପରେ ହମଲା ହେଲେ ଏହାର ମୁକାବିଲା ଲାଗି ଇରାନ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଯୁଦ୍ଧରୁ ଓହରିଯିବା ଲାଗି ଟ୍ରମ୍ପଙ୍କ ଘୋଷଣାକୁ ନେଇ ଆମେରିକା ଓ ଇସ୍ରାଏଲ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଆମେରିକା ଓହରିଗଲେ ମଧ୍ୟ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିବ ବୋଲି ଏହାର ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ କୌଣସି ଚୁକ୍ତି ନହେଲେ ମଧ୍ୟ ଆମେରିକା ଆଗାମୀ ▶ପୃଷ୍ଠା-୭

# କାଳର କଷଟିରେ ଚମକିଲେ ବିଜୁ

### କ୍ଷମାପ୍ରାର୍ଥନା କଲେ ନିଶିକାନ୍ତ, ଭୂୟସୀ ପ୍ରଶଂସା କଲେ ମୋଦୀ



ବିଜୁବାବୁ ରାଷ୍ଟ୍ରନାୟକ ଥିଲେ ଓ ରହିବେ: ଦୁବେ



ବିଜୁବାବୁ ଅତୁଟ ପ୍ରତିବଦ୍ଧତାର ପ୍ରତୀକ: ମୋଦୀ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧।୪ (ସମିସ): ନିଆଁରେ ପୋଡ଼ିଲେ ସୁନାର ଶୁଦ୍ଧତା କମି ଯାଏ ନାହିଁ, ବରଂ ଏହା ଅଧିକ ଜାଜ୍ୱଲ୍ୟମାନ ହୁଏ। ଏବେ ବିଜୁ ପଟ୍ଟନାୟକଙ୍କ କ୍ଷେତ୍ରରେ ଠିକ୍ ତାହାହିଁ ଘଟିଛି। ପ୍ରଖର ରାଷ୍ଟ୍ରବାଦୀ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଅସ୍ମିତାର ପ୍ରଚଣ୍ଡ ପ୍ରବକ୍ତା, ଓଡ଼ିଶା ପ୍ରାଣ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପରଲୋକର ତିନି ଦଶନ୍ଧି ପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ତାଙ୍କ ସମ୍ପର୍କରେ ଦେଇଥିବା ଅକଥ୍ୟ ଓ ଘୃଣ୍ୟ ମନ୍ତବ୍ୟ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରିଛି। ଓଡ଼ିଶାରେ ଏହାକୁ ନେଇ ଦଳମତ ନିର୍ବିଶେଷରେ ତୀବ୍ର ବିରୋଧ ହୋଇଛି। ବିଧାନସଭାରେ ଏହାକୁ ନେଇ ନିନ୍ଦା ପ୍ରସ୍ତାବ ଆସିଛି। ଦେଶର ପ୍ରାୟ ସବୁ ରାଜନୈତିକ ଦଳ, ଏପରିକି ନିଶିକାନ୍ତଙ୍କ ଦଳର ଅନେକ ନେତା ମଧ୍ୟ ବିଜୁଙ୍କ ପ୍ରତି ଏପରି ମନ୍ତବ୍ୟକୁ ଗ୍ରହଣ କରିନାହାନ୍ତି। ସଂସଦ ଓ ସଂସଦ ବାହାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ନିଶିକାନ୍ତଙ୍କୁ ଭର୍ତ୍ସନା କରିଛନ୍ତି। ବିଜୁବାବୁ କେବଳ ଓଡ଼ିଶାର ରତ୍ନ ନୁହନ୍ତି, ସାରା ଭାରତର ରତ୍ନ ଓ ଅନ୍ୟତମ ସାହସୀ ସନ୍ତାନ ବୋଲି ଅଭିହିତ କରିଛନ୍ତି। ସ୍ୱାଧୀନତା ପୂର୍ବ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ସ୍ୱାଧୀନୋତ୍ତର ଭାରତରେ ବିଜୁ ପଟ୍ଟନାୟକଙ୍କ ଦେଶପ୍ରେମକୁ ସ୍ମରଣ କରିଛନ୍ତି। ଏହି ପ୍ରସଙ୍ଗରେ କଟୁ ସମାଲୋଚନାର ଶିକାର ହେବା ପରେ ଶେଷରେ ନିଶିକାନ୍ତ କ୍ଷମାପ୍ରାର୍ଥନା କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲେଖିଥିବା ଚିଠିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୁବାବୁଙ୍କୁ ଭୂରିଭୂରି ପ୍ରଶଂସା କରିବା ସହ ସାହସୀ ଓ ଦେଶ ଗଠନର ପ୍ରତୀକ ଭାବରେ ଅଭିହିତ କରିଛନ୍ତି। ବିଜୁଙ୍କୁ ପ୍ରଶଂସା ସହ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ଓଡ଼ିଶା ସହ ସାରା ଦେଶରେ ସୃଷ୍ଟି ହୋଇଥବା ବିବାଦକୁ ଶାନ୍ତ କରିବାକୁ ପ୍ରୟାସ କରିଛନ୍ତି ପ୍ରଧାନମନ୍ତ୍ରୀ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିବାଦୀୟ ଟିପ୍ପଣୀକୁ ସାରା ଦେଶରେ ବିରୋଧ ଓ ସମାଲୋଚନା ପରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ବୁଧବାର ଏକ୍ସରେ ସେ କହିଛନ୍ତି ଯେ ନେହେରୁ-ଗାନ୍ଧୀ ପରିବାରର କାର୍ଯ୍ୟକଳାପ ସମ୍ପର୍କରେ ବକ୍ତବ୍ୟ ରଖିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦେଶର ବିଶିଷ୍ଟ ରାଜନେତା ଆଦରଣୀୟ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ତାଙ୍କର କଥାରୁ ଭୁଲ୍ ଅର୍ଥ ବାହାର କରାଯାଇଛି। ▶ପୃଷ୍ଠା-୭

## ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୯୫ ଟଙ୍କା ବଢ଼ିଲା

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ନୂତନ ଆର୍ଥିକବର୍ଷ ଆରମ୍ଭରୁ ରନ୍ଧନ ଗ୍ୟାସ୍‌ର ବାଣିଜ୍ୟିକ ଉପଭୋକ୍ତାଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ କେନ୍ଦ୍ର ସରକାର ବୁଧବାର ହଠାତ୍ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟରେ ବୃଦ୍ଧି ଘଟାଇଛନ୍ତି। ଏଥିରେ ୧୯ କିଲୋ ବିଶିଷ୍ଟ ସିଲିଣ୍ଡର ପିଛା ଦର ଏକା ଥରକେ ୧୯୫ରୁ ୨୧୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଦିଲ୍ଲୀରେ ଏହି ମୂଲ୍ୟ ୨୦୭୮.୫୦ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଚେନ୍ନାଇରେ ଏହି ମୂଲ୍ୟ ସର୍ବାଧିକ ୨୨୬.୫୦ ଟଙ୍କା ବୃଦ୍ଧି ପାଇ ୨୨୪୬ ଟଙ୍କାରେ ପହଞ୍ଚିଛି। ସେହିଭଳି ୫ କେଜି ବିଶିଷ୍ଟ ମିନି ସିଲିଣ୍ଡର ଦାମ ୫୧ ଟଙ୍କା ବୃଦ୍ଧି ପାଇ ୫୪୯ ଟଙ୍କାରେ ପହଞ୍ଚିଛି। ତେବେ ଘରୋଇ ସିଲିଣ୍ଡର ଦାମରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହାର ଦର ଏବେ ବି ୯୧୩ ଟଙ୍କା ରହିଛି। ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ଏହି ବୃଦ୍ଧି କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁ ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ବିଶ୍ୱସ୍ତରୀୟ ଏଲପିଜି ଯୋଗାଣର ୨୦-୩୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରଭାବିତ ହେଉଛି, ଯାହା ଯୋଗାଣ ଶୃଙ୍ଖଳକୁ ସଙ୍କୋଚିତ କରିଛି। ଏହା ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ ବୋଲି କୁହାଯାଉଛି।

### ଓଡ଼ିଶା ଦିବସରେ ରାଜ୍ୟବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

## ଓଡ଼ିଶାର ଅଛି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିବାର ଶକ୍ତି

**ମୁଖ୍ୟମନ୍ତ୍ରୀଙ୍କୁ ୪ ପୃଷ୍ଠାର ଦୀର୍ଘ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ**

**ଓଡ଼ିଶାର ବାସ୍ତବ ମହାନତା ଏହାର ଲୋକମାନଙ୍କ ପାଖରେ ରହିଛି**

**ଲୋକଙ୍କ ସ୍ୱପ୍ନ ପୂରଣ କରିବାରେ କୌଣସି ସୁଯୋଗ ଛାଡ଼ାଯିବ ନାହିଁ**

■ ଭୁବନେଶ୍ୱର, ୧।୪ (ସମିସ): ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୪ ପୃଷ୍ଠାର ଚିଠି ଲେଖିଛନ୍ତି। ଚିଠିରେ ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଗୁଣଗାନ ଏବଂ ଉଚ୍ଚ ପ୍ରଶଂସା କରିଛନ୍ତି। ଓଡ଼ିଶା ଲୋକଙ୍କ ସହ ନିଜର ଭାବଗତ ସମ୍ପର୍କ ବାବଦରେ ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିବା ସହ ଓଡ଼ିଶାର ବିକାଶ କ୍ଷେତ୍ରର ମଧ୍ୟ ଆଲୋକପାତ କରିଛନ୍ତି।

ନିଜ ଚିଠିରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏହାର ଗୌରବଶାଳୀ ଇତିହାସ ଏବଂ ଏହି ଅସାଧାରଣ ରାଜ୍ୟର ଲୋକମାନଙ୍କୁ ଦେଖିଲେ ଯେକୌଣସି ବ୍ୟକ୍ତି ଚକିତ ହୋଇଯିବ। ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ। ଓଡ଼ିଶାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଶକ୍ତି ରହିଛି। ସର୍ବୋପରି ଏଠାରେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଏପରି ଅନେକ ପ୍ରତିଷ୍ଠିତ ସ୍ଥଳୀ ନିର୍ମାଣ କରାଯାଇଛି, ଯାହା ଆଜି ମଧ୍ୟ ସଗୌରବେ ଦଣ୍ଡାୟମାନ। ଭାରତ ସମେତ ସାରା ବିଶ୍ୱରେ ଓଡ଼ିଶୀ ନୃତ୍ୟ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିଛି। ରାଜ୍ୟର ସମୃଦ୍ଧ ସଙ୍ଗୀତ ପରମ୍ପରା, ପର୍ବପର୍ବାଣୀ ଏବଂ ଲୋକପ୍ରଥା ଗୁଡ଼ିକ ଏପରି ଏକ ସମାଜକୁ ପ୍ରତିଫଳିତ କରିଥା'ନ୍ତି ଯାହା ନିଜର ଆଧ୍ୟାତ୍ମିକ ମୂଳଦୁଆ ସହିତ ଗଭୀର ଭାବେ ଜଡ଼ିତ। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟ ରାଜ୍ୟରେ ଏକ ଅନନ୍ୟ ବୈଶିଷ୍ଟ୍ୟ ଯୋଡ଼ିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ବକ୍ସି ଜଗବନ୍ଧୁ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ▶ପୃଷ୍ଠା-୭

### ସ୍ୱାମୀ-ସ୍ତ୍ରୀ କଳିର କରୁଣ ପରିସ୍ଥିତି

## ସ୍ତ୍ରୀକୁ ଜାଳିଦେଲେ; ନିଜେ ଜଳିଗଲେ



■ ଦେଓଗାଁ, ୧।୪ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧୀନ ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିସରରେ ଅଭାବନୀୟ ଘଟଣା ଘଟିଛି। ଏଠାରେ କାର୍ଯ୍ୟରତ ଜଣେ ବରିଷ୍ଠ ଏଏନ୍‌ଏମ୍ ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ପାରିବାରିକ କଳି ଉଗ୍ର ରୂପ ନେଇଛି। ଏଏନଏମ୍‌ଙ୍କୁ ତାଙ୍କ ସ୍ୱାମୀ ଜାଳିଦେବା ସହ ସେ ନିଜେ ମଧ୍ୟ ଜଳି ଯାଇଛନ୍ତି। ମୃତ ମହିଳା ଜଣକ ହେଲେ ଦମୟନ୍ତୀ ବାରିକ(୫୬)। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାମୀ ଉପେନ୍ଦ୍ର କାଲସାଏ (୬୧) ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଦେଓଗାଁ ଓ ବନ୍ଧପଡା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ମଙ୍ଗଳବାର ବିଳମ୍ବିତ ରାତିରେ ଏଏନ୍‌ଏମ୍ ଓ ତାଙ୍କ ସ୍ୱାମୀ ଙ୍କ ମଧ୍ୟରେ ବଚସା ହୋଇ ହୋଇଥିଲା। ଏଥିରେ ଉତକ୍ଷୀପ୍ତ ହୋଇ ଉପେନ୍ଦ୍ର ତାଙ୍କ ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ନିଜେ ମଧ୍ୟ ସେହି ନିଆଁ ସଂସ୍ପର୍ଶରେ ଆସି ଗୁରୁତର ▶ପୃଷ୍ଠା-୭

### ସରିଲା ବଜେଟ ଅଧିବେଶନ

# ନବୀନଙ୍କ ନେତୃତ୍ୱରେ ବିରୋଧୀ ଏକାଠି

### ବିରୋଧୀଙ୍କ ନିଶାଣରେ ସରକାର ଘାଇଲା; ଆଗକୁ କଣ୍ଟକିତ ରାସ୍ତା

**ଘୋଡ଼ାବେପାର ବଦଳାଇବ କି ରାଜନୈତିକ ସମୀକରଣ**

**ରାଜ୍ୟସଭା ଲାଭକ୍ଷତିର ହିସାବ କରୁଛି ଶାସକ ବିଜେପି**

■ ଭୁବନେଶ୍ୱର, ୧।୪ (ସମିସ): ନିର୍ଦ୍ଧାରିତ ୫ଟି କାର୍ଯ୍ୟଦିବସ ପୂର୍ବରୁ ମଙ୍ଗଳବାର ବିଳମ୍ବିତ ରାତିରେ ଶେଷ ହୋଇଛି ବିଧାନସଭାର ବଜେଟ ଅଧିବେଶନ। ଫେବୃଆରୀ ୧୭ରୁ ଆରମ୍ଭ ହୋଇଥିବା ୭ ଦିନିଆ ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ମଣ୍ଡି ଅବ୍ୟବସ୍ଥା ଏବଂ ଚାଷୀ ଶୋଷଣକୁ ନେଇ ୬ ଦିନ ଗୃହ ଅଚଳ ହୋଇଥିଲା। ଅନୁରୂପ ଭାବରେ ମାର୍ଚ୍ଚ ୯ରୁ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ସିବି ନିଆଁର ତାତି ଗୃହରେ ଅନୁଭୂତ ହୋଇଥିଲା। ୧୭ ତାରିଖରୁ ଆଦୌ ଗୃହକାର୍ଯ୍ୟରେ ଭାଗ ନେଇନଥିବା ବେଳେ ଶେଷଦିନ ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ମୋଟାମୋଟି ଭାବରେ ସାରା ବଜେଟ୍ ଅଧିବେଶନରେ ବିରୋଧୀଙ୍କ ଷଣ୍ଢଆସୀ ଆକ୍ରମଣରେ ସରକାର ଆକ୍ରାମାକ୍ରା ହୋଇ ଯାଇଥିଲେ। ଏହି ସମୟରେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ଓ ଘୋଡ଼ାବେପାରରେ ଶାସକ ଦଳ ଅଳ୍ପକେ ବାଜି ମାରି ନେଇଥିଲେ ହେଁ ବିରୋଧୀ ବିଜେଡି ଓ କଂଗ୍ରେସର ଯୁଗଳବନ୍ଦୀ ଆଗାମୀ ଦିନରେ ନୂଆ ସମୀକରଣର ସଙ୍କେତ ଦେଇଛି। ଏହି ସମୟରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଭୂମିକା ଓ ଧାନକିଣା, ଆଇନଶୃଙ୍ଖଳା, ବିତ୍ତୀୟ ପରିଚାଳନା ଓ ଏସ୍‌ସିବି ରୋଗୀ ମୃତ୍ୟୁ ଘଟଣାରେ ତାଙ୍କର ଅଭେଦ୍ୟ ଆକ୍ରମଣ ବିରୋଧୀଙ୍କୁ ଅଧିକ ଉତ୍ସାହିତ କରିଛି। ଯାହା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି। ଯେକୌଣସି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ବିଧାନସଭା ଭିତରେ ଓ ବାହାରେ ବିରୋଧୀ ସମ୍ମିଳିତ ଭାବରେ ସରକାରଙ୍କୁ ଆକ୍ରମଣ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବ ନାହିଁ ବୋଲି ମିଳିଥିବା ଇଙ୍ଗିତ ସରକାରଙ୍କୁ ଆଗାମୀ ଦିନରେ ଅଡୁଆରେ ପକାଇବା ଆଶଙ୍କା ସୃଷ୍ଟି କରିଛି।

ବଜେଟ ଅଧିବେଶନର ଦ୍ୱିତୀୟ ଦିନରୁ ହିଁ ବିରୋଧୀ ମିଳିତ ଭାବରେ ସରକାରଙ୍କୁ ମିଳିତ ଆକ୍ରମଣ କରିବା ଆରମ୍ଭ କରିଥିଲେ। ଧାନ ବିକ୍ରି ଏବଂ ଚାଷୀ କଷଣ ବିଷୟକୁ ନେଇ ବିଜେଡି-କଂଗ୍ରେସ, ସିପିଏମ ବିଧାୟକ ଗୃହ ହୁଲୁସ୍ଥୁଲ କରିଥିଲେ। ଦୀର୍ଘ ଅନେକ ଦଶନ୍ଧି ପରେ ଶାସକ ଦଳକୁ ବିଧାନସଭାରେ ବିରୋଧୀଙ୍କ ଏପରି ସଶକ୍ତ ଆକ୍ରମଣ ରାଜ୍ୟବାସୀ ପ୍ରତ୍ୟକ୍ଷ କରିଛନ୍ତି। ତେବେ ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନ ସରକାରଙ୍କ ବିରୋଧରେ ବିରୋଧୀଙ୍କୁ ଏକାଠି ହେବାକୁ ଏକ ବଡ଼ ମଉକା ଦେଇଥିବା ରାଜନୈତିକ ▶ପୃଷ୍ଠା-୭

### ମିଳୁନି ଗ୍ୟାସ୍

# କଳାବଜାରରେ ସିଲିଣ୍ଡର୍ ୩୦୦୦



■ ସମ୍ବଲପୁର, ୧।୪ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାବେଳେ ସମ୍ବଲପୁରରେ ରନ୍ଧନ ଗ୍ୟାସ୍ ଅଭାବ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଲୋକେ ଅନ୍‌ଲାଇନ୍‌ରେ ଗ୍ୟାସ୍ ବୁକିଂ କରିବାସହ ଗ୍ୟାସ୍ ଦୋକାନ ସାମ୍ନାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଗ୍ୟାସ୍ ବୁକିଂ କରିବାର ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଗ୍ୟାସ୍ ଯୋଗାଣ ହେଉନାହିଁ। ଲୋକେ ଗ୍ୟାସ ବୁକିଂ କରିବାପରେ ପ୍ରତିଦିନ ଗ୍ୟାସ୍ ବିତରଣ ସଂସ୍ଥାକୁ ଧାଉଁଛନ୍ତି। ଦୁଇରୁ ତିନିଗୁଣା ଗ୍ୟାସ୍ ସିଲିଣ୍ଡର ବୁକିଂ ହେଉଥିବାରୁ ଏଭଳି ଅବସ୍ଥା ହେଉଥିବା ବିତରକ ସଂସ୍ଥାମାନେ କହୁଛନ୍ତି। ଏପରିକି ଗ୍ୟାସ ବୁକିଂ କରିବାପରେ କେତେକସ୍ଥାନରେ ୨୫୦ ବୁକିଂ ଥିବାବେଳେ ମାତ୍ର ୧୦୦ଟି ଯୋଗାଣ ହୋଇ ଆଗାମୀ ଯୋଗାଣକୁ ଅପେକ୍ଷା କରିବାକୁ ପଡୁଛି। ବୁକିଂ ସମୟରେ କେୱାଇସି ମାଗି ବହୁସ୍ଥାନରେ ବିତରକ ସଂସ୍ଥା ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ଉପଭୋକ୍ତାଙ୍କୁ ଗ୍ୟାସ୍ ଯୋଗାଣରେ ବିଳମ୍ବ ହେଉଥିବାବେଳେ ଆବଶ୍ୟକ ସଂଖ୍ୟକ ଗ୍ୟାସ୍ ସିଲିଣ୍ଡର ଉପଲବ୍ଧ ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦର ୯୭୫ ଟଙ୍କା ହୋଇଥିବାବେଳେ କଳାବଜାରରେ ତାହା ୩୦୦୦ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଗ୍ୟାସ ଅଭାବରୁ ମାସକ ପୂର୍ବରୁ ରାସ୍ତାକଡ଼ ଦୋକାନ ଗୁଡ଼ିକ ବନ୍ଦ ହୋଇଯାଇଥିଲା। ରାସ୍ତାକଡ଼ ଦୋକାନୀମାନେ ଦୋକାନ ଖୋଲି କଳାବଜାରରେ ଅଧିକ ଦରରେ ସିଲିଣ୍ଡର କିଣୁଛୁ କହି ଖାଦ୍ୟ ସାମଗ୍ରୀ ଦର ଦୁଇଗୁଣାରୁ ଅଧିକରେ ବିକ୍ରୟ କରୁଛନ୍ତି। ଗଙ୍ଗାଧର ମେହେର ▶ପୃଷ୍ଠା-୭

ସକାଳ THE SAKALA



# ବ୍ରହ୍ମପୁର ସହରରେ ଏମିତି ଚାଲିଛି ସ୍ୱଚ୍ଛତା

ବ୍ରହ୍ମପୁର,୧।୪(ସମିସ)

ସହରର ସ୍ୱଚ୍ଛତା ଓ ପରିମଳ ପ୍ରତି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ଏକଦା ରାଜ୍ୟରେ ଶିର୍ଷ ସ୍ଥାନରେ ଥିବା ବିଏମସିର ମାନ୍ୟତା କ୍ରମଶଃ ଖସିବାରେ ଲାଗିଛି। ଏଭଳି ପରିସ୍ଥିତିରେ ସମଗ୍ର ଦେଶରେ ସ୍ୱଚ୍ଛସର୍ବେକ୍ଷଣ-୨୦୨୬ ପ୍ରତିଯୋଗିତା ଜାରି ରହିଛି। ତେବେ ଏଥିରେ ପରିମଳ ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଥିବା ବେଳେ ସହରର ସ୍ଥିତିକୁ ଦେଖିଲେ ବିଏମବସିର ସ୍ଥାନ କେଉଁଠାରେ ରହିବ ତାହା ସ୍ପଷ୍ଟ ଅନୁମେୟ କରିହେଉଛି। ସହରବାସୀଙ୍କ ସହଯୋଗ ଓ ସେମାନଙ୍କ ଠାରୁ ମିଳୁଥିବା ଫିଡବ୍ୟାକ ଓ ବିଭିନ୍ନ ସମସ୍ୟାର ସମାଧାନ କେତେଶୀଘ୍ର ସମାଧାନ କରାଯାଇପାରୁଛି ତାକୁ ମଧ୍ୟ ଏହି ପ୍ରତିଯୋଗିତାରେ ଏକ ପ୍ରମୁଖ ମାପକାଠି ଭାବେ ଗ୍ରହଣ କରାଯାଉଛି। ତେବେ ଏସବୁକୁ ଦେଖିଲେ ଏବଂ ଅପରପକ୍ଷେ ସହରର ପରିମଳ ଓ ସ୍ୱଚ୍ଛତାକୁ ଦେଖିଲେ ଗାଁ ସୁନ୍ଦର ଧୋବା ତୁଠରୁ ଜଣାପଡିବା ନ୍ୟାୟରେ ଯେ କେହି ଜାଣିପାରିବେ। ଯେକୌଣସି ମୂହୁର୍ତ୍ତରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ସହରରେ ଗ୍ରାଉଣ୍ଡ ଜିରୋରେ ବୁଲି ମୂଲ୍ୟାୟନ କରିବେ। ଏଭଳି ସ୍ଥିତିରେ ସହରର ଶୌଚାଳୟ ଗୁଡିକର ଶୋଚନୀୟ ସ୍ଥିତିକୁ ଦେଖିଲେ ସବୁକିଛି ସ୍ପଷ୍ଟ ହେଉଛି। ୪୨ଟି ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମରେ ମୋଟ ୬୧ଟି ଶୌଚାଳୟ ରହିଛି। ସେଥିମଧ୍ୟରୁ ୪୦ଟିର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ହାତରେ ଥିବା ବେଳେ ୨୧ଟି ଶୌଚାଳୟର ଦାୟିତ୍ୱ ସୁଲଭ ଇଣ୍ଟରନ୍ୟାସନାଲ ସଂସ୍ଥାକୁ ଦିଆଯାଇଥିବା ଜଣାପଡିଛି। ବିଭିନ୍ନ ୱାର୍ଡରେ ଥିବା ୪୦ଟି ଶୌଚାଳୟ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ମାସିକ ୬ହଜାରରୁ ୩୧ହଜାର ପର୍ଯ୍ୟନ୍ତ ହିସାବରେ ମାସିକ ୫ଲକ୍ଷ ୨୪ହଜାର ୫ଶହ ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡିଛି। ଯାହା ସ୍ୱୟଂ ସହାୟିକା





ଗୋଷ୍ଠୀଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ସୁଲଭ ଅଧିନରେ ଥିବା ୨୧ଟି ଶୌଚାଳୟ ପାଇଁ ଅଧିକ ତଥା ପୃଥକ ଭାବେ ଅର୍ଥ ବିନିଯୋଗ ହେଉଛି। ତେବେ ସବୁଠାରୁ ଚିନ୍ତା ଓ ପରିତାପର ବିଷୟ ହେଲା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଅଧିନରେ ଥିବା ମୋଟ ୪୦ଟି ମଧ୍ୟରୁ ମାତ୍ର ୫ଟି ଓ ସୁଲଭ ଅଧିନରେ ଥିବା ୨୧ଟି ଶୌଚାଳୟ ମଧ୍ୟରୁ ୭ଟି ଏହିଭଳି ମୋଟ ୬୧ଟି ଗୌଚାଳୟ ମଧ୍ୟରୁ ମାତ୍ର ୧୨ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବା ଜଣାପଡିଛି। ଅବଶିଷ୍ଟ ୪୯ଟି ମଧ୍ୟରୁ କେତେକ ଅଚଳ ପଡିଥିବା ବେଳେ ଆଉ କେତେକରେ ପାଣିର ଅଭାବ ରହିଛି ତ ଆଉ କେଉଁଠି ଟାଙ୍କି ଚୋକ ହୋଇ ବ୍ୟବହାର ଯୋଗ୍ୟ ଅବସ୍ଥାରେ ନଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଏମକେସିଜି ମେଡିକାଲ ସମ୍ମୁଖ ମର୍ଦ୍ଦରାଜ ଭେଣ୍ଡିଂ ଜୋନ ସଂଲଗ୍ନ ସୁଲଭ ଶୌଚାଳୟ। ଯାହା ଦିର୍ଘ ୨ମାସରୁ ଅଧିକ କାଳ ଧରି ବନ୍ଦ ପଡିଥିବା ଦେଖିବାକୁ ମିଳିଛି। ଏଠାରେ ପନିପରିବା ମାର୍କେଟ ସହିତ ଆମିଷ ବଜାର ଥିବାରୁ ଏଠାକୁ ଦୈନିକ ସହସ୍ରାଧିକ ଲୋକ ଓ ବ୍ୟବସାୟୀ ଯାତାୟତ କରିଥାନ୍ତି। ତେବେ ଶୌଚାଳୟର ଟାଙ୍କୀ ଜାମ ହୋଇ ଅବର୍ଜ୍ଜନା ଜଳ ବାହାରେ ଭାସୁଥିବାରୁ ସେଥିରୁ ନିର୍ଗତ ଦୁର୍ଗନ୍ଧ ଯୋଗୁଁ ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସହରର ବିଭିନ୍ନ ୱାର୍ଡରେ ଶୌଚାଳୟ ଗୁଡିକର ସ୍ଥିତି ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେହି କର୍ତ୍ତୃପକ୍ଷ କରୁନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ସ୍ଥାନୀୟ କର୍ପୋରେଟରମାନେ ବିଭିନ୍ନ ସମୟରେ ଲୋକଙ୍କ ଆକ୍ରୋଶର ଶୀକାର ହେଉଥିବା ଦେଖିବାକୁ ମିଳୁଛି। ଶୌଚାଳୟ ଗୁଡିକର ରକ୍ଷଣାବେକ୍ଷଣରେ ଅଭାବ ସାଙ୍ଗକୁ ପରିଚାଳନା ଗତ ତ୍ରୁଟି ଯୋଗୁଁ ସେଗୁଡିକର ଦୁଃସ୍ଥିତି ସହରର ପରିମଳ ବ୍ୟବସ୍ଥାକୁ ପଦାରେ ପକାଇ ଦେଉଛି। ଏଭଳି ପରିସ୍ଥିତିରେ ସ୍ୱଚ୍ଛ ସର୍ବେକ୍ଷଣ ଟିମ ସହରକୁ କିଭଳି ମୂଲ୍ୟାୟନ କରିବେ ଏଥିରୁ ହିଁ ସ୍ପଷ୍ଟ ହେଉଛି। ପରିମଳକୁ ପ୍ରାଥମିକତା ଦିଆଯାଉଥିବା ନେଇ ନିଗମ କର୍ତ୍ତୃପକ୍ଷ ଦ୍ୱାହି ଦେଉଥିବା ବେଳେ ଏଥି ପାଇଁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା କେବଳ ପାଣିରେ ବୁଡିବା ଛଡା ଅନ୍ୟ କିଛି ନୁହେଁ ବୋଲି ସହରବାସୀ ମତ ପ୍ରକାଶ କରୁଛନ୍ତି। ତୁରନ୍ତ ଏଦିଗରେ ନିଗମ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

- ବିଏମ୍‌ସିର ଅଣଦେଖା; ବଢୁଛି ଜନ ଅସନ୍ତୋଷ
- କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ସହରର ୬୧ଟି ଶୌଚାଳୟ ମଧ୍ୟରୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ମାତ୍ର ୧୨ଟି
- ୪୦ଟିର ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀ, ଅବଶିଷ୍ଟ ୨୧ଟିର ଦାୟିତ୍ୱ 'ସୁଲଭ' ହାତରେ
- ଅନେକରେ ପଡ଼ିଲାଣି ତାଲା, ବାରମ୍ବାର ଅଭିଯୋଗ ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ନିଗମ କର୍ତ୍ତୃପକ୍ଷ

● ଆନ୍ଧ୍ର ନାବାଳିକାକୁ ଗଞ୍ଜାମରେ ଗଣଦୁଷ୍କର୍ମ ଘଟଣା

## ଦୁଷ୍କର୍ମ ପରେ ଦଣ୍ଡନାଚ ପ୍ରସାଦ ସେବନରେ ଝଗଡ଼ା କରିଥିଲା ଅଭିଯୁକ୍ତ

ବ୍ରହ୍ମପୁର,୧।୪(ସମିସ): ଲାଞ୍ଜିପଲ୍ଲୀ ଦୀପ ସାହିର ଅର୍ଜୁନ ନାୟକ ଓ ଆଦିତ୍ୟ ନାୟକ ଗୋଟିଏ ଅପରାଧୀ ଗୋଷ୍ଠୀର ସହଯୋଗୀ ଅଟନ୍ତି। ଅର୍ଜୁନ ବେକରେ ଗୋଟିଏ ଟାଟୁ କରିଛି। ସେଥିରେ ଗୋଡ୍ ଅର୍ଥ ଭଗବାନ ବୋଲି ଲେଖାହୋଇଛି। ଅର୍ଜୁନ ପ୍ରତିଦିନ ନିଶା ଦ୍ରବ୍ୟ ସେବନ କରି ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରେ। ଗତ ୨୯ତାରିଖରେ ସୁନିଲ ବେହେରା ଦୀପ ସାହିରେ ଦଣ୍ଡନାଚ ଆୟୋଜନ କରିଥିଲେ। ସେହିଦିନ ଆନ୍ଧ୍ରର ୧୭ ବର୍ଷୀୟ ନାବାଳିକା ଜଣକ ନିଜ ପୁରୁଷ ବନ୍ଧୁ ସହ ଉକ୍ତ ଦଣ୍ଡନାଚକୁ ମଧ୍ୟ ଆସିଥିଲେ। ସନ୍ଧ୍ୟାରେ ନାବାଳିକା ଜଣକ ନିଜ ପୁରୁଷ ବନ୍ଧୁ ସହ ବୁଲାବୁଲି କରି ଚନ୍ଦନ ନଗରରେ ପହଞ୍ଚିଥିଲେ। ସେଠାରେ ଚନ୍ଦନ ନଗରଠାରେ ଥିବା ଏକ ପଡିଆରେ ଆନ୍ଧ୍ରର ଜଣେ ୧୭ ବର୍ଷିଆ ନାବାଳିକାକୁ ଗଣଦୁଷ୍କର୍ମ କରିଥିଲେ। ନାବାଳକ ଘଟଣାସ୍ଥଳରେ ନିଶାସକ୍ତ ଅବସ୍ଥାରେ ଶୋଇଥିବା ବେଳେ ପ୍ରାୟ ରାତି ୧୦ଟା ପରେ ଅର୍ଜୁନ ଓ ଆଦିତ୍ୟ ଦୁହେଁ ସଂପୃକ୍ତ ନାବାଳିକାକୁ ବଳ ପୂର୍ବକ ଦୁଷ୍କର୍ମ କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳରେ ସୁନିଲ ବେହେରାଙ୍କ ପକ୍ଷରୁ ଆୟୋଜିତ ଦଣ୍ଡନାଚ ପ୍ରସାଦ ସେବନରେ ଅର୍ଜୁନ ଓ ଆଦିତ୍ୟ ପ୍ରସାଦ ସେବନ କରିବାକୁ ଯାଇ ସେଠାରେ ପାଟିତୁଣ୍ଡ କରିଥିଲେ। ପରେ ପୁଣି ଉକ୍ତ ପଡ଼ିଆକୁ ଯାଇ ନାବାଳିକାକୁ ପୁଣି ଦୁଷ୍କର୍ମ କରି ଘଟଣା ସ୍ଥଳରୁ ପଳାଇଗଲେ। ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ପରେ ନାବାଳିକାର ବୟାନ ରେକର୍ଡ କରାଯାଇଥିଲା। ପ୍ରଥମେ ପୁଲିସ ନାବାଳିକାଙ୍କ ପୁରୁଷ ନାବାଳକ ବନ୍ଧୁଙ୍କୁ ଧରିବା ପରେ ଘଟଣା ଅନ୍ୟ ଅଭିଯୁକ୍ତଙ୍କ ବିଷୟରେ ପୁଲିସ ଅଧିକ ସୂଚନା ପାଇପାରିଥିଲା। କିଛି ନିଶା ଦେଇ ଗଣଦୁଷ୍କର୍ମ କରିଥିବା ନେଇ ପୁଲିସ ନିକଟରେ ପିଡିତା ଅଭିଯୋଗ କରିଥିଲେ। ପିଡିତାର ଅଭିଯୋଗକୁ ଆଧାର କରି ଏଏସପି ଆଲୋକ ଜେନା, ଡିଏସପି ସ୍ମୃତି ପ୍ରଭା ପ୍ରଧାନ, ଥାନା ଅଧିକାରୀ ପ୍ରତାପ କୁମାର ଦାସ ଓ ଅନ୍ୟ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେପଟେ ଦୁଇଦିନ ଭିତରେ ବ୍ରହ୍ମପୁର ଜେଲରେ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ଼ ହେବ ବୋଲି ଜଣାପଡ଼ିଛି।

## ମହନ୍ତଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମପୁର,୧।୪(ସମିସ): ହରଡ଼ାଖଣ୍ଡି ନିକଟସ୍ଥ ଆନନ୍ଦମାର୍ଗରେ ଥିବା ରାମକୃଷ୍ଣ ମଠ କୋଠରୀରୁ ଜଣେ ମହନ୍ତଙ୍କ ଝୁଲନ୍ତା ମୃତଦେହ ପୁଲିସ ଜବତ କରିଛି। ମୃତକ ଜଣଙ୍କ ସର୍ବେଶ୍ୱର ଦାଶ(୫୨)। ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କୋଠରୀର ତାଲା ଭାଙ୍ଗି ମୃତଦେହ ଜବତ କରିବା ସହ ସେଠାରେ ପଞ୍ଚନାମା ହୋଇଥିଲା। ସୂଚନାଯୋଗ୍ୟ ଯେ, ମୃତ ମହନ୍ତଙ୍କ ଘର ଧରାକୋଟ ଅଞ୍ଚଳର ହୋଇଥିବା ବେଳେ ସେ ୨୦୧୨ମସିହାରୁ ମହନ୍ତ ଦୀକ୍ଷା ଗ୍ରହଣ କରି ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ବିଭିନ୍ନ ମଠରେ ରହୁଥିଲେ। ସେ ବ୍ରହ୍ମପୁର ହରିଡ଼ାଖଣ୍ଡିରେ ଥିବା ରାମକୃଷ୍ଣ ମଠରେ ଗତ ଦୁଇବର୍ଷ ହେଲା ରହୁଥିଲେ। ଉକ୍ତ ମଠରେ ୪ଟି କୋଠରୀରେ ୪ଜଣ ମହନ୍ତ ରହୁଥିଲେ। ମଙ୍ଗଳବାର ରାତ୍ର ସମସ୍ତେ ଖାଇସାରି ନିଜ ନିଜ କୋଠରୀକୁ ଯାଇଥିଲେ। ବୁଧବାର ବଡି ଭୋରୁ ସମସ୍ତେ ସ୍ନାନ ପାଇଁ ଉଠିଥିଲେ। ହେଲେ ସର୍ବେଶ୍ୱର ଉଠିନଥିଲେ। ଅନ୍ୟ ମହନ୍ତମାନେ ତାଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଗ୍ରହଣ କରିନଥିଲେ। କବାଟ ଠକ ଠକ କଲେ ମଧ୍ୟ ସେ କବାଟ ଖୋଲିନଥିଲେ। ସେମାନଙ୍କ ସନ୍ଦେହ ହୋଇଥିଲା। ଉକ୍ତ କୋଠରୀର ଝରକା ପଟେ ଦେଖିବା ବେଳେ ସେ ବେକରେ ଗାମୁଛା ଲଗାଇ ଝୁଲୁଥିଲେ। ପରେ ମୁଖ୍ୟ ମହନ୍ତ ଏନେଇ ପୋଲିସକୁ ଖବର କରିଥିଲେ। ଉକ୍ତ କୋଠରୀ ଭିତର ପଟୁ ବନ୍ଦ ରହିଥିବରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ତାଙ୍କ ମୃତଦେହ ଜବତ କରଯାଇଥିଲା। ଅନ୍ୟପଟେ ପୁଲିସଠାରୁ ଖବର ପାଇ ଧରାକୋଟର ରହୁଥିବା ମୃତକଙ୍କ ଭାଇ ଓ ଘର ଲୋକ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ବ୍ୟବଛେଦ ପରେ ତାହା ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ କହିଛି। ମୃତ୍ୟୁର କାରଣ ଜଣାପଡୁନଥିବା ବେଳେ ମହନ୍ତ ଜଣଙ୍କ କାହିଁକି ଓ କେଉଁ ପରିସ୍ଥିତିରେ ଏଭଳି ଆତ୍ମହତ୍ୟା କରିଥିଲେ ସେ ନେଇ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଉକ୍ତ ମଠର ମୁଖ୍ୟ ମହନ୍ତ ତ୍ରିବିକ୍ରମ ମହାରାଜାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୁଲିସ ମୃତକଙ୍କ ବେକରେ ଲାଗିଥିବା ଗାମୁଛା ଓ ତାଙ୍କ ମୋବାଇଲ ଜବତ କରିଛି।

## ଆଜିଠୁ ୧୩ ଦିନିଆ ଦଣ୍ଡନାଟ

ବ୍ରହ୍ମପୁର,୧।୪(ସମିସ): ଗଞ୍ଜାମ ଜିଲ୍ଲାରେ ପୂର୍ବରୁ ୨୧ଦିନିଆ ଦଣ୍ଡପୁଞ୍ଜା ସେମାନଙ୍କ ଯାତ୍ରା ଆରମ୍ଭ କରିଛନ୍ତି। ଭୂକ୍ତାଙ୍କ ଘର ଆଗରେ ଦଣ୍ଡନାଟ ପରିବେଷଣ କରୁଛନ୍ତି। ବୁଧବାରଠାରୁ ୧୩ଦିନିଆ ଦଣ୍ଡପୁଞ୍ଜା ସେମାନଙ୍କ ଯାତ୍ରା ଆରମ୍ଭ କରିବେ। ପ୍ରତିଦିନ ମାନସିକଧାରୀ ଭୂକ୍ତାଙ୍କ ଘର ଆଗରେ ମା'ଙ୍କୁ ସ୍ମରଣ କରିବେ। କହିବାକୁ ଗଲେ ଗଞ୍ଜାମ ଜିଲ୍ଲାରେ ବହୁଳ ମାତ୍ରାରେ ୧୩ଦିନିଆ ଦଣ୍ଡଦଳ ସେମାନଙ୍କ ଯାତ୍ରା ଆରମ୍ଭ କରିବେ। ଏଥିପାଇଁ ପୁରପଲ୍ଲୀ ଆଧ୍ୟାତ୍ମିକ ପରିବେଶରେ କମ୍ପିବ। ଚାରିଆଡ଼େ ଶିବ କାଳୀଙ୍କ ନାମ ଗୁଞ୍ଜରିତ ହେବ। ସୂଚନାପ୍ରକାରେ ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଦଣ୍ଡାନାଟ ମାଧ୍ୟମରେ ଢୋଲ ବାଦ୍ୟରେ ସମଗ୍ର ଇଲାକା ପ୍ରକମ୍ପିତ ହୋଇ ଉଠିଛି। ଦଣ୍ଡନାଟ ଲୋକନାଟକ ଭିତରେ ସର୍ବୋତ୍କୃଷ୍ଟ ଭାବରେ ପରିଗଣିତ। ଏହା ହଟଯୋଗର ସମାହାର। ଶିବଶକ୍ତି ଉପାସନାର ପ୍ରତୀକ। ଚୈତ୍ରମାସରେ ୨୧ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସକ, ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର। ଜିଲ୍ଲାବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମାଁ ଦଣ୍ଡକାଳୀଙ୍କ ଆରାଧାନାରେ ଲିପ୍ତ ରହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି। ଲୋକନାଟର ବଳିଷ୍ଠ ଏହି ପରମ୍ପରା କାହିଁ କେଉଁ ଆଦିମ ଯୁଗରୁ ପ୍ରଚଳିତ ଥିବା ବେଳେ ଧିରେ ଧିରେ ଏଥିରେ ଯୁଗୋପଯୋଗୀ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଛି। ମାନସିକଧାରୀମାନେ ସେମାନଙ୍କ ପରିବାରର କଲ୍ୟାଣ ସାଙ୍ଗକୁ ବିଶ୍ୱକଲ୍ୟାଣ ପାଇଁ ଏହି ଦଣ୍ଡଭୋଗ କରୁଥିବାରୁ ଏହାକୁ ସାମ୍ବତ୍ସରିକ ଗଣମହାପର୍ବ ବୋଲି ମଧ୍ୟ କୁହାଯାଇଥାଏ। ଏହାର ଇତିହାସ ଅତୀ ପ୍ରାଚୀନ। ମହାଦେବ ଓ ମହାଶକ୍ତି ମହାକାଳୀଙ୍କୁ ଆରାଧନା କରି ଦଣ୍ଡୁଆମାନେ ଏହି ଅବସରରେ ମାନସିକଧାରୀ ତଥା ସମଗ୍ର ଜଗତର କଲ୍ୟାଣ କାମନା କରିଥାନ୍ତି।

## ଗଞ୍ଜାମ ଜିଲ୍ଲା ବାସ୍କେଟ ବଲ୍ ଦଳ କଟକ ଗସ୍ତ





ବ୍ରହ୍ମପୁର,୧।୪(ସମିସ): ଚଳିତ ମାସ ୨ତାରିଖରୁ କଟକରେ ଆରମ୍ଭ ହେବାକୁ ଥିବା ୬୨ତମ ରାଜ୍ୟସ୍ତରୀୟ ଜୁନିଅର ବାସ୍କେଟ ବଲ ଚାମ୍ପିୟନସିପ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା ବାସ୍କେଟ ଦଳ ଯାତ୍ର ଆରମ୍ଭ କରିଛି। ଚଳିତମାସ ୨ରୁ ୬ତାରିଖ ମଧ୍ୟରେ ଉକ୍ତ ଟୁର୍ଣ୍ଣାମେଣ୍ଟ ଉଭୟ ବାଳକ ଓ ବାଳିକା ବର୍ଗରେ ଖେଳ ଅନୁଷ୍ଠିତ ହେବ। ବାଳକ ଦଳରେ ଏସ. ଅନୁଭବ ରାଓ, ଓମ ବଡତ୍ୟା, ଆଲୋକ ରଞ୍ଜନ ଲାକ୍ରା, ଆଦିତ୍ୟ ସେଠୀ, ଅନୁରାଗ ପଟନାୟକ, ଯଶରାଜ ରାମଜୀ ରାଉତ, ସୁଧାଂଶୁ ପାଣି, ଆୟୁଷ ପ୍ରଧାନ, ଏନ. ଆୟୁଷ, ସତ୍ୟପ୍ରକାଶ ପ୍ରଧାନ, ଆକାଶ ବେହେରା, ଓ କେ. ବିବେକ ରହିଛନ୍ତି। ସେହିପରି ବାଳିକା ଦଳରେ ଲିପ୍ସା ସେଠୀ, ପି. ପ୍ରିୟା ପାତ୍ର, ଶ୍ରୀୟା ମହାପାତ୍ର, ଇଷିକା ବେହେରା, ଅଙ୍କିତା ପାଳ, ଅରୁନ୍ଧତୀ ନାୟକ, କାଜଲ ମହାନ୍ତି, ମନୀୟଲା ଅମ୍ରିତାଂଶୀ, ସାହାନା ପଟ୍ଟନାୟକ, ତନୁଶ୍ରୀ ସାମଲ, ଦେବଯାନୀ ସାହୁ ଓ ଦିବ୍ୟାଶ୍ରୀ ପଟନାୟକ ରହିଛନ୍ତି। ବାଳକ ବର୍ଗର କୋଚ ରୂପେ ମନୋନୀତ ଅଭିଷେକ ପଶୁପାଳକ ଓ ମ୍ୟାନେଜେର ପ୍ରାଟୀଇସ ପ୍ରତନାମ ଏବଂ ବାଳିକା ବର୍ଗ କୋଚ ଭାବେ ରାଜନାରାୟ ପାତ୍ର ଓ ମ୍ୟାନେଜେର କରିଷମା ବେହେରା ଯାତ୍ର କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ରାଜ୍ୟ କନିଷ୍ଠ ବାସ୍କେଟବଲ ଚାମ୍ପିଅନ୍‌ସିପ ପାଇଁ ଏମ୍‌ୱାଇସି ଦଳ ଘୋଷିତ



ବ୍ରହ୍ମପୁର,୧।୪(ସମିସ): ଆସନ୍ତା ୨ତାରିଖ ଠାରୁ ୬ତାରିଖ ପର୍ଯ୍ୟନ୍ତ କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୬୨ତମ ଜୁନିଅର ବାସ୍କେଟବଲ ଚାମ୍ପିଅନସିପ ଅନୁଷ୍ଠିତ ହେବ। ଓଡିଶା ବାସ୍କେଟବଲ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ମଡର୍ଣ୍ଣ ୟୁଥ କ୍ଲବ ବାଳକ ଦଳ କଟକ ଯାତ୍ରା କରିଛନ୍ତି। ଘୋଷିତ ଦଳରେ ଶୁଭମ ମହାନ୍ତି, ଅନୁରାଗ ମାଝି, ସନ୍ତୋଷ ତ୍ରିପାଠୀ, କେ. ପ୍ରେମ, ଏସ. ଆଲୋକ କୁମାର ରାଓ, ପି. ରିତିକ ପାତ୍ର, ଭି. ଗୁଞ୍ଜନ, ଶ୍ରୀଧର ମହାଙ୍କୁଡ, ଏମ. ନରେଶ କୁମାର ଓ ରଦ୍ରମାଧବ ବେହେରା ସ୍ଥାନ ପାଇଥିବା ବେଳେ କୋଚ ଭାବେ ସୁଶୋଭନ ମିଶ୍ର ଓ ଜ୍ଞାନେନ୍ଦୁ ସାମନ୍ତ ଦଳ ସହିତ ଯାତ୍ରା କରିଛନ୍ତି। ଘୋଷିତ ଦଳ ସ୍ଥାନୀୟ ଏସପି ଅଫିସ କ୍ୟାମ୍ପସ ସ୍ପୋର୍ଟ୍ସ ଏରିନାରେ ନିୟମିତ ଅଭ୍ୟାସ କରୁଥିବା ବେଳେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କ୍ଲବର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ପ୍ରଶାନ୍ତ ରାଉତ, ସତ୍ୟବ୍ରତ ମହାନ୍ତି, ସଂଜୟ ହୋତା, ବସନ୍ତ ପାଣିଗ୍ରାହୀ ଓ ଉପେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଉତ୍କଳ ଦିବସରେ ମହାପୁରୁଷଙ୍କୁ ଅଣଦେଖା

ବ୍ରହ୍ମପୁର: ଓଡ଼ିଶାର ଗୌରବମୟ ଦିନ "ଉତ୍କଳ ଦିବସ' ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡ଼ିକୁ ଅଣଦେଖା କରାଯାଇଥିବା ନେଇ ସହରରେ ଅସନ୍ତୋଷ ପ୍ରକାଶପାଇଛି। ପ୍ରତିବର୍ଷ ଏହି ଦିନରେ ପ୍ରତିମୂର୍ତ୍ତି ଗୁଡ଼ିକୁ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ସମ୍ମାନ ଜଣାଯାଉଥିବା ବେଳେ ରାଜ୍ୟ ପ୍ରତି ରହିଥିବା ସେମାନଙ୍କ ଅବଦାନକୁ ମନେ ପକାଯାଏ। କିନ୍ତୁ ସହରର ଅନେକ ସ୍ଥାନରେ ରହିଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଚଳିତବର୍ଷ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଛି। ବିଶେଷ କରି ସିଟି ହାଇ ସ୍କୁଲ ପରିସରରେ ଥିବା ଓଡ଼ିଆ ଭାଷା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମୁଖ୍ୟ ଭୂମିକା ନେଇଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ କୌଣସି ପ୍ରକାରରେ ଫୁଲମାଳ ଅର୍ପଣ କରାଯାଇନଥିବା ଦେଖାଯାଇଛି। ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳମଣି ମଧୁସୁଧନ ଦାସ, କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ, ନେତାଜୀ ସୁବାଷ ଚନ୍ଦ୍ର ଭୋଷ, ଜାତୀୟ ପିତା ମହାତ୍ମା ଗାନ୍ଧୀ, ଏପିଜେ ଅବଦୁଲ କାଲାମ ଓ ରାଓ ସାହେବ ଡ଼ବ୍ଲ୍ୟୁ. ଭି. ବି ରାମଲିଙ୍ଗମ୍ ଭଳି ୭ଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ସେହିପରି ବ୍ରହ୍ମପୁର ମହାନଗର ନିଗମ ନିକଟରେ ଥିବା ଡ଼ାଇମଣ୍ଡ ଟ୍ୟାଙ୍କ ରୋଡ଼ ସ୍ଥିତ ୩ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। କିନ୍ତୁ "ଉତ୍କଳ ଦିବସ' ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ଗୁଡ଼ିକୁ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଛି। କିନ୍ତୁ ସିଟି ହାଇ ସ୍କୁଲ ଓ ବିଏମସି କାର୍ଯ୍ୟାଳୟ ପରିସରରେ ରହିଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ବିଦ୍ୟାଳୟ, କୌଣସି ଅନୁଷ୍ଠାନ କିମ୍ବା ବ୍ରହ୍ମପୁର ମହାନଗର ନିଗମ(ବିଏମସି) କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ସେହିପରି କିଛି ବର୍ଷ ହେବ ପ୍ରେମ ନଗର ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅଦରକାରୀ ଭାବେ ପଡ଼ିରହିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିବସରେ ସହରର ବିଭିନ୍ନ ପ୍ରତିମୂର୍ତ୍ତିଙ୍କୁ ଅଣଦେଖା କରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମଳିଛି। ଯେଉଁମାନେ ଓଡ଼ିଆ ଜାତିର ପରିଚୟ ଗଢ଼ିଥିଲେ, ସେମାନଙ୍କୁ ଏଭଳି ଅଣଦେଖା କରାଯିବା ଦୁଃଖଦ ଓ ଅସ୍ୱୀକାର୍ଯ୍ୟ। ଏହା ମାତ୍ର ଅବହେଳା ନୁହେଁ, ବରଂ ଇତିହାସ ଓ ସଂସ୍କୃତି ପ୍ରତି ଅସମ୍ମାନ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏନେଇ ସହରବାସୀ ଓ ବିଭିନ୍ନ ସଂଗଠନ ଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଆଗାମୀ ଦିନରେ ଏପରି ଅବହେଳାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।







ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରତିମୂର୍ତ୍ତି ପରିତ୍ୟକ୍ତ ଅବସ୍ଥାନରେ ପଡ଼ିରହିଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ଉକ୍ତ ପ୍ରତିମୂର୍ତ୍ତି ବିଏମସି ପକ୍ଷରୁ ଉଦ୍ଧାର କରାଯାଇଥିଲା। ଇତିମଧ୍ୟରେ କିଛି ମାସ ବିତିଯାଇଥିବା ବେଳେ ଏବେ ମଧ୍ୟ ବିଏମସି କାର୍ଯ୍ୟାଳୟ

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ଉତ୍କଳ ଦିବସ'

ବ୍ରହ୍ମପୁର,୧।୪(ସମିସ): ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ "ଉତ୍କଳ ଦିବସ' ପାଳନ କରାଯାଇଛି। ଏ ଅବସରରେ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମପୁର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ "ଉତ୍କଳ ଦିବସ' ପାଳନ କରାଯାଇଥିବା ବେଳେ ଏ ଅବସରରେ ସହରର ହିଲପାଟଣା ସ୍ଥିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଓ ଗିରିମାର୍କେଟ ଭଳି ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମେୟର ସଂଘମିତ୍ରା ଦଳାଇ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତୀ ଭାସନ, ବିଏମସି କମିଶନର ଏ. ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅଭିନାଶ କୁମାର, ଡ଼ିଆରଡ଼ିଏ ସିଡ଼ିଓ ସମୀର ଜେନା, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, କାହ୍ନୁ ପତି ଓ ସମାଜସେବୀ ସୁଶାନ୍ତ ସାବତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ବାଗ୍ମୀ, ଶିକ୍ଷାବିତ୍ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇ ଉତ୍କଳ ସମ୍ମିଳନୀ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରଙ୍କ ଅବଦାନ, ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱ ତଥା ଆଜିର ଓଡ଼ିଶା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷାର ମୌଖିକ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ବରୁଣ କୁମାର ବେହେରା, ଡ. ମନୋଜ କୁମାର ପଟ୍ଟନାୟକ, ଅଧ୍ୟାପିକା ଡ. ସୁସ୍ମିତା ପଟ୍ଟନାୟକ, ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ, ଅଧ୍ୟାପକ ଅଶୋକ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଗିରି ରୋଡ ସ୍ଥିତ ଭି.ଭି. ଗିରି ସରକାରୀ ପ୍ରଶିକ୍ଷଣ ବାଳିକା ବିଦ୍ୟାଳୟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ଅବସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ଗଞ୍ଜାମ ଜିଲ୍ଲା ସଭାପତି ଡ଼. ସୁବ୍ରତ କୁମାର ସାହୁ ଏବଂ ଉପସଭାପତି ଓଡ଼ିଆ ଲୋକ କଳା ଓ ସଂସ୍କୃତି ଗବେଷକ ଡ଼. ବାୟା ମନୁ ଚର୍ଚ୍ଚି ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଏବଂ ଉତ୍କଳ ଦିବସ ବା ଓଡ଼ିଶା ଦିବସ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ସରକାରୀ ବିଦ୍ୟାଳୟର ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷକ ପରମେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମିଳନୀର ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଓ କାର୍ଯ୍ୟକାରୀ କମିଟି ବରିଷ୍ଠ ସଦସ୍ୟ ହାଡ଼ିବନ୍ଧୁ ମାଳି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସହରର ଗଞ୍ଜାମ ଜିଲ୍ଲା ଓବିସି ମଞ୍ଚ, ଶୌଣ୍ଡିକ ସମାଜ, ଅର୍ଜୁନ ହସ କ୍ଲବ, ଉତ୍କଳ ସମିଳନୀ, ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି, ପ୍ରଗତିଶୀଳ ଉତ୍କଳ ସମାଜ, ଓଡିଶା ଡେଭଲମେଣ୍ଟ ଫୋରମ ଓ ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଛି। ଏ ଅବସରରେ ଅନୁଷ୍ଠାନ ପକ୍ଷରୁ ବିଜୟା ସେନିମା ହଲ ନିକଟରେ ଥିବା ଓଡ଼ିଶାରେ ନବନିର୍ମାତା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ସମାଜସେବୀ ବିନୋଦ ଠାକୁର, ସୁରେନ୍ଦ୍ର ନାଥ ରାଉତ, ରବୀନ୍ଦ୍ର କୁମାର ନାୟକ, ଡ଼ି. କେଶବ ରାଓ, ସୁଧୀର କୁମାର ସାହୁ , ଆଦିତ୍ୟ ପ୍ରସାଦ ରଥ, ପ୍ରଭାକର ସାହୁ, ଶୌମୀକ ସାହୁ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ସବିତା ସାହୁକାର, ପ୍ରମୋଦ ମହାରଣା, ମମତା ସାହୁ, ପ୍ରଦୀପ କୁମାର ସାହୁ, ଆଦିତ୍ୟ ନାରାୟଣ ରଥ, ସରବୋତମ ବିଷୋୟୀରତ୍ନ ସୂର୍ଯ୍ୟକାନ୍ତ ପାତ୍ର, ସିମାଞ୍ଚଳ ପ୍ରସାଦ ବିଷୋୟୀ, ଡ. ସମରେନ୍ଦ୍ର ସାହୁ, ଡ. ସୁବ୍ରତ ସାହୁ, ଡ. ଶଙ୍କର୍ଷଣ ପାତ୍ର, ସୁରେଶ ତ୍ରିପାଠୀ, ରାଜେନ୍ଦ୍ର ଦାସ, ମହମଦ୍ ଆସଲାମ, ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ମହାପାତ୍ର, ସୁବାଷ ଚନ୍ଦ୍ର ଗୌଡ, ପ୍ରଶାନ୍ତ କୁମାର ପ୍ରଧାନ, ଅମୂଲ୍ୟ ବିଶ୍ୱାଳ, ସଞ୍ଜୟ ଆଚାରୀ ଓ ବସନ୍ତ ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳନ ଓ 'ବନ୍ଦେ ଉତ୍କଳ ଜନନୀ' ଗାୟନ

# 'ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ ହେବା ଉଚିତ୍'

କଣାସ,୧।୪(ସମିସ)



କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର କଣାସ ଶାଖା ଉତ୍କଳ ସମ୍ମିଳନୀ ଓ ବିଦ୍ୟାଳୟର ଛାତ୍ରୀମାନଙ୍କ ମିଳିତ ସହଯୋଗରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ନାଟ୍ୟ ଗୌରବ ବିଭୂତିଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାପୁରୁଷମାନଙ୍କ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ଶିକ୍ଷାବିତ୍ ପରୀକ୍ଷିତ ବଡ଼ଜେନା, ଶିକ୍ଷୟିତ୍ରୀ ଅର୍ଚ୍ଚନା ପୁରୋହିତ, ପୂର୍ଣ୍ଣଚନ୍ଦ୍ର ରାଉତ, କୃପାସିନ୍ଧୁ ସେଠୀ, ମମତାରାଣୀ ସାହୁ, ଦୈତାରୀ ବେହେରା, ଛାତ୍ରୀ ଜିଜ୍ଞାସୀ ପ୍ରିୟଦର୍ଶିନୀ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଲିଙ୍ଗରାଜ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ଡେଲାଙ୍ଗ:** ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱତନ୍ତ୍ର ଉତ୍କଳ ଗଠନର ମହାମନିଷୀ ମଧୁବାବୁ, ଗୋପବନ୍ଧୁ, ଫକୀର ମୋହନ, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଆଦିଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ପ୍ରଦାନ କରାଯାଇ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ଅତିଥି ଭାବେ ପୁରୀ ଜିଲ୍ଲା ଉତ୍କଳ ସମ୍ମିଳନୀର ଉପସଭାପତି ତଥା ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ଗଠନର ପୃଷ୍ଠଭୂମି ଉପରେ ଗୁରୁତ୍ୱାରୋପ କରି ମିଳିତ ଭାବେ ମହନୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପ୍ରତିଟି ଓଡ଼ିଆର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ପିଲାମାନଙ୍କ ଭିତରେ ବକ୍ତୃତା ପ୍ରତିଯୋଗିତା କରାଯାଇ ଅଜିତ୍ ବେହେରା, ବିଶ୍ୱ ପ୍ରକାଶ ସେଠୀ, ଧର୍ମେଶ ବେହେରା, ଆଦ୍ୟ ଅଭିପ୍ସା ଆଦିଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଟିକେଇ ଦଳାଇ, ମାନସ ରଞ୍ଜନ ସ୍ୱାଇଁ, ଅଜୟ ପ୍ରଧାନ, ପାପ୍ଲିନ୍ ପ୍ରଧାନ, ରୋଜାଲିନ ମହାରଣା, ସତ୍ୟଭାମା ବେହେରା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ସାହୁ ଓଡ଼ିଆ ଚଳଣି, ଭାଷା, ସାହିତ୍ୟ, ସଂସ୍କୃତିର ମହନିୟତା ସମ୍ପର୍କରେ ଆଲୋକପାତ କରିଥିଲେ।

**ନିମାପଡ଼ା:** ବୁଧବାର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତି ଅବସରରେ ନିମାପଡ଼ାରେ ଏକ ସ୍ୱାଭିମାନ ପଦଯାତ୍ରା ଆୟୋଜନ କରାଯାଇଥିଲା। ସକାଳ ୬ରେ ପୂର୍ଣ୍ଣେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା ପରେ




ନିମାପଡ଼ା ଅଞ୍ଚଳର ଯୁବ ସଂଗଠକ ଆଦର୍ଶ ଦାଶଙ୍କ ନେତୃତ୍ୱରେ ଦେବୀ ମଣ୍ଡପଠାରୁ ଏକ ବିଶାଳ ପଦଯାତ୍ରା ବାହାରି ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ, ସହିଦ ଉଚ୍ଛବ ମଳିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଘଣ୍ଟ ମର୍ଦ୍ଦଳ, ଯୋଡ଼ି ଶଙ୍ଖ ଦଳ ସହିତ ବଜାର ପରିକ୍ରମା ପରେ ଦୋଳବେଦୀ ଛକରେ ଶତାଧିକ ପାଇକ ଦଳଙ୍କ ଦ୍ୱାରା ଚିତାକର୍ଷକ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ପରେ ସମବେତ ଜନତାଙ୍କ ଉପସ୍ଥିତିରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହାପରେ ବରିଷ୍ଠ ନେତୃତ୍ୱ ବିଜୟାନନ୍ଦ ଦାସଙ୍କ ଦ୍ୱାରା ପରିଚାଳିତ ସଭାରେ ସମ୍ମାନିତ ଅତିଥି ଭାବେ ଜ୍ୟୋସ୍ନାରାଣୀ ବସ୍ତିଆ, ପ୍ରସନ୍ନ କୁମାର ପତି, ସଚିକାନ୍ତ ସାହୁ, ରଞ୍ଜିତ୍ ରଥ, ଭକ୍ତ ବିହାରୀ ମିଶ୍ର, ଆର୍ତ୍ତବନ୍ଧୁ ସେନାପତି, ପ୍ରଣବ ସ୍ୱାଇଁ, ଅଜୟ କୁମାର ମିଶ୍ର, ଯୋଗେଶ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପାଢ଼ୀଙ୍କ ସମେତ ହଜାରେରୁ ଊର୍ଦ୍ଧ୍ୱ ଜନତା ଯୋଗଦେଇଥିଲେ। ଶେଷରେ ସଂଯୋଜକ ସମୀର ରଞ୍ଜନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ସାକ୍ଷୀଗୋପାଳ:** ଉତ୍କଳ ସମ୍ମିଳନୀ ପୁରୀ ଜିଲ୍ଲା ଶାଖା ଓ ସତ୍ୟବାଦୀ ବିକାଶ ପରିଷଦ ମିଳିତ ଆୟୋଜନରେ ପଞ୍ଚସଖା ପାଠାଗାର ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଗୁଣ୍ଡିଚା ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ, ଧୂପ, ଦୀପଦାନ ପରେ ବନ୍ଦେ ଉତ୍କଳ ଜନନୀ ବୃନ୍ଦଗାନ କରାଯାଇଥିଲା। ବକ୍ତାମାନେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା, ଇତିହାସ, ସଂଘର୍ଷପୂର୍ଣ୍ଣ ଘଟଣାମାନ ଏବଂ ଏଥି ସହିତ ଜଡ଼ିତ ଉତ୍କଳ ଗୌରବ ମଧୁସୂଦନ ଦାସ, ହରିହର ମର୍ଦ୍ଦରାଜ, ରାଜା ବାସୁଦେବ ସୁଢ଼ଳଦେବ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ରାମଚନ୍ଦ୍ର ମର୍ଦ୍ଦରାଜ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ପ୍ରଚାରକ ଅନନ୍ତ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ଓ ଅନ୍ୟ ବରପୁତ୍ରମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ସମ୍ପାଦକ ଅଧିବକ୍ତା ଅମର ନନ୍ଦ ଓ ବିଶାଖା ଦେବୀ ସଂଯୋଜନା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ଶିକ୍ଷା, ପାଲା, ସଂକୀର୍ତ୍ତନ ଓ ସମାଜସେବା କ୍ଷେତ୍ରରେ ସାରାଜୀବନ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିରଞ୍ଚି ନାରାୟଣ ମହାନ୍ତି, ଗୁଣ୍ଡିଚା ବରାଳ, ଅଭିମନ୍ୟୁ ସ୍ୱାଇଁ, ଜୟନ୍ତ ତ୍ରିପାଠୀ, ଶୁଭସୁନ୍ଦର ଘଟୁଆରୀ, ସୁଲୋଚନା ଦେବୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସଭାପତି ଅନାମ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଡ. ଅଭିମନ୍ୟୁ ବରାଳ, ରଞ୍ଜନ ମିଶ୍ର, ସୋବନା ପ୍ରଧାନ, କାଳୁ ସ୍ୱାଇଁ, ସର୍ବେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଆଚାର୍ଯ୍ୟ ହରିହର ଶିଶୁ ଭବନ ସାକ୍ଷୀଗୋପାଳର ନିଜସ୍ୱ ସଭାଗୃହରେ ସମସ୍ତ ଅନ୍ତେବାସୀ, କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉତ୍କଳ ଦିବସ ବୀରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ପାଳନ କରାଯାଇଛି। ଏହି ସଭାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରଙ୍କ ମହାନୁଭବଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ନିଜକୁ ଓଡ଼ିଆ ଭାବରେ ଗର୍ବ କରିବା ପାଇଁ ସମସ୍ତ ଅନ୍ତେବାସୀ ଓ ଉପସ୍ଥିତ କର୍ମକର୍ତ୍ତା ଶପଥ ନେଇଥିଲେ। ଉପସଭାପତି ଶ୍ରୀ ହୋତା, ଅନୁଷ୍ଠାନର କର୍ମଚାରୀଙ୍କ ମଧ୍ୟରେ ଅଧ୍ୟକ୍ଷ ସୁବୋଧ ସ୍ୱାଇଁ, କବିତା ପାତ୍ର, ଶାନ୍ତନୁ ସାହୁ, ସ୍ୱର୍ଣ୍ଣଲତା ନାୟକ, ପ୍ରମୋଦ ଜେନା, ଲକ୍ଷ୍ମୀଧର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ସୁବୋଧ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ତଦନୁରୂପେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀଠାରେ ମଧ୍ୟ ଖୁବ୍ ହର୍ଷ ଉଲ୍ଲାସରେ ପାଳିତ ହୋଇଥିଲା ପବିତ୍ର ଉତ୍କଳ ଦିବସ। ଶିକ୍ଷାର୍ଥୀମାନଙ୍କ ସୁନ୍ଦର ସାଜସଜ୍ଜାରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ପ୍ରଥମେ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଓଡ଼ିଆ ମାଟିର ବରପୁତ୍ରମାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ବକ୍ତବ୍ୟ ପରେ ଶେଷରେ ଅଧ୍ୟକ୍ଷ ନିଜର ବକ୍ତବ୍ୟ ରଖିଥିଲେ।

## ଯୁବ ବିକାଶ ପରିଷଦ ଓ ଶ୍ରୀ ଗଣେଶ ଏକାଡମୀ




**ନିମାପଡ଼ା:** ନିମାପଡ଼ାସ୍ଥିତ ଯୁବ ବିକାଶ ପରିଷଦ ଓ ଶ୍ରୀ ଗଣେଶ ଏକାଡମୀ ମିଳିତ ଆନୁକୂଲ୍ୟରେ ବୁଧବାର ଶ୍ରୀମୁଖ କଲ୍ୟାଣ ମଣ୍ଡପ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଭାକାର୍ଯ୍ୟ ପ୍ରାରମ୍ଭରୁ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଯୁବ ସାମ୍ବାଦିକ ବିକାଶ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଶିକ୍ଷକନେତା ମାଧବ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିପିନ ମହାନ୍ତି, ସମ୍ମାନିତ ଅତିଥିଭାବେ ସମାଜସେବୀ କାର୍ତ୍ତିକ ସ୍ୱାଇଁ, ସୁବ୍ରତ କ୍ଷେତ୍ରୀୟ, ଆଦିତ୍ୟ ନାରାୟଣ ସାହୁ, ଶିକ୍ଷାବିତ୍ ମାନସ ରଞ୍ଜନ ସ୍ୱାଇଁ, ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ଉପଦେଷ୍ଟା ଶରତ କୁମାର ସେନାପତି, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ପତି, ଶିକ୍ଷାବିତ୍ ସଦାଶିବ ବେହେରା, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ସାହୁ, ସମିତିସଭ୍ୟ, ଯୁବ ବିକାଶ ପରିଷଦର ସଭାପତି ନିରଞ୍ଜନ ସାହୁ, ଶ୍ରୀ ଗଣେଶ ଏକାଡମୀ ସଭାପତି ଦର୍ପନାରାୟଣ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ନିମାପଡ଼ା-ଗୋପ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଓ କୃତୀ ପ୍ରତିଭାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ବିଲ୍ ବକେୟା; ୨ ବିଦ୍ୟାଳୟରୁ ବିଦ୍ୟୁତ୍ ବିଚ୍ଛିନ୍ନ

**ନୟାହାଟ,୧।୪(ସମିସ):** ଖରାଦିନରେ ରାଜ୍ୟ ସରକାର ପାନୀୟ ଜଳ ଓ ବିଦ୍ୟୁତ୍ ଉପରେ ଗୁରୁତ୍ୱ ଦେଉଥିବାବେଳେ ପ୍ରତି ଗାଁରେ ପାଇପ୍ ଦ୍ୱାରା ପିଇବା ପାଣି ଘରେ ଘରେ ପହଞ୍ଚାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଦୁଇଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ କାଟ୍ ଯୋଗୁଁ ଶହଶହ ଛାତ୍ରଛାତ୍ରୀ ପିଇବା ପାଣି ଓ ପାଠପଢ଼ାରୁ ବଞ୍ଚିତ ହେବା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ବରିଷ୍ଠ ନାଗରିକମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନୟାହାଟ ଉଚ୍ଚ ବିଦ୍ୟାଳୟ ଓ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରୁ ବିଦ୍ୟୁତ୍ କାଟ୍ ଫଳରେ କମ୍ପ୍ୟୁଟର ସ୍ମାର୍ଟ ବୋର୍ଡରେ ପାଠପଢ଼ା ଠପ୍ ହୋଇଯାଇଥିଲା। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସ୍ମୃତିରଞ୍ଜନ ବେହେରାଙ୍କୁ ପଚାରିବାରେ, ସେ କହିଥିଲେ ବକେୟା ଅର୍ଥ ପାଇଁ ବିଦ୍ୟୁତ୍ କଟାଯାଇଛି। ଏହିପରି ଅନେକ ଅଫିସରୁ ବିଦ୍ୟୁତ୍ ବକେୟା ପାଇଁ କାଟି ଦେଉଛୁ। ଏ ସମ୍ପର୍କରେ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ମହାନ୍ତିଙ୍କୁ ପଚାରିବାରୁ ୪୦ ହଜାର ଟଙ୍କା ବାକିଥିଲା। ଫେବୃଆରୀ ମାସରେ ୨୦ ହଜାର ଟଙ୍କା ଆମେ ଦେଇଥିଲୁ। ଆଉ ସରକାରୀ ଅର୍ଥ ଆସିଥିଲେ ଆମେ ଦେଇଥାନ୍ତୁ। କିନ୍ତୁ ହଠାତ୍ ବିଦ୍ୟୁତ୍ କାଟ୍ ଯୋଗୁଁ ପିଲାମାନଙ୍କ ଭବିଷ୍ୟତ ସହିତ ବିଦ୍ୟୁତ୍ ବିଭାଗ ଖେଳୁଛି। ବିନା ନୋଟିସ୍‌ରେ ବିଦ୍ୟୁତ୍ କାଟ୍ ଫଳରେ ପ୍ରଧାନଶିକ୍ଷକ ବିଭାଗୀୟ ଯନ୍ତ୍ରୀକୁ ଭେଟି ପିଲାଙ୍କ ପାଠପଢ଼ା ଓ ଭବିଷ୍ୟତ ଯଦି ଅନ୍ଧାର ହୁଏ, ସେଥିପାଇଁ ଆପଣ ଦାୟୀ ରହିବେ ବୋଲି କହିବା ପରେ ବିଦ୍ୟୁତ୍ ସଂଯୋଗ କରିଥିଲେ। କିନ୍ତୁ ନୟାହାଟ ଉଚ୍ଚ ବିଦ୍ୟାଳୟ ଏବେ ବି ଅନ୍ଧାରରେ। ୭୦୦ ପିଲାଙ୍କ ଭବିଷ୍ୟତ ସହିତ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ, ଜେଇ ଖେଳୁଛନ୍ତି ବୋଲି ବହୁ ଅଭିଭାବକ ଅଭିଯୋଗ କରିଛନ୍ତି।

- ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ଓ ପାନୀୟଜଳରୁ ବଞ୍ଚିତ
- ବକେୟା ଅର୍ଥ ଯୋଗୁଁ କଟାଯାଇଛି ବିଦ୍ୟୁତ୍: ଏସ୍‌ଡିଓ

## ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ସମ୍ମତ



**ପୁରୀ,୧।୪(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ଶ୍ରୀ କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ଶ୍ରୀମନ୍ଦିରରେ ଜ୍ୟୋତିଷ ଶାସ୍ତ୍ର ଓ ବାସ୍ତୁଶାସ୍ତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ଜ୍ୟୋତିଷାଚାର୍ଯ୍ୟ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ଜ୍ୟୋତିର୍ବିଦ୍ୟା ଓ ବାସ୍ତୁଶାସ୍ତ୍ରର ଉତ୍ପତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ସଭାପତି ପ୍ରାଧ୍ୟାପକ ଡ. ବଳରାମ ଦାଶ ଜଗନ୍ନାଥ ଅଷ୍ଟକମ୍ ଗାନ କରିଥିଲେ। ସାମ୍ବାଦିକ ମଧୁସୂଦନ ମିଶ୍ର ସଭା ସଞ୍ଚାଳନ କରିଥିଲେ। ସମ୍ପାଦକ ତଥା ଜ୍ୟୋତିର୍ବିଦ୍ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ସହ ଶ୍ରୀମନ୍ଦିରରେ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରର ଉପାଦେୟତା ତଥା ଜଗନ୍ନାଥସ୍ୱୟଂ ଗ୍ରହ ରୂପି ଜନାର୍ଦ୍ଦନ ବୋଲି ପ୍ରତିପାଦନ କରିଥିଲେ। ମୁଖ୍ୟଅତିଥି ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତି, ଯାନିଯାତ୍ରା ଓ ପର୍ବପର୍ବାଣି ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ସମ୍ମତ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଧର୍ମଶାସ୍ତ୍ର ବିଭାଗର ପ୍ରାକ୍ତନ ପ୍ରଫେସର ଡ. ମାଧବ ଚନ୍ଦ୍ର ପଣ୍ଡା କହିଲେ, ଶ୍ରୀମନ୍ଦିର ପାଞ୍ଜି ଜ୍ୟୋତିର୍ବିଦ୍‌ମାନଙ୍କ ପରାମର୍ଶ ଅନୁସାରେ ହେବା ସହ ବାସ୍ତୁଶାସ୍ତ୍ର ଅନୁଯାୟୀ ଶ୍ରୀମନ୍ଦିର ନିର୍ମିତ। ବିଶିଷ୍ଟ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ମହନ୍ତ ଶୁଭାନନ୍ଦ ପୁରୀ, ଜ୍ୟୋତିର୍ବିଦ୍ ବିଚିତ୍ରାନନ୍ଦ ମିଶ୍ର, ବରିଷ୍ଠ ସେବକ ରାମଚନ୍ଦ୍ର ଦାସ ମହାପାତ୍ର, ସମାଜସେବୀ ସତ୍ୟବାଦୀ ଦାଶ, ସେବକ ବିଶ୍ୱନାଥ ସାମନ୍ତରାୟ, ଶ୍ୟାମା ପ୍ରସାଦ ମିଶ୍ର ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ଏହି ଅବସରରେ ଶ୍ରୀକ୍ଷେତ୍ରାଧିପତି ପଞ୍ଜିକା ଉନ୍ମୋଚନ ହୋଇଥିଲା। ଦ୍ୱିତୀୟ ଅଧିବେଶନ ଶ୍ରୀଜଗନ୍ନାଥ ଭାବ ମନ୍ଥନ କାର୍ଯ୍ୟକ୍ରମରେ ମହନ୍ତ ପର୍ଶୁରାମ ଦାଶ ମହାରାଜ, ପ୍ରଫେସର ବିଶ୍ୱରଞ୍ଜନ ପତି, ସେବକ ନୀଳମଣି ଗୁରୁ, ସେବକ ଗଣେଶ୍ୱର ମହାସୁଆର ପ୍ରମୁଖ ଜଗନ୍ନାଥତତ୍ତ୍ୱ ଓ ଭକ୍ତିଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଦିପ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପୁରୀ ଜିଲ୍ଲାରେ ସ୍ୱ-ଗଣନା କାର୍ଯ୍ୟ ଆରମ୍ଭ

**ପୁରୀ,୧।୪(ସମିସ):** ଓଡ଼ିଶାର ୩୦ ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଏପ୍ରିଲ୍ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଏପ୍ରିଲ୍ ୧ରୁ ୧୫ ତାରିଖ ମଧ୍ୟ ରାତି ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି। ଏପ୍ରିଲ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ଏବଂ ଆପଣ ପ୍ରଦତ୍ତ କରିଥିବା ତଥ୍ୟର ଯାଞ୍ଚ କରି ଚୂଡ଼ାନ୍ତ କଲା ପରେ ଦାଖଲ କରିବେ। ଭାରତୀୟ ଜନଗଣନାରେ ପ୍ରଥମଥର ସକାଶେ ସ୍ୱ-ଗଣନାର ପ୍ରାବଧାନ ରଖାଯାଇଛି, ଯାହା ବୁଧଠାରୁ ଆରମ୍ଭ ହେଉଛି। ପୁରୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏବଂ ପୁରୀ ସହରର ଜନଗଣନାର ଭାରପ୍ରାପ୍ତ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଓ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରିଜିତ୍ ନାୟକଙ୍କ ସହଯୋଗରେ ବୁଧବାର ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ବାସଭବନରେ ତାଙ୍କର ସ୍ୱ-ଗଣନା କାର୍ଯ୍ୟ ସମାପ୍ତ ହୋଇଛି। ଏଥିସହିତ ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ବାସଭବନରେ ତାଙ୍କର ଉପସ୍ଥିତିରେ ସ୍ୱ-ଗଣନା କାର୍ଯ୍ୟ ସମାପ୍ତ କରାଯାଇଛି। ଜିଲ୍ଲା ପ୍ରଶାସନର ସାଧାରଣ ବିଭାଗର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସକ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଡିଆଇପିଆର୍‌ଓ ସନ୍ତୋଷ କୁମାର ସେଠୀ ତାଙ୍କ ନିଜସ୍ୱ ବାସଭବନରେ ସ୍ୱ-ଗଣନା କାର୍ଯ୍ୟ ସମାପ୍ତ କରିଛନ୍ତି। ଏହି ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାରେ ପୁରୀ ଜିଲ୍ଲାର ସହକାରୀ ଜିଲ୍ଲାପାଳ ତଥା ଉପଜିଲ୍ଲା ଜନଗଣନା ଅଧିକାରୀ ଦିବ୍ୟାଜ୍ୟୋତି ଜେନା, ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରରୁ ପୁରୀ ଜିଲ୍ଲା ଜନଗଣନା ଇନ୍‌ଚାର୍ଜ ବିଜୟ କୁମାର ସାହୁ, ଅତିରିକ୍ତ ଏବିଇଓ ରାଜକିଶୋର ସାହୁ ପୁରୀ ସହର ଅଧୀନରେ ନିଯୁକ୍ତ ଥିବା ଗଣନାକାରୀ ସ୍ମୃତି ସାଇ ମିଶ୍ର ଏବଂ ଶ୍ରୀୟା ଦାଶ ସହଯୋଗ କରିଥିଲେ।

## ଉତ୍କଳ ଦିବସରେ ଶ୍ରୀଗୀତଗୋବିନ୍ଦ ଆସର

**ଚାରିଛକ,୧।୪(ସମିସ):** ଉତ୍କଳ ଦିବସ ଅବସରରେ ପବିତ୍ର ପ୍ରାଚୀତଟ ପଦ୍ମସଂଭବ ପୀଠରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପରିଚାଳନାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗଦର୍ଶନରେ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାୟନ ସହ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାୟନ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରିୟ ଗୀତ ଶ୍ରୀ ଗୀତଗୋବିନ୍ଦ ଗାୟନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବୈଠକରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ନାରାୟଣ ଆଚାର୍ଯ୍ୟ, ବରିଷ୍ଠ ଐତିହାସିକ ଡ. ସନ୍ତୋଷ କୁମାର ମିତ୍ର, ପ୍ରାଚୀମଣ୍ଡଳ ନାବାର୍ଡ କୃଷକ ମହାସଂଘର ସଭାପତି ରାଧାଶ୍ୟାମ ପ୍ରଧାନ ପ୍ରମୁଖ ପଣ୍ଡିତ ଶ୍ରୀ ମିଶ୍ରଙ୍କ ସହ ଉପସ୍ଥିତ ରହି ଉତ୍କଳ ଦିବସ ପାଳନର ଗୁରୁତ୍ୱ ବୁଝାଇଥିଲେ। ଓଡ଼ିଶାକୁ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାର ତଥା କୋଣାର୍କକୁ ବିଶ୍ୱ ପରିଚୟ ପ୍ରଦାନ କରିବା ସହ ଶ୍ରୀମନ୍ଦିରକୁ ଇଂରେଜମାନଙ୍କଠାରୁ ଦୂରେଇ ରଖିବା ଭଳି ମହାନ କାର୍ଯ୍ୟ କରିଥିବା ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଓଡ଼ିଶାର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀ ବ୍ଲକ୍ ଓ ପଞ୍ଚାୟତ ପରିଷଦରେ ସ୍ଥାପନ କରିବାର ଦାବି ରଖାଯାଇଥିଲା। ଏପରି କରାଗଲେ ଆମ ଭବିଷ୍ୟତ ପିଢ଼ି ଉତ୍କଳ ଦିବସ ପାଳନର ଗୁରୁତ୍ୱ ବୁଝିପାରିବେ ବୋଲି ପଣ୍ଡିତ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

## ସଙ୍ଗୀତରେ କବି ତିଳକଙ୍କୁ ଶୁଭେଚ୍ଛା ଜଣାଇଲେ ଶୁଭେଚ୍ଛୁ

**ପୁରୀ,୧।୪(ସମିସ):** ଶାସ୍ତ୍ରୀୟ ସଂଗୀତ ଆସର 'ଓଡ଼ିଶୀ ରସ ମହୋଦଧି' ସହ ପାଳିତ ହୋଇଛି କବି ତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ୮୫ତମ ଜୟନ୍ତୀ। ପୁରୀ ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ବିଶ୍ୱ ନାଟ୍ୟ ଦିବସର ଅନ୍ତିମ ସନ୍ଧ୍ୟାରେ ଗତ ସୋମବାର ଶ୍ରୀ ଶତପଥୀଙ୍କ ଶିଷ୍ୟମାନେ ସଙ୍ଗୀତ ଓଡ଼ିଶୀ ଓ ଭକ୍ତି ରସାତ୍ମକ ସଂଗୀତ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁମାନେ ସଂଗୀତରେ ଶୁଭେଚ୍ଛା ଭେଟି ଦେଇଥିଲେ। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଶିଷ୍ଟ ସୀତାର ବାଦକ ରବି ନାରାୟଣ ଗୁରୁ, ନାଟ୍ୟ ଅଭିନେତା ପ୍ରସନ୍ନ ମିଶ୍ର, ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ରବି ନାରାୟଣ ପଣ୍ଡା, ଗୁରୁ ବିଶ୍ୱନାଥ ରଥ, ସନାତନ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଭରତ ନାୟକ, ସମ୍ପାଦକ ରାମକୃଷ୍ଣ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ। ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଓଡ଼ିଶୀ ଆସରରେ ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ଅଶୋକ ମହାନ୍ତି, କାର୍ତ୍ତିକ ସାହୁ, ସତ୍ୟପ୍ରିୟ ମହାପାତ୍ର, ସୁଚରିତା ପ୍ରତିହାରୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ ନେତାଙ୍କୁ ଉଠାଇନେଲା ପୁଲିସ

**ସାକ୍ଷୀଗୋପାଳ,୧।୪(ସମିସ):** ପୁରୀ ଜିଲ୍ଲା ସାକ୍ଷୀଗୋପାଳ ସୁଆଣ୍ଡୋ ଗ୍ରାମରେ ବୁଧବାର ରାଜ୍ୟସ୍ତରୀୟ ଓଡ଼ିଆ ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ସତ୍ୟବାଦୀ ପୁଲିସ ସତ୍ୟବାଦୀ ବ୍ଲକ୍ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ଯୁବ କଂଗ୍ରେସ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ, ଲୋକନାଥ ନାୟକ, ପ୍ରସାଦ ନାୟକ ଓ ଛାତ୍ର କଂଗ୍ରେସ ସଭାପତି ଆଦର୍ଶ ମିଶ୍ର ପ୍ରମୁଖଙ୍କୁ ବୁଧବାର ସକାଳେ ଘରୁ ଉଠାଇ ଆଣି ସତ୍ୟବାଦୀ ଥାନାରେ ଅଟକ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ପୁଲିସ ଏମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ କରିଛି। ବେଆଇନ ଅଟକ ପ୍ରତିବାଦରେ ସତ୍ୟବାଦୀ ବ୍ଲକ୍ କଂଗ୍ରେସ କମିଟି ତରଫରୁ ପୁଲିସର ଏତାଦୃଶ କାର୍ଯ୍ୟକ୍ରମକୁ ଦୃଢ଼ ନିନ୍ଦା କରାଯାଇଛି।

## କୋଠବାଡ଼ ସରପଞ୍ଚଙ୍କ ସାମ୍ବାଦିକ ସମ୍ମିଳନୀ

# ଡେଲାଙ୍ଗ ମେଳଣ ପଡ଼ିଆରୁ ଜବରଦଖଲ ଉଚ୍ଛେଦ ଦାବି

ଡେଲାଙ୍ଗ,୧।୪(ସମିସ)





ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଦୀପକ ସାହୁଙ୍କ ତତ୍ତ୍ୱାବଧାନରେ ମେଳଣ ପଡ଼ିଆ ଜବରଦଖଲ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ୱାର୍ଡ ସଭ୍ୟ ଅଶୋକ ରାଉତ, ଜିତେନ୍ଦ୍ରନାଥ ସେଠୀ, ଅନନ୍ତ ସ୍ୱାଇଁ, ବିଜୟ ନାୟକ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜବରଦଖଲକାରୀଙ୍କୁ ଉଚ୍ଛେଦ ଦାବି କରିଛନ୍ତି। ମେଳଣ ପଡ଼ିଆ ମଝିରେ ଜବରଦଖଲ କରି ପରିବା ଦୋକାନ ଖୋଲାଯାଇଥିବାରୁ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ଥାନରେ ସରକାରୀ ବସ୍ ରହଣିସ୍ଥଳ ହୋଇଥିବାରୁ ବସ୍ ଯାତାୟାତରେ ସମସ୍ୟା ଉପୁଜୁଛି। ଅପରାହ୍ଣରେ ଅସ୍ଥାୟୀ ଦୋକାନରେ ଭିଡ଼ ଜମୁଥିବାବେଳେ ବସ୍ ଛାଡ଼ିବା ସମୟରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି। ଦୋକାନୀମାନେ ପାଲ ଓ ପଲିଥିନ୍ ଜରି ବାନ୍ଧିବାକୁ ବ୍ୟବହାର କରୁଥିବା ରଶି ଓ ପ୍ଲାଷ୍ଟିକ୍ ଦଉଡ଼ି ପଥଚାରୀଙ୍କ ସମସ୍ୟା ବଢ଼ାଉଛି। ଏନେଇ କୋଠବାଡ଼ ସରପଞ୍ଚ ଦୀପକ କୁମାର ସାହୁ ଡେଲାଙ୍ଗ ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ୭ଦିନ ମଧ୍ୟରେ ଦୋକାନ ଉଠାଇବାକୁ ଦୋକାନୀମାନଙ୍କୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ନିର୍ଦ୍ଦେଶ ଦେଇଥିବାବେଳେ ଜବରଦଖଲକାରୀମାନେ ରାଜସ୍ୱ ନିରୀକ୍ଷକଙ୍କ ନିର୍ଦ୍ଦେଶକୁ ବେଖାତିର୍ କରୁଛନ୍ତି। ମେଳଣ ପଡ଼ିଆରେ ଅସ୍ଥାୟୀ ଦୋକାନ ନିର୍ମାଣ କରିବା ଓ ପ୍ରଶାସନ ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଆଗାମୀ ଦିନରେ ଡେଲାଙ୍ଗ ହାଟ ବଜାରରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି କୋଠବାଡ଼ ସରପଞ୍ଚ ଶ୍ରୀ ସାହୁଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଗୁରୁତ୍ୱାରୋପ କରିଛନ୍ତି।

## ଚିଲିକାରେ ଚାଲିଲା ସୌର ଚାଳିତ ବୋଟ୍

**କୃଷ୍ଣପ୍ରସାଦ,୧।୪(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସାତପଡ଼ା ଚିଲିକାରେ ସୌରଶକ୍ତି ଚାଳିତ ବୋଟ୍ ଚଳାଚଳ ଆରମ୍ଭ ହୋଇଛି। ଯାହାକୁ ନେଇ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପରିବେଶ ସୁରକ୍ଷା ତଥା ଚିଲିକାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏହି ସୌର ଚାଳିତ ବୋଟ୍ ସହାୟକ ହେବ। ପୂର୍ବରୁ ବ୍ୟବହୃତ ହେଉଥିବା ଡିଜେଲ୍ ଓ ପେଟ୍ରୋଲ ଚାଳିତ ବୋଟ୍ ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସ୍ ଏବଂ ଶବ୍ଦ ପ୍ରଦୂଷଣ ହେଉଥିଲା। ଫଳରେ ଜୀବଜଗତ ଓ ମତ୍ସ୍ୟଜୀବୀଙ୍କ ଉପରେ ଏହାର ପ୍ରଭାବ ପଡୁଥିଲା। ପ୍ରଦୂଷଣ ଯୋଗୁଁ ଚିଲିକାରେ ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ାଙ୍କ ବଂଶ ହ୍ରାସ ପାଉଥିଲା। ଯାହାର ସିଧାସଳଖ ପ୍ରଭାବ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ପଡୁଥିଲା। ଏହି ସୌର ବୋଟ୍ ଦ୍ୱାରା ଉକ୍ତ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଏବଂ ନବୀକରଣଯୋଗ୍ୟ ଶକ୍ତି ବିକାଶ ବିଭାଗ ତରଫରୁ ବ୍ରହ୍ମପୁର ଗ୍ରାମର ମତ୍ସ୍ୟଜୀବୀ ଅଜିତ୍ ଜେନାଙ୍କୁ ଏହି ସୌର ଚାଳିତ ମେସିନ୍ ପ୍ରଦାନ କରାଯାଇଛି।



## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

# ମା' ମାଟି ଓ ମାତୃଭାଷାର ସୁରକ୍ଷା ଦିଗରେ ବ୍ରତୀ ହେବାକୁ ଆହ୍ୱାନ

ବାଲେଶ୍ୱର,୧।୪(ସମିସ)

ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସହିତ ଓଡିଆ ପକ୍ଷର ପ୍ରଥମ ଦିବସ ପାଳିତ ହୋଇଛି। ଏହି ପରିପେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ତଥା ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ଶ୍ରୀ ନାୟକ ଯୋଗଦେଇ ଓଡ଼ିଶାର ଐତିହ୍ୟ, ଗୌରବମୟ ଇତିହାସ ଓ ଭବିଷ୍ୟତ ଦୃଷ୍ଟିକୋଣ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶିବ ମାଲବିୟ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ



ମନ୍ମଥ କୁମାର ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ପଣ୍ଡା, ବାଲିଆପାଳ ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଲା, ଶ୍ରୀହରି ମଣ୍ଡଳ, ସମ୍ପାଦକ ସନ୍ୟାସୀ ବେହେରା ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ।

**ଆଇଏମଏସଆର :** କାଳିଦାସପୁର ସ୍ଥିତ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ, ଅଗ୍ରଣୀ ନର୍ସିଂ ମହାବିଦ୍ୟାଳୟ ଠାରେ ଉତ୍କଳ ଦିବସ ପାଳିତ ହୋଇ ଯାଇଛି। ଶିକ୍ଷୟତ୍ରୀ ସମୀକ୍ଷା ସାହୁ ପ୍ରାରମ୍ଭିକ ଅଭିଭାଷଣ ରଖି କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିଲେ। ପରେ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କୁ ନେଇ ଆଲୋଚନା ଚକ୍ର ମାଧ୍ୟମରେ ଏକ ପ୍ରତିଯୋଗିତା କରା ଯାଇଥିଲା। ପ୍ରତିଯୋଗିତା କୁ ମହାବିଦ୍ୟାଳୟ ର ଶିକ୍ଷୟତ୍ରୀ, ମୋନାଲିସା ନାୟକ, ସମୀକ୍ଷା ସାହୁ, ଶୁଭ୍ରା ଦାସ, ସଂଗୀତା ସାହୁ ପରିଚାଳନା କରିଥିଲେ।

ସରପଞ୍ଚ ଧରଣୀଧର ନାୟକ ମଞ୍ଚାସୀନ ହୋଇଥିଲେ।

**ଚନ୍ଦନେଶ୍ୱର :** ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଉତ୍କଳ ସମ୍ମିଳନୀ, ଭୋଗରାଇ ଶାଖା ପକ୍ଷରୁ ୯୧ ତମ ଓଡ଼ିଶା ଦିବସ ପାଳିତ ହୋଇ ଯାଇଛି। ଶାଖାର ସଭାପତି ରବୀନ୍ଦ୍ର ନାଥ ପ୍ରଧାନ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭୋଗରାଇ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ମୁଖ୍ୟ ବକ୍ତା ଶିକ୍ଷାବିତ ଡ. ସନ୍ତୋଷ କୁମାର ପାତ୍ର, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ବେହେରା, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସରିତା କର ପ୍ରମୁଖ ଯୋଗଦେଇ ମା, ମାଟି ଓ ମାତୃଭାଷାର ସୁରକ୍ଷା ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମ୍ମିଳନୀ ପକ୍ଷରୁ ନାଟ୍ୟକାର ଧନଞ୍ଜୟ ପାତ୍ର, ଶିକ୍ଷାବିତ ଶ୍ରୀନିବାସ ଚନ୍ଦ୍ର ପ୍ରଧାନ ଓ ସାରସ୍ୱତ ସାଧକ ସୁଶାନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ସମ୍ପାଦକ ଅନନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

**ଜଳେଶ୍ୱର:** ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ଆନୁକୂଲ୍ୟରେ ଜଳେଶ୍ୱର ନୂଆବଜାରସ୍ଥିତ ପିଏମ ଶ୍ରୀ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୯୧ତମ ଉତ୍କଳ ଦିବସ ଓ ଓଡିଆ ପକ୍ଷ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ସଭାପତି ତଥା କେନ୍ଦ୍ରୀୟ କମିଟି ଉପସଭାପତି କମଳ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ବରେଣ୍ୟ ଅତିଥି ଭାବେ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଠୀ, ଉତ୍କଳ ସମ୍ମିଳନୀର ସମ୍ପାଦକ ସୁନୀଲ କୁମାର ନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କାନ୍ତ ପ୍ରଧାନ, ବିଦ୍ୟାଳୟ କମିଟି ସଭାପତି ଜୟନାରାୟଣ ଦାସ, ସହିତ୍ୟ ସଂସ୍କୃତି ସଂସଦର ସଭାପତି ବନମାଳୀ ଧଳ ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ଓ ଉତ୍କଳର ଗୌରବ ଗାଥା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି।

**ନୀଳଗିରି :** ନୀଳଗିରି ଉପଖଣ୍ଡ ସଦର ମହକୁମା ପିଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉପଖଣ୍ଡ ସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବରେଣ୍ୟ ଅତିଥି ଗଣ ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସରେ ଥିବା ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଏବଂ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱସ୍ଥ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ କୌଶିକ ଦାସ ପୌରୋହିତ୍ୟ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ବରେଣ୍ୟ ଦିବସ ପାଳନ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ରଥ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ଅନ୍ୟାନ୍ୟ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ଏନ. ଏ. ସି କାର୍ଯ୍ୟନିର୍ବାହୀ ଭାରାପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଆଇନଜୀବୀ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ।

**ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ :** ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ, ମୁଣ୍ଡତୁଣିଆ ଆନୁକୂଲ୍ୟରେ ୯୧ତମ ଓଡ଼ିଶା ଦିବସ ସିଦ୍ଧେଶ୍ୱର ହାଇସ୍କୁଲ ଶାସନବାଡ ପରିସରରେ ପାଳନ କରାଯାଇଥିଲା। ସଂସଦର ଉପସଭାପତି ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶିର ହୁଇ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶାର ଇତିହାସ, ବର୍ତ୍ତମାନର ସ୍ଥିତି ଓ ଓଡ଼ିଆ ଭାଷାର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସେନାପତି, ଓଷ୍ଟାର ବାଲେଶ୍ୱର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ସୁଶାନ୍ତ କୁମାର ଦାସ, ହରେକୃଷ୍ଣ ଦାସ, ଦିପ୍ତିମାନ ଆଚାର୍ଯ୍ୟ, ଶ୍ରୀମନ୍ତ ଘୋଷ, ରବିନ୍ଦ୍ର କୁମାର ବାରିକ, ଗଗନ ପରିଡ଼ା, ଛାତ୍ରୀ ଶ୍ରୁତି ଲେଖା ସାହୁ ବକ୍ତବ୍ୟ ରଖିଥିଲେ।

**ନୀଳଗିରି ବିଜେଡି :** ନୀଳଗିରି ବିଜେଡ଼ି ପକ୍ଷରୁ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ୯୧ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, କେଶିପୁର ସରପଞ୍ଚ ବାସନ୍ତୀ ହେମ୍ବ୍ରମ, ଭଉଁରିଆବାଡ ସରପଞ୍ଚ ସଞ୍ଜୟ ସିଂ, ବିଜେଡିବ୍ଲକ ସଭାପତି ରାଜୀବ ଦାସବାବୁ, ପୂର୍ବତନ ସଭାପତିଗଙ୍ଗାଧର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନେତା ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ନିଶିକାନ୍ତ ମହାପାତ୍ର, ବିଦ୍ୟାଧର ବେହେରା,ଯୁବ ନେତା ରଶ୍ମିରଂଜନ ରାଉତ, ଯୁବ ନେତା ଉପେନ୍ଦ୍ର ଦାସ,ଶ୍ରୀନିବାସବାଗ, ଖଣ୍ଟାପଡା ସମିତି ରମାକାନ୍ତ ବାରିକ, ସୁନୀଲ ପ୍ରଧାନ, ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ପୂର୍ବତନ ଏନେସି ଅଧ୍ୟକ୍ଷ କ୍ଷେତ୍ର ମୋହନ ସିଂ,ସରପଂଚ ସୁରଥ ସିଂ, ସମିତି ସଭ୍ୟା ରଶ୍ମିତା ମହାପାତ୍ର ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ନଗର ସଭାପତି ଅଚ୍ୟୁତ ପ୍ରଧାନ ଧନ୍ୟବାଦ ଦେଇଥିଲେ।







ସୁଧାକର ନାୟକ ଓ ହେମନ୍ତ ସିଂ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା,ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଡକ୍ଟର ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜୀବନ୍ତ ଚିତ୍ରକଳାରେ ଶ୍ରେଷ୍ଠ ଚିତ୍ରକାର ଭାବେ ଚୟନ ହୋଇଥିବା ବାଦଲ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଦ୍ୱାରା ଆୟୋଜିତ ଓଡ଼ିଶାର ସ୍ୱତନ୍ତ୍ରତା ଆନ୍ଦୋଳନରେ ମୁକସାକ୍ଷୀ ସାଜିଥିବା ଦିବ୍ୟାତ୍ମାଙ୍କ ଫଟୋ ପ୍ରଦର୍ଶନୀ ଓ ଜୀବନ୍ତ ଚିତ୍ରକଳା କାର୍ଯ୍ୟକ୍ରମକୁ ଅତିଥିମାନେ ଉଦଘାଟନ କରିଥିଲେ। ସକାଳେ ଏ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

**ବାଲେଶ୍ୱର ସଦର ବିଜେଡି:** ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଓଡିଶା ଦିବସ ପାଳିତ ହୋଇଯାଇଛି। ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବାଲେଶ୍ୱର ସହରର ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ,ବରିଷ୍ଠ ନେତା ରଞ୍ଜନ ବାଗ, ଜିଲ୍ଲା ପରିଷଦର ପୂର୍ବତନ ସଭାପତି ଗିରିଶ ଚନ୍ଦ୍ର ଦାଶ, ପୌରପରିଷଦ ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ଟାଉନ ସଭାପତି ମନୋଜ ରାଉତ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, କାଉନସିଲର ଶେଖ ଆୟୁବ, ମିତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, କବିତା ମୁର୍ମୁ, ମୀନା ମହାନ୍ତି, ମିରାଜ ବାନୋ,ରିଭିକ ଜୀ, ପୂର୍ବତନ କାଉନସିଲର ସଞ୍ଜୟ ବେହେରା, ଶେଖ ଆଲାମ, ଦେବାଶିଷ ଦାସ, ସୁବୋଧ ମହାନ୍ତି, ଅଶୋକ ଆଢ୍ୟ, ବିଭୁଦତ୍ତ ପରିଡା, ପୂର୍ବତନ କାଉନସିଲର ଅବଦୁଲ ସାକିର ଖାନ, ରମେଶ ମାଝି, ସେକ ଅନସର, ଉମାଶଙ୍କର ତିଆଡି, ଭରତ ଭୂଷଣ ଦାସ, ନଳିନୀକାନ୍ତ ଦାସ, ଜଗନ୍ନାଥ ମହାରଣା, କୌଶିକ ପଣ୍ଡା,ସୁନିଆ ମୁର୍ମୁ, ହରସ ଖଣ୍ଡେଲୱାଲ, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।











**କାଳିପଦା:** ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସୃଜନିକା ଓ ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ପବିତ୍ର ଉତ୍କଳ ଦିବସ ଅବସରରେ ରାଲି ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି। ରାଲି ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡରୁ ବାହାରି ବ୍ଲକ ଛକ ଇନ୍ଦିରା ଶିଶୁ ଉଦ୍ୟାନ ନିକଟରେ ପହଁଞ୍ଚି ଥିଲା। ବସଷ୍ଟାଣ୍ଡ ଠାରେ ରାଲିକୁ ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ ଉଦଘାଟନ କରିଥିବାବେଳେ ଅତିଥି ଭାବରେ ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ। ସୃଜନିକା ସଭାପତି ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଭାପତି ପ୍ରାକ୍ତନ ପ୍ରାଧାପକ କୁଞ୍ଜକାନ୍ତ ପାତ୍ର, ଶିକ୍ଷାବିତ

**ସିମୁଳିଆ:** ସିମୁଳିଆ ବ୍ଲକ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ସଭାରେ ବିଡ଼ିଓ ସୁନୀଲ ଟୁଡୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ପଞ୍ଚାୟତ ସମିତିର ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ. ମୁଖ୍ୟବକ୍ତା ଜିଲ୍ଲାପରିଷଦ ରମେଶ ଚନ୍ଦ୍ର ସାହୁ. ଅଣ୍ଡରାଇ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି, ଏବିଡ଼ିଓ ଶୁଚିସ୍ମିତା ନାୟକ,

**ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା :** ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ସଭାପତି ଦୀନବନ୍ଧୁ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଉତ୍କଳ ଦିବସ ଜିଲ୍ଲା ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଶିକ୍ଷାବିତ ଶିରିଶଚନ୍ଦ୍ର ଜେନା ଅତିଥି ଏବଂ କବି ପ୍ରଶାନ୍ତ ଦାସ ବକ୍ତା ଭାବେ ଯୋଗଦେଇଥିଲେ। କ୍ଷିତୀଶ୍ୱର ଦାଶ, କାଳୀପଦ ପଣ୍ଡା, ରତ୍ନାକର ଦାସ, ରାଜେଶ ଗିରି, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ ଦାସ, ଅପର୍ଣ୍ଣା ମହାପାତ୍ର, ସ୍ନେହଲତା ଦାଶପତି, ତ୍ରିଦିବ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ରବି କୁମାର ପାଣିଗ୍ରାହୀ, ଅଜିତ କୁମାର ବରାଳ, ନିରଞ୍ଜନ ପରିଡା, ରମେଶଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ରେମୁଣା:** ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ରେମୁଣାଠାରେ ଓଡ଼ିଶା ଦିବସ ଆୟୋଜନ କରାଯାଇଛି । ଉକ୍ତ ସଭାରେ ଅଧ୍ୟକ୍ଷା ତନୁଜା ଗିରି, କାର୍ଯ୍ୟ ନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ, ଉପାଧ୍ୟକ୍ଷ୍ୟ ଆଏସନ ଖାନ, ଡ଼. ତ୍ରିଲୋଚନ ସାହୁ, ଅଧ୍ୟାପକ ସ୍ନାତକ ମହାବିଦ୍ୟାଳୟ,ରେମୁଣା ପ୍ରଧାନ ଶିକ୍ଷକ, ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ, ରେମୁଣା ତଥା ସମସ୍ତ ପରିଷଦ ବୃନ୍ଦ ଯୋଗଦାନ ପୂର୍ବକ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ରେମୁଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଜି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ସୋର :** ଭାରତ ବର୍ଷର ଭାଷା ଭିତ୍ତିକ ପ୍ରଥମ ରାଜ୍ୟ ଓଡ଼ିଶାର ୯୦ ତମ ପ୍ରତିଷ୍ଠା ଦିବସ ଆଜି ଉତ୍କଳ ସମ୍ମିଳନୀ ସୋର ଶାଖା ତରଫରୁ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ଉପ ସଭାପତି ମାୟାଧର ନାୟକ,ଉତ୍କଳ ସମ୍ମିଳନୀର ସାଂସ୍କୃତିକ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଡକ୍ଟର ସତ୍ୟନାରାୟଣ ପଣ୍ଡା, ଉତ୍କଳ ସମ୍ମିଳନୀ ସୋର ଶାଖାର ଉପଦେଷ୍ଟା, ଅନୁଷ୍ଠାନ ପ୍ରେମୀ ଅବସର ପ୍ରାପ୍ତ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ, ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରାମାଣିକ, ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ଦାସ, ନାଗରିକ ମଞ୍ଚର ସଭାପତି ଶିକ୍ଷାବିତ ପୂର୍ବତନ ଅଧ୍ୟକ୍ଷ୍ୟ ନେତ୍ରାନନ୍ଦ ରାଉତ, ସୁବ୍ରତ ଧଡ଼ା, ଶିକ୍ଷାବିତ ଦେବେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ମାଝୀ, ନିତ୍ୟାନନ୍ଦ କର ପ୍ରଭୃତି ବକ୍ତବ୍ୟରେ ଓଡ଼ିଆ ଭାଷା ଓଡିଆ ପ୍ରୀତି ପ୍ରତି ପ୍ରତିବଦ୍ଧତା, ନିଷ୍ଠା ଓ ଅନୁରାଗ ରଖିଥିଲେ ଓଡ଼ିଆ ଭାଷା ସମୃଦ୍ଧ ହେବ ବୋଲି କହିଥିଲେ। ସୋର ଶାଖାର ସମ୍ପାଦକ ଶିକ୍ଷାବିତ କୃତିବାସ ବେଜ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିବା ବେଳେ ଶିକ୍ଷାବିତ୍ ସୁରନ୍ଦ୍ର ପ୍ରସାଦ ବେହେରା ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧକ୍ଷ ଗଙ୍ଗାଧର ପାତ୍ରୀ ଆୟବ୍ୟୟ ଉପସ୍ଥାପନ କରିଥିବା ବେଳେ ଉଦ୍ଧବ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ରସଗୋଲା ମହୋତ୍ସବ



ବାଲେଶ୍ୱର,୨।୪(ସମିସ): ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ ରସଗୋଲା ମହୋତ୍ସବ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଆଇନଜୀବୀ ହରେକୃଷ୍ଣ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରି ରାୟ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ରସଗୋଲାକୁ ଆହୁରି ଲୋକାଭିମୁଖୀ କରିବାକୁ ଉଦ୍ୟମ ରଖୁଥିବା ପ୍ରତିଭା ବିକାଶ ଟ୍ରଷ୍ଟର ଉଦ୍ୟମ ପ୍ରଶଂସାଯୋଗ୍ୟ ବୋଲି କହିଥିଲେ। ଟ୍ରଷ୍ଟର କିଶୋର ଦାସ ମଂଚ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ୩୦ରୁ ଅଧିକ ଷ୍ଟଲ ପଡ଼ିଥିଲା। ତିନିଜଣ ବିଚାରକ ଦ୍ୱାରା ପିଠା ଓ ରସଗୋଲାକୁ ଯାଂଚ କରାଯାଇଥିଲା। ଶ୍ରେଷ୍ଠ ଷ୍ଟଲକୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଉପେନ୍ଦ୍ର ପାତ୍ର, ପଙ୍କଜ ଜେନା, ସିଏ ସଂଜୀବ ନାୟକ, ଉତ୍ସବ ଚେୟାରମ୍ୟାନ ସଂଘମିତ୍ରା ମହାନ୍ତି, ରଶ୍ମିତା ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, ଜ୍ୟୋତିର୍ମୟୀ ସାମଲ, ଭାବଗ୍ରାହୀ ମହାନ୍ତି, ଲମ୍ବୋଦର ନାୟକ, ପ୍ରଶାନ୍ତ ପଣ୍ଡା, ଅରବିନ୍ଦ ବାରିକ, ଶଙ୍କର୍ଷଣ ଧିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ଆପତ୍ତିଜନକ ପଶୁ ଚମଡ଼ା ଚାଲାଣ ସନ୍ଦେହ

ରେମୁଣା, ୨।୪ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ରେମୁଣା ବଜାରରେ ଆଜି ଆପତ୍ତିଜନକ ପଶୁ ଚମଡା ପିକଅପ ଗାଡି ଧରାପଡ଼ିଛି। ଆଜି ସକାଳେ ରେମୁଣା ବଜାର ଭିଡ ଥିବାବେଳେ ଲୋକ ମାନଙ୍କୁ ଅଲଗା ପ୍ରକାର ଗନ୍ଧ ହେବାରୁ ପିକଅପ ଗାଡିକୁ ସନ୍ଦେହ କରି ଅଟକା ଯିବାରୁ ସେହି ପିକଅପ ଭିତରେ ବିଭିନ୍ନ ପ୍ରକାର ଚମଡା ଦେଖିବାକୁ ମିଳିଲା। ଏହି ଚମଡା ରେମୁଣାରୁ ବେଙ୍ଗଲ ଯାଉଥିଲା। ବଜରଙ୍ଗ ଦଳର କର୍ମୀ ଓ ପରେ ପୁଲିସ ଆସି ପିକଅପ ଗାଡି ସମେତ ୨ ଜଣଙ୍କୁ ଥାନାରେ ଅଟକ ରଖିଛନ୍ତି।

# ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲେଶ୍ୱର/ବସ୍ତା,୨।୪ (ସମିସ)





ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ବିଜେଡ଼ି ଘର ବାହୁଡା ବାଲେଶ୍ୱର ରାଜନୀତିରେ ବେଶ ହଟଚମଟ ଆଣିଛି। ବସ୍ତା ନିର୍ବାଚନ ମଣ୍ଡଳୀରେ ପୁରୁଖା ବିଜୁ ପ୍ରେମୀ ଏକାଠି ହେଉଥିବା ବେଳେ ବିଜେଡ଼ିକୁ ସଶକ୍ତ କରିଛି। ଆଜି ବସ୍ତା ପ୍ରିନ୍ସ କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ କର୍ମୀ ସମାବେଶରେ ରଘୁ ମହାନ୍ତି କହିଛନ୍ତି କି, ପ୍ରତିଷ୍ଠାତା ସଦସ୍ୟ ଭାବେ ଦଳକୁ ଗଢିଥିଲି, ବିଜୁ ବାବୁଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ସଂଗଠନ କରିଥିଲି। ବିଜୁ ବାବୁ ବହୁ ସମୟରେ ଆସି



ମୋତେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ତେଣୁ ସମୟ ଆସିଛି ପୁଣିଥରେ ଦଳକୁ ସଂଗଠିତ କରି ଆଗାମୀ ଦିନରେ ବସ୍ତାକୁ ରାଜ୍ୟର ଏକ ନମ୍ବର କରିବା, ନବୀନ ବାବୁଙ୍କୁ ସର୍ବାଧିକ ଭୋଟ ଦେଇ ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରିବା। ଦଳର କର୍ମୀମାନେ ହେଉଛନ୍ତି ଭଗବାନ। ବସ୍ତାର ବରିଷ୍ଠ ନେତା ମହାଦେବ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନେତା ଚିତ୍ତରଞ୍ଜନ ଜେନା ସଭାପତିତ୍ୱ କରିଥିବା ବେଳେ ବାଲିଆପାଳର ବରିଷ୍ଠ ନେତା ଭଗବାନ ଗିରି, ୧୪ ନଂ ଜୋନ ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ବୁଗୁଡ଼ି, ବରିଷ୍ଠ ନେତା ଦେବେନ୍ଦ୍ର ବେହେରା, ଯୁବ ନେତା ପୂର୍ଣ୍ଣଚନ୍ଦ୍ର ଜେନା, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ବକ୍ତବ୍ୟ ରଖିଥିଲେ। ପ୍ରାୟ ଏକ ହଜାର କର୍ମୀ ଆଜି ବସ୍ତାରେ ଏକାଠି ହୋଇଥିଲେ। ସମସ୍ତେ ସ୍ଲୋଗାନ, ନାରାବାଜି, ଜିନ୍ଦାବାଦ ପକାଇଥିଲେ। ପରେ ପ୍ରତି ପଂଚାୟତ ୱାରୀ ରଘୁଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

## ଡାଏଣିଗିରିରେ ରାମ ମନ୍ଦିର ପ୍ରତିଷ୍ଠା

ରାଜକନିକା,୧।୪(ସମିସ): ରାଜକନିକା ବ୍ଲକ୍ କାଟଣାବଣିଆଁ ପଞ୍ଚାୟତ ଡାଏଣିଗିରି ଗ୍ରାମରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏହି ଅଞ୍ଚଳରେ କୌଣସି ରାମ ମନ୍ଦିର ନ ଥିବା ବେଳେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ମନ୍ଦିର ନିର୍ମାଣ କରାଯାଇ ରାଜସ୍ଥାନରୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବିଗ୍ରହ ଆଣି ପ୍ରତିଷ୍ଠା କରାଯାଇଛି। ଏହି ମନ୍ଦିର ପ୍ରତିଷ୍ଠା ପାଇଁ ୪ ଦିନ ଧରି କଳସଯାତ୍ରା, ନାମଯଜ୍ଞ, ସଂକୀର୍ତ୍ତନ, ବିଗ୍ରହ ପ୍ରତିଷ୍ଠା, ପ୍ରବଚନ ଆଦି କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



# ଦାଦାବଟି ମାଗି ଧରାପଡ଼ିଲେ ଦୁର୍ବୃତ୍ତ

ମହାକାଳପଡ଼ା,୧।୪(ସମିସ)

ମହାକାଳପଡ଼ା ବ୍ଲକ୍ ସୁନିତୀ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ବାବରରେ ହେଉଥିବା ଯାତ୍ରା ଦେଖି ଫେରୁଥିବାବେଳେ ରାତି ପ୍ରାୟ ଗୋଟାଏ ସମୟରେ ଖରିଅଣ୍ଡା ଗ୍ରାମର ଅଜୟ ସ୍ୱାଇଁଙ୍କୁ କିଛି ଦୁର୍ବୃତ୍ତ ଅଟକାଇ ଦାଦାବଟି ମାଗିବା ସହ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଧରିଛି ପୁଲିସ। ଅଜୟ ସ୍ୱାଇଁଙ୍କୁ ଏକୁଟିଆ ଦେଖି



ଏକ କାରରୁ ୫ ଜଣ ବାହାରି ଧମକ ଚମକ ଦେବା ସହିତ ଦାଦା ବଟି ମାଗିଥିଲେ। ଅଜୟ ପ୍ରତିବାଦ କରିବାରୁ ଗାଡ଼ି ଭିତରୁ ଅର୍ଜୁନ ମାନା ନାମକ ବ୍ୟକ୍ତି ବାହାରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଏଥିସହ ତାଙ୍କ ବେକରୁ ସୁନା ଚେନ, ୩ ଟି ମୁଦି, ମୋବାଇଲ୍ ଓ ଟଙ୍କା ଆଦି ଛଡ଼ାଇ ନେଇଥିଲେ। ସେମାନଙ୍କ କବଳରୁ ନିଜ ଜୀବନ ବଞ୍ଚାଇ ଅଜୟ ଦୌଡ଼ୁଥିବାବେଳେ ସେହି ରାସ୍ତା ଦେଇ ପାଟ୍ରୋଲିଙ୍ଗ ସାରି ଫେରୁଥିବା ତନ୍ତିଆପାଳ ଥାନା ପୁଲିସକୁ ଦେଖିଥିଲେ। ପୁଲିସକୁ ଦେଖି ଚାରିଜଣ ଦୁର୍ବୃତ୍ତ ଗାଡ଼ି ଛାଡ଼ି ଦୌଡ଼ି ପଳାଇ ଯାଇଥିବା ବେଳେ ପୁଲିସ ଜଣଙ୍କୁ କାବୁ କରିଥିଲା। ଏଥିସହ ଗାଡ଼ିକୁ ଯାଞ୍ଚ କରି ତା' ଭିତରୁ ଏକ ମାରଣାସ୍ତ୍ର ଜବତ କରିଥିଲା ପୁଲିସ। ଯୁବକ ଜଣଙ୍କ ଘର କେନ୍ଦ୍ରାପଡ଼ା ଗୋପ ଗ୍ରାମରେ ବୋଲି ଜଣାପଡ଼ିଛି। ସୁନିତୀ ଗ୍ରାମରେ ପୂଜା ପାର୍ବଣ ହେଲେ ଅର୍ଜୁନ ମାନା ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା ବେଳେ ଅଜୟ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧।୪(ସମିସ): ସ୍ଥାନୀୟ ପୌରପାଳିକା ଅନ୍ତର୍ଗତ ବୁଢ଼ୀ ବିଳାଶୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ନିକଟସ୍ଥ ବଳଦେବଜିଉ କଲ୍ୟାଣ ମଣ୍ଡପରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ନେତା ଅବନୀ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିଥିମାନଙ୍କ ମଧ୍ୟରେ ନିହାର ରଞ୍ଜନ ମଲ୍ଲିକ (ପ୍ରାକ୍ତନ ଉପ ନିର୍ଦ୍ଦେଶକ, ଜଳସେଚନ ବିଭାଗ), ଅଜୟ କୁମାର ପରିଡା (ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ, ମହାକାଳପଡ଼ା), ଭ୍ରମରବର ରାଉତ (ଶିକ୍ଷକ ନେତା, ନିଖିଳ ଓଡ଼ିଶା



ଫେଡେରେସନ), କାଶୀନାଥ ରାଉତରାୟ (ପ୍ରାକ୍ତନ ସହଶିକ୍ଷା ଅଧିକାରୀ ଓ ସଭାପତି, ମହାକାଳପଡ଼ା ବିକାଶ ମଞ୍ଚ), ଭାଗିରଥି ନନ୍ଦ, ବଳଦେବ ପ୍ରସାଦ ଜେନା, ଦେବଦତ୍ତ ଶତପଥି, ତପନ କୁମାର ପଣ୍ଡା, ରାଧାନାଥ ମିଶ୍ର ଆଦି ଉପସ୍ଥିତ ରହି ଶ୍ରୀ ରାଉତଙ୍କ ଦୀର୍ଘଦିନର ଶିକ୍ଷା ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ସଭାରେ ବିଭିନ୍ନ ଶିକ୍ଷକ ନେତା, ପ୍ରାକ୍ତନ ଓ ବର୍ତ୍ତମାନ ସିଆରସିସି ସଦସ୍ୟ, ଇଛାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଭ୍ୟ, ପୌରପାଳିକା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ପରିଚାଳନା କମିଟି, ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମହାକାଳପଡ଼ା,୧।୪(ସମିସ): ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜୟଚନ୍ଦ୍ରପୁରର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଲେଙ୍କାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀ ଲେଙ୍କା ତାଙ୍କ ଦୀର୍ଘ ସେବାକାଳ ମଧ୍ୟରେ ଶିକ୍ଷାକ୍ଷେତ୍ରରେ ଯେଉଁ ଅମୂଲ୍ୟ ଅବଦାନ ରଖିଛନ୍ତି, ତାହାକୁ ସମସ୍ତେ ମନେ ପକାଇଥିଲେ। ଶିକ୍ଷାର୍ଥୀମାନେ ତାଙ୍କ ପ୍ରିୟ ଗୁରୁଙ୍କୁ ବିଦାୟ ଦେବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ଶ୍ରୀ ଲେଙ୍କା କହିଥିଲେ ଯେ, ବିଦ୍ୟାଳୟ ତାଙ୍କ ପାଇଁ କେବଳ କାର୍ଯ୍ୟସ୍ଥଳ ନୁହେଁ, ବରଂ ଏକ ପରିବାର ଥିଲା। ସେ ସମସ୍ତଙ୍କ ସହଯୋଗ, ସ୍ନେହ ଓ ସମ୍ମାନ ପାଇଁ ହୃଦୟଙ୍ଗମ କୃତଜ୍ଞତା ଜଣାଇଥିଲେ।

## ଉତ୍କଳ ଦିବସରେ ପ୍ରୋଟୋକଲ ଭଙ୍ଗ; ଷଷ୍ଠ ଧାଡ଼ିରେ ବସିଲେ ବିଧାୟକ

କେନ୍ଦ୍ରାପଡ଼ା,୧।୪(ସମିସ): ଜିଲ୍ଲା ସଂସ୍କୃତି ଭବନରେ ଆଜି ପାଳିତ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ କାର୍ଯ୍ୟକ୍ରମରେ ପ୍ରୋଟୋକଲ ଭଙ୍ଗ ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିର୍ଦ୍ଧାରିତ ଆସନ ବ୍ୟବସ୍ଥାକୁ ଅମାନ୍ୟ କରାଯାଇଥିବାରୁ ଜନପ୍ରତିନିଧିମାନେ ଅସୁବିଧାରେ ପଡ଼ିଥିଲେ। ସୂଚନାନୁସାରେ, ବିଧାୟକ, ଜିଲ୍ଲା ପରିଷଦ ସଭାପତି ଓ



ପୌରାଧ୍ୟକ୍ଷାଙ୍କ ପାଇଁ ଆଗଧାଡ଼ିରେ ଆସନ ସଂରକ୍ଷିତ ରହିଥିଲା। କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କିଛି ବିଜେପି କର୍ମୀ ସେହି ସଂରକ୍ଷିତ ଆସନଗୁଡ଼ିକୁ ଦଖଲ କରି ନେଇଥିଲେ। ଫଳରେ ଆମନ୍ତ୍ରିତ ଜନପ୍ରତିନିଧିମାନେ ଆସିବା ପରେ ବସିବା ପାଇଁ ଆସନ ନପାଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ ଓ ପୌରାଧ୍ୟକ୍ଷା ସରିତା ସାହୁ ସଂରକ୍ଷିତ ସ୍ଥାନରେ ବସିବାକୁ ଯାଇଥିବାବେଳେ ଆସନ ଖାଲି କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ତଥାପି କର୍ମୀମାନେ ତାହାକୁ ଅସ୍ୱୀକାର କରି ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏହା ଫଳରେ ଜନପ୍ରତିନିଧିମାନେ ପରୋକ୍ଷରେ ଅପମାନିତ ହୋଇଥିବା ଅଭିଯୋଗ ଉଠିଛି। ପରିସ୍ଥିତିକୁ ଦେଖି ବିଧାୟକ ଓ ଅନ୍ୟମାନେ ଷଷ୍ଠ ଧାଡ଼ିରେ ଯାଇ ବସିଥିଲେ। ପରେ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ କାର୍ଯ୍ୟକ୍ରମରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ଅବଗତ ହୋଇ ବିଜେପି କର୍ମୀମାନଙ୍କୁ ତାଗିଦ କରିଥିଲେ। ସେ ସମ୍ପୃକ୍ତ ଜନପ୍ରତିନିଧିମାନଙ୍କୁ ସଭାମଞ୍ଚରେ ଆସୀନ ହେବାକୁ ଅନୁରୋଧ କରିଥିଲେ। ମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ ଓ ପୌରାଧ୍ୟକ୍ଷା ସରିତା ସାହୁ ପରେ ସଭାମଞ୍ଚରେ ଆସନ ଗ୍ରହଣ କରିଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ, ସରକାରୀ କାର୍ଯ୍ୟକ୍ରମରେ ପ୍ରୋଟୋକଲ ପାଳନ ନିଶ୍ଚିତ କରିବାକୁ ଦାବି ଜୋରଦାର ହୋଇଛି।

## ଟ୍ରାକ୍ଟର ଧକ୍କାରେ ଟିଉସନରୁ ଫେରୁଥିବା କୁନିଝିଅ ମୃତ

ମହାକାଳପଡ଼ା,୧।୪(ସମିସ): ମହାକାଳପଡ଼ା ବ୍ଲକ୍ ତେରଗାଁ ପଞ୍ଚାୟତ ବେଲାର ନୂଆଗାଁ ଗ୍ରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ କୁନି ଝିଅର ଅକାଳ ମୃତ୍ୟୁ ଘଟିଛି। ଗ୍ରାମର ଦୀପକ ସାମଲଙ୍କ ଝିଅ ସାଯ୍ନା ସାମଲ ଓରଫ ମାମାଲି (୯) ଟିଉସନରୁ ଫେରୁଥିବା ସମୟରେ ଏକ ଟ୍ରାକ୍ଟର (ଓଡି ୨୯ ଏଲ ୫୫୨୨) ତାଙ୍କୁ ଧକ୍କା ଦେଇଥିଲା। ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଗୁରୁତର ଆହତ ମାମାଲିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ



ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମାମାଲିଙ୍କ ଜେଜ ରମେଶ ସାମଲଙ୍କ ଏତାଲା କ୍ରମେ ମାର୍ଶାଘାଇ ଥାନା କେଶ ନଂ ୧୩୫/୨୬ରେ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛନ୍ତି। ଗ୍ରାମରେ ଏକ ଶୋକାକୁଳ ପରିବେଶ ଭିତରେ ମାମାଲିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା,୧।୪(ସମିସ): କେନ୍ଦ୍ରାପଡ଼ାରେ ୯୧ତମ ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜଜାଙ୍ଗସ୍ଥିତ ପୁଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପରେଡ୍‌ରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟାରିଆ ପ୍ରଥମେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରାପ୍ତ ବାର୍ତ୍ତାକୁ ପାଠ କରିବା ପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ପୁଲିସ ଜିଲ୍ଲାର ଶ୍ରେଷ୍ଠ ହାବିଲଦାର ଜିତେନ୍ଦ୍ର କୁମାର ଜେନା, ବେଷ୍ଟ ଟ୍ରାଫିକ କନେଷ୍ଟବଳ ନିରଞ୍ଜନ ପଲାଇ, ଶ୍ରେଷ୍ଠ ଏପିଆର୍ କନେଷ୍ଟବଳ ସୁଜିତ କୁମାର ସାମଲ, ଶ୍ରେଷ୍ଠ କନେଷ୍ଟବଳ ଶୋଭାନ୍ତ କାନ୍ତ ଜେନା, ଶ୍ରେଷ୍ଠ ଏଏସ୍‌ଆଇ ମିନତୀ ରାଉଳ, ଶ୍ରେଷ୍ଠ ଏସ୍‌ଆଇ ଦୀପ୍ତିମୟୀ ରାଉତଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଥିଲେ। ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଏହି ପରେଡକୁ ପରିଚାଳନା କରିଥିବାବେଳେ ସବଇନସପେକ୍ଟର ପୁଲିସ(ଆର୍ମଡ) ଅକ୍ଷୟ ଘଡେଇ ଏଥିରେ ତାଙ୍କୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ବିଶ୍ୱାଳ ଓ ସୁଧାକର ସାହୁ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଦିଲ୍ଲୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ପେତପଡ଼ାରେ ଉତ୍କଳ ଦିବସ

ଗୋବିନ୍ଦପୁର,୧।୪(ସମିସ): ଆଳି ବ୍ଲକ୍ ପେତପଡ଼ା ଗ୍ରାମର ଗୋପବନ୍ଧୁ ବିଦ୍ୟାଭବନ ପରିସରରେ ଆଜି ଉତ୍କଳ ଦିବସ ପାଳିତ ହୋଇଥଲା। ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ଅନୀଲ କୁମାର ଦାସ, ମୁଖ୍ୟବକ୍ତା ନିକୁଞ୍ଜ ବିହାରୀ ଟିକାୟତ ରାୟ, ଶିକ୍ଷକ ପ୍ରତାପ କୁମାର ନାୟକ, ଅନନ୍ତ ଚରଣ ବେହେରା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବେହୁରା, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ସୁକାନ୍ତ କୁମାର ଦାସ, ଅଶୋକ କୁମାର ଦାସ, ହୃଦାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଅତିଥିମାନେ ଉତ୍କଳ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଁ ଦାଣ୍ଡରେ ବୋହୂକୁ ମାଡ଼; ମାମଲା ରୁଜୁ

ରାଜକନିକା,୧।୪(ସମିସ): ଗାଁ ଦାଣ୍ଡରେ ଜଣେ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ ଅମାନୁଷିକ ଭାବେ ପିଟିବା ଘଟଣାର ଭିଡିଓ ଭାଇରାଲ ହୋଇଥିବାବେଳେ ଏହି ଘଟଣାକୁ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ ହୋଇଛି। ମହିଳା ଜଣଙ୍କୁ ତାଙ୍କ ଶ୍ୱଶୁର ଓ ନଣନ୍ଦ ମାଡ଼ ମାରୁଥିବାବେଳେ ସେ ବଞ୍ଚାଅ ବଞ୍ଚାଅ କହି ଯେତେ ଚିତ୍କାର କଲେ ମଧ କେହି ଏହାର ପ୍ରତିବାଦ ମଧ କରୁନଥିଲେ। ଫଳରେ ମହିଳା ଜଣକ ଜୀବନ ବିକଳରେ ଦୌଡ଼ି ଜୀବନ ବଞ୍ଚାଇଥିବାବେଳେ ଘଟଣାର ୬ଦିନ ପରେ ଥାନାରେ ଏତଲା ଦେଇଛନ୍ତି। ପୁଲିସ ପକ୍ଷରୁ କେଶ ନଂ ୧୬୫ ରେ ଦଫା ୧୧୫(୨)୧୨୬(୨)୨୯୬, ୩(୫)୩୫(୨)୩୫୧(୩)୮୫୧ ରେ ମାମଲା ରୁଜୁ ହୋଇଛି। ଏହି ଘଟଣାଟି ରାଜକନିକା ଥାନା ଉଜାଙ୍ଗ ଗାଁର। ପୀଡ଼ିତା ବୋହୂ ରାଜକନିକା ଥାନାରେ ଏତଲା ଦେଇ ନ୍ୟାୟ ମାଗିବା ଘଟଣା ଅଞ୍ଚଳରେ ବେଶ ଆଲୋଚ୍ୟର ବିଷୟ ହୋଇଛି।

● ଅଳପୁଆ ହାଇସ୍କୁଲ ଗୃହ ନିର୍ମାଣରେ ଦୁର୍ନୀତି

## ପୁରୁଣା ଘରୁ ବାହାରିଥିବା ଇଟାରେ ନିର୍ମାଣ ହେଉଛି ନୂଆ ଘର

ପଟ୍ଟାମୁଣ୍ଡାଇ,୧।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଳପୁଆ ହାଇସ୍କୁଲର ନୂତନ ଶ୍ରେଣୀଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଅଳପୁଆ ହାଇସ୍କୁଲର ପୁରୁଣା ଶ୍ରେଣୀ ଗୃହ ଭଙ୍ଗାଯାଇ ନୂଆ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ନୂତନ ଶ୍ରେଣୀ ଗୃହର କାନ୍ଥ ନିର୍ମାଣରେ ଠିକାଦାର ନୂଆ ଇଟା ବ୍ୟବହାର ନକରି ଭଙ୍ଗା ଯାଇଥିବା ପୁରୁଣା ଶ୍ରେଣୀଗୃହରୁ ବାହାରି ଥିବା ପୁରୁଣା ଇଟାକୁ ଆଣି ବ୍ୟବହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି କାର୍ଯ୍ୟ ଆରମ୍ଭ ପୂର୍ବରୁ ଯେଉଁ ସୂଚନା ଫଳକ ଠିକାଦାର ଲଗାଇବା କଥା ଜନସାଧାରଣଙ୍କୁ ଅନ୍ଧାରରେ ରଖିବା ପାଇଁ ତାହା ମଧ ଲଗାଇ ନାହାନ୍ତି । କାର୍ଯ୍ୟ ଚାଲୁଥିବା ସ୍ଥାନକୁ ତଦାରଖ ପାଇଁ କୌଣସି ବିଭାଗୀୟ ଅଧିକାରୀ ମଧ ଆସୁ ନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ସବୁ ଜାଣି ଚୁପ ବସି ଥିବାରୁ ଠିକାଦାର, ପ୍ରଧାନ ଶିକ୍ଷକ ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରା ଯାଉ ଥିବାରୁ ଏହାର ସ୍ଥାୟିତ୍ୱ ସମ୍ପର୍କରେ ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି। ଏଣୁ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜେନ୍ଦ୍ର କୁମାର ବିହାରୀ, ନିରାକାର ବିଶ୍ୱାଳ, ଅଖିଳ ଜେନା, ପୋକା ଜେନା ପ୍ରମୁଖ ଗ୍ରମବାସୀ ଦାବି କରିଛନ୍ତି।

## ଉତ୍କଳ ଦିବସରେ ସଫେଇ



ରାଜନଗର,୧।୪(ସମିସ): ଉତ୍କଳ ଦିବସ ଅବସରରେ ରାଜନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ରାଜନଗର ବଜାର, ହଂସୁଆ ସେତୁ ସମେତ ବିଭିନ୍ନ ସ୍ଥାନରେ ସମୂହ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ୍ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସିପି ଆଶିଷ ସାହୁ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର ଏବଂ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଓ ରାଜନଗର ହାଇସ୍କୁଲର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହିତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ବାର୍ତ୍ତା ନେଇ ଏହି ମିଳିତ ସଫେଇ ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି।

## ଶ୍ରେଷ୍ଠ ଏଏସ୍‌ଆଇ ଭାବେ ମୀନତି ରାଉଳ ସମ୍ବର୍ଦ୍ଧିତ

ରାଜକନିକା,୧।୪(ସମିସ): ବୁଧବାର ଓଡ଼ିଆ ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ପାଳିତ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ତା'ର ପତିଷ୍ଠା ଦିବସ ରିଜର୍ଭ ପୁଲିସ ପଡ଼ିଆରେ ପାଳନ କରିଛି। ଏହି ଅବସରରେ ରାଜକନିକା ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ମୀନତି ରାଉଳଙ୍କୁ ଜିଲ୍ଲାରେ ଶ୍ରେଷ୍ଠ ଏଏସ୍‌ଆଇ ଭାବେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ତେବେ ଶ୍ରୀମତୀ ରାଉଳ ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ ଆଗରୁ ୩୬ ଥର ନିଜର କାର୍ଯ୍ୟ ଦକ୍ଷତା ପାଇଁ ପ୍ରଶଂସିତ ହୋଇଥିବା ବେଳେ ଆଜି ପୁଣି ଥରେ ପ୍ରଶଂସିତ ହେବା ଜିଲ୍ଲା ପୁଲିସ ପାଇଁ ଗୌରବ ବୋଲି ମତ ପ୍ରକାଶ ପାଇଛି। ପ୍ରକାଶ ଥାଉ କି ମିନତୀ ୧୯୯୯ ଏପ୍ରିଲ ୧୫ ତାରିଖରେ ପୁଲିସରେ ଯୋଗ ଦେବା ପରେ ଲଗାତର ଭାବରେ ନିଜର କର୍ତ୍ତବ୍ୟନିଷ୍ଠା ପାଇଁ ପ୍ରଶଂସିତ ହୋଇଛନ୍ତି।



## କଅଁଳପତ୍ର ଓ ଫୁଲ ବଦଳରେ ଥୁଣ୍ଟା ହେଉଛି ନିମ୍ବଗଛ

ଡେରାବିଶ,୧।୪(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତର ଲୁଣାନଦୀ ବନ୍ଧ, ଦାନପୁର ପଞ୍ଚାୟତର ୧୩ ନଂ କେନାଲ୍ ବନ୍ଧ ଏବଂ ଅଞ୍ଚଳର ଅନେକ ସ୍ଥାନରେ ଥିବା ଅନେକ ନିମ୍ବଗଛ ଏବେ କଅଁଳ ପତ୍ର ଓ ଫୁଲ ବଦଳରେ ଥୁଣ୍ଟା ପାଲଟିବାରେ ଲାଗିଛି। ଯାହାକୁ ନେଇ ପରିବେଶବିତ୍ ମ୍ରିୟମାଣ ହୋଇପଡ଼ିଛନ୍ତି। ଚୈତ୍ରମାସରେ ଲୋକମାନେ ନିମ୍ବପତ୍ର ଓ ଫୁଲରେ ପିଠା ଏବଂ ନିମ୍ବପତ୍ର ଗୁଣ୍ଡସହ ଆଳୁବାଇଗଣ ଭଜା କରି ଖାଇଥାନ୍ତି। କିନ୍ତୁ ଏବେ ଗଛର ଥୁଣ୍ଟା ଅବସ୍ଥା ଦେଖି ଦାନପୁର ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରକୃତିବନ୍ଧୁ ଜେନାମଣି ବଳ ଓ ହରିଅଙ୍କ ପଞ୍ଚାୟତର ସମାଜସେବୀ ଗୋଲଖ ଚନ୍ଦ୍ର ସ୍ୱାଇଁ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ଓ ନିରାକରଣ ପାଇଁ ଉଦ୍ୟାନବିତ୍‌ଙ୍କ ପରାମର୍ଶ ଲୋଡ଼ିଛନ୍ତି। ପରିବେଶ ସୁରକ୍ଷାରେ ନିମ୍ବଗଛର ଗୁରୁତ୍ୱ ଅଧିକ ଥିବା ବେଳେ ଅଞ୍ଚଳରେ ଗଛର ଏ ଅବସ୍ଥା ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବନବିଭାଗ ଏହାର ପ୍ରତିକାର କରିବାସହ ବର୍ଷାଋତୁ ଆରମ୍ଭରେ ଅଧିକ ନିମ୍ବଗଛ ଲଗାଇବା ପାଇଁ ବ୍ୟବସ୍ଥା କରିବାକୁ ପ୍ରକୃତିବନ୍ଧୁ ଶ୍ରୀ ବଳ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।



## ବିଜେଡି ପକ୍ଷରୁ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ



କେନ୍ଦ୍ରାପଡା,୧।୪(ସମିସ): ଓଡ଼ିଶା ଦିବସ ଓ କେନ୍ଦ୍ରାପଡା ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ରାପଡା ବିଧାନସଭା ବିଜୁ ଜନତା ଦଳ ପକ୍ଷରୁ ଗରାପୁର ସ୍ଥିତ ବିଧାୟକଙ୍କ ବାସଭବନ ଓ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ଗଠନରେ ମହାମନିଷୀମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପୌରପରିଷଦ ଅଧ୍ୟକ୍ଷା ସରିତା ସାହୁ, ପୂର୍ବତନ ଅଧ୍ୟକ୍ଷା ରୋସନା ସାହୁ, ନଗର ସଭାପତି ଯଯାତି ମହାନ୍ତି, ବ୍ଲକ ସଭାପତି ଆଲୋକ ସାହୁ ସହ ବହୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ସକାଳେ ବିଜେଡି କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ମହାମନିଷୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମ୍ମାନ ଜଣାଇଥିଲେ। ପୁରୁଣା ମେଡିକାଲ ଛକ, ବସଷ୍ଟାଣ୍ଡ, କୋର୍ଟ ପରିସର, ମୁନିସିପାଲଟି, ତହସିଲ ଛକ ଓ ତିନିମୁହାଣୀ ଆଦି ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।



# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସରେ ବରପୁତ୍ରଙ୍କ ସ୍ମୃତିଚାରଣ

କେନ୍ଦ୍ରାପଡ଼ା,୧।୪(ସମିସ)

ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆଜି ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉତ୍ସବମୁଖର ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଗଠନରେ ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଓଡ଼ିଆ ଜାତିର ଐତିହ୍ୟ, ସଂସ୍କୃତି ଓ ଭାଷାର ସୁରକ୍ଷା ସହିତ ରାଜ୍ୟ ଓ ଜିଲ୍ଲାର ସମଗ୍ର ବିକାଶ ପାଇଁ ସମସ୍ତଙ୍କୁ ଏକତ୍ର ହୋଇ କାମ କରିବା ଆବଶ୍ୟକ। ଏହି ଅବସରରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପୌରପରିଷଦ ଅଧ୍ୟକ୍ଷା ସରିତା ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲୀକ ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଞ୍ଚାସୀନ ଥିଲେ କ୍ଷ ବିଶିଷ୍ଟ ଶିକ୍ଷାବିଦ ନିରଞ୍ଜନ ମେକାପ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ମାର୍ଶାଘାଇ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସୁଚାରୁ ଭାବେ ସଞ୍ଚାଳନ କରିଥିଲେ। ଏହି ସୁଯୋଗରେ ଚାନ୍ଦୋଳ ଏଚଏନଏସ ମହାବିଦ୍ୟାଳୟର ଛାତ୍ର ଓମ ପ୍ରକାଶ ରଥଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ମୁଖ୍ୟ ଅତିଥି। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଭଦ୍ରକରେ ମହାସମାରୋହରେ ଓଡ଼ିଶା ଦିବସ ପାଳନ

# ୫ ହଜାର ଜନତାଙ୍କ 'ବନ୍ଦେ ଉତ୍କଳ ଜନନୀ' ସାମୂହିକ ଗାୟନ

ଭଦ୍ରକ,୧।୪(ସମିସ)






ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ଏପ୍ରିଲ ୧ ତାରିଖରେ ଓଡ଼ିଶା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ମାଟିର ବୀରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ସାମୂହିକ ଗାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ସକାଳ ୭ଟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯେଉଁ ମାଟିରୁ ବନ୍ଦେ ଉତ୍କଳ ଜନନୀ ସର୍ଜନା ହୋଇ ଝଂକୃତ ହୋଇଥିଲା ସେଠାରେ ଉପସ୍ଥିତ ରହିବା ମୋ ପାଇଁ ସୌଭାଗ୍ୟ ବୋଲି କହିଥିଲେ। ଆଜି ଓଡ଼ିଶା ଦିବସଠାରୁ ଆସନ୍ତା ୧୪ ଓଡ଼ିଆ ନବବର୍ଷ ଯାଏଁ ବିଭିନ୍ନ କାର୍ଯ୍ୟକ୍ରମ- ପରମ୍ପରା ରକ୍ଷା ଲାଗି ଆମ ପୋଷାକ, ଆମ ପରମ୍ପରା, ଐତିହ୍ୟ ରକ୍ଷା ଲାଗି ଆମ ଐତିହ୍ୟ ଗୌଣଦୌଡ଼, ସ୍ୱଚ୍ଛତା ଅଭିଯାନ ଆଦି କାର୍ଯ୍ୟକ୍ରମ ପ୍ରତିଦିନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ। ଉତ୍ସବରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟାଦ(ପୌତ୍ର) ବରିଷ୍ଠ ସାମ୍ବାଦିକ ତଥା ଦୈନିକ "ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ନାମକଲ୍ୟାଣ ମହାପାତ୍ର ଓ ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ରଙ୍କୁ ଉପଢୌକନ ଦେଇ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଉତ୍ତରରେ କାନ୍ତକବିଙ୍କ ଦାୟାଦ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ବକ୍ତବ୍ୟରେ ଏଭଳି ସ୍ୱତନ୍ତ୍ର ଭବ୍ୟ କାର୍ଯ୍ୟକ୍ରମ ଲାଗି ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏହି କାର୍ଯ୍ୟକ୍ରମ ସବୁ ଜିଲ୍ଲାରେ ଆୟୋଜନ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ଉତ୍ସବରେ ମନ୍ତ୍ରୀ ଓ ଅତିଥିମାନେ ଓଡ଼ିଆ ପକ୍ଷର ଲୋଗୋ ଉନ୍ମୋଚନ କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ତାଙ୍କ ସ୍ୱାଗତ ବକ୍ତବ୍ୟରେ ଭଦ୍ରକ ଏକମାତ୍ର ଜିଲ୍ଲା ଭାବେ ଏପରି ଭବ୍ୟ ଆୟୋଜନ କରିଥିବାରୁ ଏହି ଗର୍ବମୟ ମୁହୂର୍ତ୍ତକୁ ସଫଳ ଲାଗି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ଶେଷରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ବାସୁଦେବପୁର, ଚାନ୍ଦବାଲି, ବନ୍ତ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ସହ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସର୍‌କା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ଶତପଥୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଉପସ୍ଥିତ ଥିଲେ।

### କାନ୍ତକବିଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା ଏବଂ 'ଓଡ଼ିଆ ପକ୍ଷ'ର ଲୋଗୋ ଉନ୍ମୋଚନ

## ଏନ୍‌ଆର୍‌ଆଇ ଅନ୍ତର୍ଜାତୀୟ ବିଦ୍ୟାଳୟ



ଭଦ୍ରକ,୧।୪(ସମିସ): ଭଦ୍ରକ ଆରଡ଼ି ଛକସ୍ଥିତ ଏନ୍‌ଆର୍‌ଆଇ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ ଅତିଥିରୂପେ ଯୋଗଦେଇଥିଲେ। ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ଦ୍ୱାରା ପରିଚାଳିତ ସଭାରେ ବିଦ୍ୟାଳୟର ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ସୁଶାନ୍ତ ପାଣି, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଅଭିଭାବିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉତ୍କଳ ଦିବସ ହେଉଛି ଓଡ଼ିଆ ସ୍ୱାଭିମାନର ନିଦର୍ଶନ। ଏହା ଆମମାନଙ୍କ ମଧ୍ୟରେ ଜାତୀୟ ଭାବନା ଓ ଜାତୀୟ ଏକତା ସୃଷ୍ଟି କରେ ବୋଲି ଆଲୋଚନା ହୋଇଥିଲା।

## ଧାମନଗର ବରିଷ୍ଠ ନାଗରିକ ପରିଷଦ

**ଧାମନଗର:** ଧାମନଗର ବରିଷ୍ଠ ନାଗରିକ ସଭାଗୃହରେ ଓଡ଼ିଶା ଦିବସ (ଉତ୍କଳ ଦିବସ) ପାଳିତ ହୋଇଯାଇଛି। ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ପବିତ୍ର ଓଡ଼ିଶା ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଯୋଗଦେଇ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନ ଦିବସ ହେଉଛି ଓଡ଼ିଶା ଦିବସ ବୋଲି ତାଙ୍କ ଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ଦଶରଥ ଦାସ, ନରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ଅଶୋକ ଦାସ, ଭୋଳାନାଥ ସାହୁ, ବିଶ୍ୱନାଥ ବେହେରା, ଧନାଞ୍ଜୟ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେଉଛି ଉତ୍କଳ ଦିବସ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଏକ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ କବିମାନେ ଯୋଗଦେଇ ଓଡ଼ିଶାର ଉତ୍କୃଷ୍ଟ କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ବପର୍ବାଣିକୁ ନେଇ କବିତାପାଠ କରିଥିଲେ। ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ଚାଲିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଓଡ଼ିଆ ଭାଷା, ସଂସ୍କୃତି ମନ୍ତ୍ରୀଙ୍କୁ ତହସିଲ୍‌ଦାରଙ୍କ ଜରିଆରେ ଧାମନଗର ବରିଷ୍ଠ ନାଗରିକ ପକ୍ଷରୁ ଏକ ଅନୁରୋଧ ପତ୍ର ଦେବା ପାଇଁ ସଭାରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସର୍ବ ଶେଷରେ ଉପସଭାପତି ଶ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାମନଗର ମିଡିଆ କ୍ଲବ୍



**ଧାମନଗର:** ଧାମନଗର ଏନ୍‌ଏସି ଅଧୀନ ଶାମପୁରସ୍ଥିତ ମେଡିକାଲ ବଜାରରେ ଥିବା ମିଡିଆ କ୍ଲବ୍ ତରଫରୁ କାର୍ଯ୍ୟାଳୟରେ ଉତ୍କଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ବୁଧବାର ସକାଳ ୮ଟା ୩୦ରେ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ୍‌ର ଉପସଭାପତି ସେକ୍ ଜାଫର ଅଲ୍ଲୀ, ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ ଦୀନକୃଷ୍ଣ ମହାପାତ୍ର, କୁମାରେଶ ବଳଭଦ୍ର ଖିଲାର, ମାନସ ମହାପାତ୍ର, ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ ଯୋଗଦେଇ ଉତ୍କଳର ବରପୁତ୍ରମାନଙ୍କର ମାଟି ମା' ପାଇଁ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିବା ସହ ବକ୍ତବ୍ୟ ରଖିଥିଲେ। ସଦସ୍ୟ ଏମ୍‌ଡି ଜାବିର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଧାମନଗର ଏନ୍‌ଏସି କାର୍ଯ୍ୟାଳୟ ତରଫରୁ ସହରାଞ୍ଚଳରେ ସ୍ଥାପିତ ହୋଇଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ବିଜୁ ପଟ୍ଟନାୟକ, ମହାତ୍ମା ଗାନ୍ଧୀ, ଏପିଜେ ଅବ୍ଦୁଲ କଲାମ, ଡ. ହରେକୃଷ୍ଣ ମହତାବ, ସାଗର ଭୂୟାଁଙ୍କ ସହ ଅନ୍ୟ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ସୂଚନା ଦେଇଛନ୍ତି।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲଠାରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରଞ୍ଜନ ପରିଡ଼ା ଯୋଗଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଆଲୁମ୍‌ନି କମିଟି ସଭାପତି ରଞ୍ଜନ ବେହୁରିଆ, ପଞ୍ଚସଖା ଶିକ୍ଷାସେତୁ ଉପସଭାପତି କରୁଣାକର ତରାଇ, ଶିକ୍ଷକ ନିର୍ମଳ ଧଳ, ପୂର୍ଣ୍ଣିମା ଧଳ ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ପାଳନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ହୋଇଥିବାବେଳେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ବନ୍ଦିତା ନାୟକ ଅତିଥି ପରିଚୟ ପ୍ରଦାନ, ରଞ୍ଜୁଲତା ବେହୁରିଆ ସ୍ୱାଗତ ଭାଷଣ ଓ ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍ ଅନ୍ତର୍ଗତ ଅନ୍ୟାନ୍ୟ ବିଦ୍ୟାଳୟଠାରେ ମଧ୍ୟ ଉତ୍କଳ ଦିବସ ପାଳିତ ହୋଇଥିବା ଜଣାପଡ଼ିଛି।



**ଅସୁରାଳି:** ଧୂଷୁରୀ ପ୍ରେସ୍ ୟୁନିଅନ ଓ ଧୂଷୁରୀ ସାର୍ବଜନୀନ ବାସନ୍ତୀ ପୂଜା କମିଟିର ମିଳିତ ଆନୁକୂଲ୍ୟରେ ଧୂଷୁରୀସ୍ଥିତ ବାସନ୍ତୀ ପଡ଼ିଆଠାରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ନାୟକ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସମାଜସେବୀ ଚତୁର୍ଭୁଜ ନାୟକ ଉକ୍ତ ସଭାକୁ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ ଯୋଗଦେଇ ଓଡ଼ିଶାର କଳା, ଭାସ୍କର୍ଯ୍ୟ ଏବଂ ସମୃଦ୍ଧ ଇତିହାସ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କାହ୍ନୁଚରଣ ପଣ୍ଡା, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଓ ଧାମନଗର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସଚିକାନ୍ତ ପଣ୍ଡା ଉପସ୍ଥିତ ରହି ଓଡ଼ିଶା ଗଠନର ଇତିହାସ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ସ୍ୱାଇଁ, ପ୍ରମୋଦ ପତ୍ରି, ଶିବ ପ୍ରସାଦ ନାୟକ, ଦୟାନିଧି ନାଥ, ଖଗେଶ୍ୱର ପାଗଳ, ସରୋଜ ନାୟକ ଏବଂ ବିଭୂଦତ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। କମିଟି ସମ୍ପାଦକ ନିରୋଦ ବେହେରା ଏବଂ ସଦସ୍ୟ ବ୍ରଜ କିଶୋର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଅସୁରାଳି,୧।୪(ସମିସ): ଧାମନଗର ବ୍ଲକ୍ ସୂର୍ଯ୍ୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ତାଙ୍କୁ ବିଦ୍ୟାଳୟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତରାଇ ସଭାପତିତ୍ୱ କରିଥିବାବେଳେ ନରେନ୍ଦ୍ର କୁମାର ଗୋସ୍ୱାମୀ ସଭା ପରିଚାଳନା କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ନିରୋଦ ବେହେରା। ଶିକ୍ଷକ ବିକାଶ ନାୟକ ରଘୁନାଥ ବାବୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ ସମ୍ପର୍କିତ ମାନପତ୍ର ପାଠ କରିଥିଲେ। ଶେଷରେ ସସ୍ମିତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିନ୍ମୟୀ ବାରିକ, ଅକ୍ଷୟ ହୋତା, ସୁଜାତା ମହାନ୍ତି, କୃଷ୍ଣ ଚନ୍ଦ୍ର ମିଶ୍ର, ସତ୍ୟବ୍ରତ ରାଉତ, ଶୁଭେନ୍ଦୁ ମାଝୀ, ମେନକା ମଲିକ, ପୁଷ୍ପଲତା ପାଣିଗ୍ରାହୀ, ସୁରେନ୍ଦ୍ର ରାଉତ, ମାୟାଧର ବିଶ୍ୱାଳ, ଶିବ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶାରଦା ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ କବିତା ପୁସ୍ତକ ଉନ୍ମୋଚିତ




ଭଣ୍ଡାରିପୋଖରୀ,୧।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ଶାରଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳନ କରିଥିଲେ କୁଞ୍ଜଲତା ସେନାପତି ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଗୁରୁଜୀ ପବନ କୁମାର ନାୟକ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଉଦ୍‌ଘାଟକ ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଭଦ୍ରକ ବରିଷ୍ଠ ବୈଜ୍ଞାନିକ ବିନୋଦ ବିହାରୀ ନାୟକ, ତାରାକାନ୍ତ ରାଉତ, ଶାରଦା ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଚକ୍ରଧର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଶାରଦା ବିଦ୍ୟାମନ୍ଦିର ଭଣ୍ଡାରିପୋଖରୀ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱମ୍ଭର ନାଥ ସମେତ ଶାରଦା ବିଦ୍ୟାମନ୍ଦିର ପରିଚାଳନା କମିଟି ସଦସ୍ୟ ନିର୍ମଳ କୁମାର ସେନାପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଉତ୍ସବରେ କବି ପବନ କୁମାର ନାୟକଙ୍କ ଶିଶୁ କବିତା ସଂକଳନ 'ଶୀତ ସାଥେ ଆସ ବସିବା ମିତ'ର ଉନ୍ମୋଚନ ହେବା ସହିତ ମୁଖପତ୍ର 'ଶାରଦା'ର ଉନ୍ମୋଚନ ମଧ୍ୟ ହୋଇଯାଇଛି। ପିଲାମାନଙ୍କ ଦ୍ୱାରା ନାଚଗୀତ ସହିତ ନାଟକ ଅଭିନୟ ପରିବେଷଣ କରାଯାଇ ପୁରସ୍କାର ବିତରଣ କରାଯାଇଛି। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାମନ୍ଦିରର ଗୁରୁଜୀ ଶୁଶାନ୍ତ ସେନାପତି।

## ସାକାର ହେବ ଆଦିବାସୀ ଦମ୍ପତିଙ୍କ ବାସଗୃହ ସ୍ୱପ୍ନ




ବାରିକପୁର,୧।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ମଠ ପଡ଼ିଆଠାରେ ଦୀର୍ଘ ବର୍ଷ ଧରି ଏକ ଭଙ୍ଗା କୁଡ଼ିଆରେ ଆଦିବାସୀ ଦମ୍ପତି ରହିଛନ୍ତି। ବହୁବାର ଆପତ୍ତି ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ ସରକାରୀ ବାସଗୃହ ଖଣ୍ଡିଏ ମିଳୁନାହିଁ। ଏନେଇ ପ୍ରଥମେ ଗତ ଫେବୃଆରୀ ଶେଷ ସପ୍ତାହରେ ଦୈନିକ "ସକାଳ'ରେ ଭଙ୍ଗା କୁଡ଼ିଆରେ ଅସହାୟ ଜୀବନ ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଜିଲ୍ଲା ପ୍ରଶାସନ ଖବରକୁ ଗୁରୁତ୍ୱର ସହିତ ନେଇଥିବାବେଳେ ଆଦିବାସୀ ଦମ୍ପତି ନନ୍ଦକିଶୋର ସୋରେନ ଓ ସୁମତୀ ସୋରେନଙ୍କ ବିଷୟରେ ତଦନ୍ତ ପାଇଁ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ଦେବଦତ୍ତ ଦାଶଙ୍କ ଆଦେଶ ଅନୁଯାୟୀ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ ନନ୍ଦକିଶୋରଙ୍କ ନିକଟରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ଜାଣିବାକୁ ପାଇଥିଲେ। କେବଳ ବାସଗୃହ ନୁହେଁ ଭତ୍ତାରୁ ମଧ୍ୟ ଦୁହେଁ ବଞ୍ଚିତ ହୋଇଥିବା ଅଧିକାରୀଙ୍କୁ ଜଣାଯାଇଛି। ଏବେ ଦୁହିଁଙ୍କୁ ଭତ୍ତା ସହିତ ବାସଗୃହ ଖଣ୍ଡିଏ ମିଳିବ ବୋଲି ଆଶା ଉଜ୍ଜୀବିତ ହୋଇଛି।

## ପାଟୁଆଯାତ୍ରା ପାଇଁ ନୟାନନ୍ଦର ମା' କଣ୍ଟି ମଙ୍ଗଳା ପୀଠ ଉତ୍ସବମୁଖର

ତିହିଡ଼ି,୧।୪(ସମିସ): ଜିଲ୍ଲାର ପ୍ରମୁଖ ଶକ୍ତିପୀଠ ମଧ୍ୟରୁ ତିହିଡ଼ି ବ୍ଲକ୍ ଅନ୍ତର୍ଗତ ନୟାନନ୍ଦ ପଞ୍ଚାୟତର ନୟାନନ୍ଦ ଗାଁର ମା' କଣ୍ଟି ମଙ୍ଗଳା ଅନ୍ୟତମ। ପାଟୁଆଯାତ୍ରା ଓ ଘୋଡ଼ା ନାଚ ପାଇଁ ଏହି ପୀଠ ଚଳଚଞ୍ଚଳ ହେବାକୁ ଆରମ୍ଭ କଲାଣି। ଆଜକୁ ପ୍ରାୟ ଦେଢ଼ଶହ ବର୍ଷ ହେଲା ମା' ଏଠାରେ ଯଥାବିଧି ପୂଜା ପାଇ ଆସୁଛନ୍ତି। କିମ୍ବଦନ୍ତୀ ଅନୁସାରେ ଶିଖିରା ସମ୍ପ୍ରଦାୟର ଲୋକ ଏଠାରେ ବସବାସ କରୁଥିଲେ। ସେମାନେ ପ୍ରଥମେ ମା'ଙ୍କୁ ଏଠାରେ ରଖି ପୂଜା କରୁଥିଲେ। ଏଠାରେ ଥିବା କଣ୍ଟେଇ କୋଳି ବା କଣ୍ଟିକା ବଣରେ ମା' ସେତେବେଳେ ପୂଜା ପାଉଥିଲେ। ତେଣୁ ସେମାନେ ଏହି ଠାକୁରାଣୀଙ୍କୁ ମା' କଣ୍ଟିଖାଇ ନାମରେ ନାମିତ କରିଥିଲେ। ଏମିତି କିଛି ବର୍ଷ ଚାଲିବା ପରେ ଲୋକେ ଏକ ମାଟି ଘର ନିର୍ମାଣ କରି ସେଠାରେ ମା'ଙ୍କୁ ପୂଜା କଲେ। ତେବେ କିଛି ବର୍ଷ ମାଟି ଘରେ ପୂଜା ପାଇବା ପରେ ଲୋକେ ପାର୍ଶ୍ୱବର୍ତ୍ତୀ ନଈରୁ ଗେଙ୍ଗୁଟି ସଂଗ୍ରହ କରି ଏହାକୁ ଢେଙ୍କିରେ କୁଟି ଚୁନ ସୁଡୁକି ତିଆରି କରି ମା'ଙ୍କର ଗୋଟିଏ ଛୋଟ ମନ୍ଦିର ତିଆରି କରିଥିଲେ। ସେହି ମନ୍ଦିରରେ ମା' କିଛି ଦିନ ପୂଜା ପାଇବା ପରେ ଉକ୍ତ ଗ୍ରାମର ସ୍ୱର୍ଗତ ଦିବାକର ପାଣିଗ୍ରାହୀ ଓ ଅନ୍ୟ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏଠାରେ ଏକ ସ୍ଥାୟୀ ନୂତନ ମନ୍ଦିର ତିଆରି କରାଗଲା। ସେହି ଦିନଠାରୁ ଉକ୍ତ ମନ୍ଦିରରେ ମା'ଙ୍କର ବିଭିନ୍ନ ପର୍ବ ପାଳିତ ହୋଇଆସୁଛି। ପାଟୁଆ ମେଳଣ ଉତ୍ସବ ଏଠାରେ ମହାସମାରୋହରେ ପାଳିତ ହୋଇଥାଏ। ନୟାନନ୍ଦ ଗାଁ ସହିତ ସ୍ଥାନୀୟ ଶେରପୁର, ତୋରଣପଦା, ନୂଆସାହି, ଚକପୁର, ଗୋରାମାଟି ଓ ହାଟୁଆରୀ ଗାଁର ପାଟୁଆମାନେ ମାନସିକ କରି ଏଠାରେ ପାଟୁଆ ନୃତ୍ୟ ପ୍ରଦର୍ଶନ କରିଥାଆନ୍ତି। ଏହି ପାଟୁଆ ଯାତ୍ରାର ଏକ ବିଶେଷତ୍ୱ ହେଲା ନୟାନନ୍ଦ ପାଟୁଆ ଦଳ ଭକ୍ତମାନେ ନିଜ ଜିଭରେ ୫୦ ଗ୍ରାମରୁ ଅଧିକ ଲୁହାରେ ତିଆରି ତ୍ରିଶୂଳ ଫୋଡ଼ି ଏକ ଘଣ୍ଟାରୁ ଅଧିକ ମା'ଙ୍କ ଆଗରେ ନୃତ୍ୟ ପରିବେଷଣ କରିଥାଆନ୍ତି। ପୁଣି ପରଦିନ ସେମାନେ ଅଣ୍ଟାରେ ୨ଟି ଦେଢ଼ଫୁଟ୍ ଲମ୍ବର ଲୁହା କଣ୍ଟା ଫୋଡ଼ି ନୃତ୍ୟ ପରିବେଷଣ କରିଥାଆନ୍ତି। ଏହି କଣ୍ଟିମଙ୍ଗଳାଙ୍କର ଆଉ ଏକ ପର୍ବ ହେଉଛି ଘୋଡ଼ା ନାଚ। ଚୈତ୍ରମାସ ପୂର୍ଣ୍ଣମୀର ଦିନକ ପରେ ଏହି ପର୍ବ ଅନୁଷ୍ଠିତ ହୋଇଥାଏ। ଏହାଛଡ଼ା କାର୍ତ୍ତିକ ପୂର୍ଣ୍ଣମୀରେ ଏଠାରେ ମହାସମାରୋହରେ ଡଙ୍ଗା ଭସା ପର୍ବ ମଧ୍ୟ ପାଳନ କରାଯାଇଥାଏ। ଏହା ବ୍ୟତୀତ ଦଶହରାରେ ମା'ଙ୍କ ପୀଠରେ ଦଶହରା ପର୍ବ ସହିତ ବିଶ୍ୱକଲ୍ୟାଣ ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏଠାରେ ମା'ଙ୍କର ପୂଜା ପ୍ରତିଦିନ ଅନୁଷ୍ଠିତ ହେଉଥିବାବେଳେ ମଙ୍ଗଳବାର ଓ ଶନିବାର ଏଠାରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ସେହିପରି ମା'ଙ୍କ ପୀଠରେ ପର୍ବପର୍ବାଣି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ବି ଅନୁଷ୍ଠିତ ହୋଇଥାଏ।

## ପ୍ରତିଭା ସମ୍ବର୍ଦ୍ଧନା ପ୍ରେରଣା ଯୋଗାଇଥାଏ



ବାରିକପୁର,୧।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନେରଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଦେବଦାସୀ ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିଭା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ କୀର୍ତ୍ତନ ବିହାରୀ ମଲ୍ଲିକଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଦେବଦତ୍ତ ଦାଶ ଯୋଗଦେଇ ପ୍ରତିଭା ସମ୍ବର୍ଦ୍ଧନା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରି ନାରାୟଣ ରାଉତ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ସମାଜସେବୀ ସୁରେନ୍ଦ୍ର ରାଉତ, ମୁକ୍ତିକାନ୍ତ ମହାନ୍ତି, ସୂର୍ଯ୍ୟମଣି ରାଉତ, ଶରତ ଚନ୍ଦ୍ର ଜେନା, ରବୀନ୍ଦ୍ର ଦେ ଓ ବୈକୁଣ୍ଠ ନାଥ ପତି ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡାହଲା ପୁରୀପଡ଼ା ଗ୍ରାମର ପ୍ରତିଭାସମ୍ପନ୍ନ ଛାତ୍ରୀ ତଥା କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକୋତ୍ତର ଟପ୍ପର ହୋଇଥିବା ଶୁଭଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ସୂଚିତ ଶୁଭଶ୍ରୀ ଏଫ୍‌ଏମ୍ କଲେଜରେ ଟପ୍ପର ହୋଇଥିବାବେଳେ ପୂର୍ବରୁ ରାଷ୍ଟ୍ରପତି ତାଙ୍କୁ ସ୍ୱର୍ଣ୍ଣ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ୍ ପାଇଁ ସେ ଗୌରବ ଆଣିଥିବାବେଳେ ପଞ୍ଚାୟତ ପକ୍ଷରୁ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ତାଙ୍କ ବାପା ତନ୍ମୟ ମହାନ୍ତି ଓ ମାଆ ସେବତୀ ମହାନ୍ତିଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ସକାଳ ପ୍ରଭାବ: ଖବର ପ୍ରକାଶ ପରେ ବିଦ୍ୟାଳୟରେ ହେଲା ବିଦ୍ୟୁତ୍ ସଂଯୋଗ

ବନ୍ତ/ଆଗରପଡ଼ା,୧।୪(ସମିସ): ଗତ ଫେବୃଆରୀ ୧୨ ତାରିଖରେ 'ବକେୟା ବିଜୁଳି ବିଲ୍ ପୈଠରେ ବିଳମ୍ବ; ୨୯ ବିଦ୍ୟାଳୟରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଜଣାପଡ଼ିଛି। ପିଲାଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ନିଜର ଦୂରଦୃଷ୍ଟିର ଅଭାବ ଯୋଗୁଁ ଉକ୍ତ ଯୋଜନାର ସଫଳ ରୂପାୟଣ ହେବା ପରିବର୍ତ୍ତେ ଦିନକୁ ଦିନ ଏହା ବିଫଳ ହେବାରେ ଲାଗିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ଶିକ୍ଷାଧିକାରୀଙ୍କ କ୍ଷେତ୍ରରେ। ଉକ୍ତ ବ୍ଲକ୍‌ର ଶିକ୍ଷା ବିଭାଗରେ ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ ବିଭାଗ ପକ୍ଷରୁ ବକେୟା ବିଜୁଳି ବିଲ୍ ପୈଠ କରାଯାଇ ନ ଥିବାରୁ ପ୍ରାୟ ୨୯ଟି ବିଦ୍ୟାଳୟରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗୀକରଣକୁ କାଟି ଦିଆଯାଇଥିଲା। ଯଦ୍ୱାରା ପିଲାଙ୍କ ଶିକ୍ଷାଲାଭ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିଲା।

ସୂଚନା ଅନୁଯାୟୀ, ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଗୋପିନାଥପୁର ସରକାରୀ ନୋଡାଲ ୟୁପି ସ୍କୁଲ, ମହତାବ ଏମ୍‌ଇ ବିଦ୍ୟାଳୟ, ଏଚ୍‌ଏମ୍‌ଆର୍‌ସି ନୋଡାଲ ୟୁପି ସ୍କୁଲ, ସାହୁପଡ଼ା ସରକାରୀ ୟୁପି ସ୍କୁଲ, ଟିଲୋ ଗଡ଼ଚଣ୍ଡୀ ସରକାରୀ ୟୁପି ସ୍କୁଲ, ବନବିହାରୀ ନୋଡାଲ ୟୁପି ସ୍କୁଲ, ଏଚ୍‌ଏମ୍‌ଏସ୍ ତିର ଏମ୍‌ଇ ସ୍କୁଲ, ବିରିଡିହି ବୁଢ଼ୀ ଜାଗୁଳାଇ ୟୁପି ସ୍କୁଲ, ବନ୍ତଳା ନୋଡାଲ ୟୁପି ସ୍କୁଲ, ସଖିପାଟଣା ପିପିଏସ୍, ଏଚ୍‌ଏମ୍ ଟିଲୋ ହାଇସ୍କୁଲ, ସିଳନ୍ଦୀ ୟୁପି ସ୍କୁଲ, ନରିପୁର ୟୁପି ସ୍କୁଲ, ବସନ୍ତିଆ ଏମ୍‌ଇ ସ୍କୁଲ, ବରହମପୁର ଏଚ୍‌ଏମ୍ ବିପି ହାଇସ୍କୁଲ ପ୍ରମୁଖ ୨୯ଟି ସ୍କୁଲରେ ବିଜୁଳି ବିଲ୍ ପୈଠ କରାଯାଇ ନ ଥିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗୀକରଣକୁ କାଟି ଦିଆଯାଇଥିବା ଜଣାପଡ଼ିଥିଲା। ଏହିପରି ସମସ୍ୟା ସୃଷ୍ଟି ହେବା ପରେ ଗତ ଡିସେମ୍ବର ମାସ ପ୍ରଥମ ସପ୍ତାହରେ ବ୍ଲକ୍ ଶିକ୍ଷାଧିକାରିଣୀ ପ୍ରାଥମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଆବଶ୍ୟକୀୟ ଅର୍ଥ ଯୋଗାଇଦେବାକୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ଗତ ଜାନୁଆରୀ ୧୯ ତାରିଖରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଅର୍ଥ ମଞ୍ଜୁର ହେବା ପର୍ଯ୍ୟନ୍ତ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ବିଦ୍ୟୁତ୍ ଯୋଗାଇଦେବାକୁ ଅନୁରୋଧ କରିଥିବା ଜଣାପଡ଼ିଥିଲା। କିନ୍ତୁ ଖବର ପ୍ରକାଶିତ ହେବା ପର୍ଯ୍ୟନ୍ତ ଉକ୍ତ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରି ନ ଥିବାରୁ ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବାରେ, ପିଇବାପାଣି ଯୋଗାଣରେ, ପରିସ୍ରାଗାର ବ୍ୟବହାରରେ, କିଚେନ ଗାର୍ଡେନରେ ଆବଶ୍ୟକ ପାଣିର ଅଭାବ ପୂରଣ କରିବାରେ ବହୁବିଧ ସମସ୍ୟା ଉପୁଜିଥିଲା। ଏହିପରି ସମସ୍ୟା ଯୋଗୁଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ପାଠ୍ୟ ତାଲିକା ସାରିବାରେ ଅସୁବିଧା ସୃଷ୍ଟି ହେବା ସହ ସମୟ ଅବଧି ମଧ୍ୟରେ ପାଠପଢ଼ା ସରିପାରୁନାହିଁ। ତେଣୁ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖିବା ସହ ସରକାରୀ ଯୋଜନା ପ୍ରହସନରେ ପରିଣତ ହେବା ଆଗରୁ ପ୍ରାଥମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଆବଶ୍ୟକୀୟ ଅର୍ଥ ତୁରନ୍ତ ଯୋଗାଇଦେବା ସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ନୋଟିସ ଲାଗିବା ଆଗରୁ ଅଧିକାରୀମାନେ ଏହାର ବିକଳ୍ପ ଚିନ୍ତା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।



ସକାଳ
THE SAKALA



## ପାରାଦୀପ ବନ୍ଦରର ନୂତନ ରେକର୍ଡ

# ୧୫୬.୪୫ ଏମ୍ଏମ୍‌ଟି ପଣ୍ୟ କାରବାର କରି ରେକର୍ଡ

ପାରାଦୀପ,୧।୪(ସମିସ)




ପଣ୍ୟ ପରିବହନ କ୍ଷେତ୍ରରେ ପାରାଦୀପ ବନ୍ଦର ପୂର୍ବ ଭାରତରେ ରହିଥିବା ବୃହତ ବନ୍ଦରମାନଙ୍କ ମଧ୍ୟରେ ମାଇଲଷ୍ଟୋନ ରେକର୍ଡ ହାସଲ କରିବା ସହିତ ଭାରତ ବର୍ଷରେ ରହିଥିବା ସମସ୍ତ ବୃହତ୍ତ ବନ୍ଦରମାନଙ୍କ ମଧ୍ୟରେ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ପରିବହନ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ପ୍ରତିହିତ କରି ଐତିହାସିକ ମାନଦଣ୍ଡ ସ୍ଥାପନ କରି ପାରିଛି। ପାରାଦୀପ ବନ୍ଦର ୧୫୬.୪୫ ଏମ୍ଏମଟି ପଣ୍ୟ କାରବାର କରି ୧୫୫ ଏମ୍ଏମଟି କ୍ଲବରେ ସାମିଲ ହୋଇଛି। ୧୯୬୬ ମସିହାରୁ ପଣ୍ୟ କାରବାର ଆରମ୍ଭ କରିଥିବା ପାରାଦୀପ ବନ୍ଦର ଇତିହାସରେ ଏହା ସର୍ବୋତ୍ତମ ପାଣ୍ୟ କାରବାର; ଯାହାକି ଗତ ବର୍ଷ ତୁଳନାରେ ୪.୦୧ ପ୍ରତିଶତ ବୃଦ୍ଧି ହୋଇଛି। ଆର୍ନ୍ତଜାତୀୟ ବଜାରରେ ଆଇରନ୍ ଓର୍ ରପ୍ତାନୀ କ୍ଷେତ୍ରରେ ମାନ୍ଦାବସ୍ଥା ଏବଂ ପଶ୍ଚିମ ଏସିଆ ସଙ୍କଟର ପ୍ରଭାବରେ ଚୁନ ପଥର, ସାର ନିମନ୍ତେ ଆବଶ୍ୟକୀୟ କଞ୍ଚାମାଲ ଆମଦାନୀ ପ୍ରଭାବିତ ହୋଇଛି। ଦେଶର ପୂର୍ବ ଉପକୂଳର ସମସ୍ତ ବନ୍ଦରମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଏହାର ସଫଳତା ବଜାୟ ରଖିଛି। କୋଷ୍ଟାଲ କାର୍ଗୋ ପରିବହନ କ୍ଷେତ୍ରରେ ପାରାଦୀପ ବନ୍ଦର ୪୨.୦୬ ପ୍ରତିଶତ ବୃଦ୍ଧି କରିବାରେ ସଫଳ ହୋଇଛି। ପେଟ୍ରୋଲିୟମ୍, ତୈଳ ଆଦି ପରିବହନରେ ୨୫.୬୮ ପ୍ରତିଶତ ବୃଦ୍ଧି ହୋଇଛି। ଇସ୍ପାତ କାର୍ଗୋ କାରବାରରେ ୪୩ ପ୍ରତିଶତ ବୃଦ୍ଧି ହୋଇ ରେକର୍ଡ ସୃଷ୍ଟି କରିଛି। କୋଇଲା ପରିବହନ କ୍ଷେତ୍ରରେ ୪.୪୪ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ କଣ୍ଟେନର ପରିବହନରେ ୭.୭୭ ପ୍ରତିଶତ ବୃଦ୍ଧି ହୋଇଛି। ଫ୍ଲକ୍ସ ପରିବହନରେ ୧୮.୩୨ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ ଏଲ୍‌ପିଜି ପରିବହନ କ୍ଷେତ୍ରରେ ୧୦୫ ପ୍ରତିଶତ ବୃଦ୍ଧି ପାଇଛି। ପିପିଏ ଅପରେଟରମାନେ ଚଳିତ ଥର ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିଛନ୍ତି। ପଶ୍ଚିମ ଡକ୍ ଜେପିପିଏଲ୍ ଦ୍ୱାରା ନିର୍ମାଣାଧୀନ ରହିଛି। ଚଳିତ ବର୍ଷ ଏହା ସମ୍ପୂର୍ଣ୍ଣ ହେବା ସହିତ ବାର୍ଷିକ ୨୫ ଏମଏମଟି ପଣ୍ୟ କାରବାର କରିବା ଲକ୍ଷ୍ୟ ରହିଛି। ୨୦୩୦ ମସିହା ବେଳକୁ ପାରାଦୀପ ବନ୍ଦର ଦେଶର ପ୍ରଥମ ପୂର୍ଣ୍ଣ ଯାନ୍ତ୍ରିକୃତ ବନ୍ଦର ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରଖାଯାଇଛି। ବାହୁଦା ମୁହାଣରେ ପାରାଦୀପ ବନ୍ଦର ଏହାର ନିଜସ୍ୱ ସାଟେଲାଇଟ୍ ବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଏନେଇ ଆଜି ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଅଧିକାରୀ, କର୍ମଚାରୀ, ଶ୍ରମିକ ସଂଘ, ସମସ୍ତ ସହଯୋଗୀ, ରପ୍ତାନକାରୀ, ଆମଦାନୀକାରୀ ସଂସ୍ଥା, ପିପିପି ଅପରେଟର, ଷ୍ଟିଭେଡୋର୍ସ, ସିଫିଂ ଏଜେଣ୍ଟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ହେଲେ ଅମରେନ୍ଦ୍ର



ଜଗତସିଂହପୁର,୧।୪(ସମିସ): ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରୂପେ ନୂଆ ଦାୟିତ୍ୱ ମିଳିଛି। ଏହି ଖବର ପ୍ରକାଶ ପାଇବା ପରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦଳୀୟ ନେତା, କର୍ମୀ ଏବଂ ସାଧାରଣ ଜନତା ବିଧାୟକଙ୍କ ଗୋପାଳସାଗର ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ରଞ୍ଜନ ସ୍ୱାଇଁ, ଅକ୍ଷୟ ପାତ୍ର, ଜଗନ୍ନାଥ ଦାଶ, ପାରିଷଦ ଦେବାଶିଷ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଶାରଦା ରଣା, ସମୀର ପଟ୍ଟନାୟକ, ବରଦା ପ୍ରସାଦ ରାୟ, ସଞ୍ଜୟ ପଲାଉ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ତାପସ ଦାସ, ଅଶୋକ ଭୋଇ, କାଳନ୍ଦୀ ବେହେରା, କିଶୋର ମହାନ୍ତିଙ୍କ ସମେତ ଶହ ଶହ ସଂଖ୍ୟାରେ ଦଳୀୟ କର୍ମୀ ଯୁବଛାତ୍ର ଯୋଗ ଦେଇ ଶୁଭେଚ୍ଛା ଜଣାଇଥିଲେ।

## ରାଣୀତୋଳାରେ ହନୁମାନଜୀଉଙ୍କ ବାର୍ଷିକୋତ୍ସବ

ତିର୍ତ୍ତୋଲ,୧।୪(ସମିସ): ତିର୍ତ୍ତୋଲ ବ୍ଲକର ପୋରଗଦେଇ ପଞ୍ଚାୟତ ଅନ୍ତର୍ଗତ ରାଣୀତୋଳା ଗ୍ରାମସ୍ଥିତ ଶ୍ରୀଶ୍ରୀ ପବନସୂତ ହନୁମାନଜୀଉଙ୍କର ପ୍ରଥମ ବାର୍ଷିକୋତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି। ତ୍ରିଦିବସୀୟ ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପ୍ରଥମ ଦିବସର ସନ୍ଧ୍ୟାରେ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ଇଣ୍ଟରନେସନାଲ ଗୀତା ମିଶନର ଅଧ୍ୟକ୍ଷ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଉଦ୍‌ଘାଟନ କରି ଆର୍ଶୀବଚନ ପ୍ରଦାନ କରିଥିଲେ। ପ୍ରାତଃ ସମୟରୁ ୧୦୮ ରୁ ଊର୍ଦ୍ଧ ଭକ୍ତ ମହାନଦୀରୁ ପବିତ୍ର ଜଳ ଆଣି କଳସଗୁଡ଼ିକ ଯଜ୍ଞ ମଣ୍ଡପରେ ସ୍ଥାପିତ କରାଯାଇଥିଲା। ପରେ ବୈଦିକ ପଣ୍ଡିତ ନିରଞ୍ଜନ ଦାଶ ଓ ପଣ୍ଡିତ ସୁଶୀଲ ଆଚାର୍ଯ୍ୟ ସମେତ ବହୁ ପଣ୍ଡିତଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋପୂଜନ, ଗୋବିନ୍ଦ ନାରାୟଣ ପୂଜନ ଓ ହବନ ସହିତ ସନ୍ଧ୍ୟାରେ ଆଳତି କରାଯାଇଥିଲା। କର୍ତ୍ତା ଭାବେ ଅଭୟ ସ୍ୱାଇଁ ଓ କର୍ତ୍ତୀ ଭାବେ ସୁପ୍ରଭା ସ୍ୱାଇଁ ଯଜ୍ଞମଣ୍ଡପରେ ଉପସ୍ଥିତ ଥିଲେ। ପ୍ରବଚନ ମଞ୍ଚର ସମସ୍ତ କାର୍ଯ୍ୟକ୍ରମକୁ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁନନା) ପରିଚାଳନା କରିଥିଲେ।

## ଆଖଣ୍ଡଳମଣୀ ବିଦ୍ୟାପୀଠରେ ସମ୍ବର୍ଦ୍ଧନା

କୁଜଙ୍ଗ,୧।୪(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଖୁଣ୍ଟଲ ସ୍ଥିତ ଆଖଣ୍ଡଳମଣି ବିଦ୍ୟାପୀଠ ପକ୍ଷରୁ ବିଦ୍ୟାଳୟ ପ୍ରତିଷ୍ଠା ହେବାଠୁ କାର୍ଯ୍ୟରତ କିରାଣି ଅନିରୁଦ୍ଧ ବିଶ୍ୱାଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ମୁଖ୍ୟବକ୍ତା ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ବସନ୍ତ କୁମାର ଦାସ, ଓଷ୍ଟାର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସୁବାସ ଚନ୍ଦ୍ର ଦାସ, ସ୍କୁଲ୍‌ର ପ୍ରାକ୍ତନ ସମ୍ପାଦକ ଅଭୟ କୁମାର ସାହାଣୀ, ଶିକ୍ଷକ ନେତା ଅନାଦି ଚରଣ ଖଟୁଆ, ସ୍କୁଲ୍ ପ୍ରମୁଖ ପ୍ରତିଷ୍ଠାତା ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ବରିଷ୍ଠ ଶିକ୍ଷକ ତଥା ଓଷ୍ଟା ବ୍ଲକ ସମ୍ପାଦକ ବିନୋଦ ବିହାରୀ ମୁଦୁଲି ମଞ୍ଚ ସଂଯୋଜନା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର, ଗଣିତ ଶିକ୍ଷୟିତ୍ରୀ ବବିତା ନାୟକ, ହରିହର ମିଶ୍ର, ପ୍ରଶାନ୍ତ ପ୍ରଧାନ, ହିମାଂଶୁ ଶେଖର ସାହୁ, ବାବାଜୀ ସାହୁ, ସଞ୍ଜୟ ଦାସ, ସରୋଜ ସ୍ୱାଇଁ, ନିରଞ୍ଜନ ସାହୁ, ସଞ୍ଜୟ ସ୍ୱାଇଁ ପ୍ରମୁଖ ସଭା ଓ ସମ୍ବର୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧।୪(ସମିସ): ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ମାର୍କଣ୍ଡପୁର ଠାରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟଜିତ୍ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସହକାରୀ ଶିକ୍ଷକ ଚନ୍ଦ୍ରଭାନୁ ଷଡ଼ଙ୍ଗୀ ବାଲ୍ୟ ବିବାହ ଦୂରୀକରଣ କରିବା ଉଦ୍ଦେଶ୍ୟରେ ନିଜ ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ। ସହକାରୀ ଶିକ୍ଷୟତ୍ରୀ ବୈଜୟନ୍ତୀ ତ୍ରିପାଠୀ ଓ ନିହାରିକା ମହାନ୍ତି ନିଜର ଅଭିଭାଷଣ ରଖି ପ୍ରଦୂଷଣ ମୁକ୍ତ ପୃଥିବୀ ବନାଇବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ଅଧ୍ୟକ୍ଷତା କରିବା ସହିତ ନିଜର ଅଭିଭାଷଣ ରେ କହିଥିଲେ ଯେ ଜଳ, ବାୟୁ ଏବଂ ମୃତ୍ତିକା ପ୍ରଦୂଷଣକାରୀ ଏବଂ ଏହି ପ୍ରଦୂଷଣ କିପରି ରୋକାଯାଇ ପାରିବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ଏବଂ ଏହା ସହିତ ଜଡିତ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ୍ ପରି ପ୍ରଦୂଷଣ ବଢ଼ାଉଥିବା ବସ୍ତୁକୁ ବ୍ୟବହାର କମ କରି ପୁନଃ ଚକ୍ରଣ ପ୍ରକ୍ରିୟାରେ ବ୍ୟବହୃତ ହୋଇ ପାରୁଥିବା ଜିନିଷକୁ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିଥିଲେ। ପରିଶେଷରେ ସହକାରୀ ଶିକ୍ଷକ ସୁଜନ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ବର୍ଣ୍ଣବୋଧ କାର୍ଯ୍ୟକ୍ରମ ଆୟୋଜିତ

ପାରାଦୀପ,୧।୪(ସମିସ): ପାରାଦୀପ ଉପକଣ୍ଠ ଭିମାନାସି ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ବିବେକାନନ୍ଦ ୟୁଥ୍ କ୍ଲବ ଆନୁକୂଲ୍ୟରେ ଉତ୍କଳ ଦିବସ ପାଳନ ଅବସରରେ ଆମ ବର୍ଣ୍ଣବୋଧ କାଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଅନୁପମା ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କ୍ଲବର ସଭାପତି ଜଗନ୍ନାଥ ହାଲଦାର, ସମ୍ପାଦକ ପ୍ରକାଶ ରାୟ, କାର୍ଯ୍ୟକାରୀ ସଭାପତି ଅଜୟ ମିସ୍ତ୍ରୀ, ସାନୁ ଦାସ, ଶଙ୍କର ମିର୍ଦ୍ଧା, ବିଡଟି ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ପ୍ରତି କିଭଳି ଆଦର ବଢିବ, ତାହା ବର୍ଣ୍ଣବୋଧ ପଠନ ଦ୍ୱାରା ହିଁ ସମ୍ଭବ ହୋଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ସମସ୍ତ କୁନି କୁନି ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବହି ପଠନ କରିବା ପାଇଁ ବଣ୍ଟନ କରାଯାଇଥିଲା।

## ରଶ୍ମିରଞ୍ଜନଙ୍କ ବିୟୋଗରେ ସ୍ମୃତିସଭା



ପାରାଦୀପ,୧।୪(ସମିସ): ପାରାଦୀପ ପ୍ରେସ୍ ମିଡିଆ ଓ ଓଡ଼ଶା ସାମ୍ବାଦିକ ସଂଘ ପାରାଦୀପ ଶାଖା ଆନୁକୂଲ୍ୟରେ ଆଜି ପାରାଦୀପ ଅଞ୍ଚଳର ଯୁବ ସାମ୍ବାଦିକ ରଶ୍ମି ରଞ୍ଜନ ରାଉତରାୟ (ବାପି)ଙ୍କ ପାଇଁ ଆଜି ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କରାଯାଇଥିଲା। ଆଜି ଦଶାହରେ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ସ୍ମୃତିସଭାକୁ ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ବାପି ଖବର ସଂଗ୍ରହ ବେଳେ ସବୁବେଳେ ଚଳ ଚଞ୍ଚଳ ଥିଲେ, ଖବର ପଛରେ ସବୁବେଳେ ଦୌଡୁ ଥିଲେ। କିନ୍ତୁ ସେ ଆଜି ନିଜେ ଏକ ଖବର ପାଲଟି ଯାଇଛନ୍ତି। କୁହନ୍ତି ଦୁଃଖ କେବେ ଏକୁଟିଆ ଆସେ ନାହିଁ, ହେଲେ ଯିବା ବେଳକୁ ଗୋଟିଏ ହସ ଖୁସିର ପରିବାରକୁ ଏକୁଟିଆ କରି ଚାଲିଯାଏ ବୋଲି ଯୋଗଦେଇଥିବା ସବୁ ସହକର୍ମୀମାନେ ନିଜ ନିଜର ସ୍ମୃତିରେ ବଖାଣିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପାରାଦୀପର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଜୟନ୍ତୀ



ଜଗତସିଂହପୁର,୧।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣାସ୍ଥିତ ପ୍ରଫୁଲ ପାଠାଗାର ପରିସରରେ ଉତ୍କଳ ଦିବସ ଓ ବୈଜ୍ଞାନିକ ଡ.ପ୍ରାଣକୃଷ୍ଣ ପରିଜାଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ଶିକ୍ଷାବିତ ରବୀନ୍ଦ୍ର ନାଥ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଏବଂ ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଶିକ୍ଷାବିତ ସତ୍ୟବାଦୀ ଦାସ, ରାମଚନ୍ଦ୍ର ଆଚାର୍ଯ୍ୟ, ସଞ୍ଜୟ କୁମାର ସାମନ୍ତସିଂହାର ପ୍ରମୁଖ ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ପ୍ରାଣକୃଷ୍ଣ ପରିଜାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ନଗଦ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନ

ଜଗତସିଂହପୁର,୧।୪(ସମିସ): ଜଗତସିଂହପୁର ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଂଗଠନର ଜିଲ୍ଲା ସଭାପତି ଶିବ ପ୍ରସାଦ ମାଝୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ନବଉତ୍କଳର ନିର୍ମାତା ଉତ୍କଳଗୌରବ ମଧୁସୂଦନ ଦାସ, ସମ୍ବିଧାନ ପ୍ରଣେତା ବାବା ଆମ୍ବେଦକର, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଆର୍ତ୍ତତ୍ରାଣ ପତି, ଗୋବିନ୍ଦ ଓଝା, ଶଙ୍କର ଦାସ, କୋଷାଧକ୍ଷ ରବି ମହାନ୍ତି,ଅଧିବକ୍ତା ସୁରେନ୍ଦ୍ର ନାଥ ରାଉତରାୟ, ହିମାଞ୍ଚଳ ରାୟ, ଯୋଗଜନ୍ମା ଚାନ୍ଦ, ରୁଦ୍ର ନାରାୟଣ ନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଓଡ଼ିଆ ଭାଷାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ କାର୍ଯ୍ୟ ପରିଚାଳନା ପାଇଁ ପ୍ରଶାସନଙ୍କୁ ନିବେଦନ କରାଯିବ ବୋଲି ନିଷ୍ପତ୍ତି କରାଯାଇଥିଲା।

## ପାରାଦୀପ ମହାବିଦ୍ୟାଳୟରେ ଉତ୍କଳ ଦିବସ




ପାରାଦୀପ,୧।୪(ସମିସ): ପାରାଦୀପ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏସନ ଏବଂ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ ଆନୁକୂଲ୍ୟରେ ଆଜି ମିଳିତ ଭାବେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ତଥା ଆଲୁମ୍ନି ଆସୋସିଏସନର ଆବାହକ ଅକ୍ଷୟ ଚନ୍ଦ୍ର ମିଶ୍ର, ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ନଳିନୀ ସାହୁ, ଶଙ୍କର ପ୍ରସାଦ ରାଉତ, ମନମୋହନ ମିଶ୍ର, ବିଶ୍ୱଜିତ ସାମଲ ଏବଂ ଏନସିସି ଆଲୁମ୍ନିର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ନୀଳିମା ପ୍ରିୟଦର୍ଶିନୀ, ହରପ୍ରିୟା ପଟ୍ଟନାୟକ, ପଦ୍ମନାଭ ଦାସ, ଧର୍ମପଦ ବାଡ଼ଇ ଓ ପିକୁନ ସେନାପତି ପ୍ରମୁଖ ଯୋଗ ଦେଇ ମାଟିର ମହାନ ସ୍ୱାଧୀନତା ସେନାନୀ, ସାହିତ୍ୟିକ ଓ ସମାଜସେବୀମାନଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ। ଏଥିରେ ଏନସିସି କ୍ୟାଡେଟ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ଡିଏଭି ସ୍କୁଲ୍ ପିପିଏଲ୍‌ରେ ଉତ୍କଳ ଦିବସ



ପାରାଦୀପ,୧।୪(ସମିସ): ପିପିଏଲ୍‌ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବକ୍ତୃତା, ନୃତ୍ୟ, ସଙ୍ଗୀତ ଓ ଅଭିନୟ ମାଧ୍ୟମରେ ଉତ୍କଳ ଦିବସର ମାହାତ୍ମ୍ୟକୁ ସୁନ୍ଦର ଭାବରେ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ସମ୍ପାଦିତ ହୋଇଥିବା ବେଳେ ବରିଷ୍ଠ ଶିକ୍ଷକ ତଥା ବିଦ୍ୟାଳୟର ଦୁଇ ମାଧ୍ୟମର ସଂଯୋଜକଦ୍ୱୟ ଯଥାକ୍ରମେ ବୃନ୍ଦାବନ ରାଉତ ଏବଂ ମହେଶ୍ୱର ପାଣିଗ୍ରାହୀ ଏଥିରେ ସହଯୋଗ କରିଥିଲେ। ବିଦ୍ୟାଳୟର ଓଡ଼ିଆ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍କଳ ଦିବସ ଉପଲକ୍ଷେ ଡିଏଭି ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଓ ଆଞ୍ଚଳିକ ଅଧିକାରୀ ଯଥାକ୍ରମେ ଡ. କେଶବ ଚନ୍ଦ୍ର ଶତପଥୀ, ସୁଶ୍ରୀ ସୁଜାତା ସାହୁ ସମସ୍ତଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ।

## ଡିଏଭି ଇଫ୍‌କୋରେ ଉତ୍କଳ ଦିବସ



ପାରାଦୀପ,୧।୪(ସମିସ): ଡିଏଭି, ଇଫକୋ ବିଦ୍ୟାଳୟ ପକ୍ଷରୁ ୯୦ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନ୍ନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଇଫ୍‌କୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ପରିଚାଳକ (ବ୍ୟକ୍ତିଗତ ଓ ହିସାବ) ବିଜୟ କୁମାର ପରିଡ଼ା ଓ ଆରତୀ ପରିଡ଼ା ଯୋଗ ଦେଇଥିଲେ। ବିଦ୍ୟଳୟର ଛାତ୍ର ଦେବଜିତ ରାଉତ ପ୍ରାଚୀନ ଗୌରବବାହ ଉତ୍କଳ ଓ ବୀର ସଂଗ୍ରାମୀ, ଭାଷା ପ୍ରେମୀମାନଙ୍କ ଜୀବନୀ ଉପରେ ନିଜର ଆକର୍ଷଣୀୟ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ନନ୍ଦିତା ମହାପାତ୍ର ପ୍ରାଚୀନ ଗୌରବାବହ ଉତ୍କଳର ନାମକରଣ ଓ ଭାଷା ଆନ୍ଦୋଳନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଆକର୍ଷଣୀୟ ଦୃଶ୍ୟଶ୍ରାବ୍ୟ କାର୍ଯ୍ୟକ୍ରମ ଓ ଭାଷା ପୁରୋଧାମାନଙ୍କ କୌତୁକବେଶ ସମସ୍ତଙ୍କୁ ବେଶ ଆନନ୍ଦ ଦେଇଥିଲା। ପାରମ୍ପାରିକ ପାଲା ଓ ଗୀତଗୋବିନ୍ଦ ଗାନ ମାଧ୍ୟମରେ ଅର୍କଜ୍ୟୋତି ପ୍ରଧାନଙ୍କ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ ବେଶ ଉପଭୋଗ୍ୟ ହୋଇଥିଲା। ସୁଶ୍ରୀ ଯଶସ୍ୱିନୀ, ଆହନ ନିହରାଂଶୁ ଈକ୍ଷିତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସୁଶ୍ରୀ ଯଶସ୍ୱିନୀ ଧନ୍ୟବାଦ ଦେଇଥିଲେ।

## ଉତ୍କଳ ଦିବସରେ ଏରସମାରେ ଜଳଛତ୍ର

ଏରସମା,୧।୪(ସମିସ): ଜାତୀୟ ମାନବ ଅଧିକାର ସାମାଜିକ ନ୍ୟାୟ ପରିଷଦ ଏରସମା ଶାଖା ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକ ଠାରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ମାନବାଧିକାର ସାମାଜିକ ନ୍ୟାୟ ପରିଷଦର ଜଗତସିଂହପୁର ଜିଲ୍ଲା ସଭାପତି ଚନ୍ଦ୍ରକାନ୍ତ ଦାସ ଓ ଏରସମା ବ୍ଲକ ସଭାପତି ଚନ୍ଦ୍ରଜିତ୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏରସମା ଥାନା ଅଧିକାରୀ ପ୍ରେମଜିତ୍ ଦାସ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ନାଉଗାଁ ବ୍ଲକ ସଭାପତି ଦୀପ୍ତିରେଖା ସାହୁ, ନିଆଳୀ ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଜିଲ୍ଲା ଉପସଭାପତି ଇଂ. ନନ୍ଦ କିଶୋର ପରିଡା, ସାମାଜିକ ନ୍ୟାୟ ପରିଷଦ ସଭ୍ୟା ମନୁଆର ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଜେପି ନେତା ନୃସିଂହ ସାହୁ, ସରକାରୀ ଆଡଭୋକେଟ୍ ଅକ୍ଷୟ କୁମାର ସ୍ୱାଇଁ, ଶଶିଭୂଷଣ ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ସେଠୀ, ଆଡଭୋକେଟ୍ ବିରନାରାୟଣ ପାତ୍ର, ରବି ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ଏରସମା ବ୍ଲକ୍ ଉପସଭାପତି ଯଯାତି ସାମନ୍ତ ରାୟ, ସାମ୍ବାଦିକ ପ୍ରଶାନ୍ତ କୁମାର ମହାପାତ୍ର, ପର୍ଶୁରାମ ମନ୍ତ୍ରୀ, ଜନ ରାଉତ, ତୃପ୍ତି ରଞ୍ଜନ ମହାନ୍ତି, ସାମାଜିକ ନ୍ୟାୟ ପରିଷଦ ଜଗତସିଂହପୁର ଜିଲ୍ଲା ସଭ୍ୟ ଡ. ତନ୍ମୟ କୁମାର ସେଠୀଙ୍କ ସମେତ ଏରସମା ଏମବିକେ ଆଲୋକପ୍ରଭା ସ୍ୱାଇଁ ଓ ଇସି ମେମ୍ବର ମହିଳା ସହାୟିକା ଗୋଷ୍ଠୀର ବହୁ ସଦସ୍ୟା ମାନେ ଉପସ୍ଥିତ ଥିଲେ।

● ପଞ୍ଚମ ଦିନରେ ପିସିଏଲ୍

## ଜେସିସି ୱାରିୟର ଓ ଜିପିସି ଆଇହେରାସ ବିଜୟୀ




ପାରାଦୀପ,୧।୨(ସମିସ): ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ଜେସିସି ୱାରିୟର ବନାମ ବାବା ସାଇ ଡାଇମଣ୍ଡ ମଧ୍ୟରେ ଏନଏସି ଫିଲଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାବା ସାଇ ଡାଇମଣ୍ଡ ଟସ୍ ଜିତିବା ପରେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୭ଟି ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ। ଜବାବରେ ଜେସିସି ୱାରିୟର ୧୯.୩ ଓଭରରେ ୭ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରି ପ୍ରତିପକ୍ଷ ଠାରୁ ଜିତିଯାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ରାଜେଶ ସ୍ୱାଇଁ ହୋଇଥିଲେ। ମ୍ୟାଚ କୁ ପରିଚାଳନା କରିଥିଲେ ଦେବେନ୍ଦ୍ର ନାୟକ ଓ ନିରଞ୍ଜନ ଦାସ। ସେହିପରି ଦ୍ୱିତୀୟ ମ୍ୟାଚଟି ମହାକାଳ ୱାରିୟର ବନାମ ଜିପିସି ଆଇ ହେରାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାକାଳ ୱାରିୟର ୧୯.୨ ଓଭରରେ ୧୦ ୱିକେଟ ବିନିମୟ ରେ ମୋଟ ୯୧ ରନ ସଂଗ୍ରହ କରିଥିଲେ। ଜିପିସି ଆଇ ହେରାସ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରି ଜିତିଯାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିକାଶ ଶ୍ରୀବାସ୍ତାବ ହୋଇଥିଲେ। ଅତିଥି ଭାବେ ପୁରସ୍କାର ପ୍ରଦାନ କରିଥିଲେ ସମାଜସେବୀ ଧର୍ମେନ୍ଦ୍ର ପତି ଓ ପ୍ରଶାନ୍ତ କୁମାର ସାହୁ। ଆଜିର ମ୍ୟାଚ ପରିଚାଳନା କରିଥିଲେ ନିରଞ୍ଜନ ଦାସ ଓ ସଂଜୟ ପ୍ରଧାନ।

# ଓଡ଼ିଶା ଦିବସ ଓ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ଉଦ୍‌ଘାଟିତ




ଜଗତସିଂହପୁର,୧।୪(ସମିସ): ଆଜି ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ୨୦୨୬ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ'ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରିବା ସହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଜଗତସିଂହପୁର ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲା। କଳା,ସଂସ୍କୃତି, ଐତିହ୍ୟ ଓ ଶିକ୍ଷା କ୍ଷେତ୍ରରେ ଏ ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସାଂସ୍କୃତିକ ବିବିଧତାର ପ୍ରାଣବନ୍ତ ପ୍ରତିଛବି ହେଉଛି ଜିଲ୍ଲା ମହୋତ୍ସବ କଲ୍ଲୋଳ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ସବୁ ଓଡ଼ିଶାବାସୀ ଓଡ଼ିଆ ଭାବେ ଗର୍ବ କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ବିଭୂ ପ୍ରସାଦ ତରାଇ କହିଲେ ଜିଲ୍ଲାର ଉନ୍ନତି ଓ ଅଭିବୃଦ୍ଧି ଆମ ସମସ୍ତଙ୍କର କର୍ତ୍ତବ୍ୟ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଯୋଗଦେଇଥିଲେ। ଜିଲ୍ଲା ମହୋତ୍ସବ କଲ୍ଲୋଳ ଆମର କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିଛି ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ଜେ.ସୋନାଲ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶୋଭାଯାତ୍ରାକୁ ଜିଲ୍ଲାପାଳ ଶୁଭ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ କରାଯାଇଛି। ଏହି ଉତ୍ସବରେ ଓରମାସ ପକ୍ଷରୁ ଆୟୋଜିତ ଷ୍ଟଲ୍‌ରେ ଜିଲ୍ଲା, ତଥା ରାଜ୍ୟ ବାହାରୁ ଆସିଥିବା ଷ୍ଟଲ୍, ବିଭାଗୀୟ ଷ୍ଟଲ୍ ଏବଂ ଖାଦ୍ୟ ଷ୍ଟଲ ଆୟୋଜିତ ହୋଇଛି। ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତା, ଦେଶାତ୍ମବୋଧକ ସଂଗୀତ ଓ ଜଣାଅଜଣା ପ୍ରତିଯୋଗିତା, ଚିତ୍ରାଙ୍କନ, ମୋ ସ୍ୱପ୍ନର ଓଡ଼ିଶା ଆଧାରିତ ପ୍ରକଳ୍ପ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ରାମଧୂନ୍ ସହରରେ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରିରେ ଆସି ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ମିଳିତ ହୋଇଥିଲେ। ଏହା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରାକୁ ଜିଲ୍ଲାପାଳ ଶୁଭ ଉଦ୍‌ଘାଟନ କରିଥିଲେ।

### ଗୋବିନ୍ଦପୁରରେ ଜବରଦଖଲକାରୀଙ୍କ ରାଜ୍

# ୧୪ ଏକର ଜଙ୍ଗଲରୁ ୧୨ ଏକର ଗାଏବ

ଅସୁରାଳି,୧।୪(ସମିସ)

ଧାମନଗର ବ୍ଲକ୍ ଗୋବିନ୍ଦପୁର ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ପ୍ରାୟ ୨୦୦୦ ଜନସଂଖ୍ୟା ବିଶିଷ୍ଟ ୩ଟି ୱାର୍ଡର ଲୋକେ ବର୍ତ୍ତମାନ ଗୋ-ଚାରଣ ଭୂମି ଏବଂ ଶ୍ମଶାନ ପାଇଁ ହାହାକାର ହେଉଛନ୍ତି।



ଅଭିଯୋଗ ଅନୁଯାୟୀ, ଗ୍ରାମର ଖାତା ନମ୍ବର ୪୩୮ ଏବଂ ପ୍ଲଟ୍ ନମ୍ବର ୫୪୧ରେ ଥିବା ୧୪ ଏକର ଗ୍ରାମ୍ୟ ଜଙ୍ଗଲ ଜମିରୁ ପ୍ରାୟ ୧୨ ଏକର ଜମି ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିରେ କୃତ୍ରିମ ପୋଖରୀ ଖୋଳିବା ସହ ବାଡ଼ ଘେରାଇ ନିଜ ଜମିର କ୍ଷେତ୍ରଫଳ ବୃଦ୍ଧି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ଫଳରେ ଗାଈଗୋରୁଙ୍କ ପାଇଁ ଚାରଣଭୂମି ରହୁନାହିଁ, ଯାହା ଗୋ-ସମ୍ପଦ ପ୍ରତି ବିପଦ ସୃଷ୍ଟି କରୁଛି। ଗ୍ରାମରେ ଖେଳପଡ଼ିଆ କିମ୍ବା ଶ୍ମଶାନ ପାଇଁ ମଧ୍ୟ ଉପଯୁକ୍ତ ସ୍ଥାନ ନ ଥିବାରୁ ପିଲାମାନେ ଖେଳିବାରୁ ବଞ୍ଚିତ ହେଉଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତିରିକ୍ତ ତହସିଲ୍‌ଦାର ସାଇ ସଲାନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ତହସିଲ୍‌ଦାର ସାଇ ଲୋକନାଥ କହିଛନ୍ତି, ବର୍ତ୍ତମାନ ଅମିନଙ୍କ ସଂଖ୍ୟା କମ୍ ଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରି ନାହିଁ। ତେବେ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲାପାଳ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କାର୍ଯ୍ୟ କ୍ଷେତ୍ରରେ ବିଳମ୍ବ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଯଦି ପ୍ରଶାସନ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଆଗାମୀ ଦିନରେ ଗ୍ରାମବାସୀ ବଡ଼ ଧରଣର ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଚୁଡ଼ି ଭାରରେ ବୃଦ୍ଧ ଦମ୍ପତିଙ୍କ ସଂସାର

ଅସୁରାଳି,୧।୪(ସମିସ): ବୟସ ୮୦ ଛୁଇଁଲାଣି। ଶରୀର ଅକ୍ଷମ ହେଲାଣି। କିନ୍ତୁ ପେଟର ଭୋକ ଆଗରେ ହାର ମାନିନି ସଂଘର୍ଷ। ଜନ୍ମକଲା ପୁଅ ଥାଇ ମଧ୍ୟ ସାହାଯ୍ୟ କରିବାକୁ କେହି ନାହାନ୍ତି। ଶେଷରେ ଜୀବନର ଅପରାହ୍ଣରେ ଚୁଡ଼ି ଭାରକୁ ସାହାରା କରି ନିଜର ଓ ଅସୁସ୍ଥ ପତ୍ନୀଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି ଜଣେ ବୃଦ୍ଧ। ଏଭଳି ଏକ ହୃଦୟବିଦାରକ ଚିତ୍ର ଦେଖିବାକୁ ମିଳିଛି କଲ୍ୟାଣୀ ପଞ୍ଚାୟତ ଦାସ ସାହି ଗ୍ରାମରେ। ଦାସ ସାହି ଗ୍ରାମର ନିର୍ମଳ ଦାସ (୭୯) ଓ ତାଙ୍କ ପତ୍ନୀ ସୁକୁମାରୀ ଦାସ (୭୫)। ବୟସର ଅନ୍ତିମ ପର୍ଯ୍ୟାୟରେ ଏହି ଦମ୍ପତିଙ୍କ ପାଇଁ ଜୀବନ ଯୁଦ୍ଧ ବେଶ୍ କଷ୍ଟକର ହୋଇପଡ଼ିଛି। ନିର୍ମଳଙ୍କର ଦୁଇଟି ପୁଅ ଅଛନ୍ତି। ହେଲେ ଦୁର୍ଭାଗ୍ୟବଶତଃ ସେମାନେ ବୃଦ୍ଧ ବାପା-ମାଆଙ୍କୁ ପାଖରେ ନ ରଖି ଅଲଗା ରହୁଛନ୍ତି। ଫଳରେ ଏହି ପରିଣତ ବୟସରେ ମଧ୍ୟ ନିଜ ପେଟ ପାଇଁ ନିର୍ମଳଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଛି। ନିର୍ମଳ ଦୈନନ୍ଦିନ କାନ୍ଧରେ ଚୁଡ଼ି ଭାର ଧରି ଗାଁକୁ ଗାଁ ବୁଲି ବେପାର କରନ୍ତି। ମାଙ୍କିଡ଼ିଆ, ଗୋବିନ୍ଦପୁର, କୋରୁଆ, ଇଚ୍ଛାପୁର ଓ ମଙ୍ଗଳପୁର ଭଳି ବିଭିନ୍ନ ଗ୍ରାମ ବୁଲି ସେ ଯାହା ଦୁଇ ପଇସା ରୋଜଗାର କରନ୍ତି, ସେଥିରେ ବୃଦ୍ଧ ଦମ୍ପତିଙ୍କ ଚୁଲି ଜଳେ। ଅନ୍ୟପଟେ ପତ୍ନୀ ସୁକୁମାରୀ ବାର୍ଦ୍ଧକ୍ୟଜନିତ କାରଣରୁ ଆଉ ଚାଲିପାରୁ ନାହାନ୍ତି। ଘର କୋଣରେ ପଡ଼ି ରହିଥିବା ଅସୁସ୍ଥ ପତ୍ନୀଙ୍କ ସେବା କରିବା ସହ ତାଙ୍କ ପାଇଁ ଔଷଧ ଓ ପଥ୍ୟ ଯୋଗାଡ଼ କରିବାକୁ ନିର୍ମଳଙ୍କୁ ଏହି ବୟସରେ ମଧ୍ୟ ସଂଘର୍ଷ କରିବାକୁ ପଡୁଛି। ସରକାରୀ ଯୋଜନାରେ ମିଳୁଥିବା ସ୍ୱଳ୍ପ ଭତ୍ତା ବୋଧହୁଏ ଏହି ଦମ୍ପତିଙ୍କ ଦୁଃଖ ଦୂର କରିବା ପାଇଁ ଯଥେଷ୍ଟ ନୁହେଁ। ଯେଉଁ ବୟସରେ ଆରାମ କରିବା କଥା, ସେହି ବୟସରେ କାନ୍ଧରେ ଭାର ବୋହି ନିର୍ମଳ ମାନବିକତା ଓ ସ୍ୱାଭିମାନର ଏକ ନିଚ୍ଛକ ଉଦାହରଣ ସାଜିଛନ୍ତି। ଏହି ବୃଦ୍ଧ ଦମ୍ପତିଙ୍କ ଦୁର୍ଦ୍ଦଶା ଦେଖି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ପ୍ରଶାସନିକ ସହାୟତା ପାଇଁ ଅନୁରୋଧ କରିଛନ୍ତି।



## ଦୁର୍ଘଟଣାରେ ଜଣେ ମୃତ

ରେମୁଣା, ୧।୪ (ସମିସ): ପ୍ରାତଃ ଭ୍ରମଣ କରୁଥିବା ସମୟରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଆଜି ସକାଳେ ଖୁଣ୍ଟା ଥାନା କୁଆମରା ଅଞ୍ଚଳର ସରୋଜ କୁମାର ମଡୁଆଳ ପ୍ରାତଃ ଭ୍ରମଣ କରୁଥିବା ସମୟରେ ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ ଆଗରେ ଏକ ଅଜଣା ଗାଡି ଧକ୍କା ଦେବା ଦ୍ୱାରା ତାଙ୍କର ମୃତ୍ୟୁ ଘଟିଛି। ସେ ଶାଳବନି ସ୍ଥିତ ଶାସନବାଡ଼ରେ ଭଡା ଘରେ ରହୁଥିଲେ।

## ନାବାଳିକା ଅପହରଣ ଅଭିଯୋଗ

ପାଣିକୋଇଲି,୧।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ଭାଟସୋଲପଟା ଗ୍ରାମର ଜଣେ ନାବାଳିକା କଲେଜ ଯିବା ବେଳେ ଅପହରଣ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏନେଇ ଏକ ମାମଲା ୧୧୧/୨୬ ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶଯେ ଭାଟସୋଲପଟା ଗ୍ରାମର ରତ୍ନାକର ଜେନାଙ୍କ ନାବାଳିକା କନ୍ୟା ବୈତରଣୀରୋଡସ୍ଥିତ ପ୍ରାଣକୃଷ୍ଣ ମହାବିଦ୍ୟାଳୟରେ ଯୁକ୍ତ ୨ ପଢ଼େ। ଗତ ୩୦ ତାରିଖ କଲେଜ ଯାଇଥିବା ବେଳେ କୋରେଇ ଥାନା ଅନ୍ତର୍ଗତ ଦୁଲାଖାପାଟଣା ଗ୍ରାମର ଶଙ୍କର ମଳିକ ତାଙ୍କ ଝିଅକୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସାଇବର ଠକେଇର ଶିକାର ପୁଲିସ କର୍ମଚାରୀ

ପାଣିକୋଇଲି,୧।୪(ସମିସ): ପାଣିକୋଇଲି ଥାନାର କାର୍ଯ୍ୟରତ କର୍ମଚାରୀ ଅମର କୁମାର ବେହେରା ସାଇବର ଠକେଇର ଶିକାର ହୋଇଛନ୍ତି। ଏନେଇ ଯାଜପୁରରୋଡ ସାଇବର ଥାନାରେ ସେ ଅଭିଯୋଗ କଲା ପରେ ତଦନ୍ତ ଜାରି ରହିଛି। ପ୍ରକାଶଯେ ଗତ ୨୮ ତାରିଖ ଅମରଙ୍କ ଫୋନକୁ ଏକ କଲ ଆସିଥିଲା। ସଂଗେସଂଗେ ମୋବାଇଲଟି ହ୍ୟାଙ୍ଗ ହୋଇଯାଇଥିଲା। କିଛି ସମୟ ପରେ ସେ ଜାଣିବାକୁ ପାଇଲେ ତାଙ୍କ ଆକାଉଣ୍ଟରୁ ୨୮ ହଜାର ଟଙ୍କା କଟି ଯାଇଛି। ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଜାରି ରହିଛି।

## ନିର୍ମାଣ ଶ୍ରମିକ ସହାୟତା ରାଶି ପ୍ରଦାନ

ଯାଜପୁର,୧।୪(ସମିସ): ଯାଜପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ରେକର୍ଡ ପରିମାଣ ସହାୟତା ରାଶି ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷର ଶେଷ ସହାୟତା ରାଶି ବଣ୍ଟନ ଭାବେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଶ୍ରମିକମାନଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଛି। ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପ୍ରଦତ୍ତ ବିଭିନ୍ନ ସହାୟତା ରାଶି ସମସ୍ତ ୫୭୯ ଜଣ ଆବେଦନକାରୀଙ୍କୁ ୨ କୋଟି ୧୯ ହଜାର ୮୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ଛଡାଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷ ସର୍ବାଧିକ ସହାୟତା ରାଶି ଶ୍ରମିକଙ୍କ କଲ୍ୟାଣ ପାଇଁ ଯାଜପୁର ଜିଲ୍ଲାରେ ପ୍ରଦାନ କରାଯାଇଛି। ସେହିପରି ଓଡିଶା ଅଣସଙ୍ଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଏହି ଜିଲ୍ଲାରେ ସର୍ବକାଳୀନ ସର୍ବାଧିକ ଅର୍ଥ ରାଶି ପ୍ରଦାନ କରାଯାଇଛି।

## ମା' ହିଙ୍ଗୁଳାଙ୍କ ବାର୍ଷିକ ମହୋତ୍ସବ

ମଧୁବନ,୧।୪(ସମିସ): ଭୋଟକା ଗ୍ରାମସ୍ଥିତ ବଇଁଛ ପଡ଼ିଆ ମା' ହିଙ୍ଗୁଳାଙ୍କ ପୀଠରେ ପାରମ୍ପରିକ ବାର୍ଷିକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ଅବସରରେ ମା' ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଏହି ତିନି ଦିନ ବ୍ୟାପୀ ମହାକାଳୀ, ମହାସରସ୍ୱତୀ ଓ ଶେଷଦିନ ମହାଲକ୍ଷ୍ମୀବେଶରେ ଭୂଷିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି।

## ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ମଇଁଦା,୧।୪(ସମିସ): ଓଡିଆ ଭାଷା ଓ ଓଡିଆ ଭାଷାର ଶିକ୍ଷାକୁ ଯିଏ ସବୁଦିନ ପାଇଁ ବଞ୍ଚାଇ ଦେଇଗଲେ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନର ଯିଏ ସୂତ୍ରଧର ଥିଲେ, ସେହି ଆଦିନେତା ବିଚିତ୍ରାନନ୍ଦ ଦାସଙ୍କୁ ଉତ୍କଳ ଦିବସରେ କେହି ମନେପକାନ୍ତି ନାହିଁ। ସରକାରଙ୍କ ପକ୍ଷରୁ ମଧ୍ୟ କୌଣସି ପ୍ରଚେଷ୍ଟା ନଥିଲା। ଯାଜପୁର ଜିଲ୍ଲାର କଣ୍ଟାବଣିଆ ଗ୍ରାମରେ ୧୮୨୭ ମସିହାରେ ଜନ୍ମ ଗ୍ରହଣ କରିଥିବା ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ପ୍ରତିମୂର୍ତ୍ତି ଯାଜପୁର ଜିଲ୍ଲାର ଶାସନ୍ଦା ବଟମହାପୁରୁଷ କ୍ଷେତ୍ରରେ ଉତ୍କଳ ଦିବସ ଅବ୍ୟବହିତ ପୂର୍ବରୁ ଉନ୍ମୋଚିତ କରାଯାଇ ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖାଯାଇଛି। ଅଖିଳଚକ୍ରର ସଭାପତି ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଅନାବରଣ କରିଥିଲେ। କଟକ ଗୌରୀଶଙ୍କର କାୟସ୍ଥ ଭବନରେ ଥିବା ପ୍ରତିମୂର୍ତ୍ତିକୁ ଅନୁକରଣ କରାଯାଇ ଏହି ପ୍ରତିମୂର୍ତ୍ତି ସ୍ଥାନୀୟ ଶିଳ୍ପୀ ନିର୍ମାଣ କରିଛନ୍ତି। ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶାନ୍ତନୁ କୁମାର ଧଳ, ମାର୍କଣ୍ଡ ସ୍ୱାଇଁ ପୁଷ୍ପମାଲ୍ୟ ଅର୍ପଣ କରି ଥିଲେ। ମୁଖ୍ୟଅତିଥି ଭାବେ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଯାଜପୁର ଜିଲ୍ଲାର ବରପୁତ୍ରଙ୍କ ସମ୍ପର୍କରେ ଆଲୋଚନା କରା ଯାଉ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଖରସ୍ରୋତା ପୁସ୍ତକମେଳା କମିଟିର ସଭାପତି ପଦ୍ମାକର ଗୁରୁ ଯୋଗଦେଇଥିଲେ।

## କୋଡ଼ବରୁଆଁ ସ୍କୁଲର ବାର୍ଷିକ ଉତ୍ସବ

ଭଦ୍ରକ,୧।୪(ସମିସ): ଭଦ୍ରକ ବ୍ଲକ୍ ଅନ୍ତର୍ଗତ କୋଡ଼ବରୁଆଁ ଗ୍ରାମ ପଞ୍ଚାୟତର ସର୍ବ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୩ତମ ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ସଭା ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରଘୁନାଥ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ସରପଞ୍ଚ ସୁଷମା ମହାନ୍ତି, ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଶିଷ କୁମାର ମହାନ୍ତି ଓ ସିଆର୍‌ସିସି କୃତିବାସ ରାଉତ ଯୋଗଦେଇଥିଲେ। ଶିକ୍ଷକ ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ରଜତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟିର ସଭାପତି ଶ୍ରୀକାନ୍ତ ପରିଡ଼ା ବିଦ୍ୟାଳୟର ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ସମେତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଅକ୍ଷୟ କୁମାର ନାୟକ ଧନ୍ୟବାଦ ଦେଇଥିବାବେଳେ କ୍ରୀଡ଼ା ଶିକ୍ଷକ ଦେବବ୍ରତ ଖଟୁଆ, ଶିକ୍ଷୟିତ୍ରୀ ସାବିତ୍ରୀ ପାଣି ଓ ଅନ୍ନପୂର୍ଣ୍ଣା ପାଢ଼ୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବରୀ ବାର୍ ଆସୋସିଏସନର ଶପଥ ପାଠ ଉତ୍ସବ




ବରୀ,୧।୪(ସମିସ): ବରୀ ବାର ଆସୋସିଏସନ ପକ୍ଷରୁ ପବିତ୍ର ଉତ୍କଳ ଦିବସ ଅବସରରେ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ପାଠ ଉତ୍ସବ ବରୀ ତହସିଲ ପରିସରରେ ଥିବା କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର କୋର୍ଟ ର ଆଇନଜୀବୀ ଚିତ୍ତରଞ୍ଜନ ଓଝା ମୁଖ୍ୟଅତିଥି ଭାବେ ଯୋଗଦାନ କରି ସ୍ଥାୟୀ ସଭାପତି ଆଇନଜୀବୀ ରାଜକିଶୋର ସାମଲ, ଉପସଭାପତି ହରିଶ ଚନ୍ଦ୍ର ଧଳ, ସମ୍ପାଦକ ବାବାଜୀ ଚରଣ ଜେନା, ଯୁଗ୍ମ ସମ୍ପାଦକ ଧୀରେନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ଜ୍ଞାନେନ୍ଦ୍ର ମଲିକ, ପାଠାଗାର ସମ୍ପାଦକ ବାଞ୍ଛାନିଧି ସାହୁ, ପାଠାଗାର ସହସମ୍ପାଦକ ତପନ କୁମାର ଜେନା, କୋଷାଧକ୍ଷ ଗୁଣନିଧି ନାୟକ, ସାଂସ୍କୃତିକ ସମ୍ପାଦକ ପବିତ୍ର କୁମାର ମଲିକ, ସାଂସ୍କୃତିକ ସହସମ୍ପାଦକ ପରେଶ ଚନ୍ଦ୍ର କର ପ୍ରମୁଖ ଆଇନଜୀବୀମାନଙ୍କୁ ଶପଥ ପାଠ କରାଇଥିଲେ। ନନିଗୋପାଳ ଜେନା, ଅଜାମ୍ବର ମଲିକ, ପ୍ରଶାନ୍ତ କୁମାର ବେଉରିଆ, ସଂଯୁକ୍ତା ସେଠୀ, ପ୍ରମିଳା ରଥ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ଶପଥ ନେଇଥିବା ଜଣାପଡିଛି। ପରେ ସାଂଗଠନିକ କାର୍ଯ୍ୟକ୍ରମ, ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା ଶେଷରେ ଧୀରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟିକାଙ୍କ ପରିବାରରୁ ଜନଗଣନା ଶୁଭାରମ୍ଭ

ପ୍ରୀତିପୁର,୧।୪(ସମିସ): ଆଜି ବିଞ୍ଝାରପୁର ବ୍ଲକରେ ଜନଗଣନା କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବିଞ୍ଝାରପୁର ତହସିଲଦାର କାବେରୀ ମୁଦୁଲୀ ତାଙ୍କ କାର୍ଯ୍ୟାଳୟର ସହକାରୀ ମାନଙ୍କ ସହିତ ସ୍ଥାନୀୟ ବିଧାୟିକା ପ୍ରମିଳା ମଲିକଙ୍କ ମାଁସଡ଼ା ସ୍ଥିତ ବାସଭବନରେ ପହଞ୍ଚି ନିଜ ହାତରେ ଜନଗଣନା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ତହସିଲଦାର କାବେରୀ ମୁଦୁଲୀ ଏହି କାର୍ଯ୍ୟର ଶୁଭାରମ୍ଭ କରିବା ସହିତ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବିଞ୍ଝାରପୁର ବ୍ଲକ ସମସ୍ତ କର୍ମଚାରୀମାନଙ୍କୁ ଏହି ଜାତୀୟ କାର୍ଯ୍ୟର ସଫଳତା କାମନା କରିଛନ୍ତି।



## ଚାନ୍ଦବାଲି ଓ ଧାମରା ପୋର୍ଟରେ ଉତ୍କଳ ଦିବସ

ଭଦ୍ରକ,୧।୪(ସମିସ): ଐତିହାସିକ ବନ୍ଦର ଅଞ୍ଚଳ ଚାନ୍ଦବାଲିରେ ଓକିଲ ସଂଘ ଓ ସାହିତ୍ୟ ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ୯୦ତମ ଉତ୍କଳ ଦିବସ ପାଳନ କରାଯାଇଛି। ଉକ୍ତ ଦିବସରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ କଥା ସମ୍ରାଟ ଫକିର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଓଡ଼ିଆ ଭାଷା, ସାହିତ୍ୟ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଆଲୋଚନା କରାଯାଇ ନବ ଉତ୍କଳର ନିର୍ମାତାମାନଙ୍କ ସ୍ମୃତିକୀର୍ତ୍ତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ୍ ଅମୂଲ୍ୟ ରାଉତ, ଓକିଲ ସଂଘର ସଭାପତି ଉପେନ୍ଦ୍ର ରାଉଳ, ସମ୍ପାଦକ ପ୍ରିୟରଞ୍ଜନ ମହାନ୍ତି, ଆଇନଜୀବୀ ସତ୍ୟବୀର ପ୍ରତାପ ରାୟ, ପ୍ରଭାସ ରଞ୍ଜନ ନାୟକ, ଯତୀନ୍ଦ୍ର ମହାନ୍ତି, ଆଦିତ୍ୟ ବିଶ୍ୱାଳ, ଶ୍ୟାମ ସୁନ୍ଦର ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ବାପୁ ରଣା, ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ପାଣି, ପ୍ରଭାକର ବିଶ୍ୱାଳ, ସୁକାନ୍ତ ନାୟକ, ଅଭୟ ସାମଲ, ପ୍ରତାପ ରାଉତ ଓ ବିଜୟ ମହାଳିକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଧାମରା ପୋର୍ଟ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଇତିହାସ ଓ ପରମ୍ପରାକୁ ସ୍ମରଣ କରି ସମସ୍ତ କର୍ମଚାରୀ ଓ ସହଯୋଗୀମାନେ ଉତ୍ସବମୟ ପରିବେଶରେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଧାମରା ପୋର୍ଟର ସିଇଓ ଦେବେନ୍ଦ୍ର ଠକର ମୁଖ୍ୟ ଅତିଥିଭାବେ ଯୋଗେଦଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ପରେ ଉପସ୍ଥିତ ଅଧିକାରୀଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ସମୂହ ଗାନ କରାଯାଇଥିଲା।



## ପଶୁପକ୍ଷୀ ଓ ପଥିକଙ୍କ ପାଇଁ ଖୋଲିବ ଜଳଛତ୍ର

ଅସୁରାଳି,୧।୪(ସମିସ): ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଧୂଷୁରୀ ପ୍ରେସ୍ ୟୁନିଅନ୍ ଏବଂ ହୃଦାନନ୍ଦ ପାଠାଗାର ପକ୍ଷରୁ ଏକ ମହତ୍ ସେବା କାର୍ଯ୍ୟ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆରଡ଼ି ଛକଠାରୁ ଆରଡ଼ି ପର୍ଯ୍ୟନ୍ତ ବିଭିନ୍ନ ପ୍ରମୁଖ ସ୍ଥାନରେ ପଶୁପକ୍ଷୀ ଓ ପଥିକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯିବ। ହୃଦାନନ୍ଦ ପାଠାଗାରରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଅର୍ଣ୍ଣପାଳ, ଲାଙ୍ଗୁଡ଼ି, ସାତଭଉଣୀ, ଅସୁରାଳି, କୋଠାର, ଧୂଷୁରୀ ଏବଂ ପାଳସାହି ଆଦି ସ୍ଥାନରେ ପଶୁପକ୍ଷୀଙ୍କ ପାଇଁ ହଣ୍ଡା ଓ ଗଛମାନଙ୍କରେ ଜଳପାତ୍ର ଝୁଲାଯିବ। ଏହାସହ ପ୍ରଖର ରୌଦ୍ରତାପରେ ଯାତାୟାତ କରୁଥିବା ପଥିକମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ର ମଧ୍ୟ ଖୋଲାଯିବ। ଧୂଷୁରୀ ପ୍ରେସ୍ ୟୁନିଅନ୍ ସଭାପତି ସନ୍ତୋଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପକ ଶ୍ରୀଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧକ୍ଷ ରତିକାନ୍ତ ନାୟକ, ଉପସଭାପତି ଲକ୍ଷ୍ମୀନାରାୟଣ ମିଶ୍ର, ସହସମ୍ପାଦକ ଅନନ୍ତ ସାହୁ, ଉପସଭାପତି ମୃତ୍ୟୁଞ୍ଜୟ ସାହୁ, ଗଜେନ୍ଦ୍ର ମହାନ୍ତି, ସସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

## ଡାକ୍ତରଖାନାରେ ମହିଳାଙ୍କ ହଙ୍ଗାମା

ବାଲେଶ୍ୱର,୧।୪(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗତକାଲି ବିଳମ୍ବିତ ରାତିରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଜଣେ ମହିଳା ଚିକିତ୍ସା ଅବହେଳାକୁ ନେଇ ଚିକିତ୍ସାଳୟ ଭିତରେ ପ୍ରବଳ ପାଟିତୁଣ୍ଡ କରିବା ସହ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏହା ସହିତ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ସହ ଯୁକ୍ତିତର୍କ କରିଥିବା ଦେଖାଯାଇଛି। ସୂଚନା ଅନୁଯାୟୀ, କୌଣସି ଏକ କାରଣରୁ ମହିଳା ଜଣକ ଉତ୍ତ୍ୟକ୍ତ ହୋଇ ପାଟି କରିବା ଆରମ୍ଭ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ମହିଳା ଜଣକ ହାତରେ ଏକ ଧାରୁଆ ଅସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରୁଥିବା ଦୃଶ୍ୟ ଭିଡିଓରେ କଏଦ ହୋଇଛି। ସେଠାରେ ଉପସ୍ଥିତ ଥିବା କିଛି ବ୍ୟକ୍ତି ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ କାହାରି କଥା ଶୁଣି ନଥିଲେ। ଏହି ସମୟରେ କିଛି ଯୁବକ ଘଟଣାର ଭିଡିଓ ସୁଟିଂ କରୁଥିବା ବେଳେ ମହିଳା ଜଣକ ସେମାନଙ୍କ ଉପରକୁ ମଧ୍ୟ ଚିହିଁକି ଉଠିଥିଲେ। ଭିଡିଓରେ ସେ କହୁଥିବା ଶୁଣାଯାଉଛି ଯେ, "ତୁ କିଏ? ଭିଡିଓ କାହିଁକି କରୁଛୁ?"। ଏପରିକି ସେ ଫାଣ୍ଡିବାଲାଙ୍କୁ ଫୋନ୍ କରିବା ପାଇଁ ମଧ୍ୟ କହିଥିଲେ। ଘଟଣାସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଖାନା ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏଭଳି ହଙ୍ଗାମା ଯୋଗୁଁ ଅନ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶେଷରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମହିଳା ଜଣଙ୍କୁ ଫାଣ୍ଡିକୁ ନେବା ସହ ଟାଉନ୍ ଥାନାକୁ ହସ୍ତାନ୍ତର କରିଥିଲା। ସେଠାରେ ତାଙ୍କୁ ପଚରା ଉଚରା କରିବା ପରେ ମହିଳା ଜଣଙ୍କ ମାନସିକ ରୋଗୀ ଥିବା ଜାଣିବାକୁ ପାଇଥିଲେ। ଆଜି ତାଙ୍କ ପୁଅ ଆସି ବୁଝା ସୁଝା କରିଛନ୍ତି ବୋଲି ଟାଉନ୍ ଥାନା ପକ୍ଷରୁ କୁହା ଯାଇଛି।

## ମୋ ପରିବାର ନିଶାମୁକ୍ତ ପରିବାର କାର୍ଯ୍ୟକ୍ରମ



ନୀଳଗିରି, ୧।୪ (ସମିସ): ନୀଳଗିରି ସ୍ଥିତ ଅଗ୍ରଣୀ ଘରୋଇ ଡିଭାଇନ ଶିକ୍ଷାନୁଷ୍ଠାନ ପକ୍ଷରୁ ବୁଧବାର ଉତ୍କଳ ଦିବସ ଓ ମୋ ପରିବାର ନିଶା ମୁକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ସାହିତ୍ୟ ସାରସ୍ୱତ ସମନ୍ୱୟ ସମିତିର ସମ୍ପାଦିକା ସୁବାଶିନୀ ଜୀ ମହୋଦୟା ମୁଖ୍ୟବକ୍ତା ଓ ସମ୍ମାନୀୟ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ ଆଚାର୍ଯ୍ୟ ଯୋଗଦେଇଥିଲେ। ଡିଭାଇନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

● ରାମରଜା ଭସାଣି ଗଣ୍ଡଗୋଳ ମାମଲା

## ସମ୍ପୃକ୍ତ ୪ ଜଣ କୋର୍ଟଚାଲାଣ

ବରୁଆଁ,୧।୪(ସମିସ): ଗତ ମଧ୍ୟରାତ୍ରରେ ସଦର ଥାନା ଅନ୍ତର୍ଗତ ସାନକୁଝାଲା ଗ୍ରାମରେ ରାମରଜା ଠାକୁରଙ୍କ ଭସାଣିକୁ ନେଇ ଘଟିଯାଇଥିବା ସାମ୍ପ୍ରଦାୟିକ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୪ ଜଣ ବ୍ୟକ୍ତିଙ୍କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ବିକି ସ୍ୱାଇଁ (୨୬)କୁ ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଆଜି ସଦର ଥାନା ଅନ୍ତର୍ଗତ ଉପର ବରୁଆଁ ଗ୍ରାମର ସୁଦର୍ଶନ ସାହୁ(୫୩), ଶେଖ୍ ସୋନି (୪୫) ଓ ଶେଖ୍ ହଲିମ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଅପରପକ୍ଷେ ଏହି ଘଟଣାକୁ ଗୁରୁତର ସହ ନେଇ ସାନକୁଝାଲା ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସଦର ଥାନାରେ ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କ ଉପସ୍ଥିତିରେ ଉପଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ଓ ଉଭୟ ଗୋଷ୍ଠୀରୁ ୧୦ ଜଣ ମୁରବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏକ ଶାନ୍ତି କମିଟି ଗଠନ କରାଯାଇ ଆସନ୍ତା ସୋମବାର ସନ୍ଧ୍ୟାରେ ଶାନ୍ତି କମିଟି ଜରିଆରେ ଉଭୟ ପକ୍ଷ ଆଲୋଚନା କରି ଘଟଣାର ସମାଧାନ କରାଯିବ ବୋଲି ଜଣାପଡିଛି। ଘଟଣାର ସମାଧାନ ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୁଲିସ ମୁତୟନ ସହ ପୁଲିସ ପଇଁତରା ଜାରିରହିବ ବୋଲି ସଦର ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ଯୁବ ମଣ୍ଡଳ ବିକାଶ ଅଭିଯାନ



ଭଦ୍ରକ,୧।୪(ସମିସ)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅଧୀନରେ ଥିବା ମାଇଁ ଭାରତ ସଂଗଠନ ସହଯୋଗରେ ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ମଣ୍ଡଳ ବିକାଶ ଅଭିଯାନ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ହୃଷୀକେଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଯୁବ ଅଧିକାରୀ ଏମ୍. ବିଘ୍ନେଶ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ସମାଜସେବୀ ସୁମନ୍ତ ମହାନ୍ତି ଓ ଅରୂପ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅଭିଯାନ କିପରି ଯୁବ ସମାଜକୁ ଜନସେବାରେ ବ୍ରତି ହେବା ପାଇଁ ଉତ୍ସାହିତ କରୁଛି ସେହି ବିଷୟରେ ଆଲୋଚନା କରିବା ସହିତ ଆଜିର ଯୁବ ସମାଜ ରାଷ୍ଟ୍ର ନିର୍ମାଣରେ ତ୍ୟାଗପୂତ ମନୋଭାବ ନେଇ କାର୍ଯ୍ୟ କଲେ, ସମାଜରେ ଅନେକ କିଛି ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସମାଜସେବା ଏବଂ ଯୁବ ମଣ୍ଡଳର ବିକାଶ ଅଭିଯାନକୁ ସଫଳ କରିଥିବା ସାମାଜିକ କର୍ମୀ ଦୀପ୍ତି ରଞ୍ଜନ ସାହୁ, ପ୍ରଦୀପ ଦାସ, ମାନସ ରଞ୍ଜନ ସାହୁ, ସତ୍ୟକାନ୍ତ ନାୟକ, ମଳୟ ମହାଳିକ, ରଶ୍ମି ରଞ୍ଜନ ସାହୁ, ତତ୍ତ୍ୱଦର୍ଶୀ ମହାନ୍ତି, ସତ୍ୟବାନ ମହାଳିକ ଓ ସମରେନ୍ଦ୍ର ଦାସ ପ୍ରମୁଖଙ୍କୁ ଜିଲ୍ଲାପାଳ ସାର୍ଟିଫିକେଟ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସଂଗଠନର ମୁଖ୍ୟ ସଂଯୋଜକ ଆନନ୍ଦ ଚନ୍ଦ୍ର ପଲାଇ, ଯୁବ ମଣ୍ଡଳର ବିକାଶ ଅଭିଯାନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିବାବେଳେ ସଂଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଯୁବ ମଣ୍ଡଳ ବିକାଶ ଅଭିଯାନରେ ଜିଲ୍ଲାରେ ୫ଟି ବ୍ଲକ୍‌ର ୫୨ଟି ନୂତନ ଯୁବ ସଂଗଠନ ଗଠନ କରାଯାଇଥିଲା। ସେମାନଙ୍କର କର୍ମକର୍ତ୍ତାମାନେ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଭାତ ଦାସ, ଜୟନ୍ତ ବାରିକ, ଗଙ୍ଗାଧର ଦାସ, ଧନ ନାୟକ ପ୍ରମୁଖ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଜିଲ୍ଲା ବିଦ୍ୟାଳୟ ଲାଇବ୍ରେରି ବହିକିଣାରେ ଦୁର୍ନୀତି!

ବାଲେଶ୍ୱର,୧।୪ (ସମିସ)




ବାଲେଶ୍ୱର ଜିଲ୍ଲାର ବିଦ୍ୟାଳୟ ଲାଇବ୍ରେରିଗୁଡ଼ିକର ବହିକିଣାରେ ବ୍ୟାପକ ଦୁର୍ନୀତି ତଥା ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲ୍ଲାର ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପାଠାଗାର ଉପଯୋଗୀ ପୁସ୍ତକ କ୍ରୟ କ୍ଷେତ୍ରରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ବାଲେଶ୍ୱରର ବିଦ୍ୟାଭାରତୀ ପ୍ରକାଶନୀ ସଂସ୍ଥା ପକ୍ଷରୁ ଷ୍ଟେସନ୍ କ୍ଲବ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ମୁଖ୍ୟ ଅଭୟ ଦାସ ଅଭିଯୋଗ କରିଛନ୍ତି। ବହି କିଣିବା ପାଇଁ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ଏପାଖସେପାଖ କରି ନିର୍ଦ୍ଦିଷ୍ଟ ସଂସ୍ଥାର ବହି କିଣିବାକୁ ସ୍କୁଲ ଗୁଡ଼ିକୁ ଅଘୋଷିତ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଲେଶ୍ୱରର ସମସ୍ତ ବିଧାୟକ, ଜିଲ୍ଲାପାଳ, ଭିଜିଲାନ୍ସ ଏସ୍‌ପିଙ୍କୁ ମଧ୍ୟ ଅଭିଯୋଗପତ୍ର ପଠାଇଛନ୍ତି। ଅଭିଯୋଗ ଅନୁସାରେ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ୨୦୨୫ ସେପ୍ଟେମ୍ବର ୮ ତାରିଖରେ ରାଜ୍ୟର ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚବିଦ୍ୟାଳୟ ସ୍ତରୀୟ ପାଠାଗାର ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ କମ୍ପୋଜିଟ୍ ଗ୍ରାଣ୍ଟରୁ ଶତକଡା ୧୦ ଭାଗ ଅର୍ଥରେ ବହି କିଣିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି କରାଯାଇଥିଲା। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପୁସ୍ତକ ମନୋନୟନ ପ୍ରକ୍ରିୟାରେ ଏନ୍‌ବିଟି (ନେସନାଲ ବୁକ୍ ଟ୍ରଷ୍ଟ) ଏବଂ ଓଡ଼ିଶାର ବହୁ ପ୍ରକାଶକଙ୍କ ଅନେକ ବହି ଯୋଗାଇବାକୁ ବାଲେଶ୍ୱର ପ୍ରକାଶକ ସଂସ୍ଥା "ବିଦ୍ୟାଭାରତୀ' ପକ୍ଷରୁ ତାଲିକା ଦାଖଲ କରିଥିଲା। ସମସ୍ତ ଆବେଦନକାରୀଙ୍କ ମନୋନୟକ ପ୍ରକ୍ରିୟା ଶେଷ ହେବା ପରେ ୨୦୨୫ ନଭେମ୍ବର ୨୮ ତାରିଖରେ ୧୮ ପୃଷ୍ଠାର ଏକ ମନୋନୀତ ପୁସ୍ତକ ତାଲିକା ପ୍ରକାଶ ପାଇଥିଲା। ଏହି ଚୂଡ଼ାନ୍ତ ମନୋନୀତ ପୁସ୍ତକ ତାଲିକାରେ "ବିଦ୍ୟାଭାରତୀ' ଦ୍ୱାରା ଦାଖଲ କରାଯାଇଥିବା ପୁସ୍ତକର ତାଲିକା ୧୧ ପୃଷ୍ଠାରେ ସ୍ଥାନ ପାଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଚଞ୍ଚକତା ପୂର୍ବକ ପୁସ୍ତକ ତାଲିକାର କ୍ରମ ଅଲଗା ଅଲଗା କରାଯାଇ ଆଉ ଏକ ସ୍ୱତନ୍ତ୍ର ତାଲିକାର ନକଲ ସମସ୍ତ ସ୍କୁଲକୁ ପଠାଯାଇଥିବାର ଅଭିଯୋଗ ଆସିଛି। ସମୁଦାୟ ୧୮ ପୃଷ୍ଠା ତାଲିକା ମଧ୍ୟରୁ ମାତ୍ର ୭ ପୃଷ୍ଠାର ତାଲିକା ସମ୍ବଳିତ ପୁସ୍ତକ କିଣିବାକୁ ବ୍ଲକ ଶିକ୍ଷା ଅଧିକାରୀମାନେ ସ୍କୁଲ ଗୁଡ଼ିକୁ ବାଧ କରୁଥିବା, ଅନ୍ୟ ବହି କିଣିଲେ ବିଲ୍ ପାସ୍ କରାନଯିବାର ଧମକ ଦେଇଥିବା ଶ୍ରୀ ଦାସ କହିଛନ୍ତି। ଫଳରେ ବିଦ୍ୟାଭାରତୀ ଦେଇଥିବା ତାଲିକାରୁ ଗୋଟିଏ ବି ବହି କିଣାଯାଇନାହିଁ। ନିର୍ଦ୍ଦିଷ୍ଟ ସଂସ୍ଥା ଠାରୁ ମୋଟା ଅଙ୍କର ଅର୍ଥ ନେଇ ଏଭଳି କରାଯାଇଥିବା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଏଥିରେ ସଂପୃକ୍ତ ନେଇ ଅଭିଯୋଗ ହୋଇଛି। ଏହି ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ଅଧିକ ତଦନ୍ତ କରାଗଲେ ବର୍ଷ ବର୍ଷ ଧରି ବାଲେଶ୍ୱର ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଅଳ୍ପ କେତେ ଜଣ ପ୍ରକାଶକଙ୍କ ନିର୍ଦ୍ଦିଷ୍ଟ କେତୋଟି ବହି ସ୍କୁଲ ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସହଯୋଗରେ ଯୋଗାଇ ଦିଆଯାଇ କୋଟି କୋଟି ଟଙ୍କାର ଅର୍ଥ ହଡପ କରାଯାଉଥିବା ଆଶଙ୍କା କରିଛନ୍ତି ଶ୍ରୀ ଦାସ। ଏହି ଅନିୟମିତତା ବାବଦରେ ଜିଲ୍ଲା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରିନଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟାୟମାନଙ୍କ ମଧ୍ୟରେ ଧାରଞ୍ଜନ ପଟ୍ଟନାୟକ, ପ୍ରତିମା ପଣ୍ଡା, ଦେବାଶିଷ ପଣ୍ଡା, ବିଦ୍ୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୋଗରାଇ,୧।୪ (ସମିସ) : ଭୋଗରାଇ ବ୍ଲକ ସୋହରିଆ ବିଜୟ କୁମାର ଏକାଡେମୀର ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ଦତ୍ତଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ପୌରହିତ୍ୟ କରିଥିଲେ ପୂର୍ବତନ ଡିଆଇ ତଥା ଶିକ୍ଷାବିତ ଈଶ୍ୱରଚନ୍ଦ୍ର ଗିରି। ମୁଖ୍ୟ ଅତିଥିଭାବେ ଓଡିଶା ବନ ନିଗମର ଅଧକ୍ଷ ତଥା କେବିକେ ଜିଲାର ଅତିରିକ୍ତ ପ୍ରଶାସକ ବିଷ୍ଣୁ ପଦ ସେଠୀ, ମୁଖ୍ୟବକ୍ତା ଓଷ୍ଟା ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିଲ୍ଲୀପ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକୃଷ୍ଣ ଦାସ, ସରପଞ୍ଚ ଜଗନ୍ନାଥ ସେଠୀ, ଓଷ୍ଟାର ଭୋଗରାଇ ସଭାପତି ମହେଶ୍ୱର ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ସୋର, ୧।୪ (ସମିସ): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାତୀଖୋଲିଆ ଗ୍ରାମରେ ପୋଖରୀରେ ବୁଡି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମରେ ଆଜି ଅପରାହ୍ଣରେ ଏକ ବିବାହ ଭୋଜି ଚାଲିଥିଲା। ସେଠାକୁ ବିନି ସିଂଙ୍କ ଏକମାତ୍ର ଶିଶୁ କନ୍ୟା କୁଶୁମାରୀ ସିଂ(୩) ଯାଇଥିବା ବେଳେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଅସାବଧାନତା ବଶତ ନିକଟରେ ଥିବା ପୋଖରୀରେ ପଡିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ କୁଶୁମାରୀକୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ୯୧ତମ ପୁଲିସ ପ୍ରତିଷ୍ଠା ଦିବସ

ବାଲେଶ୍ୱର,୧।୪(ସମିସ): ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ୯୧ତମ ପୁଲିସ ପ୍ରତିଷ୍ଠା ଦିବସ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ



ସକାଳେ ଆୟୋଜିତ ଉତ୍ସବକୁ ପୂର୍ବାଂଚଳ ଜୋନ ପୁଲିସ ଡିଆଇଜି ପିନାକ ମିଶ୍ର ଉଦଘାଟନ କରିବା ସହ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷାରେ ପୁଲିସର ଦାୟିତ୍ୱବୋଧତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରିଜର୍ଭ ପୁଲିସ ପକ୍ଷରୁ ଆୟୋଜିତ ସାମୂହିକ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ପୌରୋହିତ୍ୟ କରିବା ସହିତ ପୁଲିସ ପ୍ରତିଷ୍ଠା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ସୂଚନା ଦେଇଥିଲେ। ଆଇପିଏସ ପ୍ରବେସନର ମନୀଷା ସୌଗୁନ ଓ ମଞ୍ଜୁଷା ଜର୍ଜ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଆଡିସନାଲ ଏସପି ଦେବଜ୍ୟୋତି ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବସ୍ତା ଥାନା ଅଧିନ ଅମର୍ଦା ରୋଡ ପୁଲିସ ଫାଣ୍ଡି ଆରକ୍ଷୀ ଉପନିରୀକ୍ଷକ ବିଜୟ ବାରିକ, ସଦର ମହକୁମା ସହକାରୀ ଆରକ୍ଷୀ ଉପ ନିରୀକ୍ଷକ ସଂଗ୍ରାମ କେଶରୀ ବେହେରା, ସଦର ମହକୁମା ଡ୍ରାଇଭର ହାବିଲଦାର ଶିରିଶ ଜେନା, ଚାନ୍ଦିପୁର ଥାନାର ଆରକ୍ଷୀ ମୀନାରାଣୀ ପ୍ରଧାନ, ସଦର ମହକୁମା ଆରକ୍ଷୀ ଯଶୋଦା ଜେନା, ଟ୍ରାଫିକ ଥାନା ଆରକ୍ଷୀ ମନୋଜ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଆଡିସନାଲ ଏସପି ନିରଞ୍ଜନ ବେହେରା, ଆଲୋକ ରଞ୍ଜନ ରାୟ, ପ୍ରମୋଦ ମଲ୍ଲିକ, ଯୋଗେଶ୍ୱର ଓରାମ ଓ ଗାୟତ୍ରୀ ପ୍ରଧାନ, ଡିଏସପି ନିବେଦିତା ସୋରେନ, ନିର୍ମଳା ଗୋଚ୍ଛାୟତ, ପ୍ରେମପ୍ରଜ୍ଞା ମହାନ୍ତି ଓ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କମର୍ଦ୍ଦା,୧।୪ (ସମିସ) : ଖରିଦପିପଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖରିଦପିପଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଦ୍ୟାମଣୀ ଜେନାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ମୁରଲୀମୋହନ ପଟ୍ଟନାୟକ ଯୋଗଦେବା ସହ ବାରବାଟିଆ ବିଦ୍ୟାଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାର୍କଣ୍ଡ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୋଟାରିଆନ ଡ଼ଃ ଶିବନାରାୟଣ ପାତ୍ର ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ପବନକୁମାର ବେହେରା , ବିଶିଷ୍ଟ ଅତିଥି ଭାବେ ଦହମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଦୀପ ଟୁଡୁ, ସମ୍ମାନିତ ଅତିଥି ଭାବେ ନାଚିନ୍ଦା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ହୃଦୟ ରଞ୍ଜନ ଗଙ୍ଗେଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଦସ୍ୟ ହେମନ୍ତ ବେହାରା, ପ୍ରାକ୍ତନ ସରପଞ୍ଚ ଦିବ୍ୟେନ୍ଦୁ ବିକାଶ ପାତ୍ର, ଭାସ୍କର ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ସୁବଳ ଜେନା, ଖରିଦପିପଳ ଗ୍ରାମ ସଭାପତି ଶ୍ୟାମସୁନ୍ଦର ସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ଜେନା, ସୂର୍ଯ୍ୟକାନ୍ତ ଜେନା, କାହ୍ନୁ ଚରଣ ଜେନା, ସଞ୍ଜିବ ସିଂ, ସଞ୍ଜିବ ଜେନା, ଚକ୍ରଧର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଚୋରା ବାଲି ଟ୍ରାକ୍ଟରକୁ ଧରି ପୁଲିସ ଜିମା

କାଳିପଦା, ୧।୪ (ସମିସ): ଏକ ଚୋରା ବାଲି ଟ୍ରାକ୍ଟର ଦ୍ରୁତ ଗତିରେ ଯାଉ ଥିବା ସମୟରେ ବାଲିଆପାଳ ସରପଞ୍ଚଙ୍କ ପ୍ରତିନିଧି ସମାଜ ସେବୀ ହେମନ୍ତ ଦାସ ଟ୍ରାକ୍ଟରଟିକୁ ଅଟକାଇ ବାଲିଆପାଳ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହା ପୂର୍ବରୁ ବାଲିଆପାଳ ବ୍ଲକରେ ଜିଲ୍ଲା ପାଳଙ୍କ ଜନ ଶୁଣାଣିରେ ଚୋରା ବାଲି ଚାଲାଣ ରୋକିବା ପାଇଁ ଚୋରା ବାଲି ଚାଲାଣକାରୀଙ୍କ ବିରୁଦ୍ଧରେ ଦରଖାସ୍ତ କରିଥିଲେ ସ୍ଥାନୀୟ ଲୋକ। ପ୍ରସ୍ତାବରେ ପ୍ରଶାସନିକ ସ୍ତରରେ କ୍ୟାମ୍ପ କରି ସୁବର୍ଣ୍ଣରେଖା ନଦୀ ବାଲିର ସୁରକ୍ଷା କରିବା ନହେଲେ ଆଗାମୀ ବନ୍ୟାରେ କିଛି ଗ୍ରାମ ନଦୀରେ ଲୀନ ହୋଇ ଯିବ। କିଛି ଗ୍ରାମର ସୁରକ୍ଷା ସହିତ ଦୁର୍ନୀତି ମୁକ୍ତ ସହିତ ରାଜସ୍ୱ ସୁରକ୍ଷା ଓ ବୃଦ୍ଧି ହେବ।ଏହା ଏକ ଯୁଗାନ୍ତକାରୀ ପ୍ରୟାସ। ଅନ୍ୟପକ୍ଷରେ ବିନା ପରମିଟରେ ଯେଉଁ ବାଲି ଟ୍ରାକ୍ଟର ଡ଼ାଇଭର ମାନେ ଦ୍ରୁତ ଗତିରେ ଯିବା ସମୟରେ ଦୁର୍ଘଟଣା ହେଉଥିବାରୁ ଧନ ଜୀବନର କ୍ଷତି ହେଉ ଅଛି। ଶ୍ରୀ ଦାସ ପ୍ରଥମରୁ ବିରୋଧ କରି ଆସୁଥିଲେ। ପ୍ରଶାସନ ଓ ବାଲି ମାଫିଆଙ୍କ ମଧୁ ଚନ୍ଦ୍ରିକା ହେମନ୍ତ ଦାସଙ୍କୁ ଜଣାଥିବାରୁ ଏହା ଏକ ନୂତନ ପ୍ରୟାସ। ସେ ବେକାର ଯୁବକ ଓ ସ୍ୱେଚ୍ଛାସେବୀ ଗୋଷ୍ଠୀଙ୍କୁ ନେଇ କେମ୍ପ କରି ଚୋରା ବାଲି ଟ୍ରାକ୍ଟର ଧାରୀଙ୍କ ପାଇଁ ଏକ ସମସ୍ୟାର ମାଇଲ ଖୁଣ୍ଟ ସଦୃଶ ହୋଇଛନ୍ତି।

## ଫାଣ୍ଡି ଅଧିକାରୀଙ୍କୁ ଜିଲ୍ଲାର ଶ୍ରେଷ୍ଠ ଏସ୍‌ଆଇ ପୁରସ୍କାର



ରାଜଘାଟ, ୧।୪ (ସମିସ): ୯୧ତମ ଓଡିଶା ପୁଲିସ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲା ରିଜର୍ଭ ପଡ଼ିଆରେ ପୁଲିସ ବାହିନୀର ବରିଷ୍ଠ ଅଧିକାରୀଙ୍କୁ ନେଇ ପାଳିତ ହୋଇଯାଇଛି। ଏହି ଅବସରରେ ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକଙ୍କୁ ତାଙ୍କର କର୍ତ୍ତବ୍ୟ ପରାୟଣ, ଜନସାଧାରଣଙ୍କ ପ୍ରତି ନିଷ୍ଠାପର ସେବା ମନୋଭାବ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମାମଲା ପରିସମାପ୍ତି ଆଦି ପାଇଁ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## କବିତା ପୁସ୍ତକ 'ଜରି ଗୋଟାଇବା ଝିଅର' ଜନ୍ମୋତ୍ସବ



ବାଲେଶ୍ୱର,୧।୪(ସମିସ): କବି ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ଜରି ଗୋଟାଇବା ଝିଅ'ର୨୮ତମ ଜନ୍ମୋତ୍ସବ ଏକ କବିତାମୟ ପରିବେଶରେ 'ଶ୍ରୀ' ଶିକ୍ଷା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନ୍ମୋତ୍ସବକୁ 'ଜରି ଗୋଟାଇବା ଝିଅ'ର ସଂସ୍କୃତ ଅନୁବାଦ 'ଜରି ସଂଗ୍ରାହିକା ବାଲା'ର ଏକ କବିତା 'କାର୍ଯ୍ୟା ଇପସିତା'କୁ ପାଠକରି ଅନୁବାଦକ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଉଦଘାଟନ କରିବା ସହ ପୁସ୍ତକ ବିଷୟରେ ନିଜର ଭାବଗର୍ଭକ ବକ୍ତବ୍ୟ ରଖିଥିଲେ। ଅତିଥିଭାବେ ବୈଷ୍ଟି ସ୍ୱାଇଁ 'ଜରି ଗୋଟାଇବା ଝିଅ'ର ହିନ୍ଦୀ ଅନୁବାଦ ପୁସ୍ତକ 'ଜରି ଚୁନନେ ବାଲୀ ଲଡ଼କି'ର ଏକ କବିତା 'କବି ହୁଁ ମେଁ' ଓ ଇଂରାଜୀ ଅନୁବାଦ 'ପୋଲିସ୍କାର୍ପ ପିକିଂ ଗାର୍ଲ' ପୁସ୍ତକରୁ ଏକ କବିତା 'ଦି ମେଡ ସର୍ଭେଟ'କୁ ରୁବିତା ନାୟକ ପାଠ କରିବା ସହ ନିଜ ନିଜର କଥା ରଖିଥିଲେ। ଅନ୍ୟତମ ବକ୍ତାଭାବେ ଗାୟତ୍ରୀ ଆଚାର୍ଯ୍ୟ ଯୋଗଦାନ କରି 'ଜରି ଗୋଟାଇବା ଝିଅ' ପୁସ୍ତକରୁ ଏକ କବିତା 'ଝିଅର ନାମ ଆଶା' ପାଠ କରିବା ସହ ନିଜ ବକ୍ତବ୍ୟରେ ଲେଖକର ବ୍ୟକ୍ତିଗତ ଜୀବନ ତା'ର ସର୍ଜନାକୁ ପ୍ରଭାବିତ କରିଥାଏ ଓ ଲେଖକଟି ନିଜ ଅନୁଭବର କଥା କବିତାରେ ଲେଖିଦେଇଥାଏ ବୋଲି କହିଥିଲେ। 'ଜରି ଗୋଟାଇବା ଝିଅ' ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କମିଟିର ସମ୍ପାଦକ ରାଜେଶ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରଥମେ ଲେଖକ କବି ଶ୍ରୀ ଦାସ ନିଜ କବିତା ପଛରେ ଥିବା ବାସ୍ତବତାକୁ ଅବତାରଣା କରିଥିଲେ ଓ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ କଥା ରଖିଥିଲେ। ରୌପ୍ୟଜୟନ୍ତୀ ବର୍ଷ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ 'ସମାଜ, ସାହିତ୍ୟ ଶ୍ରଦ୍ଧା ଓ ସମ୍ବେଦନଶୀଳତା' ଶୀର୍ଷକ ଆଲୋଚନାଚକ୍ର ୧୫ଟି ଆୟୋଜିତ ହୋଇସାରିଥିବା ବେଳେ ଚଳିତବର୍ଷ ଆଉ୧୦ଟି ଆୟୋଜନ ହେବ ଓ ରୌପ୍ୟ ଜୟନ୍ତୀ ଉତ୍ସବର ସମାପନ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଉତ୍ସବରେ ଅଂଶଗ୍ରହଣ କରି ପ୍ରେୟସୀ ମହାପାତ୍ର, ନନ୍ଦିତା ନାୟକ, ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସୁପ୍ରଭା ଦଳେଇ, ଅମରଜିତ ଦାସ, ସୁକୁମାର ଘୋଷ, ରଂଜନା ଘୋଷ, ଅନୁପ ଦାସ ପ୍ରମୁଖ ନିଜ ନିଜର କଥା ରଖିଥିଲେ। ସନ୍ତୋଷ ଦଳେଇ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ବ୍ରାହ୍ମଣ ସମିତି ବୈଠକ

ବାଲେଶ୍ୱର,୧।୪(ସମିସ): ଦାମୋଦରପୁରସ୍ଥିତ ଜିଲ୍ଲା ବ୍ରାହ୍ମଣ ସମିତି କାର୍ଯ୍ୟାଳୟରେ ସମିତିର ପୂର୍ବତନ ସଭାପତି, ଉପଦେଷ୍ଟା ବେଦପ୍ରଭା ପଣ୍ଡିତ ସ୍ୱର୍ଗତ ମଧୁସୂଦନ ପଣ୍ଡାଶର୍ମାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଓ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଶୀର୍ଷ କୁମାର ଦାଶ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଜିଲ୍ଲା ବ୍ରାହ୍ମଣ ସମିତିର ବର୍ତ୍ତମାନର ପରିଚାଳନା କମିଟିର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଯାଇଥିବାରୁ ନୂତନ ପରିଚାଳନା କମିଟି ନିର୍ବାଚନ ପାଇଁ ସାଧାରଣ ସମ୍ପାଦକ ଗୌର ଚନ୍ଦ୍ର ଦାଶ ପ୍ରସ୍ତାବ ଆଗତ କରିଥିଲେ। ଏଥିପାଇଁ ସର୍ବସମ୍ମତି କ୍ରମେ ଏକ ମନୋନୟନ କମିଟି ଗଠନ ହୋଇଛି। ଉକ୍ତ କମିଟି ଆସନ୍ତା ଏପ୍ରିଲ ମାସ ମଧ୍ୟରେ ବିଭିନ୍ନ ବ୍ଲକ କମିଟି କର୍ମକର୍ତାମାନଙ୍କ ସହ ଆଲୋଚନା କରି ସମିତିର ସୁପରିଚାଳନା ପାଇଁ ଏକ ପ୍ରସ୍ତାବ ଦେବାପରେ ଆସନ୍ତା ସାଧାରଣ ସଭାର ଅନୁମୋଦନ ପାଇଁ ଏହା ଆଗତ କରାଯିବ ବୋଲି ସଭାପତି ଶ୍ରୀ ଦାଶ କହିଥିଲେ। ରାଧାକୃଷ୍ଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ

ବାଲିଆପାଳ, ୧।୪ (ସମିସ): ଜାଠିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ନମିତାପ୍ରଭା ସାମଲ, ମୁଖ୍ୟ ବକ୍ତା ଭାବେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ସମ୍ମାନିତ ଅତିଥି ଭାବେ ଜୟନାରାୟଣ ଦାସ, ଶିକ୍ଷକ ନିତାଇ ଚରଣ ରାଉଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁପ୍ରିୟା ଜେନା, ବିଶିଷ୍ଟ ଶିକ୍ଷାବିତ ରବୀନ୍ଦ୍ର ସାମଲ, ଶ୍ରୀହରି ଧଳ, ବିଜୟ ଜେନା, ସିଆରସିସି ରବୀନ୍ଦ୍ର ବିଶ୍ୱାଳ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ଅନିବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ଷଣ୍ଢର ଚିକିତ୍ସା କଲେ ସମାଜସେବୀ

ଜଳେଶ୍ୱର,୧।୪ (ସମିସ): ମଙ୍ଗଳବାର ରାତିରେ ହସ୍ପିଟାଲ ରୋଡ଼ ରେ ଷଣ୍ଡର ଗୋଡ଼ ଉପର ଦେଇ ଏକ ଅଜଣା ଗାଡି ଚାଲି



ଯାଇଥିଲା। ଷଣ୍ଢ ଟି ରାସ୍ତାରେ ପଡି ପଚ୍ଛପଟ ହେଉଥିବା ବେଳେ ସମାଜସେବୀ ରାଜେଶ ଖଟୁଆ, ନରିସାମା କ୍ଲବର ସଦସ୍ୟ ଏବଂ ସ୍ଥାନୀୟ ଭେଟରେନାରୀ କର୍ମଚାରୀ ସାର୍ଥକ ଘୋଷଙ୍କୁ ଡ଼ାକିଥିଲେ। ସମସ୍ତଙ୍କ ସହଯୋଗ ରେ ଦୀର୍ଘ ସମୟ ଧରି ଆହତ ଷଣ୍ଢର ଚିକିତ୍ସା ସହିତ ତାର ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କ୍ଲବର ସତ୍ୟ ନାରାୟଣ ଦାଶ, ସାଗର ସେନାପତି, ଚନ୍ଦନ ସେନାପତି, ଆଲୋକ ଡଗର, ଖିତିସ ବ୍ରହ୍ମ, ଜ୍ୟୋତି ପ୍ରକାଶ ନାୟକ, ଆକାଶ ପାତ୍ର, ଗୋବିନ୍ଦ ପରିଡ଼ା, ଶୁଭମ୍ ମିଶ୍ର, ସ୍ୱାଧୀନ ଗିରି, ଜଗଦୀଶ ତ୍ରିପାଠୀ, ବିଶ୍ୱଜିତ୍ ନନ୍ଦି, ସାଗର ଦାସ, ଗଜେନ୍ଦ୍ର ଖମାରୀ, ସ୍ୱାଭିମାନ ସେନାପତି ପ୍ରମୁଖ ସେବା ଯୋଗାଇଥିଲେ।

## ଧର୍ମପ୍ରାଣା ଭାମାଙ୍କ ପରଲୋକ

ସୋର,୧।୪(ସମିସ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଅଧୀନ ରଘୁନାଥପୁର ଅନ୍ତର୍ଗତ ବାଉଁଶପୋଖରୀ ଗ୍ରାମର ଧର୍ମପ୍ରାଣା ବୃଦ୍ଧା ଭାମା ମଲ୍ଲିକ(୯୦)ଙ୍କ ପରଲୋକ ଘଟିଛି। ସେ ଦୁଇମାସ ହେଲା ଲିଭର ଜଣ୍ଡିସ ରୋଗରେ ଆକ୍ରାନ୍ତହୋଇ ଶଯ୍ୟାଶାୟୀ ଥିଲେ। ମେଡିକାଲରୁ ଡାକ୍ତର ଫେରାଇ ଦେବାପରେ ନିଜ ବାସଭବନରେ ତାଙ୍କର ଚିକିତ୍ସା ଚାଲିଥିଲା। ମଙ୍ଗଳବାର ପୂର୍ବାହ୍ନରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଜୁଗେନ୍ଦ୍ର, ସାନପୁଅ ଶ୍ରଦ୍ଧର, ବୋହୂ ଜୟନ୍ତୀ, ମଝିଆ ବୋହୂ ମମତା, ଝିଅ, ଜ୍ୱାଇଁ ଜଗବନ୍ଧୁ ମଲ୍ଲିକ ଓ ନାତି-ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସାନପୁଅ ମୁଖାଗ୍ନି ଦେଇଥିଲେ।

## ସିଂଲା ପତଞ୍ଜଳୀ ଯୋଗକେନ୍ଦ୍ରର ତହସିଲ ସ୍ତରୀୟ କର୍ମକର୍ତ୍ତା ଚୟନ

ରାଜଘାଟ, ୧।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସିଂଲା ସ୍ଥିତ ଆଛୁଆପଦାଠାରେ ପତଞ୍ଜଳୀ ଯୋଗ କେନ୍ଦ୍ରର ବ୍ଲକ ସ୍ତରୀୟ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଂଲା ଯୋଗ କେନ୍ଦ୍ରର ମୁଖ୍ୟ ଯୋଗ ଶିକ୍ଷକ ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ଭାରତ ସ୍ୱାଭିମାନ ପ୍ରଭାରୀ କରୁଣାକର ଶିଅଳ, ପତଞ୍ଜଳୀ ଜିଲ୍ଲା ମହିଳା ପ୍ରଭାରୀ ଯଶୋମତୀ ଶିଯଳ, ଜିଲ୍ଲା ପତଞ୍ଜଳୀ ଯୋଗସମିତି ପ୍ରଭାରୀ ମନୋଜ ଦେଙ୍କ ଉପସ୍ଥିତିରେ ଏକ ତହସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ




ପ୍ରତ୍ୟେକ ଯୋଗ କେନ୍ଦ୍ର ସିଂଲା, ଦରଡା, ବାଲିଆପାଟି, ଜାମୁଶୂଳୀ, ଗୁହାଳିପଦା, ନିଖିରା, ସିତାଡିହା ପ୍ରଭୃତି ଯୋଗ କେନ୍ଦ୍ରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ କାହ୍ନୁଚରଣ ଗିରି, ଚିରଞ୍ଜୀବ ଦାସ, ତ୍ରୀଭୂନ ପ୍ରଧାନ, ଶିତାଂଶୁ ଶେଖର ଜେନା, ଗୌତମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସନ୍ତରାଗଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଞ୍ଚଲିଙ୍ଗେଶ୍ୱର, ୧।୪ (ସମିସ): ସନ୍ତରାଗଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଦୁଇନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ମୁଖ୍ୟବକ୍ତା ଅକ୍ଷୟ କୁମାର ପାଣିଗ୍ରାହୀ, ଶ୍ୟାମସୁନ୍ଦର ପୁର ପଂଚାୟତ ସରପଞ୍ଚ ପୁରସ୍ତମ ସେଠି, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟନାୟକ, ସମ୍ମାନିତ ଅତିଥି ଡାକ୍ତର ଗଜେନ୍ଦ୍ର ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ନରହରି ବିଶ୍ୱାଳ, ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ବାରିକ, ସାଧନା ସଂଯୋଜକ ମୁରଲୀଧର ନାୟକ,ଅତିଥି ମାନଙ୍କ ପରିଚୟ ଶିକ୍ଷକ ବିଦ୍ୟାଧର ବେହେରା, ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ପ୍ରଦାନ କରିଥିଲେ ଓ ବାର୍ଷିକ ବିବରଣୀ ପାଠ ଶିକ୍ଷକ ସଞ୍ଜୟ ବାରିକ,ଧନ୍ୟବାଦ ଭାଷଣ ଶିକ୍ଷକ ବସନ୍ତ ମଲିକ ଦେଇଥିଲେ।

## ଅନାଥ ନାବାଳିକାକୁ ଉଦ୍ଧାରକଲା ଚାଇଲ୍ଡ ହେଲ୍ପ ଲାଇନ୍

ଜଳେଶ୍ୱର, ୧।୪ (ସମିସ) : ରାଇବଣିଆ ଥାନା ଦରଖୋଳୀ ଗାଁର ସମବାରୀ ସରେନ ଓ ତାର ସ୍ୱାମୀ ୬ବର୍ଷପୂର୍ବେ ମୃତ୍ୟୁ ପରେ ତାର ଏକମାତ୍ର ୭ବର୍ଷର ଝିଅ ଅନାଥ ହୋଇଯାଇଥିଲା। ଗହିରାବନ୍ଧ ଗାଁର କରୁଣାମୟୀ ମଜେସ୍ ନାମକ ଜନୈକ ବ୍ୟକ୍ତି ଝିଅଟିକୁ ନିକଟରେ ରଖିଥିବା ବେଳେ ଏବେ ବୟସାଧିକ ହେବାରୁ ତାର ଲାଳନପାଳନରେ ଅସମର୍ଥ ହେବାରୁ ୧୦୯୮କୁ ଫୋନ୍ କରି ଘଟଣା ସଂପର୍କରେ କହିଥିଲେ। ଜିଲା ଶିଶୁ ମଙ୍ଗଳ ବିଭାଗର ଅଧିକାରୀ ଖୁସିରାମ ଗହୀରଙ୍କ ନିର୍ଦ୍ଦେଶରେ ଆଜି ଶିଶୁ ହେଲ୍ପଲାଇନ୍‌ର ପ୍ରଶାନ୍ତ ରାଉତ, ଉତ୍ତମ ନାୟକ, ସନ୍ତୋଷ ମହାନ୍ତି, ତପସ୍ୱିନୀ ରାଉତ ପ୍ରମୁଖ ପହଞ୍ଚି ନାବାଳିକାକୁ ଅଂଗନୱାଡି କର୍ମୀଙ୍କ ଉପସ୍ଥିତିରେ ଉଦ୍ଧାର କରି ସିଡବ୍ଲୁସିର ଅନିତା କର, ପ୍ରିୟଦର୍ଶିନୀ ମହାନ୍ତି ଶତ୍ରୁଘ୍ନ ମଲ୍ଲିକଙ୍କ ଉପସ୍ଥିତିରେ ଛାଡିଥିବା ଜଣାଯାଇଛି। ସୂଚନାଯୋଗ୍ୟ ନାବାଳିକା ଜଣକ ହାତୀଗଡ ବିଦ୍ୟାଳୟରେ ପଢୁଥିବା ଜଣାଯାଇଛି।

## ଲଙ୍ଗଳେଶ୍ୱର ପୀଠର ବିକାଶ ପାଇଁ ୨୫ କୋଟିର ଅନୁଦାନ ଦାବି

ବାଲେଶ୍ୱର,୧।୪(ସମିସ)

### ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ବସ୍ତା ବିଧାୟିକା



ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରସିଦ୍ଧ ଶୈବ ପୀଠ ବାବା ଲଙ୍ଗଳେଶ୍ୱର ମନ୍ଦିରର ସମନ୍ୱିତ ବିକାଶ ତଥା ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବସ୍ତା ବିଧାୟିକା ସୁବାସିନୀ ଜେନା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିବା ସହ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ସାକ୍ଷାତକାର ସମୟରେ ବିଧାୟିକା ଜେନା ଲଙ୍ଗଳେଶ୍ୱର ପୀଠର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପୁରାତନ ମନ୍ଦିରର ସୁରକ୍ଷା, ସ୍ଥାୟିତ୍ୱ ଏବଂ ଏହାର ଅଖଣ୍ଡତାକୁ ବଜାୟ ରଖିବା ସହିତ ନୂତନ ଭାବେ ନବୀକରଣ କାର୍ଯ୍ୟ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ମନ୍ଦିର ପାଶ୍ୱର୍ବର୍ତ୍ତୀ ପାର୍ବତୀ ନଦୀକୂଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରି ସମଗ୍ର ଅଞ୍ଚଳକୁ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣୀୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ତେଣୁ ମନ୍ଦିରର ସାମଗ୍ରିକ ଉନ୍ନତି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିବାକୁ ସେ ଦାବି କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦାବିକୁ ଗୁରୁତ୍ୱର ସହ ଶୁଣିବା ସଙ୍ଗେ ସଙ୍ଗେ ଏହି ପ୍ରାଚୀନ ପୀଠର ଉନ୍ନତି ପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।





## କଟକରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

# ବିକଶିତ ଓଡ଼ିଶା ଗଠନ ପାଇଁ ଆହ୍ୱାନ

କଟକ,୧।୪(ସମିସ):

କଟକ ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ବୁଧବାର ୯୦ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ସହର ସାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ସହ ଏକ ସୁସଜ୍ଜିତ ଯାନ ପରିକ୍ରମା କରିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମସି କମିଶନର କିରଣଦୀପ କୌର ସହୋତା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠ, ବିଜୁ ପଟ୍ଟନାୟକ ଛକ, ସହିଦ ପାର୍କ ଓ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ନେତାଜୀ ସଂସ୍କୃତି



ଭବନଠାରେ ଓଡ଼ିଶାର ଐତିହ୍ୟକୁ ନେଇ ଏକ ଆକର୍ଷଣୀୟ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, କଟକ ଥିଲା ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରାଣକେନ୍ଦ୍ର। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ପ୍ରତ୍ୟେକ ଓଡ଼ିଆ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଓଡ଼ିଶାର ପ୍ରଗତି ଗାଥା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ବାଲିଯାତ୍ରାର ୟୁନେସ୍କୋ ମାନ୍ୟତା ପାଇଁ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ-ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଂସ୍କୃତିକ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ।

### ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ

କଟକ କଲେଜ ଛକ ପାଟରା ସାହିସ୍ଥିତ ଅଗ୍ରଣୀ ଅନୁଷ୍ଠାନ 'ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ' ପକ୍ଷରୁ ମହାସମାରୋହରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପ୍ରଫେସର ଡା. ପ୍ରଫୁଲ୍ଲ କୁମାର ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘର ସଦସ୍ୟମାନେ ଓଏମପି ଛକସ୍ଥିତ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ "ବନ୍ଦେ



ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ସଭାପତି ହରି ନାରାୟଣ ବେବର୍ତ୍ତା ଓ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ସାହୁ, ମିହିର କର, ଦେବେନ୍ଦ୍ର ଆଚାର୍ଯ୍ୟ, ହେମେନ୍ଦ୍ର ନାରାୟଣ ଦାସ, ବରଦା ପ୍ରସାଦ ପଟ୍ଟନାୟକ, ରାଜୀବ ଲୋଚନ ଦାଶ, ପ୍ରଫୁଲ୍ଲ ଲେଙ୍କା ଏବଂ ଡ. ମୀନାକ୍ଷୀ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଦସ୍ୟମାନଙ୍କ ମଧ୍ୟରେ ମିଠା ବଣ୍ଟନ କରାଯାଇ ଉତ୍ସବ ସମାପନ ହୋଇଥିଲା।

### କଟକ ଜିଲ୍ଲା ବିଜେଡି



ଦୋଳମୁଣ୍ଡାଇସ୍ଥିତ କଟକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବୁଧବାର ୯୦ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କଟକ ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝି, ପୂର୍ବତନ ସଭାପତି ମଧୁସୂଦନ ସାହୁ, ବରିଷ୍ଠ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ଏବଂ ପୂର୍ବତନ ମେୟର ଅନିତା ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୈୟଦ୍ ଏକ୍ରାମ ହୁସେନ, ତାପସ ମହାନ୍ତି, ପ୍ରକାଶ ସିଂ, ନନ୍ଦଲାଲ ସିଂ ଏବଂ ବହୁ କର୍ପୋରେଟର ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜେଡି କର୍ମକର୍ତ୍ତା ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ବିଭୂତି ସ୍ୱାଇଁ, ତନ୍ମୟା ରାୟ ଓ ପ୍ରିୟମ୍ବଦା ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଏହି ଉତ୍ସବରେ ସାମିଲ ହୋଇଥିଲେ। ଶେଷରେ ବିନୋଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଉତ୍କଳ ସାହିତ୍ୟ ସମାଜ

ଓଡିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୯୦ତମ ଉତ୍କଳ ଦିବସ ଅନୁଷ୍ଠାନର ପରିସରରେ ପାଳିତ ହୋଇଯାଇଛି। ବୁଧବାର ପୂର୍ବାହ୍ଣରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପତକା ଉତ୍ତୋଳନ କରି ଉତ୍କଳ ପ୍ରଦେଶ ଗଠନର ଇତିହାସ, ପୂର୍ବସୂରୀମାନଙ୍କ ତ୍ୟାଗ ଓ ଏଥିରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ସଂପର୍କରେ ଉଲ୍ଲେଖ କରି ଏହି ଦିବସର ମହତ୍ତ୍ୱକୁ ଉପଲବ୍ଧ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପରିସରରେ



ଥିବା ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମାରୋହରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ପ୍ରାଧ୍ୟାପକ ପ୍ରତାପ ଧଳ, ମୀରା ବେଉରାଙ୍କ ସମେତ ବଂଶୀଧର ରାଉତ, ମାନସ ଦାସ, ଲକ୍ଷ୍ମୀପ୍ରସାଦ ମହାପାତ୍ର, ଅଜୟ ବେହେରା, ଗୌତମ ଚନ୍ଦ୍ର କର, ବଦ୍ରିକାନାଥ ଦାସ, ଦେବାଶିଷ ସାମନ୍ତରାୟ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଏହି ସମାରୋହରେ ଅଂଶଗ୍ରହଣ କରିଥିଲେ।

### ନ୍ୟୁ ଷ୍ଟିୱାର୍ଟ ସ୍କୁଲ

ସ୍ଥାନୀୟ ମିଶନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରେଭେରେଣ୍ଡ ମୋଜେସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭିକ ପ୍ରାର୍ଥନା ସହ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଓଡ଼ିଶାର ଗୌରବମୟ ଇତିହାସକୁ ମନେ ପକାଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ର ରଣବୀର ପ୍ରକାଶ ସାହୁ, ଛାତ୍ରୀ କୃତ୍ତିକା ପ୍ରିୟଦର୍ଶିନୀ ଓ ଶିକ୍ଷକ ଅମୂଲ୍ୟ ବେହେରା ଉତ୍କଳ ଦିବସର ତାତ୍ପର୍ଯ୍ୟ



ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଙ୍ଗୀତ ଦଳ "ବନ୍ଦେ ଉତ୍କଳ ଜନନୀ' ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ଦୀପିକା ଲେଙ୍କା ଏକ ସୁନ୍ଦର କବିତା ପାଠ କରିଥିଲେ। ଛାତ୍ରୀ ଅକ୍ଷିତା ଦାସ ଓ ସ୍ନେହା ମିଶ୍ର କାର୍ଯ୍ୟକ୍ରମର ସଫଳ ଉପସ୍ଥାପନା କରିଥିଲେ। ଶିକ୍ଷୟିତ୍ରୀ ରୁପାଲୀ ପ୍ରକାଶ, ମମତାରାଣୀ ପାତ୍ର ଏବଂ ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଶେଷରେ ଛାତ୍ରୀ ଅନୁଷ୍କା ସାହୁ ଧନ୍ୟବାଦ ଦେଇଥିଲେ।

### ଷ୍ଟିୱାର୍ଟ ସ୍କୁଲ

କଟକର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଷ୍ଟିୱାର୍ଟ ସ୍କୁଲ ପରିସରରେ ମହାସମାରୋହରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍କୁଲ କୋୟାର୍‌ଙ୍କ ଦ୍ୱାରା 'ହେ ସକଳ ଦେଶ' ପ୍ରଶଂସା ଗାନ ଏବଂ ସମୂହ ପ୍ରାର୍ଥନା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଉତ୍ସବରେ ସାଇଶ୍ରୀ ସୁଭାଙ୍ଗି, ହର୍ଷିନୀ ପଟ୍ଟନାୟକ ଓ ଅନ୍ୱେଷା ବର୍ଦ୍ଧନ ସ୍ୱତନ୍ତ୍ର ଓଡ଼ିଶା




ପ୍ରଦେଶ ଗଠନର ଇତିହାସ ଉପରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ସ୍କୁଲ କୋୟାର୍‌ଙ୍କ ଦ୍ୱାରା "ତୁ ପରା ବୋଲାଉ ଉତ୍କଳ ସନ୍ତାନ' ସଙ୍ଗୀତ ଗାନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିକ୍ଷୟିତ୍ରୀ ସ୍ମିତା ଅଧିକାରୀ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ଗୌରବମୟ ଐତିହ୍ୟ ପ୍ରତି ଗର୍ବବୋଧ କରିବାକୁ ପ୍ରେରିତ କରିଥିଲେ। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ 'ଫ୍ୟାନ୍ସି ଡ୍ରେସ୍' ପ୍ରତିଯୋଗିତା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଡି. ମାର୍ଟିନା ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଜୟାଦିତ୍ୟ ପାଢ଼ି ଓ ସାଇଶ୍ରୀ ସୁଭାଙ୍ଗି କାର୍ଯ୍ୟକ୍ରମର ସୂଚାରୁ ସଂଯୋଜନା କରିଥିବା ବେଳେ ଶେଷରେ ଅର୍ଚ୍ଚନା ଦାସ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳଜନନୀ' ଗାନ ସହ ସମାରୋହଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ମହାକାଳ ପରିବାର ପକ୍ଷରୁ ଉତ୍କଳ ଦିବସ ବନ୍ଧୁମିଳନ



କଟକ,୧।୪(ସମିସ): କଟକ ଛତ୍ରବଜାର ବଳଭଦ୍ରପୁର ହୁଙ୍କେଶ୍ୱର ଶିବ ମନ୍ଦିର ପରିସରରେ ସାମାଜିକ ଅନୁଷ୍ଠାନ ମହାକାଳ ପରିବାର ପକ୍ଷରୁ ଉତ୍କଳ ଦିବସ ଅବସରରେ ଏକ ବିଶାଳ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ସକାଳ କଟକ ବ୍ୟୁରୋ ମୁଖ୍ୟ ଭକ୍ତି ଭୂଷଣ ମହାନ୍ତି ଯୋଗଦେଇଥିଲେ। ମହାକାଳ ପରିବାରର ସଭାପତି ଜିତେନ୍ଦ୍ର ବାରିକ ଓ ସମ୍ପାଦକ ଅଜିତ ମୂଳିଆ ଓ ସହ ସମ୍ପାଦକ ସନ୍ତୋଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପରେଶ କୁମାର ମୂଳିଆ ପରିଚାଳନା କରିଥିଲେ। ପରିବାର ସଦସ୍ୟ ସୋମନାଥ ରାଉତ, ଶଶିକାନ୍ତ ସିଂହ, ମାନସ ରାଉତ, ରାଜେନ୍ଦ୍ର ରାଉତ, କାମୁ ରାଉତ, ହାପି ବିଶ୍ୱାଳ, ନାରାୟଣ ମୂଳିଆ, ସନ୍ଦୀପ ରାଉତ, ସୋମୁନା ବାରିକ, ଶୁଭାଶିଷ ସାହୁ, ସୁବାଷ ବିଶ୍ୱାଳ, ଦିଲ୍ଲୀପ, ରତନ ରାଉତ, ବିଷ୍ଣୁପ୍ରସାଦ ସାହୁ, ଗୁଡୁ ଛାଟୋଇ, ରୁଦ୍ର, ବିଜୁ, ଲିକୁ, ପ୍ରିନ୍ସୁ, ଟୁକୁନା ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ଯଶୋଦା ସେବା ସଦନର ସମସ୍ତ ଅନ୍ତେବାସୀ କାର୍ଯ୍ୟକ୍ରମରେ ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ସହ ପ୍ରସାଦ ସେବନ କରିଥିଲେ।

## ଖ୍ରୀଷ୍ଟ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା




**କଟକ,୧।୪(ସମିସ):** କଟକର ଐତିହାସିକ ଖ୍ରୀଷ୍ଟ କଲେଜ ଶିକ୍ଷକ ସଂଘ ପକ୍ଷରୁ ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡଃ ଶୁକ୍ଳଙ୍କର ଓଡ଼ିଆ ପାଠ୍ୟଦାନରେ ପାରଦର୍ଶିତା, କାର୍ଯ୍ୟନିପୁଣତା ଏବଂ ସାହିତ୍ୟ ସର୍ଜନା ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ଶିକ୍ଷକ ସଂଘର ସମ୍ପାଦକ ଡ. ଅଶୋକ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ଡଃ ଶୁକ୍ଳଙ୍କର ଜ୍ଞାନଗର୍ଭକ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ବିଭିନ୍ନ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ମାନପତ୍ର ପାଠ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡଃ ଶୁକ୍ଳ କହିଲେ ଯେ, ଖ୍ରୀଷ୍ଟ କଲେଜରେ ଛାତ୍ରାବସ୍ଥାରୁ ଅଧ୍ୟାପନା ପର୍ଯ୍ୟନ୍ତ ସୁଦୀର୍ଘ ଅନୁଭବ ତାଙ୍କୁ ଅନେକ କିଛି ଦେଇଛି ଏବଂ ଆଗାମୀ ଦିନରେ ସେ ସମାଜସେବା ପାଇଁ ବ୍ରତୀ ରହିବେ। ସଭାରେ ଡଃ କ୍ଷଣପ୍ରଭା ନନ୍ଦ, ଡଃ ଦେବଯାନୀ ଦାଶ, ଅଧ୍ୟାପକ ସୁମନ ରଏ, ଡଃ ବିନୀତା ନନ୍ଦ, ଡଃ କୃତିବାସ ଷଡ଼ଙ୍ଗୀ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡଃ ଆଲୋକ ମିଶ୍ର, ଡଃ ଜେହାରାଜବୀନ, ଅଧ୍ୟାପିକା ସ୍ୱାତୀ ଦାଶ, ଡଃ କବିତା ଜେନା, ଅଧ୍ୟାପକ ସୁବ୍ରତ ବଳ, ଅଧ୍ୟାପିକା ରିଙ୍କୁ ମହାପାତ୍ର ଓ ଡଃ ସଞ୍ଜିତ ବିଶ୍ୱାସ ପ୍ରମୁଖ ଡଃ ଶୁକ୍ଳଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସହ ସମ୍ପାଦକ ଡଃ ଦୀପକ ଦାଶ ଧନ୍ୟବାଦ ଦେଇଥିଲେ।

## ଆୟକର ବିଭାଗ କଟକ ପକ୍ଷରୁ ଉତ୍କଳ ଦିବସ

### ସମ୍ବର୍ଦ୍ଧିତ ହେଲେ ବିଭିନ୍ନ ବର୍ଗର ୧୪ ପ୍ରତିଭା

**କଟକ,୧।୪(ସମିସ):** ଆୟକର ବିଭାଗ କଟକ ପକ୍ଷରୁ ଉତ୍କଳ ଦିବସ ଉତ୍ସାହର ସହିତ ପାଳନ କରାଯାଇଥିଲା। ଅଧିକାରୀ ଓ କର୍ମଚାରୀମାନେ ସମବେତ ହୋଇ ଓଡ଼ିଶାକୁ ଅଲଗା ରାଜ୍ୟ ଭାବେ ଗଠନ କରିବାରେ ଯେଉଁ ମହାନ୍ ନେତା ଓ ପ୍ରବର୍ତ୍ତକ ମାନଙ୍କର ଅବଦାନ ଥିଲା ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେ ସଙ୍ଗେ ଓଡ଼ିଶାର ସମୃଦ୍ଧ, ସାମ୍ପ୍ରଦାୟିକ ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥିଲେ। ପ୍ରଧାନ ଆୟକର ଆୟୁକ୍ତ (ଭେରିଫିକେସନ ୟୁନିଟ୍-୧)ସରୋଜ କୁମାର ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷ ଯଥା ଆଇନଜୀବୀ, ନଟବର ପଣ୍ଡା, ଆଇଟିଏଟି ବାର ଆସୋସିଏସନର ସଭାପତି ପ୍ରଶାନ୍ତ କୁମାର ମିଶ୍ର, କଟକ ଟାକ୍ସ ବାର ଆସୋସିଏସନର ସମ୍ପାଦକ ସିଏ ଲଳିତ ମହାବର, ଅଧ୍ୟକ୍ଷ, ଆଇସିଏଆଇ, ହିମାଂଶୁ ଶେଖର ଖଟୁଆ, ଅଧ୍ୟକ୍ଷ, ବିପିଏଫ୍‌ଟିଆଇଓ, ଅଭିଜିତ ପାଲ୍, ସଚିବ, ଓଡ଼ିଶା ଅଲମ୍ପିକ ଆସୋସିଏସନ, ସାବିର ବକ୍ସ, ଅନ୍ତର୍ଜାତୀୟ ସ୍କୁବା ଚାଳକ, ଡ଼. ବିଜୟଲକ୍ଷ୍ମୀ ଦାଶ, ଏଚ୍‌ଓଡ଼ି (ଓଡ଼ିଆ) ରେଭେନ୍ସା ବିଶ୍ୱବିଦ୍ୟାଳୟ, ସ୍ୱପ୍ନ



ଫାଉଣ୍ଡେସନ୍‌ର ସୁଧାଂଶୁ ଶେଖର ପାତ୍ର, ବିଜୟ ପାତ୍ର, ପ୍ରଫୁଲ୍ଲ ମହାଲା, ରାକେଶ ବେହେରାଙ୍କ ସହ ଆସିଷ୍ଟାଣ୍ଟ ପ୍ରଫେସର ବନ୍ଦିତା ରାୟ, ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ପ୍ରଫେସର ଡ. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ଏସ୍‌ସିବି ମେଡ଼ିକାଲ କଲେଜ, ଆକାଶବାଣୀ କଟକର ପଲ୍ଲବୀ ରାଉତ ପ୍ରମୁଖଙ୍କୁ ମୁଖ୍ୟଅତିଥି ପ୍ରଧାନ ଆୟକର ଆୟୁକ୍ତ ମହାପାତ୍ର ସମ୍ମାନିତ କରିଥିଲେ। ମୁଖ୍ୟ ସଂଯୋଜକ ଅତିରିକ୍ତ ସହକାରୀ ଆୟକର ଆୟୁକ୍ତ କ୍ଷୀତିଶ ମହାନ୍ତିଙ୍କ ବଳିଷ୍ଠ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ଆୟକର ନିରୀକ୍ଷକ କ୍ଷମାସାଗର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଏମ୍‌ସିରେ ଜନଗଣନା କାର୍ଯ୍ୟର ଶୁଭାରମ୍ଭ

### ୧୫ ପ୍ରତିଶତ ଜନସଂଖ୍ୟା ବୃଦ୍ଧି ଆଶଙ୍କା

କଟକ,୧।୪(ସମିସ):

କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ବୁଧବାର ଠାରୁ ବହୁ ପ୍ରତିକ୍ଷିତ ୨୦୨୬ ଜନଗଣନା କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ବାରବାଟୀ ଦୁର୍ଗସ୍ଥିତ ମେୟରଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଟକ ସହରର ପ୍ରଥମ ନାଗରିକ ତଥା ମେୟର ସୁବାସ ସିଂହଙ୍କ ସୂଚନା ସଂଗ୍ରହ କରାଯାଇ ଏହି ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି। ସିଏମସି କମିଶନର କିରଣଦୀପ କୌର ସହୋତା ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୨୦୧୧ ମସିହା ଜନଗଣନା



ତୁଳନାରେ ଚଳିତ ବର୍ଷ ଜନସଂଖ୍ୟା ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ, ୨୦୧୧ ମସିହାରେ ସିଏମସିର ୫୪ଟି ୱାର୍ଡରେ ସମୁଦାୟ ୬ ଲକ୍ଷ ୧୦ ହଜାର ୧୮୯ ଜନସଂଖ୍ୟା ଥିଲା। ତେବେ ବର୍ତ୍ତମାନ ନିଗମର ୫୯ଟି ୱାର୍ଡରେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଜନଗଣନା କାର୍ଯ୍ୟ ଆସନ୍ତା ମେ' ୧୫ ତାରିଖ ପର୍ଯ୍ୟନ୍ତ ଅବ୍ୟାହତ ରହିବ। ଗଣନାକାରୀମାନେ ପ୍ରତି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହି କାର୍ଯ୍ୟକ୍ରମରେ ମେୟରଙ୍କ ଧର୍ମପତ୍ନୀ ଡାକ୍ତର ନିବେଦିତା ଦାସ, ସିଏମସି ଆସିଷ୍ଟାଣ୍ଟ କମିଶନର ତ୍ରିନାଥ ବେହେରା, ଜନଗଣନା ଦାୟିତ୍ୱରେ ଥିବା ୟଲା ରାମୁଡୁ ରେଡି, ସନ୍ତୋଷ ରାଓ, ବସନ୍ତ କର ଏବଂ ଅବିନାଶ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ସଠିକ୍ ଜନଗଣନା ପାଇଁ ସହରବାସୀ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ମେୟର ନିବେଦନ କରିଛନ୍ତି।

### ଆଦେଶନାମା କପି ପ୍ରଦାନରେ ଅବହେଳା

## ଅନୁଗୁଳ ଜିଲ୍ଲା ଅଦାଲତ ରେଜିଷ୍ଟ୍ରାରଙ୍କୁ ହାଇକୋର୍ଟଙ୍କ ହାଜିରା ନିର୍ଦ୍ଦେଶ

କଟକ,୧।୪(ସମିସ): ଓଡ଼ିଶା ଉଚ୍ଚନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ଅନୁଗୁଳ ଜିଲ୍ଲା ଅଦାଲତର ରେଜିଷ୍ଟ୍ରାରଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ପରବର୍ତ୍ତୀ ଶୁଣାଣି ଦିନ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡଃ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଦୁଃଖନାଶନ ବିଶିଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଏକ ପୋକ୍‌ସୋ ମାମଲାରେ ରାୟ ପ୍ରକାଶ ପୂର୍ବରୁ କେତେକ ଆଦେଶର ପ୍ରମାଣୀକୃତ କପି ଯୋଗାଇ ଦିଆଯାଇ ନ ଥିଲା। ଗତ ଶୁଣାଣି ବେଳେ ଅନୁଗୁଳ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରୁ ମାମଲା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ବା ରେକର୍ଡର ଫଟୋକପି ମାର୍ଚ୍ଚ ୩୧ ସୁଦ୍ଧା ପଠାଇବାକୁ ସମ୍ପୃକ୍ତ ଅଦାଲତ ରେଜିଷ୍ଟ୍ରିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ପ୍ରଦାନ କରାଯାଇନଥିବା ନେଇ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିବାରୁ ହାଇକୋର୍ଟ ସମ୍ପୃକ୍ତ ଜିଲ୍ଲା ଅଦାଲତ ରେଜିଷ୍ଟ୍ରାରଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୬କୁ ଧାର୍ଯ୍ୟ କରାଯାଇଛି। ପ୍ରକାଶଥାଉକି ପୂର୍ବରୁ ମାର୍ଚ୍ଚ ୨୬ ତାରିଖରେ ନିମ୍ନ ଅଦଲାତଙ୍କ ପକ୍ଷରୁ ପ୍ରକାଶ ପାଇବାକୁ ଥିବା ରାୟକୁ ହାଇକୋର୍ଟ ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖିଥିଲେ।

### ବ୍ରାଉନସୁଗର ଚୋରା ଚାଲାଣ ମାମଲା

## ଦୁଇ ଅଭିଯୁକ୍ତଙ୍କ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ କାଏମ୍

କଟକ,୧।୪(ସମିସ): ଏକ ବ୍ରାଉନସୁଗର ଚୋରା ଚାଲାଣ ମାମଲାରେ ଦୁଇ ଅଭିଯୁକ୍ତଙ୍କ ଦ୍ୱାରା ଦାୟର ହୋଇଥିବା ଅପିଲକୁ ଖାରଜ କରି ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଶେଖ ଜମିର ଓ ପ୍ରଭାତ କୁମାର ସେଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡଃ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୨୦ ନଭେମ୍ବର ୫ ତାରିଖରେ ବାଲେଶ୍ୱରର ଜ୍ୟୋତି ସାଗର ହୋଟେଲ ନିକଟରୁ ଏସଟିଏଫ ଦ୍ୱାରା ଦୁଇ ଅଭିଯୁକ୍ତ ଛୋଟୁ ଓରଫ ଶେଖ ଜମିର ଏବଂ ପ୍ରଭାତ ଓରଫ ପ୍ରଭାତ କୁମାର ସେଠୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ବ୍ରାଉନସୁଗର ଜବତ କରାଯାଇଥିଲା। ଏହି ମାମଲାରେ ବାଲେଶ୍ୱରର ସ୍ୱତନ୍ତ୍ର କୋର୍ଟ ୨୦୨୩ ମସିହା ଏପ୍ରିଲ ୧୯ ତାରିଖରେ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କାର ଜରିମାନା ଆଦେଶ ଦେଇଥିଲେ। ହାଇକୋର୍ଟ ସମସ୍ତ ପ୍ରମାଣ ଏବଂ ନିମ୍ନ ଅଦାଲତର ବିଚାର ପ୍ରକ୍ରିୟାକୁ ପୁନଃ ତର୍ଜମା କରିବା ପରେ ଦଣ୍ଡାଦେଶରେ କୌଣସି ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

## କେନ୍ଦୁଝର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

# 'ସମଗ୍ର ଭାରତରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର'

କେନ୍ଦୁଝର, ୧।୪(ସମିସ): କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ଏବଂ ସଂସ୍କୃତିକୁ ବଜାୟ ରଖିବା ସହିତ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଶପଥ ନିଆଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ପାରମ୍ପରିକ ଲୋକକଳା ପ୍ରଦର୍ଶନ ମାଧ୍ୟମରେ ଭକ୍ତିପୂତ ପରିବେଶରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇ ସହରରେ ଅବସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ଲୋକକଳାକାର, ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ସାମିଲ ହୋଇଥିଲେ। ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭବ୍ୟ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଅତୀତର ଗୌରବମୟ ଇତିହାସକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ମନ୍ତ୍ରୀ ପ୍ରଦର୍ଶିତ ଚିତ୍ରଗୁଡ଼ିକୁ ବୁଲି ଦେଖିବା ସହ ଓଡ଼ିଶାର ବୀରତ୍ୱ ଏବଂ ଐତିହ୍ୟକୁ ପୁଣିଥରେ ମନେ ପକାଇଥିଲେ। ପରେ ଦରବାର ହଲ୍‌ଠାରେ ଏକ ସ୍ୱତନ୍ତ୍ର ସଭାରେ ଜିଲ୍ଲାପାଳ ବିଶାଳ ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଥିଲେ ଯେ ସମଗ୍ର ଭାରତବର୍ଷରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସେମାନଙ୍କର ଉତ୍ସର୍ଗୀକୃତ ସେବା ଅତୁଳନୀୟ। ସମସ୍ତଙ୍କ ସହ ସମନ୍ୱୟ ରଖି ଓଡ଼ିଶାକୁ ଏକ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସେ ସମସ୍ତଙ୍କୁ ଶପଥ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ଧନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମରେ କବିତା ପାଠୋତ୍ସବ ଓ ସନ୍ଧ୍ୟାରେ ଜିଲ୍ଲାର ପ୍ରାଚୀନ କଳା, ସଂସ୍କୃତି ଓ ଐତିହ୍ୟକୁ ମନେ ପକାଇବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




● ବାଡ଼ ଖାଉଛି ଫସଲ !

# ବନ କର୍ମଚାରୀଙ୍କ ବିରୋଧରେ ଗଛ କଟା ଅଭିଯୋଗ

ତୁରୁମୁଙ୍ଗା, ୧।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତଣ୍ଡୋ ବିଟ୍ କୋଠାଘର ଖାତା ନଂ ୧୨୦, ରକ୍ଷିତ ଗ୍ରାମର କୁମୁଡାବାହାଲି, ଖାତା ନଂ-୮୨, ପ୍ଲଟ ନଂ -୧୨୭୬, ରକ୍ଷିତ ଗ୍ରାମର ଘରବାଲିଯୋଡ଼ି ଖାତା ନଂ-୧୨୦, ପ୍ଲଟ ନଂ ୧୨୬ ରକ୍ଷିତ ଗ୍ରାମ କୁମୁଡ଼ବାହାଲିରେ ଆକାଶିଆ ଗଛଗୁଡିକୁ ବେଆଇନ ଭାବେ ପାଟଣା ବନ ବିଭାଗ ଜାଣତରେ କେହି କାଟି ବିକ୍ରି କରୁଥିବାର ଗୁରୁତର ଅଭିଯୋଗ ଆଣିଛନ୍ତି ପାଟଣା ମଣ୍ଡଳର ପୂର୍ବତନ ସଭାପତି ରମେଶଚନ୍ଦ୍ର ମହାନ୍ତ। ଅନାବାଦୀ ଜମିରୁ ଏପରି ଗଛ କଟାକୁ ସେ ବିରୋଧ କରିଛନ୍ତି। ଏଥିସହ ପିଛୁଳାବେଡା ଗ୍ରାମରେ ପିଇଓ ଏବଂ ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ରାସ୍ତା କାମ ଚାଲୁଥିବା ସମୟରେ ଗତ ୨୫ ଡିସେମ୍ବରରେ ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା ଅତର୍କିତ ଚଢ଼ଉ କରି ଏକ ଗାଡି ଜବତ କରି ନବୀନ ନାଏକଙ୍କୁ ତିନି ଦିନ ଅଟକ ରଖିଥିଲେ। ସେହିପରି ମାର୍ଚ୍ଚ ୩ ତାରିଖରେ ପୁଟୁଳିଆ କାଠ ଡିପୋରେ ଏକ ବାଲି ଟ୍ରିପ ଦରକାର ଅଛି କହି ଓଡି୦୯ଏଲ୫୦୪୪ ନମ୍ବର ଗାଡ଼ିକୁ ଡାକି ବନବିଭାଗ ଅଧିକାରୀ ବନବିହାରୀ ସର୍ଦ୍ଦାର ସେହି ଟ୍ରାକ୍ଟରକୁ ଅଟକ ରଖିଛନ୍ତି। ପୁଣି ଅଫିସ ସାମ୍ନାରେ ଗାଡି ରଖିଛ କହି ମିରିଚାଇ ମାଝିକୁ ଅଶ୍ଳୀଳ ଭାଷା କହି ଦୀପକ ସ୍ୱାଇଁ ଗାଡି ଚାବି ଛଡାଇ ନେଇଥିବା ଆରୋପ ଆସିଛି। ତେବେ ସେଠାରେ ବନ ବିଭାଗ ବ୍ୟବହାର କରୁଥିବା ଗାଡିର ଫିଟନେସ, ପରମିଟ, ଇନ୍ସୁରାନ୍ସ ନଥିବା ଅଭିଯୋଗ ଆଣି ପୂର୍ବତନ ମଣ୍ଡଳ ସଭାପତି ଆରସିସିଏଫ ରାଉରକେଲା କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କୁ ଦେଇଥିଲେ। ମଙ୍ଗଳବାର କେନ୍ଦୁଝର ଡିଏଫଓ ଏଚଡି ଧନରାଜ ପାଟଣା ବନ କାର୍ଯ୍ୟାଳୟରେ ଅଭିଯୋଗର ତଦନ୍ତ କରିଛନ୍ତି।

## କେନ୍ଦୁପୋଶିରେ ନୂଆଖାଇ ପର୍ବ

କେନ୍ଦୁଝର,୧।୪(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମରେ ଆମ୍ବ ନୂଆଖାଇ ପର୍ବ ପାଳିତ ହୋଇଛି। ଗ୍ରାମର ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର, ପ୍ରତାପ ପାତ୍ର, ଦିଲ୍ଲୀପ ପାତ୍ର, ହରେକୃଷ୍ଣ ପାତ୍ର, ପ୍ରଶାନ୍ତ ପାତ୍ର, ଯଶୋବନ୍ତ ପାତ୍ର, ଭକ୍ତବନ୍ଧୁ ପାତ୍ର, ଅଭିମନ୍ୟୁ ପାତ୍ର, ପରମେଶ୍ୱର ଦାସ, ଭିମସେନ ପାତ୍ର, ପ୍ରଦୀପ ପାତ୍ର, ଜଗନ୍ନାଥ ପାତ୍ର, ପଦ୍ମଲୋଚ ପାତ୍ର, ସନାତନ ପାତ୍ର(ଏ)ଲେମ୍ବଧର ପାତ୍ର, ଭୁଲୁ ପାତ୍ର, ମଙ୍ଗୁଲୁ ଚରଣ ପାତ୍ର, ଗଣେଶ୍ୱର ପାତ୍ର, ଲେମ୍ବୁଧର ପାତ୍ର, ବୁଦ୍ଧଦେବ ପାତ୍ର, ଭରତ ପାତ୍ର, ହରିହର ପାତ୍ର, ପିତାମ୍ବର ପାତ୍ର,ପର୍ଶୁ ପାତ୍ର, ପରମେଶ୍ୱର ପାତ୍ର, ଦିବାକର ପାତ୍ର, ଭକ୍ତବନ୍ଧୁ ପାତ୍ର, ନିତ୍ୟାନନ୍ଦ ପାତ୍ର, ବିକି ପାତ୍ର, ଶୁଭମ ପାତ୍ର, ପୁଟୁନ ପାତ୍ର, ଉପେନ୍ଦ୍ର ପାତ୍ର, ସତ୍ୟଜିତ ପାତ୍ର, ହରିହର ପାତ୍ର, ମନମୋହନ ପାତ୍ର, ବିଶ୍ୱଜିତ ପାତ୍ର, ଅନିରୁଧ ପାତ୍ର, ସନାତନ ପାତ୍ର(ବି)ଚନ୍ଦନ ଦାସ, ପରେଶ ପାତ୍ର, ଦେବାନନ୍ଦ ପାତ୍ର, ଦିପୁ ପାତ୍ର, ଦୁର୍ଲ୍ଲଭ ପାତ୍ର, ଲକ୍ଷ୍ମଣ ପାତ୍ର, ଟିଟନ ପାତ୍ର, ପୂଜାରାଣୀ ପାତ୍ର, ଗୌତମ ପାତ୍ର, ପୁରୁଷୋତ୍ତମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଇଛାପୁରରେ ନାମଯଜ୍ଞ ସଂକୀର୍ତ୍ତନ

ଚମ୍ପୁଆ, ୧।୪(ସମିସ): ଚମ୍ପୁଆ ବ୍ଲକ ଇଛାପୁର(ସାନନଇଁ) ଗ୍ରାମବାସୀବୃନ୍ଦଙ୍କ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନନା ପ୍ରଦୀପ ପାଣିଗ୍ରାହୀଙ୍କ ଦ୍ୱାରା ପୂଜାନୀତି ସମ୍ପନ୍ନ ହୋଇଥିବା ବେଳେ ଆଖପାଖରୁ ୩ଟି ପୁଅ ଦଳ ଓ ଦୁଇଟି ଝିଅ ଦଳ ଅଂଶଗ୍ରହଣ କରିଥିଲେ। ଚାରିଦିନ ଧରି ଚାଲିଥିବା ନାମଯଜ୍ଞର ତୃତୀୟ ଦିନ ମଙ୍ଗଳବାର ମୁଖ୍ୟଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। କମିଟି ସଦସ୍ୟ ଅଶୋକ କୁମାର ଗିରି, ବିଭୁତି ଭୂଷଣ ପ୍ରଧାନ, ଚିନ୍ତାମଣି ପ୍ରଧାନ, ଚନ୍ଦ୍ରମୋହନ ପ୍ରଧାନ, ବଜ୍ରକୁମାର ଦାସ, ରଞ୍ଜନ ପ୍ରଧାନ, କୁଳମଣି ପ୍ରଧାନ, ନରୋତ୍ତମ ପ୍ରଧାନ, ଜିତେନ୍ଦ୍ର ଗିରି, ଅମର ଗିରି, କେଦାର ଦାସ, ରାଜେନ୍ଦ୍ର ଗିରି, ଶ୍ରୀନିବାସ ପ୍ରଧାନଙ୍କ ସହିତ ଅନେକ ଗ୍ରାମବାସୀ ଉତ୍ସବରେ ସାମିଲ ହୋଇଥିଲେ।

## ରିମୁଳି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ନାରଦପୁର,୧।୪(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁଶୀଳ କୁମାର ମହାନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଧର୍ମେନ୍ଦ୍ର ବୈଦ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ହଳଧର ବାରିକ ଯୋଗ ଦେଇଥିଲେ। ବିଦାୟୀ ଅଧ୍ୟକ୍ଷଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିବା ସହିତ ତାଙ୍କ ଜୀବନ ସୁଖମୟ ହେଉ ବୋଲି ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମଚାରୀ ସଂଘର ସମ୍ପାଦକ ଡ଼. ତରୁଣ ଗାଙ୍ଗୁଲି ପରିଚାଳନା କରିଥିବାବେଳେ ଅଧ୍ୟାପିକା ରୋଜାଲିନ ପ୍ରିୟଦର୍ଶିନୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ହିଙ୍ଗୁଳାଇ ମହୋତ୍ସବ ଆଜିଠୁ



ତେଲକୋଇ, ୧।୪(ସମିସ): ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଚଇତି ଯାତ୍ରା ଉପଲକ୍ଷେ ଆସନ୍ତା ୨ ଓ ୩ ତାରିଖ ମା' ହିଙ୍ଗୁଳାଇ ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ମା ହିଙ୍ଗୁଳାଙ୍କ ଉଭାସ୍ଥଳ ସ୍ଥାନ ହାଟ ପଡ଼ିଆଠାରେ ଏହି ମହୋତ୍ସବ ଅନୁଷ୍ଠିତ ହେବାନେଇ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ରହିଥିବା ବେଳେ ବିଭିନ୍ନ ପାରମ୍ପରିକ ଲୋକକଳା ପ୍ରଦର୍ଶିତ କରାଯିବା ସହ ସ୍ଥାନୀୟ କଳାକୃତି ସ୍ଥାନିତ କରାଯିବା ନେଇ ସୂଚନା ମିଳିଛି। ଆଞ୍ଚଳିକ କଳାକାରକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖ୍ୟାତନାମା କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ଉତ୍ସବ ସାଙ୍ଗକୁ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଖସଡ଼ା ପ୍ରସ୍ତୁତି ହୋଇଛି। ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ମା ହିଙ୍ଗୁଳାଇ ଯାତ୍ରା କମିଟି ପକ୍ଷରୁ ନିବେଦନ କରାଯାଇଛି।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସର ଶୋଭାଯାତ୍ରା ଓ ସଭା

### ● ଜିଲ୍ଲା ବିଜେଡି



କେନ୍ଦୁଝର, ୧।୪ (ସମିସ): ପବିତ୍ର ଓଡ଼ିଶା ଦିବସରେ ବୁଧବାର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଥାନା ଛକରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରା ଏବଂ ରୋଟାରି ଭବନରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କେନ୍ଦୁଝରର ଅବଦାନକୁ ବକ୍ତାମାନେ ସ୍ମରଣ କରିଥିଲେ। ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ସଭାନେତ୍ରୀ ସାଗରୀକା ସାହୁ, ମହିଳା ଶାଖା ଜିଲ୍ଲା ସଭାନେତ୍ରୀ କମଳିନୀ ପାତ୍ର, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଝୁମ୍ପୁରା ବ୍ଲକ ସଭାପତି ଡ଼ମ୍ବୁରୁଧର ଦାସ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର କେକୀ କାକଳି କୁମୁରା, ରୀତା ପ୍ରଧାନ, ଦମୟନ୍ତୀ ଦାସ, ମୋନାଲିସା ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ଆଇନଜୀବୀ ସନ୍ତୋଷ ଦାସ, ସଂଜିତ ଦାସ, ସଫିକ ଆନସାରୀ, ଅନାଦି ପ୍ରଧାନ, ଆଦିବାସୀ ନେତା ସତ୍ୟବ୍ରତ ନାଏକ, ପୂର୍ବତନ ନଗରପାଳ ତଥା ବରିଷ୍ଠ ନେତା ପ୍ରଭାଞ୍ଜନ ପଟ୍ଟନାୟକ, ଜିଲ୍ଲା ବିଜେଡି କୋଷାଧ୍ୟକ୍ଷ ରକ୍ଷାକର ସାହୁ, ବରିଷ୍ଠ ନେତା ଗଦାଧର ପଟ୍ଟନାୟକ, ବିପିନ ଆପଟ, ବୀରଭଦ୍ର ପରିଡା, ଟୁକୁ ପଲେଇ, ଧନୁ ମହାନ୍ତ, ଦୁଲିଆ ରାଠୋର, ଯୁବ ନେତା ଆଶିଷ ଆଚାର୍ଯ୍ୟ, ଟିକୁ ପ୍ରଧାନ, ସତ୍ୟାନନ୍ଦ ଆରୁକ, ମୁନା ପାଣି, ଦେବୁ ପଟ୍ଟନାୟକ, ସଫିକ ଆନସାରୀ, ବାସୁଦେବ ଜେନା, ବାବି ଦାସ, ଲୁଲୁ ସାହୁ, ସଞ୍ଜୟ ନାଏକ, ଟିକିନା ବ୍ରହ୍ମ, ରଞ୍ଜନ ବେହେରା, ରାଜୁ ବାରିକ, ପ୍ରତାପ ମହାକୁଡ଼, ଅରୁଣ ମନ୍ତ୍ରି, ଅଜୟ ଘଡେଇ, ପରମେଶ୍ୱର ବାରିକ, ମନ୍ମଥ ଘଣା, ଭୀମସେନ ଟୁଡୁ, ସୁଶାନ୍ତ ପ୍ରଧାନ, ତାପସ ନାଏକ, ମହିଳା ନେତ୍ରୀ ପୁନମ କୁମାରୀ, ମଞ୍ଜୁଲତା ନାୟକ, ଗୀତାରାଣୀ ଦାସଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ● ଭାରତୀୟ ଶିକ୍ଷଣ ମଣ୍ଡଳ



ଝୁମ୍ପୁରା: ଭାରତୀୟ ଶିକ୍ଷଣ ମଣ୍ଡଳ ପୂର୍ବ ପ୍ରାନ୍ତ ଉଖୁଣ୍ଡା ଶାଖା ତରଫରୁ ଝୁମ୍ପୁରା ବ୍ଲକର ଉଖୁଣ୍ଡା ସଂସ୍କୃତି ଭବନଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ସଭାପତି ନଟବର ମହାନ୍ତ, ମୁଖ୍ୟଅତିଥି ଅମୃତ ଚରଣ ମହାନ୍ତ, ମୁଖ୍ୟବକ୍ତା ଆନନ୍ଦଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ଭକ୍ତବନ୍ଧୁ ମହାନ୍ତ, ଉଖୁଣ୍ଡା ସିଆରସିସି ରାଜୀବ ମହାନ୍ତ, ପାହାଡ଼ପୁର ସିଆରସିସି ବିଭୁତି ଭୂଷଣ ମହାନ୍ତ, ରତ୍ନାକର ବାରିକ ଆସନ ଅଳଙ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପବିତ୍ର ସାହୁ ମଞ୍ଚ ସଂଯୋଜନା କରିଥିଲେ। ଲିଟନ ବେହେରା, ଅନନ୍ତି ତରାଇ, ମାନସ ମଲ୍ଲିକ, ପୁଷ୍ପଲତା ମହାନ୍ତି, ଅଜିତ ମହାପାତ୍ର, ଅମୀୟ ପଲେଇ, ଅଭୟ ନାଏକ, ମନ୍ଦାକିନୀ ପାତ୍ର, କର୍ମୁ ଦାସ ସହଯୋଗ କରିଥିଲେ। ସୀତାରାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଯୋଡ଼ା ପୌରପାଳିକା

ଯୋଡ଼ା: ଯୋଡ଼ା ଅଞ୍ଚଳରେ ଯୋଡ଼ା ପୌରପାଳିକା ପକ୍ଷରୁ ଉତ୍କଳ ଦିବସ ଧୂମଧାମରେ ପାଳନ କରାଯାଇଛି। ସକାଳ ସମୟରେ ପ୍ରଭାତ ଫେରୀ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଜନସାଧାରଣ, ପୌରପାଳିକା କର୍ମଚାରୀ ଓ କାଉନସିଲରମାନଙ୍କ ଅଂଶଗ୍ରହଣରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ପ୍ରତିଫଳିତ କରୁଥିବା ନୃତ୍ୟ ପରିବେଷଣ ଦେଖିବାକୁ




ମିଳିଥିଲା, ଯାହା ଉପସ୍ଥିତ ଲୋକମାନଙ୍କ ଆକର୍ଷଣ କେନ୍ଦ୍ର ହୋଇଥିଲା। ସନ୍ଧ୍ୟା ସମୟରେ ସ୍ଥାନୀୟ କୁନି କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ବିଡିଓ ଡାନିସ ବେହେରା ଓ ଟାଟା ଷ୍ଟିଲର ମୁଖ୍ୟ ରାଜେଶ କୁମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଅସିତ କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ଯୋଡ଼ା ପୌରପାଳିକାର ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମର ପୌରୋହିତ୍ୟ କରିଥିଲେ। ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ, ଯୋଡ଼ା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଉପସ୍ଥିତ ଥିଲେ।

### ● ଆନନ୍ଦପୁର ଶିଶୁ ମନ୍ଦିର



ଆନନ୍ଦପୁର: ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ନୂତନ ଶିଶୁଙ୍କର ପ୍ରବେଶ ଉତ୍ସବ ପାଳନ କରିବା ସହ ବୌଦ୍ଧିକ ମଣ୍ଡପଠାରେ ବିଦ୍ୟାରମ୍ଭ ଯଜ୍ଞ ଓ ଉତ୍କଳ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଶାର ମହାପୁରୁଷମାନଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତି ଉଷାରାଣୀ ଜେନା ଓ ଉପସଭାପତି ଜଗନ୍ନାଥ ସିଂ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଗୁରୁଜୀ ହରେକୃଷ୍ଣ ପତି ମଧୁବାବୁଙ୍କ ଅବଦାନ ଓ ଜୀବନୀ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଗୁରୁମା ଅହଲ୍ୟା ମିଶ୍ର ପରିଚାଳନା କରିଥିଲେ। ଗୁରୁମା ଜ୍ୟୋତିର୍ମୟୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

### ● ଡିଡି ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ




ଧରଣୀଧର ବିଶ୍ୱବିଦ୍ୟାଳୟ ଆଇଡିପି ଗୃହ ସେମିନାର କକ୍ଷରେ ଓଡ଼ିଆ ବିଭାଗ ଦ୍ୱାରା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହିତ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗର ସହକାରୀ ଅଧ୍ୟାପକ ଡ ସୁମନ୍ତ୍ର ନାଏକ, ମୁଖ୍ୟଅତିଥି ଭାବରେ ଡ ସମରେନ୍ଦ୍ର ଭୂତିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଭୁବନେଶ୍ୱରର ସ୍ୱତନ୍ତ୍ର ଅଧିକାରୀ ଯୋଗ ଦେଇଥିଲେ। ସଂଯୋଜିକା ଡକ୍ଟର ଶୁଭସ୍ମିତା ଦାସ ସଂଯୋଜନା କରିଥିଲେ। ବିଭାଗର ଛାତ୍ରୀ ମାନସୀ ଦାସ ଓ ସ୍ୱର୍ଣ୍ଣସମ୍ପୂର୍ଣ୍ଣା ମିଶ୍ର ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ ଅଜୟ ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅକାଳୁ ପୃଷ୍ଟି ଓ ଅଧ୍ୟାପିକା ପ୍ରଜ୍ଞା ପାରମିତା ସାହୁଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ସାମିଲ ଥିଲେ।

### ● କେରଳା ଇଂରାଜୀ ବିଦ୍ୟାଳୟ



ବାଲିବନ୍ଧ: ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରାସ୍ଥିତ କେରଳା ଇଂରାଜୀ ବିଦ୍ୟାଳୟରେ ବୁଧବାର ପବିତ୍ର ଓଡିଶା ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ସୁଶ୍ରୀ ଶୁଭ୍ରା ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ "ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ପରେ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସାହୁ, ଦେବଦତ୍ତ ମିଶ୍ର ପ୍ରମୁଖ ଓଡିଶାର ପୂର୍ବ ଐତିହ୍ୟ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ବୀରପୁତ୍ରମାନଙ୍କ ଭୂମିକା ସମ୍ବନ୍ଧରେ ଛାତ୍ର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମିନିମାରାଥନ, ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା।

### ● ଚମ୍ପୁଆ ଶିଶୁ ମନ୍ଦିର

ଚମ୍ପୁଆ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଓଡିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ, ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓ ଚିତ୍ତରଞ୍ଜନ ମହାନ୍ତ ଆଦି ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓଡିଶା ଦିବସର ତାତ୍ପର୍ଯ୍ୟ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଓଡିଶା ଦିବସ ପ୍ରସଙ୍ଗରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରିଥିଲେ। ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଓଡ଼ିଶାର ବରପୁତ୍ର ମାନଙ୍କର ଓଡ଼ିଶା ପ୍ରଦେଶ ଗଠନରେ ଭୂମିକା ବିଷୟରେ ଅବଗତ କରିଥିଲେ। ବିଦ୍ୟାଳୟର ପଣ୍ଡିତ କପିଳେନ୍ଦ୍ର ସାମନ୍ତରା ବୈଦିକ ରୀତିରେ ବିଦ୍ୟାରମ୍ଭ ଯଜ୍ଞ ସମାପନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଓ ସେବକସେବିକା ସହଯୋଗ କରିଥିଲେ।



## ଜଳ ଉପଯୋଗିତା ପାଇଁ ପଡୁଆ ପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ

କେନ୍ଦୁଝର, ୧।୪(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଗ୍ରାମପଞ୍ଚାୟତକୁ ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା "ଜଳ-ପର୍ଯ୍ୟାପ୍ତ ପଞ୍ଚାୟତ' ବର୍ଗ ଅଧୀନରେ ପ୍ରତିଷ୍ଠିତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଏହି ଜାତୀୟସ୍ତର ମାନ୍ୟତା ଜଳ ସୁରକ୍ଷା, ଦକ୍ଷ ସମ୍ବଳ ପରିଚାଳନା ଏବଂ ସାମୁଦାୟିକ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ନିରନ୍ତର ଏବଂ ଫଳାଫଳ-ଭିତ୍ତିକ ପ୍ରୟାସକୁ ବିଚାରକୁ ନେଇ ମନୋନୟନ କରାଯାଏ। ପଡୁଆ ଗ୍ରାମପଞ୍ଚାୟତ ବିକେନ୍ଦ୍ରୀକୃତ ଯୋଜନା, ଜଳ ସଂରକ୍ଷଣ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ହାସଲ କରିବା ପାଇଁ ବିଭିନ୍ନ ଯୋଜନାର ସମନ୍ୱୟର ଏକ ଦୃଢ଼ ମଡେଲ ପ୍ରଦର୍ଶନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି।

କେନ୍ଦୁଝର ଜିଲ୍ଲା ପ୍ରଶାସନ ଗ୍ରାମପଞ୍ଚାୟତ ଦଳ, ସ୍ଥାନୀୟ ଅଂଶୀଦାର ଏବଂ ଚମ୍ପୁଆ ବ୍ଲକ ପ୍ରଶାସନର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ସାଧୁବାଦ ଜଣାଇଛି। ମିଳିତ ଆଭିମୁଖ୍ୟ, କ୍ଷେତ୍ରସ୍ତରୀୟ ନେତୃତ୍ୱ ଏବଂ ଗ୍ରାମୀଣ ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ ପ୍ରତିବଦ୍ଧତା ଏହି ମାଇଲଖୁଣ୍ଟ ହାସଲ କରିବାରେ ସହାୟକ ହୋଇଛି ବୋଲି ଜିଲ୍ଲାପାଳ ବିଶାଳ ସିଂହ କହିଛନ୍ତି। ଏହି ସଫଳତା କେବଳ ଚମ୍ପୁଆ ବ୍ଲକକୁ ଗୌରବ ଆଣିନାହିଁ ବରଂ ଜିଲ୍ଲାର ଅନ୍ୟ ପଞ୍ଚାୟତଗୁଡ଼ିକ ପାଇଁ ସ୍ଥାୟୀ ବିକାଶ ଏବଂ ପ୍ରାକୃତିକ ସମ୍ପଦ ପରିଚାଳନାରେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଅନୁକରଣ କରିବା ପାଇଁ ମାନକ ସ୍ଥାପନ କରିଛି।

## ମା' ବାସୁଳୀ ଓ ଶିଖେଶ୍ୱର ମହାଦେବଙ୍କ ପୁନଃଥଇଥାନ ଉତ୍ସବ



ଚମ୍ପୁଆ, ୧।୪(ସମିସ): ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ୍ ନାରଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଙ୍ଗୁଲିଆ ବିସ୍ଥାପିତ କଲୋନୀରେ ମା' ବାସୁଳୀ ଓ ବାବା ଶିଖେଶ୍ୱର ମହାଦେବଙ୍କ ପୁନଃଥଇଥାନ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ କଲୋନୀରେ ନବନିର୍ମିତ ହୋଇଥିବା ମା'ଙ୍କ ମନ୍ଦିର ପ୍ରତିଷ୍ଠା ସାଙ୍ଗକୁ ପୁରୁଣା ଚମକପୁର ଗ୍ରାମରେ ରହିଥିବା ବାବାଙ୍କୁ କଳସ ଯାତ୍ରାରେ ଆଣି ଅସ୍ଥାୟୀ ଶିବ ମନ୍ଦିରରେ ପୁନଃଥଇଥାନ କରାଯାଇଥିବା ବେଳେ ତା'ପର ଦିନ ମା ବାସୁଳୀ ଓ ପାର୍ଶ୍ୱ ଦେବଦେବୀଙ୍କୁ ରଥରେ ବସାଇ ବାଦ୍ୟ, ସଂଗୀତ, ନାଚଗୀତ ତଥା ଭକ୍ତିମୟ ପରିବେଶରେ ବିରାଟ ଶୋଭାଯାତ୍ରାରେ ପୁରୁଣା ଗ୍ରାମରୁ ଆଣି ନବନିର୍ମିତ ମନ୍ଦିରରେ ପୁନଃଥଇଥାନ କରାଯାଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ସେମାନଙ୍କ ପାଇଁ କମିଟି ଜରିଆରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ସୂଚନାଯୋଗ୍ୟ ଯେ ଚମକପୁର ଗ୍ରାମଟି ରାଜାରାଜୁଡ଼ା ଅମଳରୁ ଦଣ୍ଡପାଟ ଅଞ୍ଚଳ ଭାବରେ ପରିଚିତ ଥିବାବେଳେ ଅନେକ ଦେବାଦେବୀ ପୂଜା ପାଇ ଆସୁଥିଲେ। କମିଟିର ସଭାପତି ଲିଙ୍ଗରାଜ ନାଏକ, ସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ନାଏକ, ମନ୍ଦିର କମିଟିର ସଭାପତି ଅମର ନାଏକ, ସମ୍ପାଦକ ବିଚିତ୍ରାନନ୍ଦ ଦାସ, କୋଷାଧ୍ୟକ୍ଷ ଦୁଷ୍ମନ୍ତ ବେହେରା, ଅର୍ଜୁନ ବେହେରା, ସନ୍ତୋଷ ଦାସ, ଅକ୍ଷୟ ନାଏକ, ଧବଳେଶ୍ୱର ନାଏକ, ଚୌଧୁରୀ ନାଏକ, ଶିବସୁନ୍ଦର କାଣ୍ଡି, ହରଜିତ ଦାସ, ବିକି ନାଏକ, ଯଜ୍ଞସେନ ନାଏକ, ଦିବ୍ୟରଞ୍ଜନ ଦାସ, ଟଙ୍କଧର ବାରିକ, ବିକାଶ ନାଏକ, ତପନ ଦାସ, ବୁଧୁ ମୁଣ୍ଡାଙ୍କ ସହ ଗ୍ରାମବାସୀ ତଥା ଜିଲ୍ଲାପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ

# ଅଞ୍ଚଳର ବିକାଶ ପାଇଁ ଏକାଠି ହେବାକୁ ଆହ୍ୱାନ




ନୟାଗଡ଼,୧।୪(ସମିସ): ନୟାଗଡ଼ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ମହାସମାରୋହରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍ଗ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଏସପି ଏସ୍ ସୁଶ୍ରୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯେଉଁମାନେ ସଂଗ୍ରାମ କରିଥିଲେ, ସେମାନଙ୍କ ବଳିଦାନକୁ ମନେ ପକାଇବା ଓ ସମ୍ମାନ ଦେବା ପାଇଁ ଆଜି ପ୍ରକୃଷ୍ଟ ଦିନ ବୋଲି ମୁଖ୍ୟଅତିଥି ସିଂଦେଓ କହିଥିଲେ। ସେମାନଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଅଞ୍ଚଳର ବିକାଶ ପାଇଁ ଏକାଠି କାମ କରିବାକୁ ଆହ୍ୱାନ ଦେଇଥିଲେ। ନିର୍ବାଚନରେ ସମସ୍ତେ ମୁହାଁମୁହିଁ ଲଢ଼େଇ କରିବା। କିନ୍ତୁ ଅଞ୍ଚଳର ବିକାଶ ପାଇଁ ସମସ୍ତେ ଏକାଠି ହେବା ଉଚିତ୍ ବୋଲି କହିଥିଲେ। କିଛିବର୍ଷ ପରେ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବା। ଏହି ଶହେ ବର୍ଷ କିଛି ଛୋଟ ସମୟ ନୁହେଁ। ଏହା ମଧ୍ୟରେ କେତେବାଟ ଆଗେଇଛେ, କେଉଁଠି ଆମର ତ୍ରୁଟି ରହିଛି, କାହିଁକି ଆମେ ଆଗେଇ ପାରିନେ ସେ ନେଇ ପ୍ରତ୍ୟେକ ନାଗରିକ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ଆବଶ୍ୟକ ବୋଲି ବିଧାୟକ ଅରୁଣ କୁମାର ସାହୁ କହିଥିଲେ। ଏହା ଛଡ଼ା ବିଭିନ୍ନ କ୍ଷେତ୍ରରେ ଦାୟିତ୍ୱରେ ଥିବା ବ୍ୟକ୍ତି ନିଜ କାର୍ଯ୍ୟକୁ ଅନୁଶୀଳନ କରିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ନୟାଗଡ଼ ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## କୁଇଜ ପ୍ରତିଯୋଗିତା ଓ ଆଲୋଚନାଚକ୍ର



ନୟାଗଡ଼: ଜିଲ୍ଲା ପ୍ରଶାସନ ଓ ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲ୍ଲା ଶାଖା ମିଳିତ ଆନୁକୁଲ୍ୟରେ ପଠାଣି ସାମନ୍ତ ସଂସ୍କୃତି ଭବନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଭାପତି ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍ଗ ଦେବାଶିଷ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଓ ଆଲୋଚକ ଭାବେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ମହମ୍ମଦ ଉମର ମଲ୍ଲିକ ଓ ହାଡ଼ିବନ୍ଧୁ ମହାଖୁଡ଼ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଏକ କୁଇଜ୍ ପ୍ରତିଯୋଗିତାକୁ ଚନ୍ଦ୍ରବିଜୟୀ ମିଶ୍ର ପରିଚାଳନା କରିଥିଲେ। ବିଜେତାଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସଭା ଆରମ୍ଭ ପୂର୍ବରୁ ବରପଲ୍ଲୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ''ମୁଁ ଓଡ଼ିଆ ଝିଅ' ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ଅରୁଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କବି ଗୋପୀନାଥ ସେଠୀ ଓ ଅଧ୍ୟାପିକା ନୀଳିମା ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ଉପସ୍ଥିତି ଥିଲେ। ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ସଭ୍ୟ ଗୋକୁଳ କୁମାର ଷଡ଼ଙ୍ଗୀ, ପ୍ରଫୁଲ୍ଲ ନାୟକ, ପ୍ରଦୀପ ସାହୁ, ପ୍ରଭାସିନୀ ବରାଡ଼, ସୁଜାତା ତ୍ରିପାଠୀ, ମଣିମାଳା ପାଣିଗ୍ରାହୀ, ମମତା ମଞ୍ଜରୀ ଦେବୀ, ଜ୍ଞାନପ୍ରକାଶ ବାରିକ, କାମାକ୍ଷାପ୍ରସାଦ ଦାଶ, ଶ୍ରୀଧର ସାହୁ, ଉର୍ମିଳା ମିଶ୍ର, ସବିତା ଶୁକ୍ଳା ପ୍ରମୁଖ ସହଯୋଗ କରିଥିଲେ।

## ୯୧ତମ ପୁଲିସ ପ୍ରତିଷ୍ଠା ଦିବସ
# ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ବିନୟ ସମ୍ବର୍ଦ୍ଧିତ



ନୟାଗଡ଼,୧।୪(ସମିସ): ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ୯୧ତମ ପୁଲିସ ପ୍ରତିଷ୍ଠା ଦିବସ ରିଜର୍ଭ ପଡ଼ିଆରେ ପାଳିତ ହୋଇଛି। ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଯୋଗଦେଇଥିଲେ। ପୁଲିସ ବାହିନୀ ଦ୍ୱାରା ଆୟୋଜିତ ପରେଡ୍‌ରେ ଏସ୍‌ପି ସୁଶ୍ରୀ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାରେ ଭଲ କାର୍ଯ୍ୟ କରିଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ଦଶପଲ୍ଲା ଥାନା ଆଇଆଇସି ବିନୟ କୁମାର ପରିଡ଼ା, ଶ୍ରେଷ୍ଠ ଥାନା ଭାବେ ବାଣିଗୋଛା ଥାନା ଅଧିକାରୀ ଦିଲୀପ କୁମାର ଧଳ, ଶ୍ରେଷ୍ଠ ତଦନ୍ତ ଅଧିକାରୀ ଭାବେ ବାଣିଗୋଛା ଥାନା ଏସଆଇ ବୀରେନ୍ଦ୍ର କୁମାର ଦେହୁରୀ, ଏଏସଆଇ ପ୍ରଦୀପ ମହାପାତ୍ର, ଶ୍ରେଷ୍ଠ ରାଇଟର ଭାବେ ବାଣିଗୋଛା ଥାନାରେ କାର୍ଯ୍ୟରତ ସୁଶାନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଶ୍ରେଷ୍ଠ ଏସଆଇ ଭାବେ ଓଡ଼ଗାଁ ଥାନାରେ କାର୍ଯ୍ୟରତ ଚକ୍ରଧର ସିଂ, ରିଜର୍ଭ ଏଏସଆଇ ପ୍ରତିମା ରାଉତ, ହାବିଲଦାର ଦେବେନ୍ଦ୍ର ପଣ୍ଡା, କନଷ୍ଟେବଳ ବିଭୂତି ଭୂଷଣ ପାଳ, ଅଶୋକ କୁମାର ଦୋରା, ନିରୁପମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କନ୍ଧମାଳ ଜିଲ୍ଲା ଚପାପାଦ ଥାନା ଅନ୍ତର୍ଗତ ରମ୍ଭା ସଂରକ୍ଷିତ ଜଙ୍ଗଲରେ ନକ୍ସଲ ବିରୋଧୀ ଅଭିଯାନରେ ସାମିଲ ଥିବା ଏସ୍‌ଆଇ ଗୋପାଳ ଚନ୍ଦ୍ର ପ୍ରଧାନ, ହାବିଲଦାର ଚୈତନ୍ୟ ନାୟକ, ଦେବେନ୍ଦ୍ର ପଣ୍ଡା, କନଷ୍ଟେବଳ କାହ୍ନୁ ଚରଣ ପ୍ରଧାନ, ବିଶ୍ୱଜିତ ବେହେରା, ପିଲୁ ମହାପାତ୍ର, ରଞ୍ଜିବ କୁମାର କହଁର, ହୃଷୀକେଶ ନାୟକଙ୍କୁ ୪ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ, ବାଳିବଧ ମଞ୍ଚସ୍ଥ

ଗଣିଆ,୧।୪(ସମିସ): ଗଣିଆ ରଘୁନାଥଜୀଉ ମନ୍ଦିର ପରିସରରେ ଚାଲିଥିବା ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ସନ୍ଧ୍ୟାରେ ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ, ବାଳିବଧ ନାଟକ ମଞ୍ଚସ୍ଥ ପକ୍ଷୀରାଜ ଜଟାୟୁ ଯନ୍ତ୍ରଣାରେ ଛଟପଟ ହେଉଥିବା ଶରୀର ପଡ଼ି ରହିଥିଲା। ଜଟାୟୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରିଥିଲା। ପରେ ରାମଚନ୍ଦ୍ର ସୁଗ୍ରୀବଙ୍କ ସହ ଆକର୍ଷଣ ୩୦ ଫୁଟ ଉଚ୍ଚ କାଷ୍ଠ ରାବଣ ଏବଂ ଆତସବାଜି ପ୍ରତିଯୋଗିତା। କିଛିବର୍ଷ ହେବ ରାମସେନା ତରଫରୁ ରାବଣକୁ ମାରିବା ପାଇଁ ବାହାରୁଥିବା ଶୋଭାଯାତ୍ରା ଅତ୍ୟନ୍ତ ଆକର୍ଷଣୀୟ ହେଉଛି। ମାନସିକ ବାଣ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତି ପରିଚାଳନା କମିଟି ସଦସ୍ୟ ପ୍ରଭାତ କୁମାର ଦାଶଙ୍କ ସହିତ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ୨ ରୁ



ହୋଇଛି। ଆରମ୍ଭରେ ମୃଗୟାରୁ ଫେରି ପ୍ରାଣପ୍ରିୟା ସୀତାଙ୍କୁ କୁଟୀରରେ ନ ପାଇ ପ୍ରଭୁ ରାମଚନ୍ଦ୍ର ଚାରିଆଡେ ଖୋଜି ବୁଲିଲେ। ରାମ ଓ ଲକ୍ଷ୍ମଣ ସୀତାଙ୍କୁ ଖୋଜିବା ସମୟରେ କିଛିଦୂରରେ ମିତ୍ରତା ସ୍ଥାପନ କରି ବାଳିକୁ ବଧ କରିଥିଲେ। ଚଳିତବର୍ଷ ଲଙ୍କାପୋଡ଼ି ଯାତ୍ରା ବା ରାବଣ ବଧ ଏପ୍ରିଲ୍ ୨୧ରେ ଅନୁଷ୍ଠିତ ହେବାକୁ ଥିବାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଯାତ୍ରାର ବିଶେଷ ୧୪ ତାରିଖ ପର୍ଯ୍ୟନ୍ତ ଦଣ୍ଡଯାତ୍ରା ପାଇଁ ରାମଲୀଳା ବନ୍ଦ ରହିବାକୁ ଥିବା ବେଳେ ୧୫ ତାରିଖ ସୀତାଠାବ ନାଟକ ମଞ୍ଚସ୍ଥ ହେବ ବୋଲି ନାଟ୍ୟଗୁରୁ ଦ୍ୱିତୀକୃଷ୍ଣ ସାହୁ କହିଛନ୍ତି।

# ଖୋଲା କୂଅରେ ଖସିପଡ଼ିଲା ହାତୀଛୁଆ



ରଣପୁର,୧।୪(ସମିସ): ରଣପୁର ରେଞ୍ଜରେ ଅଞ୍ଚଳରେ ଏକ ଖୋଲାକୂଅରେ ହାତୀଛୁଆ ଖସିପଡ଼ିଥିଲା। ୩ ଘଣ୍ଟା ପରିଶ୍ରମ ପରେ ବନବିଭାଗ ହାତୀଛୁଆକୁ ଉଦ୍ଧାର କରିଛି। ଏହି ରେଞ୍ଜ ଅଞ୍ଚଳରେ ୧୬ଟିକିଆ ହାତୀପଲ ଉତ୍ପାତ କରୁଥିବା ବେଳେ ଖଣିରେ ବ୍ଲାଷ୍ଟିଂ ତଥା ଖାଦ୍ୟ ସଂଗ୍ରହ ପାଇଁ ହାତୀ ଗାଁମୁହାଁ ହେଉଛନ୍ତି। ଏହି ହାତୀପଲରୁ ଅଲଗା ହୋଇ ଛୁଆ ହାତୀଟି ପାଇକଭୂଇଁ ନିକଟ ଏକ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ହାତୀ ଛୁଆକୁ ଉଦ୍ଧାର କରିଥିଲେ ମଧ ମଣିଷ ସ୍ୱର୍ଶ ଯୋଗୁଁ ହାତୀପଲ ଛୁଆକୁ ଗୋଠରେ ମିଶାଉ ନ ଥିବା ଜଣାପଡ଼ିଛି।

# ଜନଗଣନା ପ୍ରଶିକ୍ଷଣ ଶିବିର ଉଦଯାପିତ

ଭାପୁର,୧।୪(ସମିସ): ଆସନ୍ତା ଜାତୀୟ ଜନଗଣନା ପାଇଁ ଭାପୁର ବ୍ଲକର ୨୨୮ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଥିବା ତିନିଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦଯାପିତ ହୋଇଛି। ଏହି ଶିବିର ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠରେ ସୋମବାରଠାରୁ ଆରମ୍ଭ ହୋଇଥିଲା। ଭାପୁର ତହସିଲଦାର ଲୋପାମୁଦ୍ରା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜନଗଣନାକାରୀ ଓ ସୁପରଭାଇଜର କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଦେଇଥିଲେ। ପଠାଣୀ ସାମନ୍ତ ମହାବିଦ୍ୟାଳୟ ଅଧ୍ୟାପକ ଅଶୋକ କୁମାର ସାହୁ, ଟିକିରିପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଲକ୍ଷ୍ମୀଧର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ବ୍ଲକ ମଙ୍ଗଳ ଅଧିକାରୀ ତୁଳସୀ ବରାଳ ଓ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ନିଜେ ନିଜ ମୋବାଇଲରେ ସରକାରଙ୍କ ଜନଗଣନା ଇ-ପୋର୍ଟାଲରେ ନିଜ ନାମ ପଞ୍ଜୀକରଣ କରିପାରିବେ ଓ ୧୬ ତାରିଖରୁ ପ୍ରଶିକ୍ଷଣ ନେଇଥିବା ଏହି ଶିକ୍ଷକ ଶିକ୍ଷୟିତ୍ରୀମାନେ ଘର ଘର ବୁଲି ଜନଗଣନା କରିବେ ବୋଲି ଜଣାପଡ଼ିଛି।

### ପ୍ରଥମେ ପଞ୍ଜିକୃତ ହେଲେ ଜଗଦୀଶ ରଥ

ଭାପୁର,: ବୁଧବାରଠାରୁ ଆରମ୍ଭ ହୋଇଥିବା ଜନଗଣନା କାର୍ଯ୍ୟକ୍ରମରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା ସେଲଫ ରେନୁମେରେସନ ଆପ୍‌ରେ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ନିଜେ ନିଜ ମୋବାଇଲରେ ପ୍ରଦାନ କରିପାରିବେ। ବୁଧବାର ଭାପୁର ତହସିଲଦାର ଲୋପାମୁଦ୍ରା ରଥ, ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ ଓ ବରିଷ୍ଠ କିରାଣି ସୁଦୀପ୍ତା ପାଣିଗ୍ରାହୀ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥଙ୍କ ଘର ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମରେ ପହଞ୍ଚି ତାଙ୍କ ନାମ ପ୍ରଥମେ ଏହି ଆପ୍‌ରେ ପଞ୍ଜୀକରଣ କରି ଶୁଭାରମ୍ଭ କରିଥିଲେ।

## ମାରଡ଼ାରୁ ଶାଗୁଆନ କାଠ ଜବତ

ଭାପୁର,୧।୪(ସମିସ): ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ମାରଡ଼ା ଗ୍ରାମରେ ଭାପୁର ବନପାଳ ଚଢ଼ଉ କରି ୬ ସିଏଫ୍‌ଟି ଶାଗୁଆନ କାଠଗଣ୍ଡି ଜବତ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଅଧିକ ହେବ। ବନପାଳ ସୁବାସ ନାୟକ, ଫତେଗଡ଼ ବିଟ୍ ଗାର୍ଡ ମଧୁସ୍ମିତା ଲେଙ୍କା, ବାଇଗୁଣିଆ ବିଟ୍ ଗାର୍ଡ କିଶୁନ ସୋରେନ ଓ ସ୍କ୍ୱାଡ୍ ସଦଳବଳ ମାରଡ଼ା ଗ୍ରାମର ଏକ ପଡ଼ିଆରେ ଚଢ଼ଉ କରି ଏହି କାଠ ଜବତ କରିବା ସହ ଭାପୁର ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇଥିବା ବନପାଳ କହିଛନ୍ତି। ଖଣ୍ଡପଡ଼ା ରେଞ୍ଜର ଘଟଣାର ତଦନ୍ତ କରୁଛନ୍ତି।

## ଗ୍ୟାସ କଳାବଜାରୀ: ତହସିଲଦାର ଓ ବିଡିଓଙ୍କ ଚଢ଼ଉ

ଭାପୁର,୧।୪(ସମିସ): ସମ୍ପ୍ରତି ଇରାନ ଓ ଆମେରିକା, ଇସ୍ରାଏଲ ଯୁଦ୍ଧ ଯୋଗୁଁ ଦେଶକୁ ପୂର୍ବ ପରି ରନ୍ଧନ ଗ୍ୟାସ ଓ ଇନ୍ଧନ ପର୍ଯ୍ୟାପ୍ତ ପରିମାଣରେ ଆସିପାରୁ ନାହିଁ। ଫଳରେ ଦେଶରେ ଗ୍ୟାସ ସଙ୍କଟ ସୃଷ୍ଟି ହୋଇଛି। ଏହି ସଙ୍କଟ ସମୟରେ ଅନେକ ବ୍ୟକ୍ତି ଗ୍ୟାସ କଳାବଜାର କରୁଥିବା ଦେଖିବାକୁ ମିଳୁଛି। ଏପରିକି କେତେକ ହୋଟେଲ ଘରୋଇ ଗ୍ୟାସ ବ୍ୟବହାର କରୁଛନ୍ତି। ଏ ନେଇ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ହୋଟେଲରେ ଚଢ଼ଉ କରିଥିଲେ। ବୁଧବାର ଅପରାହ୍ନ ଗୋଟାଏରେ ଭାପୁର ବଜାର ବଉଳ ହୋଟେଲରେ ପ୍ରଥମେ ଚଢ଼ଉ କରିଥିଲେ। ସେଠାରେ କୌଣସି ଗ୍ୟାସ ବ୍ୟବହାର ନ ହୋଇ କାଠ ଚୁଲିରେ ରୋଷେଇ ହେଉଥିବା ଦେଖି ଫେରିଥିଲେ। ପରେ ବଜାରରେ ଅନ୍ୟ ହୋଟେଲ, ଜଳଖିଆ ଦୋକାନରେ ମଧ୍ୟ ତନଖି କରାଯାଇଥିଲା। ଏହି ଚଢ଼ଉ ସମୟରେ ତହସିଲଦାର ଲୋପାମୁଦ୍ରା ରଥ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ, ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ ଓ ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା ସାମିଲ ହୋଇଥିଲେ।

■ ଶ୍ରୀରାମ ନବମୀ ଯାତ୍ରାର ଷଷ୍ଠ ସନ୍ଧ୍ୟା

# ବନବାସ ବେଶ ଦର୍ଶନ କଲେ ଭକ୍ତ

ଓଡ଼ଗାଁ,୧।୪(ସମିସ): ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ଷଷ୍ଠ ସନ୍ଧ୍ୟାରେ ପ୍ରଭୁଙ୍କ ବନବାସ ବେଶ ଦର୍ଶନ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। ରାମଙ୍କ ରାଜ୍ୟାଭିଷେକ ପାଇଁ ଅଯୋଧ୍ୟାବାସୀ ଖୁସିରେ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ବନବାସ ସମ୍ବାଦ ସମଗ୍ର ନଗରକୁ ଶୋକାକୁଳ କରିଥିବା ଦୃଶ୍ୟ ଏହି ବେଶରେ ଜୀବନ୍ତ ହୋଇଉଠିଥିଲା। ଶନିବାର ସନ୍ଧ୍ୟାରେ ବେଶ ଦର୍ଶନ କରି ଓଡ଼ଗାଁରେ ଅଯୋଧ୍ୟାର ପରି ଭାବାନୁଭୂତିମୟ ପରିବେଶ ସୃଷ୍ଟି ହୋଇଥିଲା। ପିତା ଦଶରଥଙ୍କ



ସତ୍ୟ ପାଳନ ପାଇଁ ପ୍ରଭୁ ଶ୍ରୀରାମ ରାଜ୍ୟ ଓ ସିଂହାସନ ତ୍ୟାଗ କରି ଭାଇ ଲକ୍ଷ୍ମଣ ଓ ଭାର୍ଯ୍ୟା ସୀତାଙ୍କ ସହ ବନବାସ ବରଣ କରିଥିବା ଉପସ୍ଥାପିତ ହୋଇଥିଲା। ଏହାକୁ ଏକ ପକ୍ଷରେ ବିଧିର ବିଧାନ ଓ ଅନ୍ୟ ପକ୍ଷରେ ରାବଣ ବଧର ଅୟମାରମ୍ଭ ଭାବେ ଗ୍ରହଣ କରାଯାଏ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ନିରହଂକାର ତ୍ୟାଗ ଓ ଧର୍ମ ପାଳନର ଉଦାହରଣ ସ୍ୱରୂପ ବନବାସକୁ ସ୍ୱୀକାର କରିଥିବା ବେଳେ ରାବଣ ବଧ ପାଇଁ କୈକେୟୀଙ୍କ ତ୍ୟାଗ ମଧ୍ୟ ସବୁଦିନ ପାଇଁ ମହାନ ହୋଇରହିଛି। ଓଡ଼ଗାଁରେ ପୂଜିତ ଦାରୁ ବିଗ୍ରହରେ ରାମ ଓ ଲକ୍ଷ୍ମଣଙ୍କୁ ଜଟାଜୁଟ ଓ ଦାଢ଼ି ସହ ବନବାସୀ ରୂପେ ପୂଜା କରାଯାଏ।

## ସାମ୍ବାଦିକଙ୍କୁ ମାଡ଼; ପୂର୍ବତନ ସରପଞ୍ଚଙ୍କ ପୁଅ ଗିରଫ

ରଣପୁର,୧।୪(ସମିସ): ସାମ୍ବାଦିକଙ୍କୁ ମାଡ଼ମାରି ଗିରଫ ହୋଇଛନ୍ତି ପୂର୍ବତନ ସରପଞ୍ଚଙ୍କ ପୁଅ। ପୁଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୂର୍ବତନ ବଳଭଦ୍ରପୁର ସରପଞ୍ଚଙ୍କ ପୁଅ ବୁଲୁ ପଣ୍ଡା। ରଣପୁର ଅଞ୍ଚଳର ସାମ୍ବାଦିକ ମଧୁସୂଦନ ପରିଡ଼ା ଓ ବୁଲୁଙ୍କ ମଧ୍ୟରେ ପୂର୍ବରୁ କୌଣସି କାରଣରୁ ଶତ୍ରୁତା ଥିଲା। ଏ ନେଇ ଗତ ମାର୍ଚ୍ଚ ୨୧ ତାରିଖ ସନ୍ଧ୍ୟାରେ ବୁଲୁ ଓ ସାମ୍ବାଦିକ ମଧୁସୂଦନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବୁଲୁ ଓ ତାଙ୍କ ସାନଭାଇ ମିଳିତ ଭାବେ ମଧୁସୂଦନଙ୍କୁ ମାଡ଼ମାରି ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ମଧୁସୂଦନଙ୍କୁ ଉଦ୍ଧାର କରି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ମଧୁସୂଦନ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ଖବର ପାଇ ପୁଲିସ ବୁଲୁଙ୍କୁ ତାଙ୍କ ଗ୍ରାମ ବଳଭଦ୍ରପୁରସ୍ଥିତ ନିଜ ଫାର୍ମ ହାଉସରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

## କେଦାରନାଥ ମହାନ୍ତିଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ




ଖଣ୍ଡପଡ଼ା,୧।୪(ସମିସ): ଖଣ୍ଡପଡ଼ା ରାଜନୀତିର ମାର୍ଗଦର୍ଶକ ସ୍ୱର୍ଗତ କେଦାରନାଥ ମହାନ୍ତିଙ୍କ ଜନ୍ମସ୍ଥାନ କିଆଝର ଗ୍ରାମରେ ତାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସକାଳେ ପ୍ରଭାତଫେରି କାର୍ଯ୍ୟକ୍ରମ ସହ ନାମସଂକୀର୍ତ୍ତନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଅଞ୍ଚଳର ବିକାଶ ପାଇଁ କେଦାରନାଥ ଲୋକଙ୍କ ହୃଦୟରେ ଜୀବିତ ଥିବା ମର୍ଦ୍ଦରାଜ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, କଟକ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ବିପିନ କୁମାର ସାମଲ, ବିଜୟ କୁମାର ନନ୍ଦ, ପରୀକ୍ଷିତ ମାଝୀ, ପ୍ରାକ୍ତନ ପ୍ରାଧ୍ୟାପକ ଜନ୍ମେଜୟ ନାୟକ, ଆଇନଜୀବୀ ବିକ୍ରମ କେଶରୀ ଦେଓ, ସମାଜସେବୀ ବସନ୍ତ ପଟ୍ଟନାୟକ, ସଞ୍ଜୟ ନାୟକ, ସୁରଥ ବିଶ୍ୱାଳ, ଶିଶୁକବି କାଶୀନାଥ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ଭକ୍ତି ଓ ଉପାସନାର ପର୍ବ ଦଣ୍ଡଯାତ୍ରା



ଗଣିଆ,୧।୪(ସମିସ): ଓଡ଼ିଶାରେ ଦଣ୍ଡଯାତ୍ରା ସଂସ୍କୃତି ବହୁ ପୁରାତନ। ଲୋକଙ୍କ ବିଶ୍ୱାସ ଏବଂ ଭକ୍ତି ଏହି ପରମ୍ପରାକୁ ବଞ୍ଚାଇ ରଖିଛି। ଚୈତ୍ର ମାସରେ ଏହି ପର୍ବ ପାଳନ କରାଯାଏ। ଦଣ୍ଡଯାତ୍ରାର ମୁଖ୍ୟ ଆରାଧ୍ୟ ଦେବଦେବୀ ହେଉଛନ୍ତି ଶିବ ଓ କାଳୀ। ଏହି ଯାତ୍ରାରେ ଭକ୍ତମାନେ ୨୧, ୧୭, ୧୩, ୧୧ ଏବଂ ୭ ଦିନ ଧରି ଉପବାସ ରହି ଦଣ୍ଡକାଳୀ ଏବଂ ଶିବଙ୍କୁ ଉପାସନା କରିଥାନ୍ତି। ଗଣିଆ ବ୍ଲକର ଗଣିଆ, ବେଲପଡ଼ାପାଟଣା, ଜଗନ୍ନାଥପ୍ରସାଦ, କିଶୋରପ୍ରସାଦ, ରାସଙ୍ଗ, ରାଜିଙ୍ଗି, ଡଙ୍କାରିସାହି, କରଡ଼ାପଡ଼ା ଗ୍ରାମରେ ଏହି ପର୍ବ ପାଳିତ ହୋଇଆସୁଛି। ଶ୍ରଦ୍ଧାଳୁମାନେ ମଧ୍ୟରାତ୍ରରେ ସ୍ଥାନୀୟ ଜଳାଶୟରେ ସ୍ନାନ କରି ହୋମ କାର୍ଯ୍ୟ ସହ ପାଣି ତୋଳିଥାନ୍ତି। ନଦୀ ଘାଟରେ ଦଣ୍ଡ ଜିଆଇ ଦଣ୍ଡ ଠାକୁରଙ୍କୁ ପାଟ ଦଣ୍ଡୁଆଙ୍କ ଦୁଆରକୁ ନେଇଥାନ୍ତି। ସେଠାରେ ଦଣ୍ଡ ବନ୍ଦାଣ ପରେ ଠାକୁରଙ୍କୁ ଗ୍ରାମରେ ଥିବା କାମନା ଘରକୁ ନେଇଥାନ୍ତି। ଏହିଠାରୁ ଆରମ୍ଭ ହୁଏ କଠିନ ସାଧନାର ପର୍ବ ଦଣ୍ଡପର୍ବ। ଗଣିଆ ବ୍ଲକର ଅନେକ ସ୍ଥାନରେ ମେରୁ ଯାତ୍ରା ଅନୁଷ୍ଠିତ ହୁଏ। ବଡ଼ଦଣ୍ଡୁଆ, ପାଟ ଦଣ୍ଡୁଆ, କାଳେଶୀ ପରି ୧୩ ଭଗତା ଦଣ୍ଡ ପର୍ବ ପାଳନରେ ମୁଖ୍ୟ ଭୂମିକା ତୁଲାଇଥାନ୍ତି। ତେର ଭଗତାଙ୍କ ବ୍ୟତୀତ ଅନେକ ମାନସିକଧାରୀ ଭଗତା ମଧ୍ୟ ଦଣ୍ଡ ପର୍ବରେ ଯୋଗଦେଇଥାନ୍ତି। ଅପରପକ୍ଷେ ଅନେକ ଭଗତା ଦୈବୀ ଆଶୀର୍ବାଦ ପାଇଁ ନିଜ ଶରୀରକୁ କଷ୍ଟ ଦେଇଥାନ୍ତି। ମେରୁ ପର୍ବ ଦିନ ଭଗତାମାନେ କଣ୍ଟାରେ ଗଡ଼ିବା, ନିଆଁରେ ଚାଲିବା, ଦେହରେ କଣ୍ଟା ଫୋଡ଼ିବା ଏବଂ ଓଲଟା ଓହଳ ତପ କରିବା ଜନସାଧାରଣଙ୍କ ମନରେ ଦୈବୀଶକ୍ତିର ବିଶ୍ୱାସ ଜନ୍ମାଇଥାଏ। ଲୋକଙ୍କ ମନରେ ଭଗବତ ଭାବନା ସୃଷ୍ଟି କରାଇବା ଏହି ପୁରାତନ ପରମ୍ପରାର ଲକ୍ଷ୍ୟ ବୋଲି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

## ବାନାମ୍ବର ଠାକୁରଙ୍କ ପାଣିତୋଳା ପର୍ବ

ଶରଣକୁଳ,୧।୪(ସମିସ): ଦଣ୍ଡଯାତ୍ରା ପାଇଁ ପୁରପଲ୍ଲୀ ଉତ୍ସବମୁଖର ହୋଇଥିବା ବେଳେ ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଶୈବ କ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠ ନରେନ୍ଦ୍ରପୁରରେ ବୁଧବାର ବାନାମ୍ବର ଠାକୁରଙ୍କ ପାଣିତୋଳା ପର୍ବ ଅନୁଷ୍ଠିତ ହୋଇ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦଣ୍ଡୁଆମାନେ ଜଳ ଉତ୍ତୋଳନ ନିମନ୍ତେ ଗ୍ରାମ ପୋଖରୀରେ ପହଞ୍ଚିଥିଲେ। ଶନିବାର ସକାଳେ ଗାଧୁଆ ପାଧୁଆ ପରେ ଦଣ୍ଡୁଆଙ୍କୁ ପଇତା ପିନ୍ଧାଇ ୧୩ ଦିନ ନିଷ୍ଠାର ସହ ଦଣ୍ଡ ନିୟମ ମାନି ବ୍ରତ ପାଳିବାକୁ ପୁରୋହିତ ଶକ୍ତିକାନ୍ତ ମିଶ୍ର ସଂକଳ୍ପ କରାଇଥିଲେ। ଢୋଲ, ଝାଞ୍ଜ, ଘଣ୍ଟ, କାହାଳି, ହରିବୋଲ ଓ ହୁଳହୁଳି ଶବ୍ଦରେ ବାନାମ୍ବର ଠାକୁରଙ୍କୁ ନୂତନ ପାଟବସ୍ତ୍ର ପରିଧାନ ସହ ଫୁଲରେ ମଣ୍ଡିତ କରାଯାଇ ଟାହିଆ ଲଗାଯାଇଥିଲା। ପୁରୋହିତ, କର୍ତ୍ତା



ପାଟ ଭଗତା ପୂର୍ଣ୍ଣଚନ୍ଦ୍ର ଡାକୁଆଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୀତିନୀତିରେ ପୂଜାର୍ଚ୍ଚନା, ଘୃତାହୁତି ପରେ ଦଣ୍ଡ ମୁଠିରେ ଅଗ୍ନି ସ୍ଥାପନା କରାଯାଇଥିଲା। ଶେଷରେ ଆଳତି କରାଯାଇ ପୁଷ୍ପାଞ୍ଜଳି ଦେଇ ପାଟଦଣ୍ଡୁଆ କାଳିଆ ଚୌଧୁରୀଙ୍କ ନେତୃତ୍ୱରେ ବିଧିବଦ୍ଧ ଭାବେ ୪୫ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଠାକୁରଙ୍କୁ ଧରି ଦଣ୍ଡମୁଠିରେ ଝୁଣା ମାରି ହାତରେ ଛତି, ତ୍ରାଶ, ପିଞ୍ଛବାଡ଼ି ଧରି ଯାତ୍ରା ଆରମ୍ଭ କରି ଗ୍ରାମ ପରିକ୍ରମା କରିଥିଲେ। ବରିଷ୍ଠ ଦଣ୍ଡୁଆ ସନା ମହାପାତ୍ରଙ୍କ ଦଣ୍ଡମୁଠି ଝୁଣାମରା ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ନରେନ୍ଦ୍ରପୁର ଗ୍ରାମବାସୀ ଉତ୍ସାହର ସହ ଏହି ଯାତ୍ରାରେ ଭାଗ ନେଇଥିବାବେଳେ କମିଟି ଅଧିକାରୀ ଦିବାକର ସାହୁ, ମିନାକ୍ଷୀ ପ୍ରସାଦ ସାହୁ, ଶତ୍ରୁଘ୍ନ ରାଉତ, କାଳିଆ ସାହୁ, ମାନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅପରାହ୍ନରେ ଦଣ୍ଡୁଆମାନେ ପ୍ରଚଣ୍ଡ ରୌଦ୍ରତାପରେ ଧୂଳିଦଣ୍ଡ କରିଥିଲେ। ସନ୍ଧ୍ୟାରେ ପୋଖରୀରେ ଦଣ୍ଡୁଆମାନେ ସ୍ନାନ ସାରି ବାନାମ୍ବର ଓ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା ସହ ଆଳତି କରାଯିବା ପରେ ଦଣ୍ଡୁଆମାନେ ଠାକୁରଙ୍କୁ ଧରି ଭୋଗଲାଗି ପାଇଁ ବାହାରିଥିଲେ। ରାତିରେ ନାଟ୍ୟସଂସଦ ପକ୍ଷରୁ ଲୋକନାଟ୍ୟ ଚଢ଼େୟା ଚଢ଼ଉଣୀ, କେଳା କେଲୁଣୀ, ଶିବପାର୍ବତୀ ଆଦି ଲୋକନୃତ୍ୟ ପରିବେଷଣ କରାଯିବ ବୋଲି ଜଣାପଡ଼ିଛି। ସେହିପରି ନିକଟସ୍ଥ କଟରାଝରି, ହରିହରପୁର, ଅସୁରଢିପା, ମୁଗୁପାଟଣା, ଶିଖରପୁର, ପଞ୍ଚରିଡ଼ା, ଚଢ଼େୟାପଲ୍ଲୀ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ ହୋଇଛି।

# ପାରଳାର ପ୍ରସିଦ୍ଧ ଗଜାମୁହାଁ ପର୍ବ

ପାରଳାଖେମୁଣ୍ଡି, ୧୪(ସମିସ): ବାରମାସରେ ତେର ପରବ ବୋଲି କୁହାଯାଉଥିବା ଆମ ରାଜ୍ୟର କୋଣ ଅନୁକୋଣରେ କିଛି ନା କିଛି ସ୍ଥାନୀୟ ପୂଜାପର୍ବ ପାଳନ କରାଯାଏ। ଆଉ ଏସବୁ ପୂଜାପର୍ବର ସ୍ଥାନୀୟ ବିଶେଷତଃ ଅଲଗା ଅଲଗା ରହିଥାଏ। ଏହିପରି ଏକ ନିଆରା ପର୍ବ ହେଉଛି ପାରଳାଖେମୁଣ୍ଡିର ଗଜପତି ଗଜାମୁହାଁ। ଆଉ ଏଥିପାଇଁ ଚୈତ୍ର ମାସର ପ୍ରତିଟି ମଙ୍ଗଳବାରରେ ଉତ୍ସବମୁଖର ହୁଏ ଏଠାକାର ଗଳି କନ୍ଦି। ଚୈତ୍ର ମାସରେ ବାସନ୍ତିକ ଦୁର୍ଗାପୂଜା ସହ ମା'ଙ୍କ ଆଗମନ ପାଇଁ ଚଳଚଞ୍ଚଳ ହୋଇ ଉଠେ ଧରାପୃଷ୍ଠ। ତା ସହିତ ତାଳ ଦେଇ ପାରଳାଖେମୁଣ୍ଡି ସହର ମଧ୍ୟ ହୁଏ ଚଳଚଞ୍ଚଳ। ସାହି ସାହିରେ ବାହାରେ ଗଜାମୁହାଁ। ବସନ୍ତର ମଳୟ ସାଙ୍ଗକୁ ଶଙ୍ଖ, ହୁଳହୁଳି, ବାଦ୍ୟ ଧ୍ୱନୀ ଲୋକଙ୍କ ମନରେ ଭରିଦିଏ ଏକ ଅଲଗା ଉନ୍ମାଦନା। ବାହାରେ ରହୁଥିବା ପାରଳା ବାସିନ୍ଦା ମଧ୍ୟ ବହୁ ସଂଖ୍ୟାରେ ଆସି ସାମିଲ ହୋଇଥାନ୍ତି ଏଥିରେ। କାହିଁ କେଉଁ କାଳରୁ ପାଳିତ ହୋଇଆସୁଥିବା ଏହି ପର୍ବରେ ଗୁଡ଼ ପାଗ ହୋଇଥିବା ଲିଆର ଏକ ବିରାଟ ମୁହାଁରେ ମା'ଙ୍କ ପ୍ରତିମାକୁ ସ୍ଥାପନ କରି ପୂଜା କରାଯାଏ। ଭକ୍ତମାନେ ଏହି ପ୍ରତିମାକୁ ଧରି ନାଚି ନାଚି ବୁଲନ୍ତି। ପ୍ରତ୍ୟେକଙ୍କ ଘର ବାହାରେ ଗୃହିଣୀ ମାନେ ହଳଦି ପାଣିରେ ମୁହାଁଧାରୀଙ୍କ ଗୋଡ଼ ଧୋଇ ମା'ଙ୍କ ପୂଜାର୍ଚ୍ଚନା କରନ୍ତି। ଏହି ବର୍ଷ ଚୈତ୍ର ମାସ ଶେଷ ମଙ୍ଗଳବାର ଓ ଏପ୍ରିଲ ୧ ଉଭୟ ପାଖାପାଖି ମଙ୍ଗଳ ରାତି ବୁଧ ପାହାନ୍ତିରେ ପଡ଼ିଥିବା ଯୋଗୁଁ ପାରଳାଖେମୁଣ୍ଡି ସହର ଚଳଚଞ୍ଚଳ ହୋଇ ଉଠିଥିଲା। କେଉଁ ଆଦି କାଳରୁ ପାଳିତ ଏହି ପୂଜା ଆଧୁନିକତାର ଛାପରେ ଲୋପ ପାଇଯାଇ ନାହିଁ, ବରଂ ଅଧିକ ସୁନ୍ଦର ଓ ଆକୃଷ୍ଟ ହୋଇଛି। ପରମ୍ପରାରୁ ପାଳିତ



ହୋଇଆସୁଥିବା ବେଳେ ସ୍ଥାନୀୟ ଲୋକମାନେ ଅର୍ଥ ଯୋଗାଡ଼ କରି ବର୍ଷକୁ ବର୍ଷ ନୂଆ ନୂଆ ଡିଜାଇନ ସବୁ ବ୍ୟବହାର କରି ପୂଜାକୁ ଅଧିକ ଆକର୍ଷଣ କରୁଥିବା ଦେଖିବାକୁ ମିଳିଛି। ଚଳିତ ଥର ମାଙ୍କ ଗଜାମୁହାଁରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ର ମୁଖ୍ୟ ବିଶାଶୀ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ରାଜାଙ୍କ ପ୍ରତିମୂର୍ତ୍ତି ମୁକୁଟରେ ମାଙ୍କୁ ସ୍ଥାପନ କରି ସୁନ୍ଦର ଗଜାମୁଆ ତିଆରି ହୋଇଥିଲା। ଯାହା କି ୪୦ ରୁ ୫୦ କିଲୋ ଓଜନ ବିଶିଷ୍ଟ। ଏହା ସହିତ ସହରର ବିଭିନ୍ନ ସାହିରେ ମଧ୍ୟ ବହୁ ଆଡମ୍ବର ସହ ଗଜାମୂଆ ପର୍ବ ପାଳିତ ହୋଇଛି।

# ଜିଲ୍ଲାର ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରୁଛି ପ୍ରଶାସନ !

ପାରଳାଖେମୁଣ୍ଡି, ୧୪(ସମିସ)

ଓଡ଼ିଶା ଦିବସରେ ଓଡ଼ିଶାର ନିର୍ମାତାଙ୍କ ମାଟିରେ ଅପମାନ ଓ ଅବହେଳାର ପରିଲକ୍ଷିତ ହୋଇଛି। ଓଡ଼ିଶା ଦିବସ ପାଳନରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ସାମିଲ ନ କରିବା, ସଭା ମଞ୍ଚର ଆଗରେ ବରପୁତ୍ରଙ୍କ ଫଟୋ ରଖି ବସିବା, ପାଇକ ଆଖଡା ନୃତ୍ୟରେ ବୀରବାଦ୍ୟଯନ୍ତ୍ର ନବାଜିବା ଆଦି ବ୍ୟତିକ୍ରମ ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାରଙ୍କ ଭୂମିରେ ଦେଖିବାକୁ ମିଳିଛି। ଏପରି ଘଟଣା ଗୁଡ଼ିକୁ ଚଳିତ ବର୍ଷ ଦେଖିଲେ ସେମାନଙ୍କୁ ଅପମାନ କଲା ଭଳି ମନେ ହେଉଛି। ନାମକୁ କାମଚଳା କାର୍ଯ୍ୟକ୍ରମ କରି ଦାୟୀତ୍ୱ ସାରିଦେଇଛି ଜିଲ୍ଲା ସଂସ୍କୃତି ବିଭାଗ। ମହାରାଜାଙ୍କ ନିଜସ୍ୱ ପ୍ରତିଷ୍ଠାନ, ସ୍ଥାନୀୟ ଉତ୍କଳ ହିତୈଷିଣି ସମାଜ ଓ ଅନ୍ୟାନ୍ୟ ଅନୁଷ୍ଠାନ, ସ୍ଥାନୀୟ ଜନପ୍ରତିନିଧିଙ୍କୁ ମଧ୍ୟ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ସାମିଲ ହେଉଥିବା ପାଇକ ଆଖଡ଼ା ଭଳି ସାଂସ୍କୃତିକ ଦଳ ସେମାନଙ୍କ କଳା ପ୍ରଦର୍ଶନ ପାଇଁ ବୀର ବାଦ୍ୟଯନ୍ତ୍ରର ମଧ୍ୟ ବ୍ୟବସ୍ଥା କରିପାରିନି ବିଭାଗ। ଯାହା କଳାକାରଙ୍କୁ ଅସମ୍ମାନ ବୋଲି ଆଲୋଚନା ହେଉଛି। ଯେଉଁ ବୀରବାଦ୍ୟର ତାଳେ ତାଳେ ଖଣ୍ଡା ବୁଲାଇବା ତାହା ଚଳିତ ବର୍ଷ ପରିଲକ୍ଷିତ ହୋଇନାହିଁ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରାଯିବା ସହ ଏହାର ପ୍ରତିବାଦ କରାଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହେବେ ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ।

ସେହିପରି ଆରସେଟି ସମ୍ମେଳନ କକ୍ଷରେ ଅନୁଷ୍ଠିତ ସଭାରେ ମଞ୍ଚ ଉପରେ ଅତିଥିଙ୍କ ଚେୟାର ଟେବୁଲ ଆଗରେ ବରପୁତ୍ରଙ୍କ ଫଟୋ ଚିତ୍ର ରଖାଯାଇଥିଲା। ଯଦି ଅତିଥିମାନେ ମଞ୍ଚାସୀନ ହୋଇ ବସନ୍ତି ତେବେ ସେମାନଙ୍କ ପାଦ ଆଗରେ ଫଟୋ ରହିଥିଲା। ଏପରି ସ୍ଥିତିରେ ବରପୁତ୍ରଙ୍କୁ ରଖାଯାଇଥିବାରୁ ନାନାଦି ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ଓଡ଼ିଆ ଅସ୍ମିତାର କଥା କହୁଥିବା ସରକାର ସ୍ୱତନ୍ତ୍ର ଉତ୍କଳର ନିର୍ମାତାଙ୍କ ମାଟିରେ ବାରମ୍ବାର ଓଡ଼ିଆ ଅସ୍ମିତାକୁ ଅପମାନ କରିବା ସହ ସଂସ୍କୃତିକୁ ନଷ୍ଟ କରୁଛନ୍ତି ଖୋଦ ଦାୟୀତ୍ୱରେ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ। ତେଣୁ ସରକାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଦିନେ କି ଦୁଇଦିନ ନୁହଁ ଦୀର୍ଘ ବର୍ଷ ଧରି ସେ ଏଠାରେ ଅବସ୍ଥାପିତ ଅଛନ୍ତି। ଆଉ ଓଡ଼ିଆ ପର୍ବ ପାଳନ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତୁତି ହୋଇଥିଲା। ତଥାପି ଜାଣିଶୁଣି ପରମ୍ପରାକୁ ଭଙ୍ଗ କରାଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ଅନ୍ୟ ପକ୍ଷରେ ଏ ଗୋଟିଏ ଘଟଣା ନୁହେଁ ଯା ପୂର୍ବରୁ ଜିଲ୍ଲା ସଂସ୍କୃତି ଅଧିକାରୀ ବହୁବାର ବିଭିନ୍ନ ସମୟରେ ଜାଣିଶୁଣି ଅଣଦେଖା କରିଥିବା ନଜିର ରହିଛି। ଗଜପତି ଉତ୍ସବ ପାଳନ ବେଳେ ରଙ୍ଗବତୀ ଗୀତ ପରେ ଜାତୀୟ ସଙ୍ଗୀତ ଗାନ ହେଉକି ସୁଭଦ୍ରା ମେଳାରେ ଧୂମଧାଡାକା ଗୀତ ପରିବେଷଣ ହେଉ, ଓଡିଆର ବିକୃତ ଲେଖା ହେଉକି, ଜଗନ୍ନାଥ ଜଣାଣରେ ଫେସନ ଶୋ ହେଉ କିମ୍ବା କୃଷିଯନ୍ତ୍ରପାତି ମେଳାରେ ବିନା କୃଷକରେ ଅଧିକାରୀଙ୍କ ନୃତ୍ୟ ଘଟଣା ଓଡ଼ିଆ ଭାଷା ଓ ସଂସ୍କୃତିକୁ ହତ୍ୟା କରୁଛି ଜିଲ୍ଲା ପ୍ରଶାସନ ବୋଲି ବୁଦ୍ଧିଜୀବୀ ପ୍ରନୋଜ ପଟ୍ଟନାୟକ କହିଛନ୍ତି। ଚଳିତ ଜାନୁଆରୀ ମାସରୁ ଯେତିକି ସରକାରୀ କାର୍ଯ୍ୟକ୍ରମ ଜିଲ୍ଲାସ୍ତରରେ କିମ୍ବା ଆଞ୍ଚଳିକ ସ୍ତରରେ ହୋଇଛି ସବୁଥିରେ ଓଡ଼ିଆ ଅସ୍ମିତା ସହ ଖେଳଖେଳା ଯାଇଥିବା ସେ କହିଛନ୍ତି। ତେବେ ଏସବୁ ଘଟଣା ପୂର୍ବରୁ ଘଟୁନଥିବା ବେଳେ ଏବେ ବିଶେଷ କରି ଜାନୁଆରୀ ମାସରୁ ହେଉଥିବା କାର୍ଯ୍ୟକ୍ରମରେ ତ୍ରୁଟି ପରିଲକ୍ଷିତ ହେଉଛି। ଜିଲ୍ଲା ମୁଖିଆଙ୍କ ଆନ୍ତରିକତା ଅଭାବ କିମ୍ବା ନିରୀକ୍ଷଣ, ସମୀକ୍ଷା, ପରିଦର୍ଶନ ଆଦି ନଥିବା ଯୋଗୁଁ ଏପରି ତ୍ରୁଟି ହେଉଥିବାରୁ ଗଜପତିରେ ଜିଲ୍ଲାର ସଂସ୍କୃତି ପରମ୍ପରାକୁ ନଷ୍ଟ କରୁଥିବା ହୃଦବୋଧ ହେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏପରି ବାରମ୍ବାର ହେଉଥିଲେ ମଧ୍ୟ ତ୍ରୁଟି ସୁଧାରିବା ପରିବର୍ତ୍ତେ ସମସ୍ତ ଅଭିଯୋଗକୁ ଖାମଖିଆଲି ଭାବରେ ପ୍ରଶାନ ନେଉଛି ବୋଲି ଆଲୋଚନା ହେବା ସହ ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି।

## ପାରିବାରିକ କଳହରୁ ଆତ୍ମହତ୍ୟା

ଗୋଷାଣି, ୧୪(ସମିସ): ଗୋଷାଣି ବ୍ଲକ ମଧୁସୁଦନପୁର ପଞ୍ଚାୟତ ତଥା ଗୁରାଣ୍ଡି ଥାନା ଅନ୍ତର୍ଗତ ଜାମ୍ପିଗୁଡା ଗ୍ରାମରେ ଜଣେ ବୃଦ୍ଧ ଦାନେଶ ଶବର (୫୬) କୀଟ ନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ଘରୋଇ କଳିରୁ ଏପରି କରିଥିବା କୁହାଯାଉଛି। ଦାନେଶ ସୋମବାର ଦିନ କୀଟନାଶକ ଖାଇ ଦେଇଥିଲେ। ତାଙ୍କୁ ତାଙ୍କ ପରିବାର ଲୋକେ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବା ଯୋଗୁଁ ବ୍ରହ୍ମପୁର ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଆନ୍ଧ୍ରର ଶ୍ରୀକାକୁଳମ ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀକାକୁଳମରେ ତାଙ୍କର ମୃତ୍ୟୁ ଘଟିଥିଲା। ଶ୍ରୀକାକୁଳମରୁ ତାଙ୍କ ମର ଶରୀରକୁ ଅଣାଯାଇ ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଏଏସ୍ଆଇ ରାମକୃଷ୍ଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

**● ନିଆଁ ଲାଗି ଝାଟିମାଟି ଘର ଭସ୍ମୀଭୂତ**

## ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ଦୁଇ ଆହତ

ପାରଳାଖେମୁଣ୍ଡି, ୧୪(ସମିସ): ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଅନ୍ତର୍ଗତ ଗୌଡତାଳସିଂ ଗ୍ରାମରେ ଅଗ୍ନିକାଣ୍ଡ ଘଟିବାରୁ ଗ୍ୟାସ ସିଲିଣ୍ଡର ଫୁଟି ଦୁଇ ଆହତ ହୋଇଛନ୍ତି। ସୂଚନା ପ୍ରକାରେ ଗୌଡତାଳସିଂ ଗ୍ରାମରେ ଠାକୁରାଣୀ ଯାତ୍ରା ଲାଗି ରହିଥିଲା। ଆଜି ସମାପନ ଦିବସରେ ସଭିଏଁ ମାଁଙ୍କ ଦର୍ଶନ ଲାଗି ଯାଇଥିବା ବେଳେ ଗ୍ରାମର ଏଜଗା ମାଧବଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ସଭିଏଁ ଅଗ୍ନିକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ଇତି ମଧ୍ୟରେ ଘରେ ଥିବା ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯାଇ ଫୁଟି ସିଲିଣ୍ଡରର ଅଂଶବିଶେଷ ଗୁଡିକ ନିଆଁକୁ ଆୟତ୍ତ କରୁଥିବା ମନ୍ଦିରର ପୂଜକ ତ୍ରିନାଥ ଜାନୀ ଓ ପ୍ରତାପ ଗୌଡଙ୍କୁ ବାଜିଥିଲା। ଏଥିରେ ଉଭୟେ ଆହତ ହୋଇଥିଲେ। ସେମାନଙ୍କୁ ଗାରାବନ୍ଧ ସ୍ଥିତ ପ୍ରାଥମିକ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ସେଠାରେ କେହି ନଥିବା ଯୋଗୁଁ ସେହି ଗ୍ରାମରେ ରହୁଥିବା ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କ ନିକଟକୁ ଯାଇ ଚିକିତ୍ସା କରିଥିଲେ। ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏନେଇ ଅଞ୍ଚଳବାସୀ କହିଛନ୍ତି ଯେ ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ନଥିବା ଯୋଗୁଁ ଜରୁରୀ ଚିକିତ୍ସା ସେବା ନପାଇ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ଅଷ୍ଟଶମ୍ଭୁ ମିଳନ ପାଇଁ ଶୁଭଖୁଣ୍ଟି ସ୍ଥାପନ

ଚକାପାଦ, ୧୪(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡିରେ ବରଡ଼ା ବାଲୁଙ୍କେଶ୍ୱର ବାବାଙ୍କ ଥିବା ଜମିରେ ଦ୍ୱାଦଶ ବାର୍ଷିକ ଅଷ୍ଟଶମ୍ଭୁ ମିଳନ ପାଇଁ ଶୁଭଖୁଣ୍ଟି



ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୋହିତ କାଳନ୍ଦୀ ଦାସ, କର୍ତ୍ତା ପର୍ଶୁରାମ ସାହୁ, କମିଟି ସଭାପତି ସରୋଜ ଭୋଇ, ଉପସଭାପତି ତାରିଣୀ ବେହେରା, ସମ୍ପାଦକ ରାଜେନ୍ଦ୍ର ନାରାୟଣ ବେହେରା, ସହସମ୍ପାଦକ ସଞ୍ଜିତ ନାୟକ, କୋଷାଧକ୍ଷ ସନ୍ତୋଷ ଭୋଇ, ୱାର୍ଡସଭ୍ୟ ଦାନବିହାରୀ ନାୟକ, ୱାର୍ଡ ସଭ୍ୟା କବିତା ମୁଖି, କମିଟି ବରିଷ୍ଠ ସଭ୍ୟ ଚକ୍ରପାଣି ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୬ ତାରିଖ ସୋମବାର ଦିନ ଅଷ୍ଟଶମ୍ଭୁ ମିଳନ ହେବ।

## ରନ୍ଧନ ଗ୍ୟାସ ବିସ୍ଫୋରଣରେ ଭାଙ୍ଗିଲା ଘର

ତୁମୁଡ଼ିବନ୍ଧ, ୧୪(ସମିସ): ତୁମୁଡ଼ିବନ୍ଧ ଥାନାଅଞ୍ଚଳ ମୁଖ୍ୟ ବଜାରସ୍ଥିତ ଦୁଷ୍ମନ୍ତ ସାହୁ ନାମକ ଜଣେ ବ୍ୟବସାୟୀଙ୍କ ଘରେ ରୋଷେଇ ଘରେ ରନ୍ଧନ ଗ୍ୟାସ ଫାଟିଯିବାରୁ ଅଳ୍ପକେ ପରିବାର ଲୋକେ ବର୍ତ୍ତିଯାଇଥିବା ବେଳେ ଘର ଭାଙ୍ଗିଯାଇଛି। ସୂଚନା ଅନୁଯାଇ ପ୍ରତିଦିନ ଭଳି ଆଜି ମଧ୍ୟ ଦୁଷ୍ମନ୍ତଙ୍କ ସ୍ତ୍ରୀ ନିଜ ନିତ୍ୟକର୍ମ ସାରି ରୋଷେଇ ଘରେ ଗ୍ୟାସ୍‌ରେ ରୋଷେଇ କରୁଥିବା ସମୟରେ ହଠାତ ଚୁଲାରୁ ଗ୍ୟାସ ସିଲିଣ୍ଡରକୁ ସଂଯୋଗ କରୁଥିବା



ଅଳ୍ପକେ ବର୍ତ୍ତିଲେ ସପରିବାର

ପାଇପ୍‌ରେ ଓ ରେଗୁଲେଟର ରେ ନିଆଁ ଲାଗିଯାଇଥିଲା। ନିଆଁକୁ ଦେଖି ଭୟଭୀତ ହୋଇ ସେ ଚିତ୍କାର କରି ବାହାରକୁ ଦୌଡ଼ି ଆସିଥିଲେ। ଚିତ୍କାର ଶୁଣି ପାଖ ପଡ଼ିଶା ଲୋକେ ଘର ଆଗରେ ଜମା ହେବା ସହ ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ଅଗ୍ନିସମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା। ଅଗ୍ନିଶମ ବାହିନୀ ଅବିଳମ୍ବେ ଘରେ ପଶି ନିଆଁ ଲିଭାଇଥିଲେ। ରୋଷେଇ ଘରର ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଫଳରେ ଘରର ଗୋଟିଏ କାନ୍ଥ ଭୁଶୁଡ଼ି ପଡ଼ିବା ସହ ଘରର ଅନେକ ଜାଗାରେ ଛିଦ୍ର ହୋଇଥିବା ଦେଖିବାକୁ ମିଳିଛି।

**ଗଜପତି ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ**

## ପୁଲିସ ସର୍ବଦା ସମାଜର ଜାଗ୍ରତ ପ୍ରହରୀ

ପାରଳାଖେମୁଣ୍ଡି, ୧୪(ସମିସ): ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡା ରିଜର୍ଭ ପୁଲିସ ପଡ଼ିଆରେ ଗଜପତି ଜିଲାସ୍ତରୀୟ ୯୧ତମ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ



ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଥମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପୁଲିସ ସର୍ବଦା ସମାଜର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ଉଲ୍ଲେଖନୀୟ ସେବା ପାଇଁ ପ୍ରଶଂସିତ ହୋଇଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ମୁଖ୍ୟାଳୟର ଡିଏସପି ଅମିତାଭ ପଣ୍ଡା, କମାଣ୍ଡାଣ୍ଟ ଅଶୋକ କୁମାର ମାହାନ୍ତି, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ପ୍ରମୁଖଙ୍କ ସମେତ ବହୁ ପୁଲିସ ଅଧିକାରୀଙ୍କ ସମେତ ଓ ବହୁ ଅବସରପ୍ରାପ୍ତ ଅଧିକାରୀ ଯୋଗ ଦେଇଥିଲେ। ଏନେଇ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମହାନ୍ତି କହିଛନ୍ତି ଯେ ଏହି ମାଟି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ସହ ଏହି ମାଟିର ସନ୍ତାନ ରାମକୃଷ୍ଣ ପାଢ଼ୀ ରାଜ୍ୟର ପ୍ରଥମ ଓଡ଼ିଆ ପୁଲିସ ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ଏପରି ସ୍ଥାନରେ ପବିତ୍ର ଉତ୍କଳ ଦିବସ, ପୁଲିସ ପ୍ରତିଷ୍ଠା ଦିବସ ପାଳନ କରିବା ସ୍ମରଣୀୟ ହୋଇ ରହିବ।

## ଧୁମଧାମରେ ଉଦଯାପିତ ହେଲା ଟିକାବାଲି ମହୋତ୍ସବ

ଟିକାବାଲି, ୧୪(ସମିସ): ପାରମ୍ପରିକ ଲୋକ କଳାକାର ମହାସଂଘ ଏବଂ ବ୍ଲକ କଳା ସଂସ୍କୃତି ସଂଘର ମିଳିତ ଆନୁକୂଲ୍ୟରେ ଟିକାବାଲି ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ଟିକାବାଲି ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଦିନରେ ହାଇସ୍କୁଲ ପଡ଼ିଆରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିକାବାଲି ବିଡିଓ ବିଷ୍ଣୁ ଗୋବିନ୍ଦ, ଖଜୁରୀପଡ଼ା ବିଡିଓ ଦତ୍ତାତ୍ରୟ ବାହିନୀପତି, ଟିକାବାଲି ତହସିଲଦାର ହରିଶ୍ଚନ୍ଦ୍ର ପ୍ରଧାନ ଏବଂ ଅତିରିକ୍ତ ବିଡିଓ ସୁନୀଲ ମଲ୍ଲିକ ଉପସ୍ଥିତ ଥିଲେ। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ବିଷ୍ଣୁ ଗୋବିନ୍ଦ, ଅଧ୍ୟକ୍ଷ ଦିଲୀପ କହଁର, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ବରିଷ୍ଠ କଳାକାର ଜଳନ୍ଧର ବେହେରା ଏବଂ କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ମଞ୍ଚାସୀନ ଥିଲେ।




ଦୁଇ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ଟିକାବାଲି ବ୍ଲକ ତଥା ଆଖପାଖ ଅଞ୍ଚଳର ହଜାର ହଜାର କଳାକାର ଓ ସାଧାରଣ ଜନତା ସାମିଲ ହୋଇ ଏହାକୁ ଏକ ସଫଳ ରୂପ ଦେଇଥିଲେ।

## ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ସମ୍ମାନିତ ହେଲେ ମହିଳା ସାମ୍ବାଦିକା

ପାରଳାଖେମୁଣ୍ଡି, ୧୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ସ୍ୱପ୍ନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ପାଇଁ ଥିବା ଆଇନ ଏବଂ ବାଲ୍ୟବିବାହ ନିରୋଧ ଆଇନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଜୁଭେନାଇଲ ଜଷ୍ଟିଶ ବୋର୍ଡ ସଦସ୍ୟା



ଭାଗ୍ୟଲକ୍ଷ୍ମୀ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ମନୋରମା ଦେବୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ. ବୀରରାଜୁଙ୍କ ଉପସ୍ଥିତିରେ ଗଜପତି ଜିଲ୍ଲାର ଏକମାତ୍ର କାର୍ଯ୍ୟରତ ସାମ୍ବାଦିକା ରେଣୁବାଳା ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ତାଙ୍କର ସାହସ ଧୋର୍ଯ୍ୟ, ସହନଶୀଳତାକୁ ଭୂୟସ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁଲିସ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତଥିଲେ।

## ଦୁଇ ନୂଆବସ୍ ଚଳାଚଳ ଶୁଭାରମ୍ଭ




ପାରଳାଖେମୁଣ୍ଡି, ୧୪(ସମିସ): ପାରଳାଖେମୁଣ୍ଡିରୁ ପୁରୀ ଏବଂ କାଟାମା ବସ ସେବାର ଶୁଭାରମ୍ଭ ହୋଇଛି। ପାରଳାଖେମୁଣ୍ଡି ସ୍ଥିତ ବସଷ୍ଟାଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଯୋଗ ଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ ୟୁନିୟନର ସି. ଏଚ୍. ସୀମାଦ୍ରୀ, ଇଞ୍ଚା ଭେଙ୍କଟରାବଣା, ବିଜେପି ନେତା ସିଦ୍ଧେଶ୍ୱର ମିଶ୍ର, ଜଗନ୍ନାଥ ମହାପାତ୍ର, ୩ ନମ୍ବର ୱାର୍ଡ କାଉନସିଲର ବିଭୁତି ଭୂଷଣ ବେହେରାଙ୍କ ସମେତ ଭାରତଭୂଷଣ ମହାନ୍ତି ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇ ଏହି ବସ୍ ସେବା ଲୋକଙ୍କ ନିକଟରେ ଆଦୃତ ହୋଇପାରିବ ଏବଂ ଦୁର୍ଗମାଞ୍ଚଳରେ ଗମନାଗମନ କ୍ଷେତ୍ରରେ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ପାରଳାଖେମୁଣ୍ଡିରୁ ଶ୍ରୀକ୍ଷେତ୍ର ବସ ସେବା ବିଗତ କିଛିଦିନ ହେବ ବନ୍ଦ ହୋଇଯାଇଥିଲା। ବିଧାୟକ ବାରମ୍ବାର ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଆଜି ପୁଣିଥରେ ପୁରୀକୁ ଏକ ନୂଆ ବସ ସେବା ଆରମ୍ଭ ହୋଇଛି। ପୁରୀ ବସ ସେବା ଆରମ୍ଭ ହୋଇଥିବାରୁ ଜିଲ୍ଲାବାସୀ ବିଧାୟକ ଓ ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଜଣାଇଛନ୍ତି। ଏହି ବସ ପାରଳାଖେମୁଣ୍ଡିରୁ ସକାଳ ୭ଟାରେ ଛାଡି କଇଁପୁର, ମହେନ୍ଦ୍ରଗିରି ଆଦି ଦେଇ ବ୍ରହ୍ମପୁର, ରାମେଶ୍ୱର ଛକ ଦେଇ ପୁରୀ ଅଭିମୁଖେ ଯାତ୍ରା କରିବ। ଏହି ବସ ସେବା ହେବା ଦ୍ୱାରା ଲୋକେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ସିଧାସଳଖ ପୁରୀ ଯିବା ସହ ବ୍ୟବସ୍ଥାରେ ମଧ ଗଜପତି, ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲା କୁ ସଂଯୋଗ କରିବ।

**ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ**

# ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ପ୍ରଥମେ ପାରଳାରୁ ଝଙ୍କୃତ ହୋଇଥିଲା

ପାରଳାଖେମୁଣ୍ଡି, ୧୪(ସମିସ)

ଗଜପତି ଜିଲ୍ଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ସହରରେ ଥିବା ସମସ୍ତ ବରପୁତ୍ରଙ୍କୁ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ପରେ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସହରର ଜନସାଧାରଣଙ୍କ ସହଯୋଗରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାକୁ ଅଧିକ ଆକର୍ଷଣିୟ କରିବା ପାଇଁ ସ୍ଥାନୀୟ ପାଇକ ଆଖଡ଼ା କଳା ପ୍ରଦର୍ଶନ ଦେଖାଇ ସହର ପରିକ୍ରମା



କରାଯାଇଥିଲା। ଏହି ଶୋଭାଯାତ୍ରାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତିରେ ଥିଲେ। ପରେ ପରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଜିଲ୍ଲାର କଳା ସଂସ୍କୃତି, ଐତିହ୍ୟ ଓ ଓଡ଼ିଶାର ମହାପୁରୁଷଙ୍କ ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ପରେ ପରେ ଉକ୍ତ ସ୍ଥାନରେ ଏକ ସାଧାରଣ ସଭା ଏବଂ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଓଡ଼ିଶା ପ୍ରଦେଶ ଗଠନ କରିବାରେ ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦୂରଦୃଷ୍ଟି, ଜୀବନବ୍ୟାପୀ, ସଂଘର୍ଷ ଓ ସାଧନା ଗଜପତି ଜିଲ୍ଲାକୁ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସେହିପରି ପାରଳାଖେମୁଣ୍ଡିରୁ ସୃଷ୍ଟି ସାହିତ୍ୟ, ସଙ୍ଗୀତ, ନାଟକ, ଲୋକକଳା ଓ ପରମ୍ପରା ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ପ୍ରଥମେ ପାରଳାରୁ ହିଁ ଝଙ୍କୃତ ହୋଇଥିଲା ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ଦିବସ ଅବସରରେ ପାରଳାଖେମୁଣ୍ଡି ସହରର ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମନ ରାଇକା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷାରମୟ ସେନାପତିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବି, ଓ ଜନସାଧରଣ ଉପସ୍ଥିତ ଥିଲେ।

## ବିଜେଡି ତରଫରୁ ଉତ୍କଳ ଦିବସ

ପାରଳାଖେମୁଣ୍ଡି, ୧୪(ସମିସ) : ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ୯୧ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏକ ବିରାଟ ଶୋଭାଯାତ୍ରାରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦର ସଭାପତି ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀଙ୍କ ସହ ସମସ୍ତ କର୍ମୀ ନେତା ଏଥିରେ ଯୋଗ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଥିବା ସମସ୍ତ ବରପୁତ୍ର ତଥା ବରେଣ୍ୟ ବ୍ୟକ୍ତିଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ



ହାଇଟେକ ପ୍ଲାଜାରେ ଏକ ସମାବେଶରେ ଏହି ମହାନ ବ୍ୟକ୍ତି ମାନଂକର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା ତଥା ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ଗୋଟିଏ ରାଜ୍ୟର ସାର୍ବଭୌମତ୍ୱ ଦିଗର ଆଲୋକପାତ କରିଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

# ମଣିଷ ଆଗକୁ ଚାଲିବାକୁ ହେଲେ ଇତିହାସର ଆବଶ୍ୟକତା ଅଛି: ମନ୍ତ୍ରୀ

ଖୋର୍ଦ୍ଧା,୧।୪(ସମିସ): ସ୍ଥାନୀୟ ଜୟୀରାଜଗୁରୁ ଭବନ (ଟାଉନ ହଲ) ପରିସରରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମଣିଷ ଆଗକୁ ଚାଲିବାକୁ ହେଲେ ଇତିହାସର ଆବଶ୍ୟକତା ଅଛି। ଇତିହାସକୁ ଚିହ୍ନିଲେ ନିଜର ଶକ୍ତିକୁ ପରିସ୍ଫୁଟନ କଲେ ଆମେ ଆଗକୁ ବଢ଼ି ନିଜର ସମାଜ, ରାଜ୍ୟ ଓ ରାଷ୍ଟ୍ରର ଉନ୍ନତି ସାଧିତ କରିପାରିବା। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀରାଣି ଗୁମାନସିଂ, ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ଯୋଗଦେଇଥିଲେ।

ଦିବସ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ବିଭାସ ପାଣିଗ୍ରାହୀ, ଡେପୁଟି କଲେକ୍ଟର ସୌମ୍ୟା ସାଗରିକା ସ୍ୱାଇଁ, ସ୍ୱିଟି ସୋରେନ, ସାରା ମଲ୍ଲିକ, ନିଜାରତ ଅଧିକାରୀ ରିଶବ୍ ତ୍ରିପାଠୀ, ଆସିଷ୍ଟାଂଟ କଲେକ୍ଟର ଇପ୍ସିତା ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶିକା ଶ୍ରେୟା ଶତପଥୀ, ଖୋର୍ଦ୍ଧା ଜିଲ୍ଲା ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି, ନିକୁଞ୍ଜ ପଟ୍ଟନାୟକ, ଦିଲ୍ଲୀପ କୁମାର ହୋତା, ସତ୍ୟବାଦୀ ବଳିୟାର ସିଂହ, ରଜନୀକାନ୍ତ ପଟ୍ଟନାୟକ, ଜିଲ୍ଲା ପ୍ରେସ କ୍ଲବ୍ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ପ୍ରାକ୍ତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଘୁନାଥ ସେଠୀ ପ୍ରମୁଖ ଯୋଗଦେଇଥିଲେ।

ପ୍ରକାଶ ଥାଉକି, ପୂର୍ବାହ୍ନରେ ଓଡ଼ିଶା ଦିବସ, ଓଡ଼ିଆ ପକ୍ଷ ଆରମ୍ଭ ଏବଂ ଏକତା ବିଶାଳ ପଦ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଜୟୀ ରାଜଗୁରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ଶୋଭାଯାତ୍ରାକୁ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀ ମହାରଣା ଉଦଘାଟନ କରିଥିବାବେଳେ ଏଥିରେ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ବେଉରା, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅରବିନ୍ଦ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



ପାଇକ ଆଖଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅତିଥିମାନେ ସଂସ୍କୃତି ଭବନ ପରିସରରେ ଶହୀଦ ସ୍ତମ୍ଭ ରେ ପୁଷ୍ପ ସୁମନ ଓ କୋର୍ଟ ପରିସର ଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀରେ ପୌର ପରିଷଦ ଓ ଆଇନଜୀବୀ ସଂଘ ପକ୍ଷରୁ ମାଲ୍ୟାର୍ପଣ କରିଥିଲେ।

**ବୋଲଗଡ :** ବୋଲଗଡ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ସ୍ଥାନୀୟ ହନୁମାନ ଗଦୀ ଠାରେ ଆଜି ୯୧ତମ ଉତ୍କଳ ଦିବସ ପାଳିତ ହୋଇଛି । ଅନୁଷ୍ଠାନର ସଭାପତି ଗୋପୀନାଥ ଖଡେଙ୍ଗା ପୌରୋହିତ୍ୟ କରିଥିଲା ବେଳେ ମୁଖ୍ୟଅତିଥି ରୂପେ ସ୍ତମ୍ଭକାର ନିରଞ୍ଜନ ପାଢ଼ୀ ଏବଂ ମୁଖ୍ୟବକ୍ତା ଭାବେ ଲେଖକ ଅଭୟ କୁମାର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରବଚକ ଆମ୍ବରୀଶ ଶତପଥୀ, ଡ଼ଃ ଗଣେଶ୍ୱର ସ୍ୱାଇଁ, ଐତିହାସିକ ରବୀନ୍ଦ୍ର କୁମାର ପରିଡା, ଗୀତାଞ୍ଜଳୀ ମହାପାତ୍ର, ଲୁଣ୍ଠୁ ତ୍ରିପାଠୀ, ଭକ୍ତ ବଲ୍ଲଭ ପଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରଘୁନାଥ ଦଳବେହେରା ସ୍ୱାଗତ ଅଭିଭାଷଣ ଏବଂ କବି ଲୁଣ୍ଠୁ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

**ଟାଙ୍ଗୀ :** ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଉତ୍କଳ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ମଞ୍ଚାସୀନ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ସଂଜିବ କୁମାର ପରିଡା। ଚାନ୍ଦପୁର ସତ୍ୟସାଇ ବିଦ୍ୟାମନ୍ଦିରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖାଉଟି ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର, ତୁରନ୍ତ କବି ଉମେଶ ପ୍ରସାଦ ଧଳ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜ, ଗୁରୁମା ନିଳିମା ମହାନ୍ତିଙ୍କ ସମେତ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ ଅଧିନସ୍ଥ ନାଳସିଂହ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏହି ଦିବସ ପାଳନ କରାଯାଇଥିଲା।

**ବାଲୁଗାଁ :** ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ଼କ୍ରସ ଓ ରୋଭର୍ସ ରେଞ୍ଜର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଉତ୍କଳ ଦିବସ ପାଳନ ଅବସରରେ ଓଡ଼ିଆ ପକ୍ଷର ଶୁଭାରମ୍ଭ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ଡ. ମୋନାଲିସା ମାନସିଂ ଓ ଡ. ମନସ୍ୱିନୀ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟର ଉତ୍ଥାନରେ ସମସ୍ତ ଓଡ଼ିଆ ସାମିଲ ହେବା ସହ ଆମ ଉତ୍ତରପିଢ଼ି ଓଡ଼ିଆରେ ଲେଖିବା ଓ ପଢିବା ପାଇଁ ଉପଦେଶ ଦେଇଥିଲେ। ସୁଶ୍ରୀ ଜସ୍ମିନ ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

**ନିରାକାରପୁର :** ନିରାକାରପୁରସ୍ଥିତ ସଖାସଂଘ କ୍ରୀଡା ସଂସଦ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଂସଦର ସଭାପତି ବିପିନ ଜୟସିଂହଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ବରିଷ୍ଠ ଉପଦେଷ୍ଟା ମହେଶ୍ୱର ବେହେରା, କୋଷାଧ୍ୟକ୍ଷ ହରିବନ୍ଧୁ ସିଂହ, ସଭ୍ୟ ଦେବରାଜ ଜେନା ଏବଂ ବିଶିଷ୍ଟ କ୍ରୀଡ଼ାବିତ୍ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଶା ଗଠନର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ସଖାସଂଘର ଯୁଗ୍ମ ସମ୍ପାଦକ ହିମାଂଶୁ ଭୂଷଣ ଚମ୍ପତିରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ପାଳିତ




ଖୋର୍ଦ୍ଧା,୧।୪ (ସମିସ): ସ୍ଥାନୀୟ ବିଡିଏ କଲୋନୀସ୍ଥିତ ଗାୟତ୍ରୀ ମଣ୍ଡପଠାରେ ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ତରଫରୁ ଉତ୍କଳ ଦିବସ ପାଳିତ ହୋଇଛି। ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଡ. ବିମଳ ଚନ୍ଦ୍ର ଷଡଙ୍ଗୀ, ଅନ୍ୟତମ ଅତିଥିଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ସମ୍ମାନିତ ଅତିଥି ଭାବେ ଅଧିବକ୍ତା ବିଜୟ ସାମନ୍ତସିଂହାର, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବଳିୟାରସିଂହ, ଖୋର୍ଦ୍ଧା ଅଧିବକ୍ତା ସଂଘର ସଭାପତି ଲୋତକବିନ୍ଦୁ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗଦେଇ ଓଡିଆ ଭାଷାର ସମୃଦ୍ଧି ପାଇଁ ସମସ୍ତେ ଚେଷ୍ଟା କରିବାର ଆବଶ୍ୟକତା ସଂପର୍କରେ ମତ ରଖିଥିଲେ। ସଭାପତି ଶ୍ରୀ ପଟ୍ଟନାୟକ ନବ ନିର୍ବାଚିତ ଖୋର୍ଦ୍ଧା ଅଧିବକ୍ତା ସଂଘର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଫୁଲ୍ଲ ସାମନ୍ତରାୟ, ସୁବାସ ଚନ୍ଦ୍ର ସାମନ୍ତରାୟ, ବୀର ଦୁଃଶାସନ ପ୍ରଧାନ, ପ୍ରସନ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଖୋର୍ଦ୍ଧା ବିଚାରାଳୟ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଶାଖା ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଛି।

● ରେଳବାଇ ପୁଲିସର ଶ୍ରେଷ୍ଠ ସହକାରୀ

## ଆରକ୍ଷୀ ନିରୀକ୍ଷକ ଦିଲ୍ଲୀପ ସାହୁ ପୁରସ୍କୃତ

ନିରାକାରପୁର,୧।୪(ସମିସ): ସରକାରୀ ରେଳବାଇ ପୁଲିସ, କଟକ ଜିଲ୍ଲା ପକ୍ଷରୁ ନିରାକାରପୁର ରେଳବାଇ ପୁଲିସ ସହକାରୀ ଆରକ୍ଷୀ ନିରୀକ୍ଷକ ଦିଲ୍ଲୀପ ସାହୁଙ୍କୁ ୨୦୨୫ ବର୍ଷର ଶ୍ରେଷ୍ଠ କର୍ମଚାରୀ ଭାବେ ସମ୍ମାନିତ କରାଯାଇଛି। ନିଜର ଦକ୍ଷତା, ଶୃଙ୍ଖଳା, ସମୟାନୁବର୍ତ୍ତିତା ଏବଂ କର୍ତ୍ତବ୍ୟନିଷ୍ଠା ପାଇଁ ସେ ଏହି ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଗତ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟକୁ ଭିତ୍ତି କରି ବିଚାରକ ମଣ୍ଡଳୀ ତାଙ୍କୁ 'ଶ୍ରେଷ୍ଠ ସହକାରୀ ଆରକ୍ଷୀ ନିରୀକ୍ଷକ' ଭାବେ ମନୋନୀତ କରିଥିଲେ। ରେଳବାଇ ପୁଲିସ ପ୍ରଶାସନ ତରଫରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍ଗାତା (ଓ.ପି.ଏସ.) ତାଙ୍କୁ ମାନପତ୍ର ସହ ୧୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି।



### କାଶିପୁର ପ୍ରିମିୟର ଲିଗ୍ ସିଜିନ୍-୪

## ଟାଇଟନ୍ସକୁ ହରାଇ କାଶିପୁର ଆଭେଞ୍ଜର୍ସ ଚାମ୍ପିଅନ

ନିରାକାରପୁର,୧।୪ (ସମିସ): ସ୍ଥାନୀୟ କାଶିପୁର ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି ବହୁ ପ୍ରତିକ୍ଷିତ "କାଶିପୁର ପ୍ରିମିୟର ଲିଗ୍ ସିଜିନ୍-୪"ର ଗ୍ରାଣ୍ଡ ଫାଇନାଲ୍ ମ୍ୟାଚ୍। ଏହି ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ କାଶିପୁର ଟାଇଟନ୍ସକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି କାଶିପୁର ଆଭେଞ୍ଜର୍ସ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କାଶିପୁର ଆଭେଞ୍ଜର୍ସ ଦଳ ନିର୍ଦ୍ଧାରିତ ଓଭରରେ ୪ ୱିକେଟ୍ ହରାଇ ୯୪ ରନ କରିଥିଲା। ୯୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି କାଶିପୁର ଟାଇଟନ୍ସ ମଇଦାନକୁ ଓହ୍ଲାଇଥିଲେ ମଧ୍ୟ କଡ଼ା ବୋଲିଂର ସାମ୍ନା କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୮ ୱିକେଟ୍ ହରାଇ ମାତ୍ର ୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ କାଶିପୁର ଆଭେଞ୍ଜର୍ସ ଦଳ ୨୭ ରନରେ ବିଜୟୀ ହୋଇ ଟ୍ରଫି ହାସଲ କରିଛି। ଏହି ଫାଇନାଲ୍ ମ୍ୟାଚ୍ ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସଂଯୁକ୍ତା ମିଶ୍ର, ଉମେଶ ଚନ୍ଦ୍ର ମିଶ୍ର, ନକୁଳ ସାହୁ ଓ ନୃସିଂହ କୁମାର ଦଳେଇ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



## ମା' ବର ମୂଳେଇ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ବେଗୁନିଆ,୧।୪(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ମା ବର ମୂଳେଇ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଅବସରରେ ଉତ୍କଳ ଦିବସ ପାଳନ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତା କାର୍ଯ୍ୟକାରୀ କମିଟିର ସଦସ୍ୟ ହରିବନ୍ଧୁ ତ୍ରିପାଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଧାନ ମହାନ୍ତି, ସମ୍ପାଦକ ରାମ ଶଙ୍କର ପଟ୍ଟନାୟକ ଓ ଶିକ୍ଷାବିତ୍ ରମାକାନ୍ତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଏହି ଅବସରରେ ୩୬ ଜଣଙ୍କୁ ପରିଚୟ ପତ୍ର ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାର ପ୍ରାରମ୍ଭରେ ସମ୍ପାଦକ ମନ ମୋହନ ମିଶ୍ର ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସଦସ୍ୟ ଲମ୍ବୋଦର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଆଁଳରେ ରାମଲୀଳା ନାଟକ ଉଦ୍ଯାପିତ

ବେଗୁନିଆ,୧।୪(ସମିସ): ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ସୁଆଁଳ ଗ୍ରାମରେ ପବିତ୍ର ରାମ ନବମୀଠାରୁ ସର୍ବ ପୁରାତନ ରଘୁନାଥ ଜୀଉ ଗଣନାଟ୍ୟ ପକ୍ଷରୁ ରାମଲୀଳା ନାଟକ ଉଦଯାପିତ ହୋଇଥିଲା। ଏଥିରେ ଶ୍ରୀରାମ ଜନ୍ମଠାରୁ ଆରମ୍ଭ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ଲଙ୍କାପୋଡ଼ି ସହ ରାଜ୍ୟ ଅଭିଷେକ ଆଦି ଗ୍ରାମ୍ୟ କଳାକାର ମାନେ ପାରମ୍ପରିକ କାଠ ମୁଖା ପିନ୍ଧି ନାଚ ଓ ଗୀତ ପରିବେଷଣ କରି ଏକ ଭକ୍ତି ଭାବ ପରିବେଶ ସୃଷ୍ଟି ସହ ଦର୍ଶକ ମାନଙ୍କୁ ବିଭୋର କରି ପାରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ୍ୟ କମିଟି ସଭାପତି ବିଜୟ କେତନ ପଟ୍ଟନାୟକଙ୍କ ଆବାହକତ୍ୱରେ ଉପ ସଭାପତି ମନୋଜ କୁମାର ମଙ୍ଗରାଜ, ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ମହାରଣା, ସମ୍ପାଦକ ସନ୍ତୋଷ କୁମାର କର, କୋଷାଧ୍ୟକ୍ଷ ଅଶୋକ କୁମାର ମଙ୍ଗରାଜ ଓ ନାଟ୍ୟ ନିର୍ଦ୍ଦେଶକ ଦିନବନ୍ଧୁ ସାମନ୍ତରାୟ ପ୍ରମୁଖଙ୍କ ସମେତ ସଦସ୍ୟ ଓ ଗ୍ରାମବାସୀ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ, କଂଗ୍ରେସ ଦଳର ପୂର୍ବତନ ବିଧାୟକ ପ୍ରାର୍ଥି ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଓ ବିଜେପି ବିଧାୟକ ପ୍ରାର୍ଥି ପ୍ରକାଶ ଚନ୍ଦ୍ର ବିଜୁଳି ପ୍ରମୁଖ ଯୋଗ ଦେଇ ଗ୍ରାମବାସୀ ଓ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

## ଓୟୁଡବ୍ଲୁଜେ ପକ୍ଷରୁ ରକ୍ତଦାନ ଶିବିର



ଖୋର୍ଦ୍ଧା,୧।୪(ସମିସ): ଓଡ଼ିଶା ଦିବସ ଉପଲକ୍ଷେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଛି। ଏଥିସହିତ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ସ୍ୱତନ୍ତ୍ର ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେପି ନେତା ଶ୍ରୀରଞ୍ଜନ ମଙ୍ଗରାଜ, ନିକୁଞ୍ଜ କିଶୋର ପଟ୍ଟନାୟକ, ବିଜେଡି ନେତା ମନ୍ମଥ କୁମାର ରାଉତରାୟ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ, ବରିଷ୍ଠ ନୋଟାରୀ ଶକ୍ତିଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମ ପ୍ରସନ୍ନ ମିତ୍ର ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଫଳ ବଂଟନ କରିବା ସହିତ ରକ୍ତଦାନ ଶିବିର ରେ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ରକ୍ତଦାନ ଶିବିରକୁ ସାମ୍ବାଦିକ ଶୁଭକାନ୍ତ ମହାପାତ୍ର ପରିଚାଳନା କରିଥିଲେ।

## ପକ୍ଷୀଙ୍କୁ ଦାନା ଓ ପାଣି ଯୋଗାଇବା ପ୍ରକ୍ରିୟା



ଟାଙ୍ଗୀ,୧।୪ (ସମିସ): ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ପରିବେଶ ପର୍ଯ୍ୟଟନ ଓ ବିହଙ୍ଗ ବିହାର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧିନସ୍ଥ ମଙ୍ଗଳାଯୋଡି ବାର୍ଡ ଭିୟୁ ରିସର୍ଟ ପରିସରରେ ଥିବା ଉଦ୍ୟାନରେ ଗ୍ରୀଷ୍ମ ଋତୁରେ ପକ୍ଷୀମାନଙ୍କୁ ଖାଦ୍ୟ ଦାନା ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉଦଘାଟିତ ହୋଇଯାଇଛି। ପକ୍ଷୀ ପ୍ରେମୀ ବିଶିଷ୍ଟ ପରିବେଶବିତ, ସାମ୍ବାଦିକ ତଥା ବାର୍ଡ ଭିୟୁ ରିସର୍ଟର ଟ୍ରଷ୍ଟି ମାନସ ପ୍ରଧାନଙ୍କ ଏହି ଅଭିନବ ପ୍ରୟାସରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ଓ ସମ୍ପାଦକ ମନୋଜ କୁମାର ପଟନାୟକ, ବଣ୍ୟପ୍ରାଣୀ ବିଭାଗ ମଙ୍ଗଳାଯୋଡି ବନପାଳ ମୀନାକୁମାରୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନଙ୍କ ଏତାଦୃଶ ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ରିସର୍ଟ ପରିସର ଉଦ୍ୟାନରେ ବିଭିନ୍ନ ଗଛରେ ମାଟି ପାତ୍ର ଝୁଲାଇ ସେଥିରେ ପକ୍ଷୀଙ୍କ ପାଇଁ ଆବଶ୍ୟକ ଖାଦ୍ୟର ଦାନା ଓ ପିଇବା ପାଣି ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପକ୍ଷୀ ମାନେ ଏହାର ଉପଯୋଗ କରୁଥିବା ଦେଖିବାକୁ ମିଳିଥିଲା।

## ୯୧ତମ ପୁଲିସ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା,୧।୪(ସମିସ): ଓଡ଼ିଶା ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ସହର ଉପକଣ୍ଠ ତରତୁଆସ୍ଥିତ ରିର୍ଜଭ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ପି ଶର୍ମା ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଏସ୍‌ପି ଶର୍ମା କହିଲେ ଯେ, ଲୋକଙ୍କ ସହ ଉତ୍ତମ ବ୍ୟବହାର ଏବଂ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ରହିଲେ, ଜନତାଙ୍କ ହୃଦୟ ଜିଣିପାରିବ। ଏଥିସହିତ ସେବା ଓ ସର୍ମପଣ ଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଥାନାକୁ ଆସୁଥିବା ବ୍ୟକ୍ତିଙ୍କୁ ଭଲ ବ୍ୟବହାର ସହ ସେମାନଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏସ୍‌ପି ପୁଲିସ ସେବାରେ ଉଲ୍ଲେଖନୀୟ ଅବଦାନ ଲାଗି ଶିଳ୍ପାଂଚଳ ଥାନାର ଏସ୍‌ଆଇ ସ୍ୱାଗତିକା ଦାସ, ଟାଙ୍ଗୀ ଥାନାର ଏଏସ୍‌ଆଇ ତପନ କୁମାର ପ୍ରଧାନ, ଏପିଆର ହାବିଲଦାର ଉମେଶ ପଟ୍ଟନାୟକ, କନେଷ୍ଟବଳ ସରିଫ ଖାନ, ସୁଧିର ବଳିଆରସିଂହ ପ୍ରମୁଖ ଶ୍ରେଷ୍ଠତା ପାଇଁ ଏସ୍‌ପି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ପରିଚାଳନା କରିଥିବାବେଳେ ଅତିରିକ୍ତ ଏସ୍‌ପି ଅନାଦି ସେଠୀ ଓ ଯୁଗୋଳ ମଲ୍ଲିକ, ଅତିରିକ୍ତ ଏସ୍‌ପି ତଥା ଏସଡିପିଓ (ଖୋର୍ଦ୍ଧା) ନିହାର ରଞ୍ଜନ ପ୍ରଧାନ, ଡିଏସ୍‌ପି ଅନୀଲ ମହାନ୍ତି, ଡିଏସ୍‌ପି ସସ୍ମିତା ରଣା, ଡିଏସ୍‌ପି ସ୍ମିତାମଞ୍ଜରୀ ମଲ୍ଲିକଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସେନା ନିବୃତ୍ତ କର୍ମଚାରୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ପରେଡ୍ କମାଣ୍ଡର ଭାବେ ରିର୍ଜଭ ଇନ୍ସପେକ୍ଟର ବିଜୟ କୁମାର ସାହୁ କାର୍ଯ୍ୟର ଦୁଲାଇଥିଲେ। ସେକେଣ୍ଡ ଇନ୍ କମାଣ୍ଡ ଅନାଦୀ ବେହେରା, ପ୍ଲାଟୁନ୍ କମାଣ୍ଡର ମେଜର ନିକୁଞ୍ଜ ସ୍ୱାଇଁ ଓ ମେଜର ସର୍ବେଶ୍ୱର ସେଠୀ ପରେଡ ପରି ଚାଳନାରେ ସହଯୋଗ କରିଥିଲେ।



## ଏଯାଏଁ ମିଳିନି ପାଠ୍ୟ ପୁସ୍ତକ; ବଢୁଛି ଅସନ୍ତୋଷ

ଟାଙ୍ଗୀ,୧।୪ (ସମିସ) : ୨୦୨୬-୨୭ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମାଗଣା ପାଠ୍ୟ ପୁସ୍ତକ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚି ପାରିନଥିବାରୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନେ ଅସନ୍ତୋଷ ସହିତ ନିରାଶ ହୋଇ ଫେରିଥିବା ଜଣାପଡିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏପ୍ରିଲ ଦୁଇ ତାରିଖ ପରିବର୍ତ୍ତେ ଏପ୍ରିଲ ୪ ତାରିଖରୁ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ କରିଛନ୍ତି। ବିଦ୍ୟାଳୟରେ ବିଭିନ୍ନ ଶ୍ରେଣୀରେ ନାମଲେଖା ଆରମ୍ଭ ସହିତ ପାଠପଢା ମଧ୍ୟ ଆରମ୍ଭ ହେବ। ସେଥିପାଇଁ ପ୍ରାୟ ପନ୍ଦର ଦିନ ପୂର୍ବରୁ ମାଗଣା ପାଠ୍ୟପୁସ୍ତକ ସରକାର ଯୋଗାଇଦେଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ବିଦ୍ୟାଳୟକୁ ଯୋଗାଇ ଦିଆ ଯାଇଥିବା ବେଳେ ଟାଙ୍ଗୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଭୂଷଣ୍ଡପୁର, ସୁନ୍ଦରପୁର ଓ ଚଣ୍ଡେଶ୍ୱର କ୍ଲଷ୍ଟର ସମେତ ପ୍ରାୟ ୮ଟି କ୍ଲଷ୍ଟର ରେ ପହଞ୍ଚି ନଥିବାରୁ ଛାତ୍ରଛାତ୍ରୀ ଅଭିଭାବକ ମାନେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମାନଙ୍କୁ ବିଭିନ୍ନ ଅଭିଯୋଗ କରୁଥିବା ଜଣାପଡିଛି । ଏହି ବ୍ଲକର ୧୧ଟି କ୍ଲଷ୍ଟର ମଧ୍ୟରୁ ମିଳିଥିବା ସୂଚନା ଅନୁଯାୟୀ କେବଳ ବଡ଼ପାରି ଟାଙ୍ଗୀ ଓ ଅଚ୍ୟୁତପୁର କ୍ଲଷ୍ଟରରେ ଆଜି ପୁସ୍ତକ ପହଞ୍ଚିଥିବା ଜଣାପଡିଛି ଏବଂ ବଡ଼ପାରିରେ ପ୍ରତି ଓ୍ୱାର୍ଡ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପୁସ୍ତକ ବଣ୍ଟନ ଆରମ୍ଭ ହୋଇଛି । ଅପରପକ୍ଷରେ ଅନ୍ୟ ୮ ଟି କ୍ଲଷ୍ଟରକୁ ଏଯାଏ ପୁସ୍ତକ ଯୋଗାଇ ଦିଆଯାଇ ନାହିଁ । ଜନସାଧାରଣଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି ସି ଆର ସି ସି ମାନେ ନିଜ କ୍ଲଷ୍ଟରକୁ ପୁସ୍ତକ ନ ଆଣିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବିହୋଇଛି। ଟାଙ୍ଗୀର ପ୍ରାଥମିକ ଶିକ୍ଷକ ସଂଗଠନ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ସରକାର ଚଳିତ ଶିକ୍ଷାବର୍ଷ ପାଇଁ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ଢାଞ୍ଚାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିଥିବାରୁ ପୁରୁଣା ବହିର ଆବଶ୍ୟକତାକୁ ଛାତ୍ରଛାତ୍ରୀ ମାନେ ଅନାଗ୍ରହ କରୁଛନ୍ତି। ଟାଙ୍ଗୀ ବ୍ଲକର ସମସ୍ତ ବିଦ୍ୟାଳୟଗୁଡିକୁ ନୂତନ ପାଠ୍ୟ ପୁସ୍ତକ ଯଥା ସମୟରେ ଯୋଗାଇ ନ ଦେବାରୁ ଶିକ୍ଷାଦାନ ବ୍ୟାହତ ହେବା ପରିସ୍ଥିତି ସୃଷ୍ଟି ହୋଇଛି । ଯଥାଶୀଘ୍ର ପ୍ରବେଶ ଉତ୍ସବ ପୂର୍ବରୁ ନୂତନ ପାଠ୍ୟ ପୁସ୍ତକ ବିଦ୍ୟାଳୟଗୁଡିକୁ ପ୍ରଦାନ କରିବା ପାଇଁ ଜନ ସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ପୁସ୍ତକ ବଣ୍ଟନ କାର୍ଯ୍ୟ ବିଆରସିସି କରୁଥିବା, ପାଞ୍ଚୋଟି କ୍ଲଷ୍ଟରରେ ଯୋଗାଇ ଦିଆଯାଇଥିବା ଏବଂ ଆସନ୍ତା କାଲିସୁଦ୍ଧା ସମସ୍ତ କ୍ଲଷ୍ଟର ସିଆରସିସିମାନଙ୍କୁ ପୁସ୍ତିକା ଯୋଗାଇ ଦେବା ସହିତ ବଣ୍ଟନ କରାଯିବ ବୋଲି ସୂଚନା ଦେଇଛନ୍ତି। ପୁସ୍ତକ ଦାୟିତ୍ୱରେ ଥିବା ବି ଆର ସି ସି ସଞ୍ଜୁଲତା ବେହେରାଙ୍କୁ ଯୋଗାଯୋଗ କରିବାରେ ଆବଶ୍ୟକୀୟ ପାଠ୍ୟପୁସ୍ତକ ଆସିପାରିନାହିଁ, ସବୁ କ୍ଲଷ୍ଟରକୁ ଅନୁପାତ ଭିତ୍ତିରେ କାଲି ପଠାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି.। ଅନେକ ଛାତ୍ରଛାତ୍ରୀ ପୁସ୍ତକ ପାଇବାରୁ ବଞ୍ଚିତ ନହେବାପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବ୍ୟବସ୍ଥା କରିବା ଆବଶ୍ୟକତା ରହିଛି।

## ଟ୍ରେନ ଛାତ ଉପରକୁ ଚଢ଼ି ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**ଖଜୁରିଆକଟା,୧।୪(ସମିସ):** ମେରାମଣ୍ଡଳି ଷ୍ଟେସନରେ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନର ଛାତ ଉପରେ ଚଢ଼ିଯିବା ବେଳେ ବିଦ୍ୟୁତ ଆଘାତ ଲାଗି ଜଣେ ଯୁବକ ଜଳିଯାଇ ଗୁରୁତର ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ୭ଟାରେ ମେରାମଣ୍ଡଳି ଷ୍ଟେସନର ୩ନଂ ପ୍ଲାଟଫର୍ମରେ ମାଲବାହୀ ଟ୍ରେନ ଛିଡ଼ା ହୋଇଥିବା ବେଳେ ଦେବଦତ୍ତ ସାହୁ (୧୮) ଟ୍ରେନର ଛାତ ଉପରକୁ ଚଢ଼ି ଯାଇଥିଲେ। ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନିଆ ଯାଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ଅନ୍ୟଜଣେ ବ୍ୟକ୍ତିଙ୍କ ମୃତଦେହ ଷ୍ଟେସନ ପ୍ଲାଟଫର୍ମରୁ ଉଦ୍ଧାର କରାଯାଇଥିବା ବେଳେ ଆଜିର ଘଟଣା ପରେ ସୁରକ୍ଷା ବ୍ୟବସ୍ଥା ଓ ରେଳବାଇ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଷ୍ଟେସନର ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

## ପରୋପକାରୀ ଯୁବକଙ୍କ ପରଲୋକ

**ଖଜୁରିଆକଟା,୧।୪(ସମିସ):** ହିନ୍ଦୋଳ ଡ୍ରାଇଭର ସଙ୍ଘର ବରିଷ୍ଠ ସଦସ୍ୟ, ହିନ୍ଦୋଳ ଏନଏସି ୱାର୍ଡ ନଂ-୧୦ ନୂତନପାଟଣାର ଦୁର୍ଯ୍ୟୋଧନ ନାଠୀଙ୍କ ପୁଅ ନିତ୍ୟାନନ୍ଦ ନାଠି (୫୨) ଙ୍କର ବୁଧବାର ପରଲୋକ ହୋଇଛି। ଭୋର ସମୟରେ



ସେ ହଠାତ ଅସୁସ୍ଥ ହେବାରୁ ହିନ୍ଦୋଳ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ତେବେ ବାଟରେ ମୃତ୍ୟୁ ଘଟିଛି। ନିତ୍ୟାନନ୍ଦ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ସାଂସଦ ମହେଶ ସାହୁ, ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ପ୍ରତାପ ଦାସ, ଶ୍ୟାମଘନ ଭୁତିଆ, ବିଜେଡି ନେତା ବିଜୟ ବେହେରା, କୈଳାସ ବେହେରା, ସିଦ୍ଧେଶ୍ୱର ପ୍ରଧାନ ପ୍ରମୁଖଙ୍କ ସମେତ ଡ୍ରାଇଭର ସଙ୍ଘର ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ

# ଭୁଲ୍ ଇଞ୍ଜେକ୍ସନ, ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ !

ଢେଙ୍କାନାଳ,୧।୪(ସମିସ)

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭୁଲ ଇଞ୍ଜେକ୍ସନ ଓ ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

କାମାକ୍ଷାନଗର ମାଳପୁରା ଗ୍ରାମର ହେମନ୍ତ କୁମାର ସାମଲଙ୍କ ଅଭିଯୋଗ ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ଭୁବନ ଥାନା ମାର୍ଥାପୁର ପଞ୍ଚାୟତ ମାଳପୁରା ଗ୍ରାମରେ ଏକ ଗଛରୁ ଓହ୍ଲାଇବାକୁ ଯାଇ ତାଙ୍କ ଶଳା ଆଲୋକ ସାମଲ (୧୮) ଡେଇଁପଡ଼ିବାରୁ ସ୍ଲାବ୍‌ରେ ମାଡ଼ ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଏକ୍ସ-ରେ କରାଇଥିଲେ। ଡାକ୍ତର ଏକ୍ସ-ରେ ରିପୋର୍ଟ ଦେଖି ରୋଗୀ ଭଲ ଅଛି, ଘରକୁ ନେଇଯାଅ ବୋଲି କହିଥିଲେ। ଆଲୋକଙ୍କ ଯନ୍ତ୍ରଣା କମିବାକୁ ଇଞ୍ଜେକ୍ସନ ଦେବା ସହ ପରିଶ୍ରା କରାଇଥିଲେ। ଆଲୋକଙ୍କ ଘର ପ୍ରାୟ ୬୦ କିଲୋମିଟର ଦୂର ହୋଇଥିବାରୁ ସେ ଯିବାକୁ ମନା କରିଥିଲେ। ତେବେ ରାତିରେ ଯନ୍ତ୍ରଣା ବଢ଼ିଥିଲେ ମଧ୍ୟ ଡାକ୍ତର ରାଉଣ୍ଡରେ ଆସିଲେ ଦେଖିବେ ବୋଲି ନର୍ସ କହିଥିଲେ। କୌଣସି ଡାକ୍ତର ରାତିରେ ଆସି ନ ଥିଲେ। ସକାଳେ ଅଧିକ ଯନ୍ତ୍ରଣା ହୋଇଥିଲେ ମଧ୍ୟ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଆସି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଜଟିଳ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରିବା ପାଇଁ ପରିବାର ଲୋକେ ନିବେଦନ କରିଥିଲେ। ମାତ୍ର ଡାକ୍ତର ଓ ନର୍ସମାନେ ରେଫର କରିବାରେ ଅସହଯୋଗ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଭୁଲ ଇଞ୍ଜେକ୍ସନ ଓ ଚିକିତ୍ସାରେ ଅବହେଳା ଯୋଗୁ ଆଲୋକଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଭିଣୋଇ ହେମନ୍ତ କୁମାର ସାମଲ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଆଲୋକଙ୍କ ସାନଭାଇ ମଧ୍ୟ ଡାକ୍ତରଙ୍କ ଅବହେଳା ତଥା ସଠିକ ସମୟରେ ଡାକ୍ତର ଚିକିତ୍ସାଳୟକୁ ନ ଆସିବା ଯୋଗୁ ଭାଇର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ଡାକ୍ତରଙ୍କୁ ଗିରଫ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳା ଯୋଗୁ ରୋଗୀମୃତ୍ୟୁ ନୂଆ ହୋଇ ନ ଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଢେଙ୍କାନାଳ,୧।୪(ସମିସ):** ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସପାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଇତିଶ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଣିପୁର ରାଧାକାନ୍ତଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନିଷାବାଳା ମହନ୍ତ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଆଲମ୍‌ନି କମିଟି ସଭାପତି ଶକ୍ତିପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଭାତି ବେହେରା, ଏସଏମସି ଅଧ୍ୟକ୍ଷା ମମତା ମିଶ୍ର, ଆଲମ୍‌ନି ସଦସ୍ୟ ଆଶିଷ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଇତିଶ କୁମାର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବନିତା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସବିତା ସ୍ୱାଇଁ, ରଶ୍ମିରାଣୀ ଶତପଥୀ, ନିଲୋଫର ଜାବିନ, ନର୍ମଦା ଗଡ଼ନାୟକ, ମଞ୍ଜୁବାଳା ବାରିକ, ଦୀପିକା ତ୍ରିପାଠୀ, ପ୍ରଜ୍ଞାପରମିତା ସାହୁ, କର୍ମଚାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ବୁଢ଼ୀଦେଈଙ୍କ କଳସ ଯାତ୍ରା

**ଢେଙ୍କାନାଳ,୧।୪(ସମିସ):** ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କେଞ୍ଝିଆବେରେଣୀ ମୌଜାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଦେଈଙ୍କ ନୂତନ ଗୃହ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଚାଲିଛି। ପ୍ରଥମ ଦିନ ବ୍ରାହ୍ମଣୀ ନଦୀରୁ ସକାଳ ୯ଟାରେ ୫୧ଟି କଳସ ସହ ଶୋଭାଯାତ୍ରା ହୋଇଥିଲା। ଉତ୍ସବରେ ସୁବ୍ରତ କୁମାର ମଲ୍ଲିକ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୁରୋଧା ସୁଶାନ୍ତ ରଥ ଦେବୀଙ୍କ କଳସ ପୂଜା କରିଥିଲେ। କେଞ୍ଝିଆବେରେଣୀ ଓ ଗେଙ୍ଗୁଟିଆ ଗ୍ରାମବାସୀଙ୍କ ସମେତ ଦାମ ସାମନ୍ତରାୟ ସ୍ୱୟଂ ସଙ୍ଗଠନ ସଦସ୍ୟମାନେ ସହଯୋଗ କରୁଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଗଁଦିଆ,୧।୪(ସମିସ):** ଗଁଦିଆ ବ୍ଲକ କରମୂଳସ୍ଥିତ ଆମ୍ବପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବେହେରା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। କରମୂଳ ସିଆର୍‌ସିସି ପୃଥ୍ୱୀରାଜ ନାୟକଙ୍କ ସଂଯୋଜନାରେ ତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶିକ୍ଷୟିତ୍ରୀ ଶ୍ରୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିଭାବେ ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବେଶ୍ୱର ନାୟକ, ଅମ୍ବୁଜ କୁମାର ସାହୁ, ନୃସିଂହ ମଲ୍ଲିକ, ଶ୍ରୀକାନ୍ତ ପଣ୍ଡା, ଶଙ୍କର୍ଷଣ ତରାଇ, କାମେନି ଶତପଥୀ, ଜୟକୃଷ୍ଣ ପାଲ, ଅଶାନ୍ତି ବେହେରା, ମଙ୍ଗରାଜ ପୋଇ, ତପନ କୁମାର ପତି, ଜାହ୍ନବୀ ପୋଇ, ରୀନା ସ୍ୱାଇଁ, ସସ୍ମିତା ଶତପଥୀ, ତୃପ୍ତିମୟୀ ପଣ୍ଡା ଯୋଗଦେଇ ଚନ୍ଦ୍ରଶେଖରଙ୍କ ଗୁଣଗାନ କରିଥିଲେ। ଛାତ୍ରୀ ସୋହଲିନୀ ମିଶ୍ର, ରାଜଲକ୍ଷ୍ମୀ ପଣ୍ଡା, ଶ୍ରେୟାଂଶୀ ଦାଶ, ଶ୍ରୁତି ଶ୍ରେୟାଂଶୀ ଦାଶ, ଶ୍ରୁତି ସାଗରିକ ଦାଶ, ଆଲିଶା ପ୍ରିୟଦର୍ଶିନୀ ସାହୁ, ଦିବ୍ୟଜ୍ୟୋତି ଦାଶ ଗୁରୁବନ୍ଦନା କରିଥିଲେ। କରମୂଳ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ମକୁନ୍ଦପୁର, ଗୋରଡ଼ାପାଳ, କରମୂଳ, କରମୂଳ ପାଟଣା, ଭଲିଆକଣ ମଝିପାଳ, ହାତୀବାରି, ନବାଲିଙ୍ଗା, ଦଲାର ଆଦି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଙ୍ଘ ଗଠିତ




**ଢେଙ୍କାନାଳ,୧।୪(ସମିସ):** ସ୍ଥାନୀୟ ଓଷ୍ଟା ସଙ୍ଘ ସଭାଗୃହରେ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ଏବଂ କର୍ମଚାରୀମାନଙ୍କର ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ଏକ ସଙ୍ଘ ଗଠିତ ହୋଇଯାଇଛି। ସଭାପତି ସରୋଜ କାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଲୋଚନା ହେବା ସହିତ ଏକ ନିଜନ କମିଟି ଗଠନ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅଶ୍ୱିନୀ କୁମାର ରାୟ,ଧୃବଚରଣ ଗଡନାୟକ,ମୁରଲୀଧର ସାହୁ,ପ୍ରଶାନ୍ତ କୁମାର ମଲ୍ଲିକ,ସଦାନନ୍ଦ ପତି ଓ ଓଷ୍ଟା ରାଜ୍ୟସଙ୍ଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ,ଦୁର୍ଗାଚରଣ ମହାପାତ୍ର,ପ୍ରଶାନ୍ତ କୁମାର ଧଳ,ଦେବୀ ପ୍ରସାଦ ମିଶ୍ର,ସନ୍ତୋଷ କୁମାର ପାଣିଗ୍ରାହୀ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ସଭାପତି ସରୋଜ କାନ୍ତ ଦାଶ ଏବଂ ଆବାହକ ବିଭୁତି ସାମଲ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପରେ ଏକ ନୂତନ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବରେ ସରୋଜ କାନ୍ତ ଦାଶ,କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ମିଶ୍ର,ଉପସଭାପତି ଧୃବଚରଣ ଗଡନାୟକ,ସମ୍ପାଦକ ବିଭୁତି ସାମଲ,ଯୁଗ୍ମ ସମ୍ପାଦକ ସଦାନନ୍ଦ ସାହୁ,କୃପାସିନ୍ଧୁ ବେହେରା,ଉପଦେଷ୍ଟା ଭାବରେ ଦୁର୍ଗାଚରଣ ମହାପାତ୍ର,ସନ୍ତୋଷ କୁମାରପାଣିଗ୍ରାହୀ,ପ୍ରଶାନ୍ତ କୁମାର ଧଳ,କାର୍ଯ୍ୟକାରୀ ସଦସ୍ୟ ଭାବରେ ଅଶ୍ୱିନୀ ରାୟ,ଚତୁର୍ଭୁଜ ମଲ୍ଲିକ,ସଦାନନ୍ଦ ପାଢୀ,ପ୍ରେମାନନ୍ଦ ଜେନାଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ଶୁଭସ୍ମିତା ବେଉରା,ପ୍ରେମାନନ୍ଦ ଜେନା,ଗିରିଶ ଚନ୍ଦ୍ର ବେହେରା ସହାୟତାପ୍ରଦାନ କରିଥିଲେ।

ବିଭିନ୍ନ ଅନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ

# 'ଓଡ଼ିଆପଣର ଅଭାବ ଓଡ଼ିଆଙ୍କ ଲାଗି ବିପଦ ଆଣିପାରେ'










ଢେଙ୍କାନାଳ,୧।୪(ସମିସ)

ଓଡ଼ିଆ ଜାତି ଅନନ୍ୟ ସାହସୀ ଓ ସ୍ୱାଭିମାନୀ। ଏହାର କଳା, ସ୍ଥାପତ୍ୟ, ନୃତ୍ୟ, ସାହିତ୍ୟ ଓ ସଙ୍ଗୀତ ସାରା ଦେଶରେ ବେଶ୍ ପରିଚିତ। ଓଡ଼ିଆ ବୀରଙ୍କ ବୀରତ୍ୱ ସାରା ବିଶ୍ୱରେ ମହାନ। ମାତ୍ର ଏବେ ଆମ ଭିତରୁ ସେଇ ଓଡ଼ିଆ ଭାବ ଟିକକ ମରି ମରି ଯାଉଛି। ଓଡ଼ିଆ ଭାଷା ସାହିତ୍ୟଠାରୁ ନୂତନ ପିଢ଼ି ଦୂରେଇ ଯାଉଥିବା ବେଳେ ଓଡ଼ିଶା ଦିବସ ଆମ ଅତୀତର ଐତିହ୍ୟ ଓ ସ୍ୱାଭିମାନକୁ ମନେ ପକାଇଦିଏ ବୋଲି ସ୍ଥାନୀୟ ଡିଆଇଇଟିରେ ପାଳିତ ଓଡ଼ିଶା ଦିବସ ସମାରୋହରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ମଞ୍ଜୁଶ୍ରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ଦୀପ୍ତାଂଶ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁ, ଗୋପବନ୍ଧୁ ଦାସ, ଗୌରୀଶଙ୍କର ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଫକୀର ମୋହନ ସଭାପତିଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇ ଓ ବିଦ୍ୟୁତପ୍ରଭା ଶତପଥୀ ନିଜ ବକ୍ତବ୍ୟରେ ଓଡ଼ିଶା ଦିବସ ପାଳନର ଯଥାର୍ଥତା ପ୍ରତିପାଦନ କରିଥିଲେ। ଆରମ୍ଭରେ ସମବେତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିବା ବେଳେ ବରିଷ୍ଠ ପ୍ରଶିକ୍ଷିକା ସ୍ନେହଲତା ରାଜ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ଅତିଥିମାନେ ପ୍ରତିଷ୍ଠାନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରାଚୀର ପତ୍ରିକା ଉନ୍ମୋଚନ କରିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ଝୋଟି, ବକ୍ତୃତା, କୌତୁକ ପୋଷାକ, ରିଲ୍‌ସ ପ୍ରସ୍ତୁତି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରିଡର ଅଫ ଦି ମନ୍ଥ ଭାବେ ଗୁରୁଛାତ୍ରୀ ସ୍ନିଗ୍ଧା ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଗୁରୁଛାତ୍ର ହରିହର ସାହୁ ଓ ଗୁରୁଛାତ୍ରୀ ବର୍ଷାରାଣୀ ସାହୁ ସଭା ସଂଯୋଜନା କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଜିଲ୍ଲା କଂଗ୍ରେସ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଦଳର ନେତା ଏବଂ କର୍ମୀମାନଙ୍କୁ ନେଇ ବୈଠକ ହୋଇଥିଲା। ମହାତ୍ମା ଗାନ୍ଧୀ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସମସ୍ତେ ପ୍ରୟାସ କରିବାକୁ ନେତାମାନେ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିନୟ କୁମାର ସାହୁ, ଡା. ତୁଷାରକାନ୍ତି ନାୟକ, ପ୍ରଭୁଦତ୍ତ ଭଟ୍ଟ, ବ୍ଲକ ସଭାପତି ବିପ୍ରବର ସାହୁ, ସ୍ମିତାରାଣୀ ସାମଲ, ରୁବେନା ବେଗମ୍ ପ୍ରମୁଖ ଯୋଗଦେଇଥିଲେ। ଟାଉନ ସଭାପତି ବିକାଶ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଁଦିଆ:** ସଦର ବ୍ଲକ ଭଗବାନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରଧାନଶିକ୍ଷୟିତୀ ଚନ୍ଦ୍ରକାନ୍ତି ଷଡ଼ଙ୍ଗୀ, ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପୋଇ, ସୁକାନ୍ତି ସାହୁ, ନନ୍ଦିନୀ ସାହୁ, ନୀଲମ ଜସ୍ମିନ ରାଉତ ପ୍ରମୁଖ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଜନ୍ମଭୂମି ଓ ମାତୃଭାଷାର ସମ୍ମାନ ରଖି ତା'ର ପ୍ରଗତିରେ ସହାୟକ ହେବାକୁ ସମସ୍ତେ ଶପଥ ନେଇଥିଲେ। ଶିକ୍ଷକ ଦୀନବନ୍ଧୁ ପୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଁଦିଆ:** କରମୂଳସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଐରା ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପିଲାମାନଙ୍କ ମଧ୍ୟରେ ଝୋଟି, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ରମାକାନ୍ତ ପଲିତା, ଉତ୍ସବ ନାୟକ, ଦିବ୍ୟରଞ୍ଜନ ନାୟକ, ଶଶିଭୂଷଣ ଶତପଥୀ, କୈଳାସ ନାୟକ, ପ୍ରଭାତ ତରାଇ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ବନଜାବାଳା ରାଉତ, ଲିମନ ଲିସା ପତି, ପଲ୍ଲିଶ୍ରୀ ରାଉତ, ମିନତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଏକ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା।

**ଢେଙ୍କାନାଳ:** ଆମ୍ ଆଦମୀ ପାର୍ଟି ଢେଙ୍କାନାଳ ଶାଖା ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲ୍ଲା ସମ୍ପାଦକ ଅନିଲ ସାମଲଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ,



ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଓଡ଼ାପଡ଼ା ବ୍ଲକ ସଭାପତି ଇଂ ପୀତାମ୍ବର ଦାସ, ନଗର ଉପସଭାପତି ବିଜୟ ଦାସ, ବରିଷ୍ଠ ସଦସ୍ୟ ପ୍ରସନ୍ନ ବରାଳ, ଜୟଦେବ ବେହେରା, ଚିନ୍ମୟ ସେନାପତି, ବିଜୟ ନାଏକ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଧୂପଦାନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ସୁନ୍ଦରୀଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ ଓ ଓଡ଼ିଶା ଦିବସ ପାଳନ ସହ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର କୋଷାଧ୍ୟକ୍ଷ ଉମାପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ବିଦ୍ୟାରମ୍ଭ ଯଜ୍ଞ କରାଯାଇଥିଲା। ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଅରୁନ୍ଧତୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବାବୁଚାନ୍ଦ ମହାଳିକ ସ୍ୱାଗତ ଭାଷଣ ଦେଇଥିଲେ। ଆର୍‌ଏସ୍‌ଏସ୍‌ର ସହ ବିଭାଗ ସଂଘଚାଳକ ହୃଦାନନ୍ଦ ଶତପଥୀ, ଜିଲ୍ଲା ସଂଘଚାଳକ ଅଶୋକ କୁମାର ଭଞ୍ଜ, ଶିକ୍ଷା ବିକାଶ ସମିତି ସହ ଜିଲ୍ଲା ପ୍ରମୁଖ ମନମୋହନ ତ୍ରିପାଠୀ ଓଡ଼ିଶା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




**ଢେଙ୍କାନାଳ:** ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଦଳର ଜିଲ୍ଲା କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ ହୋଇଛି। ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା ଉପସଭାପତି ଅଜୟ କୁମାର ଭଞ୍ଜ, ଟାଉନ ସଭାପତି ବିନୋଦ କୁମାର ମହାନ୍ତି, ଛାତ୍ର ସଭାପତି ଆର୍ଯ୍ୟନ ଦାସ, କାଉନସିଲର ସାଗିର ମହମ୍ମଦ, ବଂଶୀଧର ଦଳେଇ, ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଜୋତ୍ସ୍ନାରାଣୀ ମଣ୍ଡଳ, ବିଷ୍ଣୁପ୍ରସାଦ କର ପମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସକାଳ ୮ଟାରେ ଜିଲ୍ଲା ମହକୁମାରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନଗର ଯୁବ ସଭାପତି ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ରଥଗଡ଼ାସ୍ଥିତ ଉତ୍ଫୁଲ୍ଲା କାର୍ଯ୍ୟାଳୟରେ ଉତ୍ଫୁଲ୍ଲାର ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ପରିବେଶବିତ୍ ଉପେନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ୨୦୩୬ରେ ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ରୂପେ ଶତବାର୍ଷିକୀ ପାଳନ କରିବ। ସେହି ଅନୁସାରେ ସରକାର ବିକଶିତ ଓଡ଼ିଶା-୨୦୩୬ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏଥିରେ ଉତ୍ଫୁଲ୍ଲାର ସମ୍ପାଦକ କବି ବାହାଦୁର ପାଟ୍ଟସାହାଣୀ, ଯୁଧିଷ୍ଠିର ସାହୁ, ଅବିନାଶ ଦାସ, ବିପିନ ବେହେରା, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟାଳୟ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।







## ଭୁବନେଶ୍ୱର ସିଟି

# ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ



ଭୁବନେଶ୍ୱର, ୧।୪ (ସମିସ): ଆଶୋକାଷ୍ଟମୀଠାରୁ ଆରମ୍ଭ ହୋଇଥିବା ରୁକୁଣା ରଥଯାତ୍ରା ବୁଧବାର ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଲିଙ୍ଗରାଜ, ଦେବୀ ଦୁର୍ଗା ଓ ଦୋଳଗୋବିନ୍ଦ ସ୍ୱର୍ଣ୍ଣାଦ୍ରିକୁ ବିଜେ କରିଛନ୍ତି। ରଥ ଉପରେ ଦ୍ୱିପ୍ରହର ଧୂପ ପର୍ଯ୍ୟନ୍ତ ସମସ୍ତ ବିଧି ବଢ଼ି ପଣାହାଣ୍ଡି ନୈବେଦ୍ୟ ସମ୍ପାଦନକ୍ରମେ ଘଣ୍ଟ, ଘଣ୍ଟା, ଛତ୍ରୀ, ତ୍ରାସ, ଆଲଟ ଉପଚାର ସହ ପାଟ ଚାନ୍ଦୁଆ ଆଡୁଆଳରେ ବିଜେ କରି ଦେବଦଳନ ରଥରୁ ମେଲାଣି ନେଇଥିଲେ ଶ୍ରୀତ୍ରିଭୁବନେଶ୍ୱର। ବୁଧବାର ପହୁଡ଼ ଖୋଲିବା ପରେ ମଙ୍ଗଳ ଆଳତି ଓ ଅବକାଶ ହୋଇ ସାହାଣ ମେଲା କରାଯାଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସକାଳ ଧୂପ ପରେ ଶ୍ରଦ୍ଧାଳୁମାନେ ରଥାରୁଢ଼ ଦିଅଁଙ୍କୁ ଦର୍ଶନ କରି ସନ୍ଧ୍ୟାରେ ସ୍ୱର୍ଣ୍ଣାଦ୍ରି ବିଜେ ନୀତି ଅନୁଷ୍ଠିତ ହୋଇଥିଲା।

ଏଥିପାଇଁ ଦେଉଳରେ ପ୍ରଥମେ ଦ୍ୱିପ୍ରହର ଧୂପ ସରିଲେ ରଥାରୂଢ଼ ଲିଙ୍ଗରାଜଙ୍କ ଦ୍ୱିପ୍ରହର ଧୂପ ସରିବା ଓ ପଣା ଭୋଗ ହେବା ସହ ଚାହାଣି ମଣ୍ଡପରେ ମହାପ୍ରଭୁଙ୍କୁ ଅପେକ୍ଷା କରି ରହି ମା' ପାର୍ବତୀଙ୍କ ସହ ଭେଟ ଆଳତି କରାଯାଇଥିଲା। ପରେ ବିଜେ ଦିଅଁ ଶ୍ରୀଲିଙ୍ଗରାଜ ପହଣ୍ଡି ହୋଇ ସ୍ୱର୍ଣ୍ଣାଦ୍ରିକୁ ପଟୁଆର କରିଥିଲେ।

କିନ୍ତୁ ମା ପାର୍ବତୀ ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ଥିବାରୁ ମନ୍ଦିର ବିଜେ ହେବା ପରେ ଦକ୍ଷିଣୀ ପର ପାଖରେ ସମସ୍ତ ଚଳନ୍ତି ପ୍ରତିମା ଜଗମୋହନ ଭିତରକୁ ବିଜେ ହୋଇଥିଲେ। ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିମନ୍ତେ ଦେବୀ ପାର୍ବତୀ ବେହେରଣ ଦ୍ୱାର କିଳି ରଖିଥିଲେ। ରଥରେ ନ ନେଇ ଚାଲି ଯାଇଥିବାରୁ ଦେବୀ ପାର୍ବତୀଙ୍କ ସହ କିଛି ସମୟର ବଚନିକା ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ଆସନ୍ତା ୨୨ ଦିନବ୍ୟାପୀ ଚନ୍ଦନଯାତ୍ରାରେ ପାର୍ବତୀଙ୍କୁ ନେଇ ବିନ୍ଦୁସାଗରରେ ଚାପଖେଳର ପ୍ରତିଶ୍ରୁତି ଦେଇ ମାନଭଞ୍ଜନ କରିବା ପରେ ମା ପାର୍ବତୀ ଦ୍ୱାର ଉନ୍ମୁକ୍ତ କରିଥିଲେ। ବଚନିକା ଶେଷରେ ଖଟଶେଯ ବିଜେ ହୋଇ ମହାପ୍ରଭୁଙ୍କ ସହ ଦେବୀ ପାର୍ବତୀଙ୍କ ଭେଟ ଆଳତି କରାଯାଇ ଆଡ଼କାଠ ନିକଟରେ ସମସ୍ତ ଚଳନ୍ତି ପ୍ରତିମାମାନେ ପୀଠାଧୀଶଙ୍କ ସହ ଭେଟ ଆଳତି ବଢ଼ାଇ ପାଳିଆ ସେବକମାନଙ୍କ ଗହଣରେ ଦକ୍ଷିଣୀ ଘରକୁ ବିଜେ କରିବା ପରେ ସ୍ୱର୍ଣ୍ଣାଦ୍ରି ବିଜେ ସମ୍ପନ୍ନ ହୋଇଥିଲା।



● ରାଜଧାନୀରେ ଚାଞ୍ଚଲ୍ୟ

## ଟ୍ରେନ୍ ଲାଇନ୍ କଡ଼ ଡ୍ରେନରୁ ମିଳିଲା କଟା ପାଦ



ଭୁବନେଶ୍ୱର, ୧।୪ (ସମିସ): ରାଜଧାନୀରେ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଟ୍ରେନ୍ ଲାଇନ୍ କଡ଼ ଡ୍ରେନରୁ କଟା ପାଦ ମିଳିଛି। ଏୟାରପୋର୍ଟ ଥାନା ପୁଲିସ ପାଦକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପାଦ ମିଳିବା ପରେ ଶରୀରର ବାକି ଅଂଶ କୁଆଡ଼େ ଗଲା ତାକୁ ନେଇ ସଂଶୟ ସୃଷ୍ଟି ହୋଇଛି। କେହି ହତ୍ୟାକାଣ୍ଡ ଭିଆଇବା ପରେ ଶରୀରକୁ ଖଣ୍ଡବିଖଣ୍ଡିତ କରି ବିଭିନ୍ନ ସ୍ଥାନରେ ଫୋପାଡ଼ି ଦେଇଥିବା ଅନୁମାନ କରାଯାଉଛି।

ମିଳିଥିବା ସୂଚନା ଅନୁସାରେ, ବୁଧବାର ଅପରାହ୍ଣରେ କାର୍ଗିଲ ବସ୍ତିର କିଛି ପିଲା ଖେଳାଖେଳି କରୁଥିଲେ। ସେହି ସମୟରେ ନିକଟସ୍ଥ ଡ୍ରେନରେ ଏକ କଟା ପାଦ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଏୟାରପୋର୍ଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କଟା ପାଦ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ହତ୍ୟା କରିବା ପରେ ଶରୀରର ବିଭିନ୍ନ ଅଂଶକୁ ଖଣ୍ଡ ଖଣ୍ଡ କରି ଫିଙ୍ଗିଥିବା ସନ୍ଦେହ କରାଯାଉଛି। ପାଦଟି ପ୍ରାୟ ମାସକ ପୂର୍ବର ବୋଲି ପୁଲିସ ଅନୁମାନ କରୁଛି।

ସେପଟେ ଗତମାସ ୨ ତାରିଖ ରାତିରେ ବୋଡଣ୍ଡା ଗାଁର ମୂରଲୀଧର ବେହେରା ଓରଫ୍ ପପୁ ଘରୁ କେଉଁଆଡ଼? ଚାଲି ଯାଇଥିଲେ। ଏହାର ପରଦିନ ଅର୍ଥାତ୍ ୩ ତାରିଖ ଭୋର୍ ସମୟରେ ପପୁଙ୍କ କାରଟି ଶ୍ରୀ ଲିଙ୍ଗରାଜ ଷ୍ଟେସନ ନିକଟରେ ପାର୍କ ହୋଇଥିବା ଘରଲୋକେ ଦେଖିବାକୁ ପାଇଥିଲେ। ଭିତରକୁ ଗଲା ବେଳକୁ ରେଳଧାରଣାରେ ପପୁଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ମୃତଦେହ ପଡ଼ିଥିଲେ ମଧ୍ୟ ପାଦଟି ମିଳିନଥିଲା। ଖବରପାଇ ଭୁବନେଶ୍ୱର ସରକାରୀ ରେଳବାଇ ପୁଲିସ (ଜିଆରପି) ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଥିଲା। ପପୁଙ୍କୁ ହତ୍ୟା କରାଯାଇଥିବା ନେଇ ପରବର୍ତ୍ତୀ ସମୟରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଆରମ୍ଭରୁ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜିଆରପି ଥାନା ପରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିଲା।

ଆଜି କଟା ପାଦ ମିଳିବା ପରେ ତାହା ପପୁଙ୍କର ହୋଇଥିବ ବୋଲି ପୁଲିସ ଅନୁମାନ କରୁଛି। ଏୟାରପୋର୍ଟ ଥାନା ପୁଲିସ କଟା ପାଦକୁ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାଦରୁ ବିଭିନ୍ନ ନମୁନା ସଂଗ୍ରହ କରି ଡିଏନ୍ଏ ପ୍ରୋଫାଇଲିଙ୍ଗ କରାଯିବା ବୋଲି ପୁଲିସ କହିଛି। ଅପରପଟେ ପପୁଙ୍କ ପରିବାର ଲୋକଙ୍କର ରକ୍ତନମୁନା ସଂଗ୍ରହ କରାଯିବ। ଡିଏନ୍ଏର ନମୁନା ଓ ପପୁଙ୍କ ପରିବାରର ରକ୍ତ ନମୁନା ମେଳ କରାଯିବା ପରେ ପାଦଟି ପପୁଙ୍କର କି ନାହିଁ ଜଣାପଡ଼ିବ ବୋଲି ପୁଲିସ କହିଛି।

## ସୁନିଲ କୁମାର ନନ୍ଦଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ଡିସ୍କ



ଭୁବନେଶ୍ୱର, ୧।୪(ସମିସ): କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର ଶାଖା ପୁଲିସର ଆରକ୍ଷୀ ଅଧିକ୍ଷକ ସୁନିଲ କୁମାର ନନ୍ଦଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ଡିସ୍କ ପ୍ରଦାନ କରାଯାଇଛି। ବୁଧବାର ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଶ୍ରୀ ନନ୍ଦଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।

## ବୁଲୁଛନ୍ତି ନକଲି ସିବିଆଇ ଅଧିକାରୀ

ଭୁବନେଶ୍ୱର, ୧।୪(ସମିସ): ରାଜଧାନୀରେ ବୁଲୁଛି ନକଲି ସିବିଆଇ ଅଧିକାରୀ। ନିଜକୁ ସିବିଆଇ ଅଧିକାରୀ ପରିଚୟ ଦେଇ ଲୋକଙ୍କୁ ଚୂନ ଲଗାଉଛି। ଓକିଲ ଖୋଜିବାକୁ ଯାଇ ନକଲି ସିବିଆଇ ଅଧିକାରୀ ଦ୍ୱାରା ଠକେଇର ଶିକାର ହୋଇଛନ୍ତି ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା କନିଷ୍ଠ ଯନ୍ତ୍ରୀ। କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣି

- କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଠକିନେଲା ୪୦ ହଜାର
- ଭିଜିଲାନ୍ସ ଜାଲରେ ପଡ଼ି ଓକିଲ ଖୋଜୁଥିଲେ
- ସିବିଆଇରେ ଅଭିଯୋଗ ପରେ ଦୁଇ ଜଣଙ୍କ ନାଁରେ ମାମଲା

ଏନେଇ ଅଭିଯୋଗ କରିବା ପରେ ଭୁବନେଶ୍ୱର ସିବିଆଇ ଶାଖା ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ସୁନ୍ଦରପଦା ଅଞ୍ଚଳରେ ରହୁଥିବା କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣି ପ୍ରାୟ ଅଢେଇ ବର୍ଷ ପୂର୍ବେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କର ୨୫ଟି ଫ୍ଲାଟ୍, ୨ଟି କୋଠା, ୬୪ ଲକ୍ଷର ବ୍ୟାଙ୍କ୍ ଜମା, ୮୦୦ ଗ୍ରାମର ସୁନାଗହଣା ଓ ନଗଦ ୩ ଲକ୍ଷ ଟଙ୍କା ଜବତ କରିଥିଲା। ପ୍ରସନ୍ନ ଗିରଫ ହୋଇ ଜେଲରେ ରହି ଜାମିନରେ ଆସିବା ପରେ ଭିଜିଲାନ୍ସ ମାମଲାରୁ ମୁକୁଳିବାକୁ ଭଲ ଆଇନଜୀବୀ ଖୋଜୁଥିଲେ। ସେତିକିବେଳେ ପ୍ରସନ୍ନଙ୍କ ସୁନ୍ଦରପଦାସ୍ଥିତ ଘରେ ଭଡ଼ା ରହୁଥିବା ସନ୍ଧ୍ୟା ମହାନ୍ତି ତାଙ୍କୁ ସମ୍ବିତ ମହାନ୍ତି ସହ ଯୋଗାଯୋଗ କରାଇ ଦେଇଥିଲେ। ସମ୍ବିତ ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇଥିଲା। ଏକ ମାମଲାର ତଦନ୍ତ ବେଳେ ଗୁଳି ବାଜିବାରୁ ବାମ ଗୋଡ଼ ହରାଇଛି ବୋଲି କହିବା ସହ ଅଫିସ୍ ଯିବା ଆସିବା ପାଇଁ ସରକାର ତା'କୁ କାର୍ ଦେଇଛନ୍ତି ବୋଲି କହିଥିଲା। କାରରେ ସିବିଆଇ ଲୋଗୋ ଲାଗିଥିବା ବେଳେ ହ୍ୱାଟ୍ସଆପ ଓ ଟ୍ରୁ କଲରରେ ମଧ୍ୟ ସିବିଆଇ ଲୋଗୋ ଥିବା ଫଟୋ ରଖିଥିଲା।

ସମ୍ବିତ ଭଲ ଓକିଲ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇ ମାମଲା ସମ୍ପର୍କିତ କାଗଜପତ୍ର ମାଗିବାରୁ ପ୍ରସନ୍ନ ତାଙ୍କୁ ସମସ୍ତ ଡକ୍ୟୁମେଣ୍ଟ ଦେଇଥିଲେ। ପ୍ରସନ୍ନ ଅସଲି ସିବିଆଇ ଅଧିକାରୀ ବିଶ୍ୱାସ କରି ସେ କହିବା ମୁତାବକ ଦୁଇଟି ପର୍ଯ୍ୟାୟରେ ୪୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ଖୁବଶୀଘ୍ର ଓକିଲ ତାଙ୍କୁ ଦେଖା କରିବେ ବୋଲି କହିଥିଲେ ମଧ୍ୟ ପରେ ଆଉ ଧରାଛୁଆଁ ଦେଇ ନ ଥିଲା। କୌଣସି ଓକିଲ ମଧ୍ୟ ପ୍ରସନ୍ନଙ୍କୁ ଯୋଗାଯୋଗ କରି ନ ଥିଲେ। ଭଡ଼ାଟିଆ ସନ୍ଧ୍ୟା ମହାନ୍ତିଙ୍କୁ ପଚାରିବାରୁ, ସେ ବାରମ୍ବାର ଆଶ୍ୱାସନା ଦେଇ ଚାଲିଥିଲେ। ବାରମ୍ବାର ମେସେଜ କରିବା ପରେ ସମ୍ବିତ ମଧ୍ୟ ଟଙ୍କା ଫେରାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଟଙ୍କା ଫେରାଇବାକୁ କହି ପରେ ସବୁଥିରେ ବ୍ଲକ କରି ଦେଇଥିଲେ। ପରବର୍ତ୍ତୀ ସମୟରେ ସମ୍ବିତର ମୋବାଇଲ ନମ୍ବର ରଶ୍ମିରଞ୍ଜନ ମହାରଣା ବୋଲି ଟ୍ରୁ କଲରରେ ଦେଖାଇଥିଲେ। ପ୍ରସନ୍ନ ଠକେଇର ଶିକାର ହୋଇଥିବା ଜାଣି ଭୁବନେଶ୍ୱର ସିବିଆଇ ଶାଖାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ବିତ ମହାନ୍ତି ଏପରି ଅନେକ ଲୋକଙ୍କୁ ଠକିଥିବା ସେ ଅନୁମାନ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରସନ୍ନଙ୍କ ଅଭିଯୋଗ ଆଧାରରେ ସିବିଆଇ ସମ୍ବିତ ଓ ସନ୍ଧ୍ୟାଙ୍କ ନାମରେ ମାମଲା ରୁଜୁ କରିଛି।

### ଏଆଇସିସି ସଙ୍ଗଠନ ସମ୍ପାଦକଙ୍କ ଜାଲ୍ ଦସ୍ତଖତରେ ଅପପ୍ରଚାର

## ସାଇବର୍ ଥାନାରେ ଏତଲା ଦେଲା କଂଗ୍ରେସ



ଭୁବନେଶ୍ୱର, ୧।୪(ସମିସ): ଏଆଇସିସି ସଙ୍ଗଠନ ସମ୍ପାଦକ ସାଂସଦ କେସି ବେଣୁଗୋପାଳଙ୍କ ମିଥ୍ୟା ଦସ୍ତଖତ ଚିଠି ସାମାଜିକ ଗଣମାଧ୍ୟମରେ ଅପ୍ରଚାରକୁ ନେଇ କଂଗ୍ରେସ ପକ୍ଷରୁ ଏତଲା ଦାୟର ହୋଇଛି। କଂଗ୍ରେସ କହିଛି, ସଂଗଠନ ସମ୍ପାଦକଙ୍କ ମିଥ୍ୟା ଦସ୍ତଖତରେ ଏଆଇସିସି ପ୍ୟାଡ୍ ବ୍ୟବହାର କରି ପିସିସି ସଭାପତି ପଦ ଗରିମାକୁ କଳୁଷିତ କରିବା ଭଳି ଏକ ଚିଠି କିଛିଦିନ ହେଲା ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଘୁରି ବୁଲୁଛି। ଏହା ସମ୍ପୂର୍ଣ୍ଣ ବେଆଇନ ଏବଂ ଧର୍ତ୍ତବ୍ୟ ଅପରାଧ ତଥା ସମାଜ ପାଇଁ ମଧ୍ୟ ଏକ ବଡ଼ ବିପଦ ଅଟେ। ତେଣୁ ଏହି ଧର୍ତ୍ତବ୍ୟ ଅପରାଧରେ ଜଡିତ ଥିବା ଅପରାଧୀଙ୍କୁ ଅତିଶୀଘ୍ର ଗିରଫ ଏବଂ ଦଣ୍ଡ ବିଧାନ କରାଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବି କରିବା ସହ ଭିଏସଏସ ନଗରସ୍ଥିତ ସାଇବର ଥାନାରେ ଏତଲା ଦାୟର କରିଛି। ଏହି ଏତଲା ଦାୟର ଦଳରେ ସନ୍ତୋଷ ସିଂ ସାଲୁଜା, ଡଃ ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ, ବିଶ୍ୱଜିତ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ସୁଦର୍ଶନ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଖଣିରୁ ମିଳିଲା ସଫ୍ଟୱେର ଇଞ୍ଜିନିୟରଙ୍କ ମୃତଦେହ

ଭୁବନେଶ୍ୱର, ୧।୪ (ସମିସ): ନିଖୋଜ ଥିବା ସଫ୍ଟୱେର ଇଞ୍ଜିନିୟରଙ୍କ ମୃତଦେହ ଖଣି ଭିତରେ ଠାବ ହୋଇଛି। ମୃତକ ଜଣକ ହେଉଛନ୍ତି ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରର ତାରିଣୀ ନଗରରେ ରହୁଥିବା ଲମ୍ବୋଦର ଦାସ (୪୮)। ଦାରୁଠେଙ୍ଗ କୃଷ୍ଣନଗର ପଥର ଖଣିରୁ ତାଙ୍କ ମୃତଦେହକୁ ଜବତ କରିଛି ଚନ୍ଦକା ଥାନା ପୁଲିସ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

- ଋଣ ବୋଝରେ ରହୁଥିଲେ
- କାଲିଠାରୁ ଘରକୁ ଫେରି ନ ଥିଲେ



ମିଳିଥିବା ସୂଚନା ଅନୁସାରେ, ଭରତପୁରର ଲମ୍ବୋଦର ତାଙ୍କ ପତ୍ନୀ ଓ ପୁଅ ସହିତ ତାରିଣୀ ନଗରରେ ରହିଥିଲେ। ସେ ଦୀର୍ଘଦିନ ହେବ ଟିସିଏସ୍ ରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଥିଲେ। ତେବେ ମଙ୍ଗଳବାର ସକାଳ ପ୍ରାୟ ସାଢେ ୮ଟା ସମୟରେ ଲମ୍ବୋଦର ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ଯିବା ସମୟରେ ମୋବାଇଲ, ମନିପର୍ସ ଓ ସମସ୍ତ ଜିନିଷ ଘରେ ଛାଡ଼ି ଯାଇଥିବା ବେଳେ କେବଳ ଆଧାର କାର୍ଡ ସାଙ୍ଗରେ ନେଇଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ନିକଟରେ ଖୋଜିଥିଲେ ମଧ୍ୟ ଲମ୍ବୋଦରଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଶେଷରେ ପତ୍ନୀ ନନ୍ଦନକାନନ ଥାନାରେ ଦ୍ୱାରସ୍ଥ ହୋଇ ସ୍ୱାମୀ ନିଖୋଜ ହୋଇଥିବା ନେଇ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମ୍ୟାନ୍ ମିସିଂ ରିପୋର୍ଟ (ଏମ୍ଏମ୍ଆର) ପଞ୍ଜିକରଣ କରିଥିଲା। ହେଲେ ତାଙ୍କର କୌଣସି ପତ୍ତା ପାଇନଥିଲା।

ବୁଧବାର ଭୋରରୁ ସ୍ଥାନୀୟ ଲୋକେ କୃଷ୍ଣନଗର ଅଞ୍ଚଳକୁ ନିତ୍ୟକର୍ମ ପାଇଁ ଯାଇଥିବା ବେଳେ ପଥର ଖଣିରେ ମୃତଦେହ ଦେଖି ପୁଲିସକୁ ଜଣାଇଥିଲେ। ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ପକେଟରୁ ଆଧାର କାର୍ଡ ପାଇ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଲମ୍ବୋଦର ଗତକାଲି ଠାରୁ ନିଖୋଜ ଥିବାବେଳେ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଥିବା ନେଇ ପୁଲିସକୁ କହିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଲମ୍ବୋଦର କିଛିଦିନ ହେବ ଋଣ ବୋଝରେ ରହୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ତେବେ ମୃତ୍ୟୁର କାରଣ ଜାଣିବା ପାଇଁ ଭିସେରା ପରୀକ୍ଷା କରାଯିବ ବୋଲି ପୁଲିସ କହିଛି। ଭିସେରା ଟେଷ୍ଟ ପାଇଁ ନମୁନାକୁ କ୍ୟାପିଟାଲ ଡାକ୍ତରଖାନାରୁ ରାଜ୍ୟ ଅପରାଧ ବିଧି ବିଜ୍ଞାନ ଗାର (ଏସଏଫଏସଏଲ୍) ପଠାଯିବ। ଏହି ପରୀକ୍ଷା ଦ୍ୱାରା ମୃତ୍ୟୁ ବିଷ କ୍ରିୟା ଜନିତ କି ନାହିଁ ତାହା ସ୍ପଷ୍ଟ ହେବ। ସେପଟେ ଲମ୍ବୋଦର ପାଣିରେ ବୁଡ଼ିବା ପରେ ତାଙ୍କର ମୃତ୍ୟୁ ହୋଇଛି ନାଁ ବୁଡ଼ିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା ତାହା ମଧ୍ୟ ସ୍ପଷ୍ଟ ହୋଇ ପାରିନାହିଁ। କେବଳ ଭିସେରା ନୁହଁ, ଡାଏଟମ୍ ଟେଷ୍ଟ ମଧ୍ୟ କରାଯିବ। ଲମ୍ବୋଦର ପଡ଼ିଥିବା ଖଣିର ପାଣି ଓ ମୃତଦେହରୁ ସଂଗ୍ରହ ହୋଇଥିବା ନମୁନାକୁ ନେଇ ପରୀକ୍ଷା କରାଯିବ ବୋଲି ପୁଲିସ କହିଛି।

## ରିଲ୍ସ ପାଇଁ ନୂଆ ଡେଷ୍ଟିନେସନ୍ ଟିପି

ଭୁବନେଶ୍ୱର, ୧।୪(ସମିସ): କିଛିବର୍ଷ ପୂର୍ବରୁ ଯେଉଁଠି ସବୁଜ ଧାନ କିଆରି ଲୋଟିପଡୁଥିଲା। ଖରାଦିନେ ଧାନ ଅମଳ ପରେ ଏହା ମୁକ୍ତାକାଶ ପାଇଖାନା ପାଲଟିଥିଲା। ଏବେ ସେଠାରେ ସଞ୍ଜ ହେଲେ ଜମୁଛି ଭିଡ଼। ଦାମୀ କାର୍ ସାଙ୍ଗକୁ ଭିଡିଓ ଶୁଟିଂର ସେଟ୍ ଧରି ପହଞ୍ଚି ଯାଉଛନ୍ତି ଭୁବନେଶ୍ୱର ସହରର ଉଚ୍ଛପତୁଆ ଯୁବପିଢ଼ି। କଲେଜ ପିଲାଙ୍କଠାରୁ ଆରମ୍ଭ କରି ଅଭିଯାତ୍ୟ ସମ୍ପନ୍ନ ଘରର ମହିଳା ପୁରୁଷ ସପରିବାରେ ଏଠାରେ ଜମାଉଛନ୍ତି ଭିଡ଼। ଏହା ହେଉଛି ଭୁବନେଶ୍ୱରରେ ଟାଉନ୍ ପ୍ଲାନିଂ ଏରିଆ। ଭୁବନେଶ୍ୱର କଳିଙ୍ଗ ବିହାରକୁ ଲାଗି

- ଯୁବପିଢିଙ୍କୁ ଆକୃଷ୍ଟ କରୁଛି ରାସ୍ତାକଡ ଭିୟୁ
- ଜନ୍ମଦିନ ପାର୍ଟିରୁ ବିବାହ ବାର୍ଷିକୀ ଉତ୍ସବ

ଘାଟିକିଆ ପାଇକରାପୁର ରାସ୍ତାକଡ଼ରେ ଥିବା ଏହି ଅଞ୍ଚଳ ଏବେ ଯୁବପିଢିଙ୍କ ପାଇଁ ନୂଆ ରିଲସ ପଏଣ୍ଟ ପାଲଟିଛି। ଶହେ/ଦୁଇଶହ ଫୁଟିଆ ଓସାରିଆ ରାସ୍ତା ସାଙ୍ଗକୁ ପ୍ରାକୃତିମ ମନୋରମ ଦୃଶ୍ୟ ଅନେକଙ୍କୁ ଆକର୍ଷିତ କରୁଛି। ଯେଉଁଥିପାଇଁ ଏଠାରେ ଲୋକଙ୍କ ଭିଡ଼ ଜମୁଛି। ଏହି ବାଟ ଦେଇ ଯାଉଥିବା ବାଟୋଇ ମଧ୍ୟ ସୌନ୍ଦର୍ଯ୍ୟକୁ ଦେଖି ସେଲ୍ଫି ନେବା ପାଇଁ ପଛାଉନାହାନ୍ତି। ସେହିଭଳି ଅଧିକାଂଶ ସମୟରେ ଜନ୍ମଦିନ ପାର୍ଟି ପାଳନ କରିବା ପାଇଁ ଏହି ଅଞ୍ଚଳକୁ ବାଛି ନେଉଛନ୍ତି ଅନେକ ଯୁବପିଢ଼ି। ସେହିଭଳି ବିବାହ ବାର୍ଷିକୀଠାରୁ ଆରମ୍ଭ



କରି ଅନ୍ୟାନ୍ୟ ସେଲିବ୍ରେସନ ପାଇଁ ଏଠାରେ ସନ୍ଧ୍ୟା ହେଲେ ଭିଡ଼ ଜମୁଛି। କେକ୍ କାଟିବାଠାରୁ ଆରମ୍ଭ କରି ବାଣ ଫୁଟାଇବାରେ ମସ୍‌ଗୁଲ୍ ରହୁଛନ୍ତି ଯୁବପିଢ଼ି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ଏହି ରାସ୍ତାକଡ଼ରେ ବସି ଖଟି କରୁଛନ୍ତି।

ଯେଉଁଠି ଦିନ ଅପେକ୍ଷା ୪ଟା ପରେ ଫଟୋ, ଭିଡିଓ ଏବଂ ରିଲସ ପାଇଁ ଗହଳି ଜମୁଛି। ଏହି ଟିପି ରାସ୍ତା ହେଉଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଅନୁମୋଦିତ ପ୍ଲଟ୍। ଯାହା ପାଇକରାପୁର, ଚନ୍ଦକା ଏବଂ କଳିଙ୍ଗ ବିହାର ନିକଟସ୍ଥ ଅଞ୍ଚଳ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏଠାରେ ସାଧାରଣତଃ ସେତେ ଗାଡି ମଟର ଯିବା ଆସିବା କରୁନଥିବାରୁ ଯୁବପିଢିଙ୍କୁ ସେଠାରେ ଭିଡିଓ କରିବାକୁ ସୁବିଧା ହେଉଛି। କେବଳ ସେତିକି ନୁହଁ କାହାର ଜନ୍ମଦିନ ହେଉକି ପ୍ରି ୱେଡିଙ୍ଗ ଫଟୋସୁଟ୍ ସେଠାରେ ସୁଟିଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ସେଠାକାର ଆକର୍ଷଣୀୟ ଦୃଶ୍ୟ ହିଁ ଲୋକଙ୍କ ପସନ୍ଦର ମୁଖ୍ୟ କାରଣ ପାଲଟିଛି। ସେହିଭଳି ଏୟାରପୋର୍ଟ ପଛରାସ୍ତା, ଶିଶୁଭବନଛକ, ଆଇ ଲଭ ଭୁବନେଶ୍ୱର, ବରମୁଣ୍ଡା ବସଷ୍ଟାଣ୍ଡ, ନୂଆ ଗାଁ ରାସ୍ତା, ଉତ୍କଳ ହସ୍ପିଟାଲ ରାସ୍ତା ଆଦି ବର୍ତ୍ତମାନ ଭୁବନେଶ୍ୱରର ଜଣାଶୁଣା ରିଲସ ପଏଣ୍ଟ ଭାବେ ଲୋକ ଏହି ସ୍ଥାନଗୁଡିକୁ ବାଛୁଛନ୍ତି।

# ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ,୧।୪(ସମିସ):

ପବିତ୍ର ଓଡ଼ିଶା ଦିବସ ଓ ଅନୁଗୋଳ ଜିଲ୍ଲା ପ୍ରତିଷ୍ଠା ଦିବସ ବୁଧବାର ମହାସମାରୋହରେ ପାଳିତ ହୋଇଛି। ଏଥିରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଆୟୋଜିତ ସଭାରେ ସେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଓ କର୍ତ୍ତବ୍ୟନିଷ୍ଠାକୁ ସ୍ମରଣ କରି ଏକ ଉନ୍ନତ ଜାତି ହିସାବରେ ଗୌରବର ସହ କାର୍ଯ୍ୟ କରିବାକୁ କହିଥିଲେ। ଅନୁଗୋଳର ବିକାଶ ଦିଗରେ ସରକାରଙ୍କ ଯୋଜନାଗୁଡ଼ିକ ସଠିକ୍ ରୂପେ ରୂପାୟନ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ




ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ମାଧ୍ୟମରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଙ୍କଳ୍ପ ନେବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଧରଣୀଧର ନାଥ ଯୋଗଦେଇ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ସ୍ୱତନ୍ତ୍ର ଓଡ଼ିଶା ଗଠନର ବିଭିନ୍ନ ଐତିହାସିକ ଘଟଣାକ୍ରମ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୁନ ପରିବେଷଣ କରାଯାଇଥିଲା। ସକାଳ ୮ଟାରେ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରୋଷେଇ ଘରେ ଝୁଲିପଡ଼ିଲେ ମହିଳା

**ସ୍ୱାମୀ ଅଟକ**

ପାଲଲହଡ଼ା,୧।୪(ସମିସ): ପାରିବାରିକ କଳହକୁ କେନ୍ଦ୍ରକରି ରୋଷେଇ ଘରେ ବେକରେ ରଶି ଲଗାଇ ଝୁଲିପଡ଼ିଲେ ମହିଳା। ଘଟଣା ଘଟିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତ କାଳିଆକୁଦର ଗାଁରେ। ମୃତକ ହେଲେ ଗ୍ରାମର ପହଲି ନାଏକଙ୍କ ସ୍ତ୍ରୀ ଗୀତା ଲାଗୁରୀ (୨୨)। ପହଲି ତାଳଚେର ବିକ୍ରମପୁର ଥାନା ଟେନ୍ତୁଲେଇ ଗ୍ରାମର ଶ୍ରୀଧର ଲାଗୁରୀଙ୍କ ଝିଅ ଗୀତାଙ୍କୁ ୩ ବର୍ଷ ହେବ ବିବାହ କରିଥିଲେ। ତାଙ୍କର ଦେଢ଼ ବର୍ଷର ଏକ ପୁଅ ଅଛି। କୌଣସି କାରଣରୁ ମଙ୍ଗଳବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ ଗୋଟାଏ ବେଳେ ଛୁଆ କାନ୍ଦିବାରୁ ପରିବାର ଲୋକେ ଉଠି ଗୀତାଙ୍କୁ ଶୋଇବା ଘରେ ନ ପାଇ ଖୋଜାଖୋଜି କରିଥିଲେ। ପରେ ରୋଷେଇ ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଗୀତା ଆତ୍ମହତ୍ୟା କରିଥିବା ନେଇ ସ୍ୱାମୀ ପାଲଲହଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ପୁଲିସ ପହଲିଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

## ଶିବିରରୁ ୨୬ ୟୁନିଟ ରକ୍ତ ସଂଗୃହୀତ



ଅନୁଗୋଳ,୧।୪(ସମିସ): ଓଡ଼ିଶା ଦିବସ ଉପଲକ୍ଷେ ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ରୋଟରିଆନ ଡା. କୁମାର୍ ସୌମ୍ୟକାନ୍ତ ବିଶୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍ ଅଖତର, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଯୋଗଦେଇଥିଲେ। ଆଗକୁ ଆହୁରି ରକ୍ତଦାନ ଶିବିର ଆୟୋଜନ ପାଇଁ ଡ. ବିଶ୍ୱଜିତ୍ ସାମଲ ଅନୁରୋଧ କରିଥିଲେ। କ୍ଲବ ସମ୍ପାଦକ ନୀହାର ରଞ୍ଜନ ପ୍ରସାଦ, ଡା. ମାଇକେଲ ଜନ, ମିଲନ କୁମାର ଅଗ୍ରୱାଲ, ବାଣୀ ଦେବ୍, ଅଶୋକ ମାଣ୍ଡୋଠିଆ, ଉର୍ମିଳା ଅଗ୍ରୱାଲ, କୈଳାସ ଅଗ୍ରୱାଲ, ସଞ୍ଜୀବ କୁମାର ଦେହୁରୀ, ଜୟପ୍ରକାଶ ମୋଦି ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

## ଗାଁ ମଧ୍ୟ ଦେଇ କୋଇଲା ପରିବହନ କରାଇ ନ ଦେବାକୁ ଶପଥ



ଛେଣ୍ଡିପଦା,୧।୪(ସମିସ): କୋଶଳା ଜନଆନ୍ଦୋଳନର ନିଆଁ ଏବେ ପଡ଼ୋଶୀ ଗ୍ରାମଗୁଡ଼ିକୁ ବ୍ୟାପିବାରେ ଲାଗିଛି। କୋଶଳା ପରେ ଏବେ ଟେନ୍ତୁଲୋଇରେ ମଧ୍ୟ ବେଆଇନ କୋଇଲା ପରିବହନ ବିରୋଧରେ ଗର୍ଜିଛନ୍ତି ସଚେତନ ଗ୍ରାମବାସୀ। ଟେନ୍ତୁଲୋଇ କୋଡ଼ାସାହିସ୍ଥିତ ଅଧିଷ୍ଠାତ୍ରୀ ଦେବୀ କନକ ଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଶତାଧିକ ଗ୍ରାମବାସୀ ଏକଜୁଟ ହୋଇଥିଲା। ମା' ମାଟି ଓ ପରିବେଶକୁ ବଞ୍ଚାଇବା ପାଇଁ ଗାଁ ମଧ୍ୟ ଦେଇ କୋଇଲା ପରିବହନ କରାଇ ନ ଦେବାକୁ ସେମାନେ ଏକ ଶପଥ ନେଇଛନ୍ତି। ଆଗାମୀ ଦିନରେ କମ୍ପାନୀ ସହିତ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଗ୍ରାମର ସ୍ୱାର୍ଥରକ୍ଷା ଏବଂ ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ଶାନ୍ତିପୂର୍ଣ୍ଣ ଓ ଅହିଂସା ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୋଇଲା କମ୍ପାନୀ ମନମାନି ଚଳାଇ ଗ୍ରାମ୍ୟ ରାସ୍ତା ଦେଇ ବେଆଇନ ଭାବେ କୋଇଲା ପରିବହନ କରିବାକୁ ଯୋଜନା କରୁଛି। ଯଦି ଏହି ପରିବହନ ଆରମ୍ଭ ହୁଏ ତେବେ ଧୂଳିଧୂଆଁରେ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବ। ଏହି ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଟେନ୍ତୁଲୋଇବାସୀ ଦାବି କରିଛନ୍ତି ଯେ କମ୍ପାନୀ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ବାଇପାସ୍ ରୋଡ୍ ନିର୍ମାଣ କରୁ କିମ୍ବା କନଭେୟର ଦ୍ୱାରା କୋଇଲା ପରିବହନ କରୁ। ଯଦି କମ୍ପାନୀ ବେଆଇନ ଭାବେ ଜୋରଜବରଦସ୍ତ ଗ୍ରାମ୍ୟ ରାସ୍ତା ଦେଇ କୋଇଲା ଗାଡ଼ି ଚଳାଇବାକୁ ଚେଷ୍ଟା କରେ ତେବେ କେବଳ ଟେନ୍ତୁଲୋଇ ନୁହେଁ, ବରଂ ଆଖପାଖର ସମସ୍ତ ଗ୍ରାମବାସୀଙ୍କୁ ଏକାଠି କରି ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଖୋଲା ଚେତାବନୀ ଦେଇଛନ୍ତି। ଜନଶକ୍ତିର ଏହି ଗର୍ଜନ ଆଗରେ କମ୍ପାନୀ ଓ ପ୍ରଶାସନ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହେଲେ ଅଶୋକ ମହାନ୍ତି



ପାଲଲହଡ଼ା,୧।୪(ସମିସ): ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ସମସ୍ତ ଜିଲ୍ଲାର ଯୋଜନା ବୋର୍ଡର ଅଧ୍ୟକ୍ଷ ଘୋଷଣା କରାଯାଇଛି। ଅନୁଗୋଳ ଜିଲ୍ଲା ଅଧ୍ୟକ୍ଷ ଭାବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବିଧାୟକ ମହାନ୍ତି ଏହି ଦାୟିତ୍ୱ ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କ ଉପରେ ଭରସା ଓ ବିଶ୍ୱାସ ରଖି ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାହାକୁ ସୂଚାରୁ ରୂପେ ପାଳନ କରିବା ସହ ପାଲଲହଡ଼ା ତଥା ଅନୁଗୋଳ ଜିଲ୍ଲାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ଆଠମଲ୍ଲିକ ଓକିଲସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଆଠମଲ୍ଲିକ,୧।୪(ସମିସ): ଆଠମଲ୍ଲିକ ଓକିଲସଂଘର ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ମାର୍ଚ୍ଚ ୨୮ରେ ଅନୁଷ୍ଠିତ ହୋଇଥିଲା। ବୁଧବାର ନିର୍ବାଚନ ଅଧିକାରୀ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ବାର୍ ହଲରେ ଶପଥପାଠ କରାଇଛନ୍ତି। ଏହି ଅବସରରେ ଆଇନଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ବାମନ କୁମାର ମିଶ୍ର ସଂଘର ଷଷ୍ଠଥର ପାଇଁ ସଭାପତି ଭାବେ ନିର୍ବାଚିତ ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ଉପସଭାପତି ଉଗ୍ରସେନ ସେଠୀ ଓ କୋଷାଧ୍ୟକ୍ଷ ସୁନୀଲ କୁମାର ଶାସନିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଉତ୍ସବରେ ବରିଷ୍ଠ ଆଇନଜୀବୀ ଯଜ୍ଞେଶ୍ୱର ପ୍ରଧାନ, ଅସିତ ରଞ୍ଜନ ଦେଓ, ଜିତେନ୍ କୁମାର ମିଶ୍ର, ପୀତବାସ ସାହୁ, ନବୀନ କୁମାର ପ୍ରଧାନ, ରାମଚନ୍ଦ୍ର କର୍ଣ୍ଣ, ଅବନୀ କୁମାର ଆଚାର୍ଯ୍ୟ, ବିଶ୍ୱସୁନ୍ଦର ଶତପଥୀ, ଗଣେଶ ଚନ୍ଦ୍ର କର୍ମୀ, ଅଲେଖ ଚନ୍ଦ୍ର କର୍ମୀ, ସୁଧାଂଶୁ କୁମାର ଶତପଥୀ, ଅରବିନ୍ଦ ଜ୍ୟୋତିଷରାୟ, ଦୀନେଶ କୁମାର ସିଂହ, ଅଶୋକ କୁମାର ମହାପାତ୍ର, ଟଙ୍କଧର ପ୍ରଧାନ, କୀର୍ତ୍ତିପାଳ ଦାଶ, ହରେକୃଷ୍ଣ ସାହୁ, ଲଲାଟେନ୍ଦୁ ଦାଶ, ପ୍ରାଣବନ୍ଧୁ ବେହେରା, ନୀଳାଚଳ ନାଏକ, ନାରାୟଣ ଦାଶ ଓ ପବିତ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କଣିହାଁ,୧।୪(ସମିସ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ସାନତ୍ରିବିଡା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରବିଲ ଗ୍ରାମର ମନ୍ଦିର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକାନ୍ତ ସେଠୀ (୬୧), ସେ ଚନ୍ଦ୍ରବିଲି ଗ୍ରାମର ବାସିନ୍ଦା।ସୂଚନା ଅନୁସାରେ, ପୋଖରୀରେ ବୁଡ଼ିଯାଇଥିବା ଖବର ପାଇ କଣିହାଁ ଅଗ୍ନିଶମ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହାବିଲଦାର ସୁଜିତ ମିଶ୍ରଙ୍କ ନେତୃତ୍ୱରେ ଫାୟାରମ୍ୟାନ ବିକ୍ରମ ସାହୁ, ଅନିଲ ତରେଇ ଓ ଦେବେନ୍ଦ୍ର ବାଳାଙ୍କ ସହଯୋଗରେ ବୃଦ୍ଧଙ୍କୁ ପୋଖରୀରୁ ବାହାର କରାଯାଇଥିଲା। କିନ୍ତୁ ତାଙ୍କୁ ଉଦ୍ଧାର ସମୟରେ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା।ପରେ ମୃତଦେହକୁ ସାନତ୍ରିବିଡା ସରପଞ୍ଚ ସୁଜାତା ପ୍ରଧାନଙ୍କ ଉପସ୍ଥିତିରେ ପୋଲିସ ଓ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସମଲ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୋଇଲା ପରିବହନରେ ଲିଙ୍ଗରାଜ ଲୋକାଲ ସେଲର ରେକର୍ଡ

ତାଳଚେର,୧।୪(ସମିସ): ତାଳଚେର ଲିଙ୍ଗରାଜ କୋଇଲା ଖଣିରୁ ଲୋକାଲସେଲ ମାଧ୍ୟମରେ ବିଭିନ୍ନ କଳକାରଖାନାକୁ ଶହଶହ ଟ୍ରିପ୍ କୋଇଲା ପରିବହନ ହୋଇଥାଏ। ୨୦୨୬ ମାର୍ଚ୍ଚରେ ୧୦ହଜାର ୯ଶହ ୫୯ ଟ୍ରିପ୍ ତଥା ୩ଲକ୍ଷ ୧୦ହଜାର ଟନ୍ କୋଇଲା ପରିବହନ କରି ୩୦ବର୍ଷ କୋଇଲା ପାରିବହନରେ ରେକର୍ଡ ସୃଷ୍ଟି କରିପାରିଛି। ଏଥିପାଇଁ ମହାନଦୀ କୋଲଫିଲ୍ଡର ସିଏଡି ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଲିଙ୍ଗରାଜ ଜିଏମ ସୁବ୍ରତ ବିଶ୍ୱାଳ, ପିଓ ଆଶିଷ ରଞ୍ଜନ, ମ୍ୟାନେଜର ଯଶୋବନ୍ତ ପଟ୍ଟନାୟକ, ଡେସପାଚ ଇନଚାର୍ଜ ପ୍ରଭାକର ପ୍ରଧାନଙ୍କ



ପ୍ରଚେଷ୍ଟାରେ ଆଜି ଏହା ସମ୍ଭବ ହୋଇପାରିଛି ବୋଲି ଆଞ୍ଚଳିକ ଟ୍ରକ ମାଲିକସଂଘର ମାନସ ଆଚାର୍ଯ୍ୟ ଓ ଲିଙ୍ଗରାଜ ସେକ୍ଟରର ସଭାପତି ଜିତେନ୍ଦ୍ର ଭୂତିଆ, ଉମାମାଧବ ଆଚାର୍ଯ୍ୟ, ଅଜିତ ମିଶ୍ର, ତ୍ରିଲୋଚନ ସ୍ୱାଇଁ, ସୁଧୀର ରଞ୍ଜନ ବଳ, ମାନସ ଭୂତିଆ, ପ୍ରୀତମ ଦେବତା, ଜିତେନ୍ଦ୍ର ରାଉତ, ରାଜୁ ଦାସ, ଉତ୍ତମ ସିଂହ ଓ ଅନ୍ୟ ଟ୍ରକମାଲିକ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଲୋକାଲ ସେଲ୍ କିପରି ଅଧିକରୁ ଅଧିକ ଟ୍ରକ ଯୋଗେ କୋଇଲା ପରିବହନ ହୋଇପାରିବ ସେ ନେଇ ଟ୍ରକ ମାଲିକମାନେ ସମସ୍ତ ସହାୟତାର ହାତ ବଢ଼ାଇବେ ବୋଲି ଭୂତିଆ ପ୍ରକାଶ କରିଛନ୍ତି।

● ଯୋଗାଣ ବିଭାଗର ଚଢ଼ଉ

## ୭୪ ଗ୍ୟାସ୍ ସିଲିଣ୍ଡର ଜବତ, ମାମଲା ରୁଜୁ

ଅନୁଗୋଳ,୧।୪(ସମିସ): ଅନୁଗୋଳ ଜିଲ୍ଲାରେ ଗ୍ୟାସ କଳାବଜାରୀଙ୍କ ବିରୋଧରେ ଯୋଗାଣ ବିଭାଗ ପକ୍ଷରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କିଛି ଅସାଧୁ ବ୍ୟବସାୟୀ ବେଆଇନ ଭାବେ ଘରୋଇ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖି ବଜାରରେ ଏହାର କୃତ୍ରିମ ଅଭାବ ସୃଷ୍ଟି କରି ଚଢ଼ା ଦରରେ ବିକ୍ରି କରୁଥିଲେ। ଫଳରେ ଗ୍ରାହକମାନେ ସିଲିଣ୍ଡର ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ



ଯୋଗାଣ ବିଭାଗ ବିଭିନ୍ନ ସନ୍ଦେହଜନକ ସ୍ଥାନ ଓ ଦୋକାନରେ ଚଢ଼ଉ କରି ମୋଟ ୭୪ଟି ସିଲିଣ୍ଡର ଜବତ କରିଛି। କଳାବଜାରୀ କରି ଲୋକଙ୍କ ମଧ୍ୟରେ ଭୟ ଓ ଅଭାବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅତିରିକ୍ତ ଯୋଗାଣ ଅଧିକାରୀ ସନ୍ତୋଷିନୀ ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, କେବଳ ଗ୍ୟାସ ନୁହେଁ, ତେଲ, ଆଳୁ ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର କଳାବଜାରୀ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ନିୟମିତ ଚଢ଼ଉ ଜାରି ରହିବ। ବଜାରରେ ସାମଗ୍ରୀର ସଠିକ୍ ଯୋଗାଣ ବଜାୟ ରଖିବା ଏବଂ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ବିଭାଗ ସଜାଗ ରହିଛି ବୋଲି ସେ କହିଛନ୍ତି।

**ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ**

# ଆମ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଏକାନ୍ତ ଆବଶ୍ୟକ



କିଶୋରନଗର


ତାଳଚେର



କିଶୋରନଗର


ଅନୁଗୋଳ


ନାଲକୋନଗର

କିଶୋରନଗର,୧।୪(ସମିସ):

ଆମ ଭାଷା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତିକୁ ନେଇ ଆମେ ଯେତିକି ଗର୍ବ ଅନୁଭବ କରୁଛୁ, ସେଇ ତୁଳନାରେ ତା'ର ସୁରକ୍ଷା ପ୍ରତି ଆମେ ଯଥେଷ୍ଟ ଧ୍ୟାନ ଦେଇପାରୁନୁ। ତା'ର ସଂରକ୍ଷଣ ଦିଗରେ ବିଶେଷ ଧ୍ୟାନ ଦେଲେ ଏହାର ଉନ୍ନତି ହୋଇପାରିବ ବୋଲି କିଶୋରନଗରରେ ଅନୁଷ୍ଠିତ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା, ସ୍ୱେଚ୍ଛାସେବୀ ସଂଗଠନ କଳ୍ପତରୁ ଓ ଆମ ଗାଁ ଆମ ବିଚାର ମଞ୍ଚ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଟି ସ୍କୁଲରେ ଅନୁଷ୍ଠିତ ସଭାରେ ଡା. ଅଲେଖ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସୁଦର୍ଶନ ଛୋଟରାୟ, ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦକିଶୋର ମହାକୁଡ଼, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିରଞ୍ଚି ନାୟକ, ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜ, ଡା. ଅରୁଣ କୁମାର ପ୍ରଧାନ, ସମାଜସେବୀ ଜୟନ୍ତ ଧଳ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଓ ସମାଜସେବୀ ଲିପିକା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଳ୍ପତରୁ ସଭାପତି ସୁଧୀର ରଞ୍ଜନ ପ୍ରଧାନ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ପ୍ରଧାନଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ, ଚିତ୍ରଶିଳ୍ପୀ ସୁଧୀର କୁମାର ସ୍ୱାଇଁଙ୍କୁ ଆଦର୍ଶ କଳା ସମ୍ମାନ, ସାହିତ୍ୟିକ ଅସିତ କୁମାର ପଟ୍ଟନାୟକଙ୍କୁ ସାହିତ୍ୟ ସମ୍ମାନ, ରଶ୍ମିତା ସାହୁଙ୍କୁ ଆଦର୍ଶ କୃଷକ ସମ୍ମାନ ଓ ଶୁଚିସ୍ମିତା ପୃଷ୍ଟିଙ୍କୁ ସମାଜସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲିପିକା ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶିତ ବାତାୟନ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କିଶୋରନଗର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ସୁଧାଂଶୁ ଶେଖର ରାଉଳ, ସୁଦାମ ଚରଣ ପ୍ରଧାନ, ରମାକାନ୍ତ ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

**ତାଳଚେର:** ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ, ଆଗେଇବା ଖବରକାଗଜ ପରିବାର ଓ ତାଳଚେର ପୂଜ୍ୟପୂଜା ସ୍ମୃତି ପରିଷଦ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ସକାଳ ୮ଟାରେ ଦେଉଳବେଡ଼ାସ୍ଥିତ ମହେଶ ସାହୁଙ୍କ କାର୍ଯ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଡିସିଆଇ କ୍ଲବଠାରେ ଥିବା ଉତ୍କଳମଣି ଗୋପବନ୍ଧୁ, ଆଧୁନିକ ଓଡ଼ିଶାର ନିର୍ମାତା ମଧୁବାବୁ, ଶର୍ମା ଛକରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପବିତ୍ର ମୋହନ ଛକରେ ଥିବା ପବିତ୍ର ମୋହନ ପ୍ରଧାନ, ଫାଷ୍ଟ ଗେଟ୍‌ରେ ଥିବା ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ ଓ ବସଷ୍ଟାଣ୍ଡରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା, ଶିକ୍ଷାବିତ ଉପେନ୍ଦ୍ର ପରିଡ଼ା, ହରେକୃଷ୍ଣ ପାତ୍ର, ଇଂ. ରମେଶ ବେହେରା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

**କିଶୋରନଗର:** କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଶା ଦିବସ ତଥା ଓଡ଼ିଆ ପକ୍ଷ ଶୁଭାରମ୍ଭ ହୋଇଛି। କିଶୋର ସାହିତ୍ୟ ସଂସଦ ଓ ମହାବିଦ୍ୟାଳୟ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ସାମ୍ବାଦିକ କିଶୋର ସାହୁ, ମୁଖ୍ୟବକ୍ତା ରୂପେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦେବରାଜ ନାୟକ, ସମ୍ମାନିତ ବକ୍ତା ରୂପେ ଅଧ୍ୟାପକ କୁଳମଣି ମେହେର, ସମ୍ମାନିତ ଅତିଥି ରୂପେ ଏବିଇଓ ରମଣୀ ରଞ୍ଜନ ସାହୁ, ଅରୁଣ ମିଶ୍ର ଓ ପୂର୍ବତନ ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନ ଯୋଗଦେଇ ସମୃଦ୍ଧ, ବିକଶିତ, ଓ ସ୍ୱାଭିମାନୀ ଓଡ଼ିଶା ଗଢ଼ିବାର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ଓଡ଼ିଶା ସଙ୍ଗୀତ ଓ ଭଜନ ଗାନ କରିଥିଲେ। ଛାତ୍ର ଦେବେନ୍ଦ୍ର ପାଣ୍ଡେ, ଛାତ୍ରୀ ଶୁଚିସ୍ମିତା ସାହୁ ଓ ପ୍ରଜ୍ଞା ପାରମିତା ବେହେରା ନିଜ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଓଡ଼ିଶା ଦିବସର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଜିତ ପ୍ରଧାନ, ସୁଶାନ୍ତ ରାଉଳ, ବିଜୟ କୁମାର ସାହୁ ଉପସ୍ଥିତ ଥିଲେ।

**ଅନୁଗୋଳ:** ଓପି ଜିନ୍ଦଲ ସ୍କୁଲ୍ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଛି। ଓଡ଼ିଆ ବିଭାଗ ମୁଖ୍ୟ ଶିରିଶ କୁମାର ମିଶ୍ର ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ଶିକ୍ଷକମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଛାତ୍ରଛାତ୍ରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ ଏକ କବିତା ଅଧିବେଶନ ତଥା କବି ସମ୍ମିଳନୀ ଆୟୋଜନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ନାଲକୋନଗର:** ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ. ତ୍ରିପାଠୀ, ବିଦ୍ୟାଳୟ ସମ୍ପାଦକ ଡା. ସୁଧାକର ପାଳ, ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ଗୌରବଗାଥା, ଗାରିମା, ଐତିହ୍ୟ ଓ ସଂସ୍କୃତିର ପବିତ୍ରତାକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଆଜିର ଦିନରେ ସମସ୍ତେ ସଙ୍କଳ୍ପ ନେବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଛାତ୍ର ପ୍ରିନ୍ସ ରାଉତ, ଛାତ୍ରୀ ସିମ୍ରନ ପୃଷ୍ଟି, ନର୍ମଦା ଦେହୁରୀ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଅଭିଭାଷଣ ଦେଇଥିଲେ। ଓଡ଼ିଶାର ଜାତୀୟ ଖାଦ୍ୟ, ମହାପୁରୁଷ, ନଦୀ ବିଷୟରେ ବିବରଣୀ ଦେଇଥିଲେ ବିଶ୍ୱଜିତ ସାହୁ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅନିଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ଶିକ୍ଷକ ସୀତାକାନ୍ତ ମିଶ୍ରଙ୍କ ଦ୍ୱାରା ଓଡ଼ିଆ ପର୍ବ ଉପରେ ରଚିତ ସଙ୍ଗୀତକୁ ଛାତ୍ରଛାତ୍ରୀ ଗାନ କରିଥିଲେ। ସାହିତ୍ୟ ସଂସଦ ସଭାପତି ସ୍ନିଗ୍ଧାରାଣୀ ମିଶ୍ର, ସମ୍ପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତିଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ

ଯାଜପୁର,୧।୪(ସମିସ):



ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ୨୦୨୬ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ଡ. ମହାପାତ୍ର ଯାଜପୁର ସହରର ବିଭିନ୍ନ ସ୍ଥାନ ଗସ୍ତ କରି ମେଡିକାଲ କଲେଜ୍ ଛକ, ଗାନ୍ଧୀ ଛକ ଏବଂ ଜିଲ୍ଲା ସ୍କୁଲରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉତ୍କଳ ବାଳାଶ୍ରମ ଏବଂ ଉପକାରାଗାର ପରିଦର୍ଶନ କରି ରୋଗୀ ଓ ଅନ୍ତେବାସୀଙ୍କୁ ଫଳ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଯୋଗଦେଇ, ମହାରାଜ ଯଯାତି କେଶରୀଙ୍କ ନାମରେ ନାମିତ ଯାଜପୁର ଜିଲ୍ଲାରେ ଏକ ସମୃଦ୍ଧ ଇତିହାସ ରହିଛି। ଯାଜପୁରର ଅନେକ ବିଦଗ୍ଧ କବି, ସନ୍ଥ, ସାହିତ୍ୟିକ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ଏବଂ ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଜାତୀୟ ଜାଗରଣର ଅଗ୍ରଣୀ ନେତୃତ୍ୱ ବିଚିତ୍ରାନନ୍ଦ ଦାସଙ୍କ ଜନ୍ମଭୂମି ହେଉଛି ଯାଜପୁର। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଆଙ୍କ ପ୍ରମୁଖ ସ୍ୱର ସାଜିଥିବା "ଉତ୍କଳ ଦୀପିକା'ର ପ୍ରକାଶନରେ ବିଚିତ୍ରାନନ୍ଦ ଦାସଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଥିଲେ।

ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପଛରେ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆଜି ୯୦ ବର୍ଷରେ ପଦାର୍ପଣ କରିଛି। ସ୍ୱାଭିମାନୀ ଓଡ଼ିଆ ଭାବେ ଆମେ ଏକତା ସୂତ୍ରରେ ବାନ୍ଧି ରହିଲେ ହିଁ ଜାତିର ଉନ୍ନତି ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। ମଞ୍ଚାସୀନ ଅତିଥି ଭାବେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଏବଂ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଜିଲ୍ଲାର ଅଗ୍ରଣୀ କୃଷକମାନଙ୍କୁ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନର ଅଧିକାରୀମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସରେ ୫ ସମ୍ବର୍ଦ୍ଧିତ



ପାଣିକୋଇଲି,୧।୪(ସମିସ): ଓଡ଼ିଶା ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ପାଣିକୋଇଲି ପୁଲିସ ମୁଖ୍ୟାଳୟର ରିଜର୍ଭ ପୁଲିସ ପଡ଼ିଆରେ ମହାସମାରୋହରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ୍‌ପ୍ରତାପ ଶ୍ରୀମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ପରେ ପ୍ରାଣବଳି ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ନେଇ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲ୍ଲା ପୁଲିସରେ କର୍ତ୍ତବ୍ୟରତ ଶ୍ରେଷ୍ଠ ସବଇନ୍ସପେକ୍ଟର ଭାବେ ସୌମ୍ୟରଞ୍ଜନ ବଳ, ଶ୍ରେଷ୍ଠ ଏଏସଆଇ ହରେକୃଷ୍ଣ ସ୍ୱାଇଁ, ଶ୍ରେଷ୍ଠ ହାବିଲଦାର ଭାବେ ବିପିନ ବିହାରୀ ମହାନ୍ତି, ଶ୍ରେଷ୍ଠ କନଷ୍ଟେବଳ ଭାବେ ଯଖପୁରା ଥାନାର ବିଜୟ କୁମାର ସାହୁ, ଶ୍ରେଷ୍ଠ ଏପିଆର କନଷ୍ଟେବଳ ଅଚ୍ୟୁତାନନ୍ଦ ଦାସଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ରିଜର୍ଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ସରଜେଣ୍ଟ ମନୋଜ କୁମାର ସାହୁ, ବିଶ୍ୱରଞ୍ଜନ ଗଡ଼ପାରୀ ପ୍ରମୁଖ ପ୍ୟାରେଡ୍ ପରିଚାଳନା କରିଥିଲେ। ଅତିରିକ୍ତ ଏସ୍‌ପି ଶିତକଣ୍ଠ କାନୁନଗୋ ମାନପତ୍ର ପଠନ କରିଥିଲେ। ଅତିରିକ୍ତ ଏସ୍‌ପି କଳିଙ୍ଗନଗର ସୁପ୍ରଶନ୍ନ ମଲିକ, ଅତିରିକ୍ତ ଏସ୍‌ପି (ଡିଆଇବି) ପୁଷ୍ପଲତା ବାରିକ, ଲକ୍ଷ୍ମୀଧର ସ୍ୱାଇଁ, ରତିକାନ୍ତ ଗିରି, ଅତିରିକ୍ତ ଏସ୍‌ପି ଶଙ୍କର୍ଷଣ ଦଳାଇ, ହେଡକ୍ୱାଟର ଡିଏସ୍‌ପି ଆଦିତ୍ୟ ସେଠୀ, ଯାଜପୁରରୋଡ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଯାଜପୁରରୋଡ ଥାନାଧିକାରୀ ଆଶିଷ କୁମାର ସାହୁ, ଧର୍ମଶାଳା ଥାନାଧିକାରୀ ଚିନ୍ମୟୀ ସାହୁ, ଦଶରଥପୁର ଥାନାଧିକାରୀ ସୁବ୍ରତ ସାହୁ, କାଳିଆପାଣି ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ସୁକିନ୍ଦା ଥାନାଧିକାରୀ ରମାକାନ୍ତ ମୁଦୁଲି, ଟମକା ଥାନାଧିକାରୀ ବିନତି ଦାସ, ବୈରୀ ଥାନାଧିକାରୀ ଅଂଶୁମାଳା ଦାସ, ବ୍ରହ୍ମବରଦା ଥାନାଧିକାରୀ ଜୟନ୍ତୀ ମଲିକଙ୍କ ସମେତ ଜିଲ୍ଲାର ସମସ୍ତ ପୁଲିସ ପଦାଧିକାରୀ ଓ ବିଭିନ୍ନ ଥାନାଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## କୁମ୍ଭୀର ଆକ୍ରମଣରେ ଜଣେ ଗୁରୁତର

କୁଆଖିଆ,୧।୪(ସମିସ): କୁଆଖିଆ ଥାନା ଅନ୍ତର୍ଗତ କୁଜିବର ଗ୍ରାମ ନିକଟସ୍ଥ ଖରସ୍ରୋତା ନଦୀରେ ଗାଧୋଉଥିବା ବେଳେ କୁମ୍ଭୀର ଆକ୍ରମଣରେ ବୃଦ୍ଧ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇ ଯାଜପୁର ରୋଡ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଆଜି ମଧ୍ୟାହ୍ନରେ ଗୁରୁଚରଣ ଦେହୁରୀ ନାମକ ଜଣେ ବୃଦ୍ଧ ଚାଷକାମ ସାରି ନଈରେ ଗାଧୋଉଥିବା ବେଳେ ହଠାତ୍ ଏକ କୁମ୍ଭୀର ଆସି ବୃଦ୍ଧଙ୍କୁ ଆକ୍ରମଣ କରିଥିଲା। ବୃଦ୍ଧ ଜଣକ ଚିତ୍କାର କରିବାରୁ ପାଖରେ ଥିବା ଲୋକମାନେ ଦୌଡ଼ିଯାଇ ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁଙ୍କ ଘର କେନ୍ଦୁଝର ଜିଲ୍ଲା ଭଗାମୁଣ୍ଡା ଅଞ୍ଚଳରେ ହୋଇଥିବା ବେଳେ ସେ ଓ ତାଙ୍କ ପରିବାର ଉକ୍ତ ଗ୍ରାମରେ ରହି ଚାଷ କାମ କରୁଥିଲେ।

## ଫିଜିକାଲ ଏକାଡେମୀର ପ୍ରତିଷ୍ଠା ଦିବସ



ଧର୍ମଶାଳା,୧।୪(ସମିସ): ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ଧର୍ମଶାଳା ଫିଜିକାଲ ଏକାଡେମୀର ୪ର୍ଥ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଅବସରପ୍ରାପ୍ତ ସେନା କର୍ମଚାରୀ ଚନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ମିନତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ବ୍ଲକ ଶିକ୍ଷାଧିକାରୀ ଅଭୟ ବେହେରା, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ସଂଗଠକ ଶରତ ନାୟକ, ଚୋରମୁହାଁ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ ସମେତ ଅବସରପ୍ରାପ୍ତ ସେନା କର୍ମଚାରୀମାନେ ଯୋଗଦେଇଥିଲେ। ଧର୍ମଶାଳା ବ୍ଲକ ଭବାନୀପୁର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଚନ୍ଦ୍ରମଣି ନାୟକଙ୍କ ପ୍ରଚେଷ୍ଟାରେ ଗତ ୨୦୨୨ ଠାରୁ ଧର୍ମଶାଳା ଫିଜିକାଲ ଏକାଡେମୀ ନାମରେ ଏକ ଅନୁଷ୍ଠାନ ଗଢ଼ିଉଠିଛି। ଏହି କାର୍ଯ୍ୟକ୍ରମରେ ବହୁ ପ୍ରଶିକ୍ଷାର୍ଥୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

## କବାଟବନ୍ଧ ମେଡିକାଲରେ ଏଚ୍‌ପିଭି ଟିକା ଶୁଭାରମ୍ଭ

କବାଟବନ୍ଧ,୧।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ



ଏଚ୍‌ପିଭି ଟିକାର ଶୁଭାରମ୍ଭ ହୋଇଛି। ମେଡ଼ିକାଲ ଅଫିସର ଡା. ନିହାର ରଞ୍ଜନ କର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଥିବା- ମଧୁସୂଦନପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ ରେଖିଦେଇପୁର, ଏଣ୍ଡଲବା ଆଦି ପଞ୍ଚାୟତ ଗୁଡ଼ିକରେ ରହିଥିବା ସମସ୍ତ କିଶୋରୀମାନେ ଏହି ଟିକା ବିନା ମୂଲ୍ୟରେ ନେଇପାରିବେ। ପ୍ରଥମ ଦିନର ୨୦ଟି ଡୋଜରୁ କବାଟବନ୍ଧ, ତାଳଜଙ୍ଗ, ଏଣ୍ଡଲବା ଏବଂ ରେଖିଦେଇପୁର ପଞ୍ଚାୟତର ୧୬ ଜଣ ବାଳିକାଙ୍କୁ ଏହି ଟିକା ଦିଆଯାଇଛି। । ଏହି ଏଚ୍‌ପିଭି ଟିକା କାର୍ଯ୍ୟକ୍ରମରେ କବାଟବନ୍ଧ ମେଡିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କରଙ୍କ ସମେତ ଡା. ସୁଧାଂଶୁ ଶେଖର ପୃଷ୍ଟି, ମେଡିକାଲ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ରାଉଳ, ଦେବାଶିଷ ଦାସ, ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ଦାସ, ସୁମିତ୍ରା ପୃଷ୍ଟି, ପ୍ରଭାସିନୀ କେଶି, ପ୍ରଭାତି ପରିଡ଼ା, ସୌଭାଗ୍ୟବତୀ ବିଶ୍ୱାଳ, ଶୁଭଶ୍ରୀ ପ୍ରଧାନ, ନିରୂପମା ମହାପାତ୍ର, ଝିଲ୍ଲୀ ଭୋଇ, କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସିଂ ଅଫିସର ଭବାନୀ ପାଢ଼ୀ, ସ୍ମିତାରାଣୀ ସାହୁ, ନିର୍ମଳ କର୍ମଚାରୀ ମମତା ଓଝା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପର୍ଯ୍ୟାୟକ୍ରମେ କବାଟବନ୍ଧ ମେଡ଼ିକାଲ ଅଧୀନରେ ରହିଥିବା ସମସ୍ତ ଗ୍ରାମର କିଶୋରୀମାନଙ୍କୁ ଏହି ଟିକା ପ୍ରଦାନ କରାଯିବ।

## ବ୍ୟାସନଗର ମହାବିଦ୍ୟାଳୟରେ ଉତ୍କଳ ଦିବସ

ବ୍ୟାସନଗର,୧।୪(ସମିସ): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉତ୍ସବ କମିଟିର ମୁଖ୍ୟ କ୍ୟାପ୍ଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ଉଭୟ ବିଦାୟୀ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ଓ ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ସ୍ୱାଇଁ ଯୋଗଦାନ କରିଥିଲେ। ଉତ୍କଳ ଦିବସ ପରିପ୍ରେକ୍ଷୀରେ "ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ"' ଗାନ କରାଯାଇଥିଲା। ସମସ୍ତେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଚଳଣି ପ୍ରତି ସଜାଗ ରହି କାର୍ଯ୍ୟ କଲେ ଓଡ଼ିଆ ଅସ୍ମିତା ବଜାୟ ରହିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧ୍ୟାପକ ବବ୍ରୁବାହନ ଜେନା, ବ୍ରଜକିଶୋର ମିଶ୍ର, ଅଧ୍ୟାପକ ରଞ୍ଜନ କୁମାର ସାହୁ, ବିକାଶ ବେହେରା, ସନାତନ ଦାସ, କ୍ଷିତିଶ ମହାପାତ୍ର, ବିଜୟ କୁମାର ପରିଡ଼ା, ମୁଖ୍ୟ ଲିପିକ ଶରତ କୁମାର ଜେନା, ମାନସ କୁମାର ପତି, ଦାମୋଦର ରାଉତ, ଖଗେଶ୍ୱର ପୃଷ୍ଟି, ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଅଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସମିତି ପକ୍ଷରୁ ଉତ୍କଳ ଦିବସ



ବ୍ୟାସନଗର,୧।୪(ସମିସ): ନବ ଉତ୍କଳ ମହିଳା ସମିତି ପକ୍ଷରୁ ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାମ୍ପିଲୋ ଠାରେ ବାଳିକାମାନଙ୍କ ମଧ୍ୟରେ ଝୋଟିଚିତ୍ର, ମୁରୁଜ ଚିତ୍ର ଓ ଓଡ଼ିଆଣୀ ବେଶ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ୩୦ ଜଣ ଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ମ୍ୟୁନିସିପାଲିଟିର ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା ଓ ସବିତା ରାଉତ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗୀମାନଙ୍କ ମଧ୍ୟରେ ସ୍ଥାନ ନିରୂପଣ କରିଥିଲେ, ଝୋଟି ଚିତ୍ରରେ ପ୍ରଥମ ସ୍ଥାନ ପାର୍ବତୀ ଯେନା, ୨ୟ ସାରସ୍ମିତା ଯେନା, ୩ୟ ନିହାରିକା ମଲ୍ଲିକ ଏବଂ ରଙ୍ଗୋଲିରେ ପ୍ରଥମ ସୁନିତା ତିୟୁ, ୨ୟ ବାସନ୍ତୀ ସାର୍ଥୟା, ୩ୟ ସୁଭଦ୍ରା ପେରାଇ ଓ ଓଡ଼ିଆଣୀ ବେଶରେ ପ୍ରଥମ ମୋନାଲିସା ଯେନା, ୨ୟ ପ୍ରିୟା ଯେନା, ୩ୟ ରସ୍ମିତା କେରାଇ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଅମୂଲୀ ପହିଙ୍କ ସମେତ ମମତା ବର୍ଦ୍ଧନ, ସୁଜାତା ବାରିକ, ଜେମାମଣି କଅଁର ଏବଂ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧୁସ୍ମିତା ପରିଡା, ସଂଗ୍ରାମ କେଶରୀ ରାମ, ଦଶରଥ ଡାଙ୍ଗିଲ, ରାକେଶ କୁମାର ସାହୁ, ଯିତେନ୍ଦ୍ର ପ୍ରଧାନ, ଧରିତ୍ରୀ ସାହୁ, ମମତାମୟୀ ଦାଶ, ଉଷାରାଣୀ ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଗୋକର୍ଣ୍ଣିକା ପକ୍ଷରୁ ଉତ୍କଳ ଦିବସ

ଧର୍ମଶାଳା,୧।୪(ସମିସ): ଧର୍ମଶାଳା ଅଞ୍ଚଳର ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ, ସମ୍ମାନିତ ଅତିଥି ଭାବେ ସଙ୍ଗଠକ ସଂଗ୍ରାମ ଜେନା, ସ୍ତମ୍ଭକାର ସୁନାକର ସାହୁ, ଶିକ୍ଷାବିତ ହୃଷୀକେଶ ସାମଲ ଯୋଗଦେଇଥିଲେ। ସମ୍ପାଦିକା ଡ. ଇନ୍ଦୁପ୍ରଭା ସାମଲ ଅତିଥି ପରିଚୟ ଓ ସୂଚନା ପ୍ରଦାନ କରିଥିଲେ। ଥିସହ ଅତିଥିମାନେ ଓଡିଶା ଗୌରବ ମଧୁସୁଦନ ଦାସ, ବ୍ୟାସ କବି ଫକିର ମୋହନ ସେନାପତି, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରଞ୍ଜିତା ବାରିକ ଧନ୍ୟବାଦ ଦେଇଥିଲେ।

## ଉତ୍କଳମଣି ସେବା ସଂଗଠନ ପକ୍ଷରୁ ଉତ୍କଳ ଦିବସ

ଜେନାପୁର, ୧।୪(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ଜେନାପୁର ଐତିହାସିକ ବାଲିଯାତ୍ରା ପଡିଆଠାରେ ଥିବା ଗୋପବନ୍ଧୁ ସ୍ମୃତିପୀଠ ପ୍ରାଙ୍ଗଣରେ ଉତ୍କଳ ଦିବସ (ଓଡିଆ ଦିବସ) ପାଳିତ ହୋଇଯାଇଛି। ଏହି ଦିବସରେ ସଂଗଠନର ସଭାପତି ଲୋକନାଥପୁରୀ ଗୋପବନ୍ଧୁଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପରେ ବରିଷ୍ଠ ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ମଲ୍ଲିକ ମହାପୁରୁଷଙ୍କ ଜୀବନି ଓ ଐତିହ୍ୟକୁ ମନେ ପକାଇଥିଲେ। ଏଥିରେ ସଂଗଠନର ସଭାପତି ଲୋକନାଥ ପୁରୀ, ସମ୍ପାଦକ ମହେଶ୍ୱର ଖଟୁଆ, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଯୁଗ୍ମକୋଷାଧ୍ୟକ୍ଷ କୁନିଲ ରାଉତ, ସଂଯୋଜକ ନିଷ୍କାନ୍ତ ଖଟୁଆ, ବିରିଷ୍ଟ ଉପଦେଷ୍ଟା ମଣ୍ଡଳୀର ରବୀନ୍ଦ୍ର ନାରାୟଣ ଦାସ, ପ୍ରତାପ ଚନ୍ଦ୍ର ଦାସ, ବିଷ୍ଣୁଚରଣ ଓଝା, ପ୍ରମୋଦ ମଲ୍ଲିକ, କ୍ଷେତ୍ରବାସୀ ରାଉତ, ସୁଦର୍ଶନ ପ୍ରଧାନ, ଅର୍ଜୁନ ଚରଣ ଦାସ ସଭ୍ୟ ନିର୍ମାଲ୍ୟ ପ୍ରଧାନ, ରାଜେସ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଦିବସ ପାଳନ କରିଥିଲେ।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଯାଜପୁର,୧।୪(ସମିସ): ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯାଜପୁର ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଅପରାହ୍ନରେ ସର୍କିଟ ହାଉସ ଠାରେ ଯାଜପୁର ଏବଂ ବ୍ୟାସନଗର ପୌର ପରିଷଦର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।



ମନ୍ତ୍ରୀ ଡ.ମହାପାତ୍ର ରାସ୍ତା ପାଶ୍ୱର୍ ଆଲୋକୀକରଣ, ଷ୍ଟ୍ରିଟ୍ ଲାଇଟ, ପାନୀୟ ଜଳ ଯୋଗାଣ, ସହର ପରିମଳ ଓ ସଫେଇ କାର୍ଯ୍ୟ, ଟିକସ ଆଦାୟ, ତରଳ ବର୍ଜ୍ୟ ପରିଚାଳନା, ୨୪ ଗୁଣା ୭ ଜଳ ଯୋଗାଣ, ପବ୍ଲିକ ଶୌଚାଳୟ, ପିଏମ ସ୍ୱନିଧି, ଆହାର ଇତ୍ୟାଦି ଯୋଜନା ଏବଂ ପ୍ରକଳ୍ପ ସମ୍ବନ୍ଧରେ ସମୀକ୍ଷା କରିବା ସହ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତୁରନ୍ତ ହିତାଧିକାରୀମାନଙ୍କୁ ଗୃହ ଯୋଗାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ସହରରେ ବିଭିନ୍ନ ରାସ୍ତାରେ ଖରାପ ହୋଇଥିବା ଲାଇଟ ଏବଂ ପୋଲ୍ ଗୁଡିକୁ ବଦଳାଇବା ପାଇଁ ମଧ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପିଡି-ଡିୟୁଡିଏ ଦେବୀପ୍ରସାଦ ମହାନ୍ତି, ଯାଜପୁର ଓ ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀମାନେ, ମୁନିସିପାଲିଟି ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

**● ରେଲୱେ ସାଇଡିଂରେ ପ୍ରଦୂଷଣ ଘଟଣା**

## ପ୍ରଦୂଷଣ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

ଦାନଗଦି,୧।୪(ସମିସ): ସୁକିନ୍ଦା ରେଲୱେ ସାଇଡିଂ ଯୋଗୁ ବ୍ୟାପକ ବାୟୁ ପ୍ରଦୂଷଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ଆଜି ସଂଲଗ୍ନ ପ୍ଲଟକୁ ଲାଗିଥିବା ମାନଗୋବିନ୍ଦପୁର ଗାଁ ନୀଳପଦା ସାହିକୁ ପରିଦର୍ଶନ କରିଛନ୍ତି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍। ନୀଳପଦା ସାହିରେ ବାୟୁର ଗୁଣାବତ୍ତା ପରୀକ୍ଷା କରିବା ପାଇଁ ଏକ ମେସିନ ବସାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ମାତ୍ରାଧିକ ବାୟୁ ପ୍ରଦୂଷଣ ହେଉଥିବା ସୁକିନ୍ଦା ରୋଡ୍ ରେଲୱେ ସାଇଡିଂକୁ ଲାଗିରହିଥିବା ମାନଗୋବିନ୍ଦପୁର ଗାଁର ନୀଳପଦାସାହି ବାସିନ୍ଦା ରେଲୱେ ପ୍ଲଟ କାମ ବନ୍ଦ କରିବା ସହ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେବା ଓ ୨୯ ମୌଜା ଭୂମିମୁକ୍ତ କୃଷକ ମଞ୍ଚ ସଂଗଠନର ନୀଳପଦାସାହିରେ ବୈଠକ କରି ପ୍ରଦୂଷଣରୁ ଲୋକଙ୍କୁ ବଞ୍ଚାଇବା ପାଇଁ ଚେତାବନୀ ଦେଲା ପରେ ଆଜି ବୋର୍ଡର ଅଧିକାରୀମାନେ ନୀଳପଦା ସାହିଟିକୁ ପରିଦର୍ଶନ କରିଛନ୍ତି। ତାଙ୍କ ସହ ରେଲୱେ ବିଭାଗର ଦୁଇଜଣ ପ୍ରତିନିଧି ମଧ୍ୟ ଥିଲେ। ପ୍ରଦୂଷଣ ବୋର୍ଡ ଅଧିକାରୀ ସାହିଟିକୁ ବୁଲି ଦେଖିଲା ପରେ ଏହା ବାସ୍ତବରେ ସମ୍ପୂର୍ଣ୍ଣ ରେଲୱେ ସାଇଡିଂକୁ ଲାଗିକି ଥିବା, ଅଙ୍ଗନବାଡ଼ି, ବିଦ୍ୟାଳୟ ପାଖରେ ବିଷାକ୍ତ କ୍ଲିଙ୍କର ଗୁଣ୍ଡ ଅନୋଲୋଡି ହେଉଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବଡ଼ ପାଚେରୀ (ୱାଇଣ୍ଡ ସ୍କ୍ରିନ) ନିର୍ମାଣ, ପାଣି ସିଞ୍ଚନ ସହ ସମସ୍ତ ପ୍ରଦୂଷଣ ନିୟମକୁ ଉଲ୍ଲଙ୍ଘନ ନ କରି, ପ୍ରଥମେ ପ୍ରତିକାର ତା' ପରେ କଞ୍ଚାମାଲ ଅନଲୋଡି କାମ କରିବାକୁ ରେଲୱେକୁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୨୫ ବର୍ଷ ହେଲା କୌଣସି ପ୍ରଦୂଷଣ ବୋର୍ଡ ଅଧିକାରୀଙ୍କର ଏ ସାହିଟିରେ ପାଦ ପଡି ନଥିବା ବେଳେ, ବର୍ତ୍ତମାନର ଅଧିକାରୀ ମଦନ ମୋହନ ସାହୁଙ୍କର ପରିଦର୍ଶନକୁ ନେଇ ସାହି ବାସିନ୍ଦାଙ୍କର ମନରେ କିଛି ପ୍ରତିକାର ହେବ ବୋଲି ଆଶା ସଂଚାର ହୋଇଛି। ତେବେ ଏଥର ଯଦି କିଛି ପ୍ରତିକାର ନ ହୁଏ ଆଗାମୀ ଦିନରେ ପ୍ରଦୂଷଣ ବୋର୍ଡ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ନୀଳପଦାବାସୀ ଓ ଭୂମିମୁକ୍ତ କୃଷକ ମଞ୍ଚର କର୍ମକର୍ତ୍ତା ମାନେ ଚେତାବନୀ ଦେଇଛନ୍ତି।

**ମାଲ୍ ବୋଝେଇ ଗାଡ଼ିରେ ଯାତ୍ରୀ ପରିବହନ**

# ପିକ୍‌ଅପ୍ ଓଲଟି ୧୦ ଶ୍ରମିକ ଗୁରୁତର

କବାଟବନ୍ଧ,୧।୪(ସମିସ):



ମାଲବୋଝେଇ ପାଇଁ ଉଦ୍ଦିଷ୍ଟ ଗାଡ଼ିରେ ଯାତ୍ରୀ ପରିବହନ ବେଳେ ଦୁର୍ଘଟଣା ଘଟିଛି। ଗାଡ଼ିଟି ଓଲଟି ପଡ଼ିବାରୁ ଏଥିରେ ଥିବା ୧୦ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ବୁଧବାର ସକାଳେ ଏକ ମହିନ୍ଦ୍ରା ପିକ୍‌ଅପ୍ ଗାଡ଼ି ଯାତ୍ରୀ ନେଇ ଯାଉଥିବା ବେଳେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଦୁର୍ଘଟଣାରେ ୧୦ରୁ ଅଧିକ ଶ୍ରମିକ ଆହତ ହୋଇଥିବା ବେଳେ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ପ୍ରାପ୍ତ ସୂଚନା ଅନୁସାରେ ବନବିଭାଗ ପକ୍ଷରୁ ତାଳଜଙ୍ଗ ପଞ୍ଚାୟତର ବଳରାମପୁର ତଳଗଡ଼ ନିକଟରେ ଏକ ବନବାଟିକା ପାର୍କ ନିର୍ମାଣ କରାଯାଉଛି। ବୁଧବାର ସକାଳ ସମୟରେ ଉକ୍ତ ବନବାଟିକା ପାର୍କ ନିକଟକୁ କାମ କରିବା ପାଇଁ ବନବିଭାଗ ପକ୍ଷରୁ ଏକ ମହିନ୍ଦ୍ରା ପିକଅପ ଗାଡ଼ିରେ କିଛି ସିମେଣ୍ଟ, କୋଦାଳ ଆଦି ସାମଗ୍ରୀ ସହିତ ଶ୍ରମିକ ମାନେ କାମ କରିବାକୁ ଯାଉଥିଲେ। ଉକ୍ତ ଗାଡ଼ିଟି ଅଞ୍ଜିରା ପଞ୍ଚାୟତ ଗହ୍ଲାରିଆ ଗାଁରୁ ଆଦିବାସୀ ଶ୍ରେଣୀର କିଛି ମହିଳା ଏବଂ ପୁରୁଷ ଶ୍ରମିକଙ୍କୁ ନେଇ ଯାଉଥିବା ସମୟରେ ତାଳଜଙ୍ଗ ପଞ୍ଚାୟତ ବଳରାମ ତଳଗଡ଼ ହାଇସ୍କୁଲ ନିକଟରେ ଥିବା ଦୁର୍ଘଟଣାର ଶିକାର ହୋଇଥିଲା। ଚାଳକ ଜଣକ ଗାଡିଟିକୁ ଦ୍ରୁତ ଗତିରେ ନେଇ ଯାଉଥିବା ସମୟରେ ଉକ୍ତ ରାସ୍ତାରେ ଥିବା ହମ୍ପସ ଏବଂ ବୁଲାଣି ରାସ୍ତା ପାଇଁ ଭାରଶ୍ୟାମ ହରାଇଥିଲା। ଫଳରେ ଗାଡ଼ିଟି ଓଲଟି ପଡ଼ିଥିଲା। ଗାଡ଼ିରେ ବୋଝେଇ ହୋଇଥିବା ସିମେଣ୍ଟ ଏବଂ ଅନ୍ୟାନ୍ୟ ଜିନିଷ ସହ ପ୍ରାୟ ୧୦ରୁ ଅଧିକ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ମାତ୍ର ୨ ଜଣ ପୁରୁଷ ଏବଂ ୮ ଜଣ ମହିଳା ଶ୍ରମିକ ବୋଲି ଜଣାପଡ଼ିଛି। ଆହତ ସମସ୍ତ ଶ୍ରମିକ ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତର ଗହ୍ଲାରିଆ ଗ୍ରାମର ନଳିନୀ ପୂର୍ତ୍ତି, ଗୀତା ପୂର୍ତ୍ତି, ଚନ୍ଦ୍ରମା ସିଧୁ, ହେମତି ସିଧୁ, ଭୁଇଁଆ ବାର୍ଲା, ଦୀନବନ୍ଧୁ ପୂର୍ତ୍ତି, ଜେମା ବାର୍ଲା, ମଣି ପିଙ୍ଗୁଆ ଏବଂ ଅନ୍ୟ ମାନେ ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଦୁଇଟି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ମେଡିକାଲକୁ ପଠାଯାଇଥିଲା। ସେଠାରେ ୪ ଜଣଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବାରୁ ଘରକୁ ଫେରିଥିବା ବେଳେ ଅନ୍ୟ ଶ୍ରମିକଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇ ଥିବା ଜଣାପଡିଛି।

## ଯାଜପୁରରେ ଆରମ୍ଭ ହେଲା ସ୍ୱ-ଜନଗଣନା ପ୍ରକ୍ରିୟା

ଯାଜପୁର, ୧।୪(ସମିସ): ଆଜିଠାରୁ ସାରା ଦେଶରେ ପ୍ରଥମ କରି ଆରମ୍ଭ ହୋଇଛି ଅତ୍ୟାଧୁନିକ ଡିଜିଟାଲ୍ ଭିତ୍ତିକ ଜନଗଣନା କାର୍ଯ୍ୟ। ଏହି ନୂତନ ପ୍ରଣାଳୀରେ ଜନସାଧାରଣ ଅଧିକୃତ ୱେବସାଇଟ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ନିଜେ ନିଜର ତଥ୍ୟ ଦାଖଲ କରି 'ସ୍ୱ-ଜନଗଣନା' କରିବାର ସୁଯୋଗ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ମଧ୍ୟ ଏହା ଆରମ୍ଭ ହୋଇଛି। ଆଜି ଜିଲ୍ଲାପାଳ ଅମ୍ବର କୁମାର କର ନିଜେ ଏଥିରେ ସାମିଲ ହୋଇ ସ୍ୱ-ଜନଗଣନା ପ୍ରକ୍ରିୟାରେ ନିଜର ତଥ୍ୟ ପ୍ରଦାନ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ୱ-ଜନଗଣନା ପ୍ରକ୍ରିୟାରେ ମୋଟ ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଥିବା ବେଳେ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀଙ୍କୁ ଏହି ଜାତୀୟ କାର୍ଯ୍ୟରେ ସକ୍ରିୟ ସହଯୋଗ କରିବାକୁ ନିବେଦନ କରିଛନ୍ତି। ଆଜି ଜିଲ୍ଲାପାଳଙ୍କ ଦ୍ୱାରା ସ୍ୱ-ଜନଗଣନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସେନସସ୍ ନିର୍ଦ୍ଦେଶାଳୟ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ସାଧାରଣ ଓ ବିବିଧ ବିଭାଗ ସହକାରୀ ଜିଲ୍ଲାପାଳ, ଦୁଇ ଜଣ ମାଷ୍ଟର ଟ୍ରେନର, ଏନୁମେରଟର ଏବଂ ସୁପରଭାଇଜର ଉପସ୍ଥିତ ଥିଲେ।

● ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୟୂରଭଞ୍ଜର ଅବଦାନ ଅତୁଳନୀୟ



ବାରିପଦା,୧।୪(ସମିସ): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୟୂରଭଞ୍ଜର ଅବଦାନ ଅତୁଳନୀୟ ବୋଲି ପବିତ୍ର ଓଡ଼ିଶା ଦିବସ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ କହିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏହି ଗୌରବମୟ ଦିବସ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଓ ବାରିପଦା ଉପ ଜିଲ୍ଲାପାଳ କସ୍ତୁରି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ୧୯୩୬ ମସିହା ଆଜିର ଦିନରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ପରିଚୟ ପାଇଥିଲା। ଓଡ଼ିଶାର ସ୍ୱାଧୀନତାରେ ମୟୂରଭଞ୍ଜ ଜିଲ୍ଲାର ଅନେକ ଅବଦାନ ରହିଛି। ଆଜିର ଦିବସରେ ସେହି ମହାପୁରୁଷ ମାନଙ୍କ ଅବଦାନ ବାବଦରେ ଅତିଥି ମାନେ ମତପ୍ରକାଶ କରିଥିଲେ। ଏହାସହିତ ସକାଳେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାରିପଦା ସହରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେମାନଙ୍କ ଅମର ତ୍ୟାଗକୁ ସ୍ମରଣ କରାଯାଇଛି। ବିଶେଷକରି ଜାତିର ପିତା ମହାତ୍ମା ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭଳି ବରପୁତ୍ର ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଏହି ମହାପୁରୁଷ ମାନଙ୍କ ଅବଦାନ ଅତୁଳନୀୟ ଏବଂ ଏହା ସବୁବେଳେ ଚିରସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଛି।

# ଆମ୍ବୁଲାନ୍ସ-ପିକ୍‌ଅପ୍ ଧକ୍କା; ୨ ଗୁରୁତର

ବାରିପଦା,୧।୪(ସମିସ): ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥର ନାଉପାଳ ନିକଟରେ ଥିବା ପୋଲ ଉପରେ ୧୦୮ ଆମ୍ବୁଲାନ୍ସ ଓ ଏକ ପିକ୍ ଅପ ଭ୍ୟାନ ମଧ୍ୟରେ ଧକ୍କା ହେବା ଫଳରେ ୨ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ୧୦୮ ଆମ୍ବୁଲାନ୍ସଟି ରୋଗୀ ନେଇ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜକୁ ଆସୁଥିବା ସମୟରେ ବଡ଼ସାହି ଥାନା ଅଧୀନ ନାଉପାଳ ପୋଲ ନିକଟରେ ଅନ୍ୟ ଏକ ପିକ୍ ଆପ୍ ଭ୍ୟାନ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇଥିଲେ। ଗ୍ରାମବାସୀ ଉଭୟ ଡ୍ରାଇଭରଙ୍କୁ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲ କଲେଜକୁ ପଠାଇଛନ୍ତି। ତେବେ ଦୁର୍ଘଟଣାଗ୍ରସ୍ତ ୧୦୮ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କୁ ଉଦ୍ଧାର କରାଯିବା ସହ ଅନ୍ୟ ଏକ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିବା ଜଣାଯାଇଛି। ଗୁରୁତର ଆହତ ଜଣେ ଚାଳକଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

# ଗାଁରୁ ସହର ଶୁଭିଲା 'ବନ୍ଦେ ଉତ୍କଳ ଜନନୀ'



ରାଇରଙ୍ଗପୁର



ବାରିପଦା

ଉଦଳା,୧।୪(ସମିସ):

କପ୍ତିପଦା ଉପଖଣ୍ଡସ୍ତରୀୟ ଓଡିଶା ଦିବସ ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି।ଏ ହି ଅବସରରେ ପ୍ରତ୍ୟୁଷରୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା। ସକାଳ ୭ ଘଟିକା ସମୟରେ ପ୍ରଥମେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଦାନ କରାଯିବା ପରେ ବୀର ବିର୍ସାମୁଣ୍ଡା, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ,ଡ. ବି.ଆର. ଆମ୍ବେଦକର, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ସର୍ବଶେଷରେ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଦାନ କରାଯାଇଥିଲା। ଉପଖଣ୍ଡର ୪ ଜଣ ସିଡିପିଓଙ୍କ ତରଫରୁ ରଙ୍ଗୋଲି ବ୍ୟବସ୍ଥା କରାଯାଇଥିଲା। ଉକ୍ତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଜିଲ୍ଲପାଳ, ଏନଏସି ଅଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷା, ପ୍ରକଳ୍ପ ପ୍ରଶାସକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଡେପୁଟି କଲେକ୍ଟର, ବିଭିନ୍ନ ବିଭାଗୀୟ ଅଧିକାରୀ, ରାଜନୈତିକ ନେତୃବୃନ୍ଦ, ବରିଷ୍ଠ ନାଗରିକ, ଶିକ୍ଷାବିତ୍, ବୁଦ୍ଧିଜୀବି, ଓକିଲ ସଂଘ, ଗଣମାଧ୍ୟମ ପ୍ରତିନିଧି ତଥା ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଗହଣରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ ସଭାରେ ଅତିଥି ଭାବେ ଉପଜିଲ୍ଲାପାଳ କପ୍ତିପଦା, ଉଦଳା ସୁଶାନ୍ତ କୁମାର ବାରିକ, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ବିଡିଓ ଉଦଳା ସମରଜିତ୍ କର, ଗୋପବନ୍ଧୁନଗର ବିଡିଓ ପୃଥ୍ୱୀରାଜ ପରିଡ଼ା, ତହସିଲଦାର ଉଦଳା ସୁପ୍ରଭା ଦାସ, ଗୋପବନ୍ଧୁନଗର ତହସିଲଦାର ଓମପ୍ରକାଶ ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ ଏବଂ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ କୁଣ୍ଡାବାଇର ଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରାଯାଇଥିଲା। ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ରାଜାରାମ ବେହେରା, ସୀତାକାନ୍ତ ମହାପାତ୍ର, କାର୍ଯ୍ୟାଳୟର କର୍ମଚାରୀ ଅଜିତ ମହାପାତ୍ର, କରୁଣାକର ମହାନ୍ତ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ପ୍ରବୀଣ କୁମାର ମାଝୀ, ତପନ କୁମାର ବାରିକ, ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଲିପିପୁଷ୍ପା ଦାସ, ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚାନ୍ଦ, ରମେଶ ପୃଷ୍ଟି, ମାନସ ନାୟକ, ଗୌତମ ପ୍ରଧାନ, ସତ୍ୟପ୍ରକାଶ ପାତ୍ର, ଅନୁଭବ ରାଉତ, ଶ୍ରୀତମ ମହାନ୍ତି, ଭବାନୀ ପଣ୍ଡା, ତପୁରଞ୍ଜନ ପାତ୍ର, ଇଭାନ ଦଳେଇ, ଦୁଷ୍ମନ୍ତ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସଭା ଆୟୋଜନରେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀ ଏବଂ ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## ରାଇରଙ୍ଗପୁର ଉପଖଣ୍ଡ

ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବୁଧବାର ସକାଳୁ ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାଇରଙ୍ଗପୁର ସହରାଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧ ସଂଗୀତ ବାଦନ କରାଯାଇଥିଲା। ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନ୍ୟାନ୍ୟ ଅଧିକାରୀ, ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀଙ୍କ ଗହଣରେ ସହର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହାପରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଲାକ୍ରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠି, ଅନିତାରାଣୀ ମହାନ୍ତ ଓ ଅପର୍ଣ୍ଣା ଅପରାଜିତା ଯୋଗ ଦେଇଥିଲେ। ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧି ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବରପୁତ୍ର ମାନଙ୍କ ଫୋଟଚିତ୍ରରେ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ମାନେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭା କାର୍ଯ୍ୟ ଆରମ୍ଭରେ ମାତୃଭୂମିକୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଂଗୀତ ବାଦନ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି ଏବଂ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହର୍ଷି ଇଣ୍ଟାରନାସନାଲ ପବ୍ଲିକ ସ୍କୁଲ

ବାରିପଦା: ସ୍ଥାନୀୟ ମହାରାଜପୁର ସ୍ଥିତ ମହର୍ଷି ଇଣ୍ଟାରନେସନାଲ ପବ୍ଲିକ ସ୍କୁଲରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମହୁଆଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ମୟୂରଭଞ୍ଜ ସାଇନ୍ସ ହାଇର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷା ଦେବସ୍ମିତା ବିଶ୍ୱାଳ ଏବଂ ଉପାଧ୍ୟକ୍ଷା ସୁଜାତା ପାଲ ସାମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ଶ୍ରୀ ନାୟକ 'ଉତ୍କଳ ଦିବସ ହେଉଛି ଓଡ଼ିଶାର ସ୍ୱାଭିମାନ ଏବଂ ସଂସ୍କୃତିର ପ୍ରତୀକ। ଏହି ଦିନ ଆମେ ଓଡ଼ିଶାର ସ୍ୱପ୍ତି ଏବଂ ସଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଉ ବୋଲି କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପିକା ବିଶ୍ୱାଳ ଉତ୍କଳ ଦିବସ ହେଉଛି ଓଡ଼ିଶାର ଭାଷା ଏବଂ ସଂସ୍କୃତିର ପ୍ରତୀକ। ଏହି ଦିନ ଆମେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଇତିହାସକୁ ସ୍ମରଣ କରୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପିକା ପାଲ ଓଡ଼ିଆ ଭାଷା କୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍କୁଲର ଅଧ୍ୟାପକ ଜ୍ୟୋତ୍ସ୍ନାରାଣୀ ପତି, ସମ୍ବିତ ସାହୁ, ରଶ୍ମିତା ମହାନ୍ତ, ବର୍ଷା ମହାନ୍ତ, ମାମାଲିଶା ଟୁଡୁ ଓ ଫୁଲମଣୀ ମାରାଣ୍ଡି ଆଦି ସେମାନଙ୍କ ମୂଲ୍ୟବାନ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତାଙ୍କନ ପ୍ରତିଯୋଗିତା, ନୃତ୍ୟ ପରିବେଷଣ ଫେନସି ଡ୍ରେସ ପ୍ରତିଯୋଗିତା ପ୍ରଭୃତି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଶିକ୍ଷୟତ୍ରୀ ଅର୍ଘ୍ୟରୂପା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ୭ ଗୋରୁ ଉଦ୍ଧାର

ଉଦଳା/କପ୍ତିପଦା,୧।୪(ସମିସ): ଶରତ ଥାନା ପୁଲିସ ଚଢ଼ାଉ କରି ଗୋଟିଏ ଗୋରୁ ବୋଝେଇ ପିକଅପ ଜବତ କରିଛି। ପୁଲିସକୁ ଦେଖି ଗାଡ଼ି ଚାଳକ ଗାଡ଼ି ଛାଡି ଫେରାର ହୋଇଯାଇଥିବା ବେଳେ ନୋଟ ଛକ ନିକଟରେ ପୁଲିସ ପିକଅପ୍‌କୁ ଜବତ କରିଥିଲା। ଜବତ ଗାଡ଼ିରୁ ୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଗୋରୁଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କପ୍ତିପଦା ପଶୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଏହା ପରେ ଗୋରୁ ଗୁଡିକୁ ବାଲେଶ୍ୱର ଗୋ ଶାଳାକୁ ପଠାଇ ଦିଆଯାଇଛି।

## ଶୁକ୍ରୁଲି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

ଶୁକ୍ରୁଲି,୧।୪(ସମିସ): ଶୁକ୍ରୁଲି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଉଦ୍‌ଘାଟିତ ହୋଇ ଯାଇଛି। ଅଧ୍ୟକ୍ଷ ଡଃ ସଂଗ୍ରାମ କେଶରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟ ଖୁଁଟ ର ଅଧ୍ୟକ୍ଷା ସୁଶ୍ରୀ ଦୀପିକା ଭୂୟାଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର ପଲେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ସୁପ୍ରଭା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୁଲିସ ପ୍ରତିଷ୍ଠା ଦିବସରେ ୬ଜଣଙ୍କୁ ସମ୍ବର୍ଦ୍ଧନା



ବାରିପଦା,୧।୪(ସମିସ): ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ୯୧ ତମ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଓ ପ୍ୟାରେଡରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗ ଦେଇଥିଲେ। ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହିତ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଏପିଆର କନେଷ୍ଟବଳ ଭାବେ ସନ୍ତୋଷ କୁମାର କବି ପୁରସ୍କୃତ ହୋଇଛନ୍ତି। ପୂର୍ବରୁ ସେ ସମ୍ମାନଜନକ ଡିଜିପି ଡିସ୍କରେ ସମ୍ମାନିତ ହୋଇଛନ୍ତି। ସେ ଗତ ୨୦୧୯ ମସିହାରେ ପୁଲିସ ବିଭାଗରେ ଯୋଗଦାନ କରିଥିଲେ। ବାରିପଦା ସ୍ଥିତ ପୁଲିସ ମୁଖ୍ୟାଳୟ, ଯଶିପୁର ଥାନାରେ କାର୍ଯ୍ୟ କରିବା ପରେ ବର୍ତ୍ତମାନ ବାରିପଦା ସ୍ଥିତ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ କନେଷ୍ଟବଳ ଭାବେ କାର୍ଯ୍ୟରତ ଅଛନ୍ତି। ଗତ ୨ବର୍ଷ ହେବ ବିଭିନ୍ନ ଅପରାଧ ମାମଲାରେ ତଦନ୍ତ କରି ଅପରାଧ ରୋକିବା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଛନ୍ତି। ଅପରାଧ ମାମଲାରେ ତଦନ୍ତ କରି ଅପରାଧିକୁ ଧରିବାରେ ପୁଲିସ ସେବା କ୍ଷେତ୍ରରେ ଶ୍ରେଷ୍ଠତାର କାର୍ଯ୍ୟ ପ୍ରଦର୍ଶନ କରିଛନ୍ତି। ଯାହାକୁ ନେଇ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ଉପ ଆରକ୍ଷୀ ଅଧିକ୍ଷକ ମାନସ କୁମାର ମଲ୍ଲିକ, ସହ ଉପ ଆରକ୍ଷୀ ନିରୀକ୍ଷକ ମାସା ମୁର୍ମୁ, ଡ୍ରାଇଭର ହାବିଲଦାର (୧୨୯୩) ଗିରିଶ ବିଶ୍ୱାଳ, ଓଆର କନେଷ୍ଟବଳ (୩୪୧) ରଞ୍ଜନ କୁମ୍ଭକାର ଓ ଟ୍ରାଫିକ କନେଷ୍ଟବଳ ଅସ୍ମିତ୍ ସୋରେନ ପ୍ରମୁଖ ୬ଜଣ ପୁଲିସ କର୍ମଚାରୀ ମାନଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି

# ଆମରଣ ଅନଶନରୁ ଓହରିଲେ ଚାଷୀ

ରାଇରଙ୍ଗପୁର,୧।୪(ସମିସ): ବହଳଦାର ବିଞ୍ଝୁଆ ଗ୍ରାମର ଚାଷୀ ଜୟନ୍ତ ମହାପାତ୍ର ବହଳଦା ଲ୍ୟାମ୍ପରେ ବଳକା ଧାନ ବିକ୍ରି କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ସେ ଏପ୍ରିଲ ୨ରୁ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି। ଏ ବାବଦରେ ସକାଳ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଭାବ ପଡିଛି। ଚାଷୀଙ୍କ ସମସ୍ୟା ସମାଧାନ କରି ବଳକା ଧାନ ବିକ୍ରି ପ୍ରତିଶ୍ରୁତି ମିଳିଛି। ଶ୍ରୀ ମହାପାତ୍ର ନିଜ ଜମିରେ ଉତ୍ପାଦିତ ଧାନ ସରକାରୀ ମଣ୍ଡିରେ ବିକ୍ରି କରିଥିଲେ। ତେବେ ବଳକା ପ୍ରାୟ ୫-୫କୁଇଣ୍ଟାଲ ଧାନ ଲ୍ୟାମ୍ପରେ ସଂଗ୍ରହ କରାଯାଇନଥିଲା। ତାହାକୁ ପରେ ବିକ୍ରି କରିବା ପାଇଁ ଲ୍ୟାମ୍ପ କର୍ତ୍ତୃପକ୍ଷ ତାଙ୍କୁ କହିଥିଲେ। କିନ୍ତୁ ପରେ ତାହା ସମ୍ଭବ ହୋଇନଥିଲା। ଅନେକ ପରିମାଣର ଧାନ ଥିବା ବେଳେ ତାହାକୁ ଲ୍ୟାମ୍ପରେ ବିକ୍ରି କରିନପାରି ଦଲାଲଙ୍କୁ ବିକ୍ରି କରିଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡିବ। ବଳକା ଧାନ ବିକ୍ରି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ ସମସ୍ୟାର କୋଣସି ସମାଧାନ ହୋଇନଥିଲା। ତେଣୁକରି ସେ ବଳକା ଧାନ ବିକ୍ରି କରିବା ପାଇଁ ବାଧ ହୋଇ ବହଳଦା ଲ୍ୟାମ୍ପ ସମ୍ମୁଖରେ ଏପ୍ରିଲ ୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଏନେଇ ବିଜେପି ନେତା ସଞ୍ଜୀବ ମହାନ୍ତି ଏବଂ ନବୀନ ରାମ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ପରାମର୍ଶ କ୍ରମେ ଆସନ୍ତା ଏପ୍ରିଲ ୬ ତାରିଖ ସୁଦ୍ଧା ବଳକା ଧାନ ବିକ୍ରି କରିପାରିବେ। ତେଣୁ ଆମରଣ ଅନଶନ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି।

'ସକାଳ' ପ୍ରଭାବ

# ଚିପ୍ସ ବୋଝେଇ ହାଇୱା ଜବତ

ରାଇରଙ୍ଗପୁର,୧।୪(ସମିସ): ଲଘୁ ଖଣିଜ ଚୋରା ଚାଲାଣ ଥମିବାର ନାଁ ନେଉନାହିଁ। ପୁଣି ହାଇୱା ଯୋଗେ ବେଆଇନ ଚିପ୍ସ ଚାଲାଣ ବେଳେ ପୋଲିସ ଦ୍ୱାରା ଜବତ କରାଯାଇଛି। ଯଶିପୁର ଥାନା ଅନ୍ତର୍ଗତ ବଡ଼ସୋଲ ଗ୍ରାମ ଛକରୁ ହାଇୱା ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୋଲିସ ପକ୍ଷରୁ ଚଢ଼ାଉ କରି ଜବତ କରିଛନ୍ତି। ବେଆଇନ ଭାବେ ପାହାଡ଼ ଭାଙ୍ଗି ଚିପ୍ସ ଗୁଡ଼ିକ ଯଶିପୁର ପଟୁ ଶିମିଳିପାଳ ଜଙ୍ଗଲ ମଧ୍ୟକୁ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ପୋଲିସ ନାକା କରି ହାଇୱାକୁ ଅଟକାଇଥିଲା। ଚାଳକ ଓ ଖଲାସୀ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ପୋଲିସ ପିଛା କରି ତାଙ୍କୁ ଧରିଥିଲା। ଗାଡି ଅଟକାଇ ଇ ପାସ କିମ୍ବା ଟିପି ପରମିଟି ନେଇ ପଚରାଉଚରା କରିଥିଲା। ବେଆଇନ ଭାବେ ଚିପ୍ସ ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏହାସହିତ ଗାଡି ଚାଳକ ଖୋର୍ଦ୍ଧା ଜିଲ୍ଲାର ପ୍ରଦୀପ କୁମାର ପ୍ରଧାନ ଓ ଖଲାସୀ ପଦ୍ମପୁର ଅଞ୍ଚଳର ବିରେନ୍ଦ୍ର ବେହେରାଙ୍କୁ ଗିରଫ କରିଛନ୍ତି। ଏନେଇ ଅଭିଯୋଗକ୍ରମେ ଯଶିପୁର ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଦିନକୁ ଦିନ ଲଘୁ ଖଣିଜ ଚୋରା ଚାଲାଣ ବୃଦ୍ଧି ପାଇବା ସହ ସରକାରୀ ରାଜସ୍ୱ ହାନି ହେଉଛି। ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପାଳିଲା ଉତ୍କଳ ଦିବସ



ବାରିପଦା,୧।୪(ସମିସ): ଭାଷା ଓ ଭୂମି ଜାତୀୟତାର ସ୍ମୃତି ଚାରଣ ସ୍ମାରକୀ ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଉତ୍କଳ ଦିବସ ସମାରୋହ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ପୌରୋହିତ୍ୟରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାରିପଦାର ସମାଜସେବୀ ତଥା ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପଫେସର ବବ୍ରୁବାହନ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ବକ୍ତା ଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ପୁଷ୍ପା ପାତ୍ର ନିଜର ଅଭିଭାଷଣ ରଖିଥିଲେ। ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ସହକାରୀ ପ୍ରଫେସର ଡକ୍ଟର ବିଚିତ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନା ଭିତରେ ରାଜନେତାଙ୍କ ଦବଙ୍ଗଗିରି

କପ୍ତିପଦା,୧।୪(ସମିସ): ଥାନା ଭିତରେ ଜଣେ ଯୁବକଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି। ସେ ମହିଳା ଥାନା ଅଧିକାରୀଙ୍କ ସହିତ ଅନ୍ୟ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ସହ ମୁଁ ବିଧାୟକ ସନ୍ତୋଷ ଖଟୁଆଙ୍କ ପାଖଲୋକ, ମୁଁ ଜଣେ ଜନପ୍ରତିନିଧି, ଆପଣ ମୋର କିଛି କରିପାରିବେନି କହି ହଙ୍ଗାମା କରିଥିଲେ। କପ୍ତିପଦା ଥାନା ଭିତରେ ଘଟିଛି ଏଭଳି ଘଟଣା। ଏକ ମାମଲାରେ ଭଦ୍ର ଲୋକ ସାଜି କପ୍ତିପଦା ଥାନାକୁ ଆସିଥିଲେ ବାଲେଶ୍ୱର ଜିଲ୍ଲା ରାଜ ବରହମପୁର ଅଞ୍ଚଳର ଯୁବକ ଦୀପକ ସିଂ (୩୨)। ଥାନା ଭିତରେ ବସିଥିବା ବେଳେ ଅଚାନକ ସେ କପ୍ତିପଦା ଥାନା ଅଧିକାରିଣୀଙ୍କ ସମେତ ସବଇନ୍ସପେକ୍ଟର ଏବଂ ଅନ୍ୟ ମହିଳା ଅଧିକାରୀଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହିତ ଏଭଳି କଥା କହିଥିଲେ। ଏପରିକି ଧମକଚମକ ମଧ୍ୟ ଦେଇଥିଲେ। ଯାହାକୁ ନେଇ କପ୍ତିପଦା ଥାନାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ଉକ୍ତ ଯୁବକଙ୍କୁ ଗିରଫ କରିବା ସହିତ ତାଙ୍କ ନାମରେ ୭୯/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଡେଥ୍ ଜୋନ୍ ପାଲଟିଛି ଟଙ୍ଗାବିଲା ଜାତୀୟ ରାଜପଥ

ରାଇରଙ୍ଗପୁର/କରଞ୍ଜିଆ,୧।୪(ସମିସ):



ଜାତୀୟ ରାଜପଥ ନମ୍ବର ୪୯ର ଟଙ୍ଗାବିଲା ଛକ ଏବେ ମରଣ ଯନ୍ତା ପାଲଟିଛି। ଜାତୀୟ ରାଜପଥରେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଉକ୍ତ ଜାତୀୟ ରାଜପଥ ଦେଇ ଅଧିକ ପରିମାଣର ଭାରିଯାନ ଚଳାଚଳ କରୁଥିବା ବେଳେ ସତର୍କତା ଅଭାବରୁ ଦୁର୍ଘଟଣା ଘଟୁଛି। ପୂର୍ବରୁ ଦ୍ରୁତଗାମୀ ଭାରିଯାନ ଦୁର୍ଘଟଣାରେ ଅନେକ ପ୍ରାଣହାନି ହୋଇଛି। ତେବେ ବୁଧବାର ପୁଣି ଏକ ବଡ଼ ଦୁର୍ଘଟଣାରୁ କାରଟି ଅଳ୍ପକେ ବର୍ତ୍ତି ଯାଇଛି। ଟଙ୍ଗାବିଲା ଛକରେ ଏକ କାରକୁ ଦ୍ରୁତଗାମୀ ଟ୍ରକଟି ଧକ୍କା ଦେଇଛି। କାରଟି ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ବେଳେ ପଛ ପଟୁ କାର୍‌କୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ତେବେ ଭାଗ୍ୟବଶତଃ ଗାଡିଟି ଅଟକି ଯିବାରୁ କାରରେ ଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ଏହାକୁ ରୋକିବାରେ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଶୂନ୍ୟ ରହୁଛି। ଜାତୀୟ ରାଜପଥରେ ଅନେକ ପରିମାଣର ଭାରି ଯାନ ଯାଉଛି। ବେପରୁଆ ଭାବେ ଦ୍ରୁତଗାମୀ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟୁଛି। ଏଠାରେ ଓଭର ବ୍ରିଜ ଥିବା ବେଳେ ଶେଷ ଆଡ଼କୁ ଦ୍ରୁତଗାମୀ ଗାଡି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାକୁ ନିୟନ୍ତ୍ରଣ ପାଇଁ ପେଟ୍ରୋଲିଂ କିମ୍ବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ମୋଟର ଯାଞ୍ଚ ମଧ୍ୟ ହେଉନାହିଁ। ବେପରୁଆ ଗାଡି ଚାଳକଙ୍କୁ ତାଗିଦ ନହେବାରୁ ଦୁର୍ଘଟଣା ଘଟି ଧନଜୀବନ ଯାଉଛି। ତେଣୁକରି ଏହାକୁ ରୋକିବା ନେଇ ଉଚିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

# କାର-ବାଇକ ଧକ୍କା; ଜଣେ ଗୁରୁତର



ରାଇରଙ୍ଗପୁର,୧।୪(ସମିସ): ବହଳଦା ଅଞ୍ଚଳରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବହଳଦାର ଆଇଟିଆଇ ଛକ ନିକଟରେ ବେପରୁଆ ଦ୍ରୁତଗାମୀ ଗାଡ଼ି ଚାଲାଣ କରିବା ଯୋଗୁଁ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିବା ଯୋଗୁଁ ବାଇକ ଆରୋହୀଙ୍କ ପ୍ରଚୁର ରକ୍ତସ୍ରାବ ହୋଇଛି। ଗୁରୁତ୍ୱର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଇକ ଆରୋହି ଜଣକ ଝାରଖଣ୍ଡ ରାଜ୍ୟର ହୋଇଥିବା ବେଳେ ତାଙ୍କର ପ୍ରକୃତ ପରିଚୟ ମିଳିପାରିନାହିଁ। ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଦୁଇଟି ଗାଡି ଜବତ କରି ତଦନ୍ତ ଜାରି ରଖିଛନ୍ତି।

ସକାଳ
THE SAKALA



## ସୋଲାର ଜଳପ୍ରକଳ୍ପ ଅଚଳ

# ପାଣି ପାଇଁ ଡହକବିକଳ ପାଣ୍ଡେପଡ଼ା ଗ୍ରାମବାସୀ

ଫିରିଙ୍ଗିଆ,୧।୪(ସମିସ):

ବର୍ତ୍ତମାନ ଖରା ବଢିବା ସାଙ୍ଗକୁ ପିଇବା ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। ବିଭିନ୍ନ ଗାଁରେ କୂଅ, ପୋଖରୀ ଏବଂ ନାଳ ପାଣି ଶୁଖୀ ଯାଉଥିବା ବେଳେ ବିଭିନ୍ନ ଜଳ ପ୍ରକଳ୍ପରେ ମଧ୍ୟ ପାଣି ପାଇଁ ସଙ୍କଟ ଦେଖାଦେଇଛି। ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତର ମାଲା ୱାର୍ଡ ନିକଟ ପାଣ୍ଡେପଡା ଗ୍ରାମରେ ଥିବା ସୋଲାର ଜଳ ପ୍ରକଳ୍ପ ୧ ମାସରୁ ଅଧିକ ହେବ ଅଚଳ ହୋଇପଡିଛି। ଯାହାଦ୍ୱାରା ଗ୍ରାମବାସୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁରେ ପାଣିର



ସୁବିଧା ନଥିବାରୁ ସୋଲାର ଜଳପ୍ରକଳ୍ପ ମରାମତି କରି ପାଣି ଯୋଗାଇବାକୁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ ହୋଇଛି। ପାଣି ସଙ୍କଟ ସମୟରେ ଅସୁବିଧା ଦୃଷ୍ଟିରୁ ତୁରନ୍ତ ସୋଲାର ଜଳପ୍ରକଳ୍ପ ମରାମତି ସହ ପାଣି ଯୋଗାଇବାକୁ ଗ୍ରାମର ରଞ୍ଜିତ କହଁର, ଦୟାନିଧି କହଁର, ଭରତ କହଁର, ବାଳକୃଷ୍ଣ କହଁର, ସଞ୍ଜିବ କହଁର, ଡହରା କହଁର, ଉତ୍ସବ କହଁର, ବୃଷଭ କହଁରଙ୍କ ସହ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅମର ବେହେରାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ● +୩ ଛାତ୍ରୀ କିରୋସିନ ଢାଳି ଆତ୍ମାହୁତି ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ

ଆସିକା,୧।୪(ସମିସ): ଗଞ୍ଜାମ ଜିଲ୍ଲା କୋଟି ନଡା ଥାନା ଅନ୍ତର୍ଗତ ଭେଟ ନଇ ଗ୍ରାମରେ ଗତ ୨୮ ତାରିଖରେ ଗ୍ରାମରେ ଜଣେ ଯୁକ୍ତ ୩ ଛାତ୍ରୀ କିରୋସିନି ଢାଳି ନିଆଁ ଲଗାଇ ଆତ୍ମହୂତି ଉଦ୍ୟମ କରିବା ଘଟଣାରେ ବ୍ରହ୍ମପୁର ମେଡିକାଲରେ ପୀଡ଼ିତାଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ୨୦ ବର୍ଷୀୟ ଦିବ୍ୟ ଜ୍ୟୋତି ରଣା। ପ୍ରେମ ବ୍ୟପାରକୁ ନେଇ ସେ ନିଜ ଘରର ବାଥରୁମରେ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ଆସିକା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରର ବେକ, ପିଠି ମୁହଁ ଭାଗ ର ୬୦ ପ୍ରତିଶତରୁ ଅଧିକ ପୋଡି ଯାଇଥିଲା।

# ଜନଗଣନା ତାଲିମ ଶିବିର



ଦାରିଙ୍ଗବାଡି,୧।୪:(ସମିସ): ଦାରିଙ୍ଗବାଡି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଅଭିଜ୍ଞତା ଅଗ୍ରଣୀ ଶିକ୍ଷକଙ୍କୁ ନେଇ ଜନଗଣନା ତାଲିମ ପ୍ରଦାନ କରାଯାଉଛି। ଆଜି ଦ୍ୱିତୀୟ ଦିନରେ ତାଲିମ ପ୍ରଦାନ କରାଯାଇଛି । ପ୍ରଥମ କରି ଏକ ନୂଆ ରୂପ ଯାହାକି କମ୍ପୁଟରୀକରଣ ତଥା ଡିଜିଟାଲ ମୋଡରେ କରାଯିବା ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ଦିନ ତାଲିମ କାର୍ଯ୍ୟକ୍ରମରେ ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧିରଜ ପାତ୍ର, ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ ନିର୍ଭୁଲ ଓ ସଠିକ ତଥ୍ୟ ସଂଗ୍ରହକରି ସମସ୍ତେ ନିଜ ଦାୟିତ୍ୱ ସମ୍ପନ୍ନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ । ଏହି ଶିବିରକୁ ରାଜସ୍ୱ ନିରୀକ୍ଷକ ସୁବ୍ରତ ବେହେରା, ଜଶ୍ମୀନା ପ୍ରଧାନ, ଦୁର୍ଗାପ୍ରସାଦ ପ୍ରଧାନଙ୍କ ସମେତ ଅନ୍ୟ ତହସିଲ ଷ୍ଟାଫ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବୁଗୁଡ଼ା,୧।୪(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସଙ୍କୁରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଙ୍କୁରୁ ସରପଞ୍ଚ ସୁଶାନ୍ତ କୁମାର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଆତ୍ମାର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ମତ୍ସ୍ୟ ବୈଷୟିକ ସହାୟକ ସନ୍ଦିପ ରଞ୍ଜନ ସେଠୀ, ବିଟିଏମ୍ ଅମରେନ୍ଦ୍ର ମହାପାତ୍ର, ଭିଏଏସ୍ ଡାକ୍ତର ସାଇଶିବ ଶତପଥି, ସମିତିସଭ୍ୟ ବିଷ୍ଣୁପ୍ରସାଦ ପାଢୀ, ବିଧାୟକଙ୍କ ପ୍ରତିନିଧ ହରିକୃଷ୍ଣ ସାହୁ ଯୋଗ ଦେଇଥିଲେ। କର୍ମଶାଳାରେ ନିଜ ନିଜ ବିଭାଗୀୟ ଅଧିକାରୀ ମାନେ ଉଦ୍ୟାନ, କୃଷି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସଂପର୍କିତ ବିଭିନ୍ନ ସରକାରୀ ଯୋଜନା ଓ ଏହାର ଉନ୍ନତ ମାନର ଚାଷ ପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ରାଜେଶ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଖେମୁଣ୍ଡି ଚିତ୍ରକଳା ବିଦ୍ୟାଳୟର ବାର୍ଷିକୋତ୍ସବ



ଦିଗପହଣ୍ଡି,୧।୪(ସମିସ): ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଚିତ୍ରକଳା ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ପୁଞ୍ଜିକୟାଁ ଛକ ସ୍ଥିତ ନନ୍ଦିଘୋଷ କଲ୍ୟାଣ ମଣ୍ଡପ ପରିସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମାନୁଜ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଆଇନଜୀବୀ କୁରେଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଗୋପାଳପୁର କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ଼. ରାଜେନ୍ଦ୍ର କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅତୀତରେ ଓଡ଼ିଆ ଭାଷାକୁ ବିଲୋପ କରିବାକୁ ପଡୋଶୀ ପଶ୍ଚିମବଙ୍ଗ, ମାନ୍ଦ୍ରାଜର କିଛି ବିଶିଷ୍ଟ ବ୍ୟକ୍ତି ଚକ୍ରାନ୍ତ କରିଥିଲେ। ସେମାନଙ୍କୁ ଉଚିତ ଜବାବ ଦେବା ପାଇଁ ଓଡ଼ିଶାର ତତ୍କାଳୀନ ମହାମନିଶୀ ବୃନ୍ଦ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଭାଷା ଆନ୍ଦୋଳନରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଥିଲା ବୋଲି ତାଙ୍କ ଉଦବୋଧନରେ କହିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼.ଯୁଧିଷ୍ଠିର ସ୍ୱାଇଁ, କଙ୍କୋରଡ଼ା ବିଜ୍ଞାନ କଲେଜ ଓଡ଼ିଆ ଅଧ୍ୟାପକ ସିଲୁ ମଣ୍ଡଳ, ସାମ୍ବାଦିକ ତଥା ଆଇନଜୀବୀ ଅଶେଷ ନାଥ ମିଶ୍ର, ଗୋପାଳକୃଷ୍ଣ ମଲ୍ଲିକ, ସତ୍ୟନାରାୟଣ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଆଇନଜୀବୀ ପି.ଶିବଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ଉଦ୍ଗାତା, ଆଇନଜୀବୀ ମନୋରଞ୍ଜନ ପଣ୍ଡା, ସାମାଜିକ କର୍ମୀ ସୀମାଞ୍ଚଳ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ପଦ୍ମ ଚରଣ ମେକାପ, ଲଡୁ ସାହୁ, ସୁବାସ ଚୌଧୁରୀ, ଶିକ୍ଷକ ସନ୍ତୋଷ ସେଠୀ, ସରିତା ସାହୁ, ପଦ୍ମିନୀ ପ୍ରଧାନ, ପୀତବାସ ତ୍ରିପାଠୀ, ଶିବ ସାହୁ, ସୀମାଞ୍ଚଳ ସାହୁ, ଅଭିମନ୍ୟୁ ପାତ୍ର, ଉଜ୍ଜଳ ସାହୁ, ସୁରେନ୍ଦ୍ର ମାର୍ଥା, ଚନ୍ଦନ ଗୌଡ଼, ଉପେନ୍ଦ୍ର ବେହେରା, କଂଗ୍ରେସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ



ତୁମୁଡିବନ୍ଧ,୧।୪(ସମିସ): ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗଳ ଚରଣ ଲେଙ୍କା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝୀ, ସାମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ବ୍ଲକ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରପାଲ, ଅତିରିକ୍ତ ତହସିଲଦାର ବୁଲୁମ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତଙ୍କୁ ଓଡ଼ିଆ ଭାଷା ଓ ଓଡ଼ିଆ ଅସ୍ମିତା ଉପରେ ଆଲୋଚନା କରାଯାଇ ଆମେ ଓଡ଼ିଆ ଭାରି ଆମେ ବଢ଼ିଆ ବୋଲି ମୁଖ୍ୟଅତିଥି କହିଥିଲେ। ସାମ୍ମାନିତ ଅତିଥି ବିଡିଓ ହରପାଲ ଆଜି ଅର୍ଥାତ ୧ତାରିଖ ଠାରୁ ୧୪ ତାରିଖ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଓଡ଼ିଆ ଦିବସକୁ ବହୁ ଆଡମ୍ବର ସହିତ ପାଳନ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତାହାକୁ ସରସ ସୁନ୍ଦର କରି ପାଳନ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ଓଏଭି ସ୍କୁଲ



ଦାରିଙ୍ଗବାଡି,୧।୪(ସମିସ): ଦାରିଙ୍ଗବାଡି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ବୁଧବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଡ଼ିଓ ପ୍ରୀତିରଞ୍ଜନ ରଥ ,ତହସିଲଦାର ଧିରଜ ପାତ୍ର ଏବଂ ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ ଅତିଥି ଭାବେ ଉପସ୍ଥିତ ରହି ଉତ୍କଳ ଦିବସ ପାଳନର ଉଦେଶ୍ୟ, ଉତ୍କଳର ଗର୍ବ ଗୌରବ, ଏହାର ଇତିହାସ ଓ ସଂସ୍କୃତି ପରମ୍ପରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜନ ଗଣନା ପାଇଁ ଯୋଗ ଦେଇଥିବା ଗଣନାକାରୀ ପର୍ଯ୍ୟବେକ୍ଷକ ଶତାଧିକ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ଜଗନ୍ନାଥ, ଭାଇସ୍ ପ୍ରିନ୍ସିପାଲ ରଜତ ବିକ୍ରମ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱ-ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ

ଧରାକୋଟ,୧।୪(ସମିସ): ବୁଧବାର ଧରାକୋଟରେ ସ୍ୱ-ଗଣନା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଚାର୍ଜ ଅଫିସର ତଥା ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ଚାର୍ଜ ଅଫିସର ତଥା ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୌରୀ ଶଙ୍କର ବେହେରା, ଗଣନାକାରି ମିନତି ପତ୍ରୀ, ଗୌରୀ କୁମାରୀ ରଥ, ଝରଣା ସେନାପତି, ସୁପର୍ଣ୍ଣା ପ୍ରଧାନ ଓ ରେବତୀ ସିଂ ପ୍ରମୁଖ ଧରାକୋଟର ବିଭିନ୍ନ ସାହିରେ ମୁଖିଆ ଶ୍ରେଣୀର ବ୍ୟକ୍ତି ମାନଙ୍କ ଗୃହ ଗଣନା ଆରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସରପଞ୍ଚ ପୁନିଆ ଦାସ, ୱାର୍ଡ ସଭ୍ୟ ଅଶୋକ ଗୌଡ଼, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ହୃଦାନନ୍ଦ ଜେନା, ସମାଜସେବୀ ନବଘନ ଭଞ୍ଜଙ୍କ ଘରୁ ସ୍ୱ-ଗଣନା ବା ନିଜ ନିଜର ଗୃହ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୩୭ ଜଣ ସୁପରଭାଇଜର,୨୨୨ ଜନ ଗଣନାକାରି ନିୟୋଜିତ ରହିଛନ୍ତି। ଏହା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୃହକର୍ତ୍ତା ନିଜେ ନିଜର ଗୃହ ବିବରଣୀ ନିଜ ମୋବାଇଲରେ ସ୍ୱଇଚ୍ଛାରେ ଅପଲୋଡ୍ କରିବେ। ଏ ସମ୍ପର୍କରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ସହ ଯୋଗାଯୋଗ ବେଳେ ପ୍ରଥମେ ମୁଖିଆ ଲୋକଙ୍କ ସ୍ୱ ଗଣନା ଆରମ୍ଭ କରାଯାଇଛି କାରଣ ସେମାନେ ଅନ୍ୟାନ୍ୟ ଲୋକଙ୍କୁ ସଚେତନ କରିବେ ବୋଲି ପ୍ରକାଶ କରିଛନ୍ତି। ସ୍ୱ ଗଣନା ପରେ ଆସନ୍ତା ବର୍ଷ ଜନଗଣନା କାର୍ଯ୍ୟ ଆରମ୍ଭ ହେବ।

# ନାବାଳିକାଙ୍କୁ ଅସଦାଚରଣ; ଯୁବକ ଗିରଫ

ବ୍ରହ୍ମପୁର,୧।୪(ସମିସ): ଏମକେସିଜି ମେଡିକାଲ ପରିସରରେ ରହୁଥିବା ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ରାସ୍ତା ମଝିରେ ଅସଦାଚରଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ଅଞ୍ଚଳର ଟଙ୍କେଶ୍ୱର ବାଙ୍ଗାରୀ (୨୫)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଥାଉକି, କିଛିଦିନ ତଳେ ଏହି ୧୩ ବର୍ଷର ନାବାଳିକା ଜଣଙ୍କ ନିଜ ଘର ପାଖରେ ଆବର୍ଜନା ପକାଇବାକୁ ଆସିଥିବା ବେଳେ ଅଭିଯୁକ୍ତ ଟଙ୍କେଶ୍ୱର ଏକ ସ୍କୁଟିରେ ହଠାତ ଆସି ତାଙ୍କୁ ଅସଦାଚରଣ କରି ଚମ୍ପଟ ମାରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ

ଆସିକା,୧।୪(ସମିସ): ସରକାରଙ୍କ ନାରା ରହିଛି ସଭିଏଁ ପଢିବେ ସଭିଏଁ ବଢିବେ। ଏହାର ସଫଳ ସଫଳ ରୂପାୟନ ପାଇଁ ୨୦୨୬-୨୦୨୭ ବର୍ଷ ପାଇଁ ଗଣ ଶିକ୍ଷା ବିଭାଗ ପକ୍ଷରୁ ଆହ୍ୱାନ ଦେଇଛନ୍ତି। ଆସନ୍ତା ଏପ୍ରିଲ ୦୪ ତାରିଖ ଦିନ ଏଥିପାଇଁ ପ୍ରତ୍ୟେକ ବିଦ୍ୟାଳୟର ଶିଶୁ ବାଟିକାରେ ଆରମ୍ଭ ହେବ ପ୍ରବେଶ ଉତ୍ସବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଦସ୍ତଖତ ଥାଇ ଆସିକା ବ୍ଲକ ଶିକ୍ଷ୍ୟା ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଛି ନିମନ୍ତ୍ରଣ ପତ୍ର। ବ୍ଲକ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି, ଏବିଇଓ ବିଭୁ ନନ୍ଦନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସିଆରସିସି ମାନଙ୍କ ସଂଯୋଜନାରେ ପ୍ରତ୍ୟେକ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଘରକୁ ଘର ଯାଇ ପରିବାର ଲୋକଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି।

## ● ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ

# ରାଇକିଆ ନାଗରିକ ମଞ୍ଚ

ରାଇକିଆ,୧।୪(ସମିସ):ରାଇକିଆ ନାଗରିକ ମଞ୍ଚ ପକ୍ଷରୁ ଆଜି ଉତ୍କଳ ଦିବସ ପାଳିତ ହୋଇଛି। ଏଥିରେ ମଞ୍ଚ ସଭାପତି ଦୁର୍ଯ୍ୟୋଧନ ଲେଙ୍କା ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଜନନାୟକ ତଥା ପ୍ରଥମ ମୁଖ୍ୟମନ୍ତ୍ରୀ ଡ.ହରେକୃଷ୍ଣ ମହତାବ ଏବଂ ଅନ୍ୟ ମହାପୁରୁଷଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଭକ୍ତିପୂତ ପ୍ରଣାମ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ଦିଗାଳ ଏବଂ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ମୋଜେସ ଦିଗାଳ ଓଡ଼ିଶା ପ୍ରଦେଶ ଗଠନ ଓ ଉତ୍କଳ ଦିବସ ପାଳନର ଇତିହାସକୁ ନେଇ ସଂକ୍ଷିପ୍ତ ଅଭିଭାଷଣ ମାନ ଦେଇଥିଲେ । କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଜି.ଯୋଗେଶ୍ୱର ପାତ୍ର ସଂଚାଳନ କରିଥିବାବେଳେ ଉପସଭାପତି ପ୍ରଦୀପ କୁମାର ବେହେରା ପ୍ରତ୍ୟେକଙ୍କୁ ଧନ୍ୟବାଦ ଜଣାଇଥିଲେ। କୋଷାଧ୍ୟକ୍ଷ ବିଭୁଦତ୍ତ ବେହେରା, ପରାମର୍ଶଦାତା ଆଚାର୍ଯ୍ୟ ନଳୀନ କାନ୍ତ ନାୟକ, ଶ୍ରୀବତ୍ସ ନାୟକ ଏବଂ ଅନ୍ୟ ସଦସ୍ୟ ଯୋଗ ଦେଇଥିଲେ।

# ସହିଦ୍ ଚିତ୍ତରଞ୍ଜନଙ୍କ ବଳିଦାନକୁ ମନେ ପକାଇଲା ପୁଲିସ

ବେଲଗୁଣ୍ଠା,୧।୪(ସମିସ): ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ପୁଲିସ ପକ୍ଷରୁ ବେଲଗୁଣ୍ଠା ଥାନା ଅନ୍ତର୍ଗତ ବଲାଡି ଗ୍ରାମର ଅମର ଶହୀଦ୍ ଚିତ୍ତରଞ୍ଜନ ନାୟକଙ୍କୁ ସମ୍ମାନ ଜ୍ଞାପନ କରାଯାଇଛି। ଆଜି ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡଃ ଦିପକ କୁମାର ମିଶ୍ର ଏବଂ ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବରଙ୍କ ସମେତ ପୁଲିସ ଟିମ୍ ଶହୀଦଙ୍କ ଗ୍ରାମ ବଲାଡିରେ ପହଞ୍ଚିଥିଲେ। ଅଧିକାରୀମାନେ ଶହୀଦ୍ ଚିତ୍ତରଞ୍ଜନଙ୍କ ବାସଭବନକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ଭେଟିବା ସହ ସମବେଦନା ଜଣାଇଥିଲେ। ଗ୍ରାମ ଉପକଣ୍ଠରେ ଥିବା ଶହୀଦ୍ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଜବାନଙ୍କ ଅମ୍ଳାନ ସ୍ମୃତି ଚାରଣ କରାଯାଇଥିଲା। ଏହି ଭାବପୂର୍ଣ୍ଣ ପରିବେଶରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦେ କହିଥିଲେ, ସରକାରୀ ସହାୟତା ବା ସମ୍ମାନ ହୁଏତ ଏକ ପରିବାରର କ୍ଷତି ଭରଣା କରିପାରିବ ନାହିଁ। କିନ୍ତୁ ଚିତ୍ତରଞ୍ଜନଙ୍କ ବଳିଦାନକୁ ଓଡ଼ିଶା ପୋଲିସ କେବେ ବି ଭୁଲିବ ନାହିଁ। ପୁଅକୁ ହରାଇବାର ଦୁଃଖରେ ପିତା ରାଧାମୋହନ ନାୟକଙ୍କ ଆଖିରୁ ଲୁହ ଝରି ପଡୁଥିଲେ ମଧ୍ୟ, ଦେଶ ପାଇଁ ପୁଅ ସହିଦ୍ ହୋଇଥିବାରୁ ସେ ଗର୍ବିତ ବୋଲି ରୁଦ୍ଧ କଣ୍ଠରେ ପ୍ରକାଶ କରିଥିଲେ। ପୁଲିସ ଟିମ୍ ସହିତ ବେଲଗୁଣ୍ଠା ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଓ ଶିବରାମ ଚୌଧୁରୀ ଉପସ୍ଥିତ ଥିଲେ।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବେଲଗୁଣ୍ଠା,୧।୪(ସମିସ): ବେଲଗୁଣ୍ଠା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରି ପ୍ରତିଭା କୁମାରୀ ରଥ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଯାଇଛି। ଶିକ୍ଷକ ସଂଘର ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଆହ୍ୱାନକ୍ରମେ ଆୟୋଜିତ ଉତ୍ସବରେ ବେଲଗୁଣ୍ଠା ବିଇଓ ଲୋପାମୁଦ୍ରା ରଥ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ଲକର ଅନ୍ୟ ଦୁଇଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଛାୟାକାନ୍ତ ମହାପାତ୍ର ପରିଚାଳନା କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସେଠି ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଶିକ୍ଷକ ଶଙ୍କର ନାରାୟଣ ସେଠୀ, ନିକୁଞ୍ଜ ନାୟକ, ରମେଶ ପାଣିଗ୍ରାହୀ ଓ ଭଗବାନ ସାହୁ ଅବସରପ୍ରାପ୍ତ ଏବିଇଓ ଶ୍ରୀମତୀ ରଥଙ୍କ କାର୍ଯ୍ୟଦକ୍ଷତା, ସରଳ ବ୍ୟବହାର ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସିଆରସିସି କାଳୁ ଗୌଡ଼ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶ୍ରେଷ୍ଠ ଏଏସ୍ଆଇ ବିଜୟ ସୁନାଶଗଡ଼

ବ୍ରହ୍ମପୁର,୧।୪(ସମିସ): ବୈଦ୍ୟନାଥପୁର ଥାନାରେ କାର୍ଯ୍ୟରତ ଏଏସଆଇ ବିଜୟ କୁମାର ସୁନାଶଗଡ଼ଙ୍କ ୨୦୨୫ମସିହାରେ ପ୍ରଶଂସନୀୟ ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟ କଟକଠାରେ ଆୟୋଜିତ ୯୧ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଶ୍ରେଷ୍ଠ ଏଏସ୍ଆଇ ଭାବେ ଅର୍ଥ ପୁରସ୍କାର ସହ "ଦାମୋଦର ଛୋଟରାୟ ସ୍ମୃତି ଟ୍ରଫି'ରେ ପୁରସ୍କୃତ ହୋଇଛନ୍ତି। ଡ଼ିଜିପି ଯୋଗେଶ୍ୱର ବାହାଦୂର ଖୁରାନିଆଙ୍କ ଦ୍ୱାରା ଏଏସଆଇ ବିଜୟ କୁମାର ସୁନାଶଗଡ଼ ପୁରସ୍କୃତ ହୋଇଥିବା ଜଣାପଡିଛି।

# ପୁଲିସ ପ୍ରତିଷ୍ଠା ଦିବସରେ ୧୩ ପୁଲିସ ସମ୍ମାନିତ

ବ୍ରହ୍ମପୁର,୧।୪(ସମିସ):

ଆମ୍ବପୁଆସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ୯୧ତମ ପୁଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଆଇଜି ନୀତି ଶେଖର ଯୋଗଦେଇ ପତାକା ଉତ୍ତୋଳନ କରି ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ପୁଲିସ ନିଜର ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ଯତ୍ନବାନ ହୋଇ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି ଦକ୍ଷିଣାଞ୍ଚଳ ପୁଲିସ ରେଞ୍ଜ ଆରକ୍ଷୀ ମହା ନିରୀକ୍ଷକ (ଆଇଜି) କହିଛନ୍ତି। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ହେଉ କି ଅପରାଧୀ ଦମନ, ପ୍ରତ୍ୟେକ କ୍ଷେତ୍ରରେ ପୁଲିସର କାର୍ଯ୍ୟ ପ୍ରଶଂସନୀୟ। ଜନସାଧାରଣ ମଧ୍ୟ ଏଥିରେ ପୁଲିସକୁ ବହୁ ସହଯୋଗ କରୁଛନ୍ତି। ପୁଲିସ ଓ ସାଧାରଣ ଜନତାଙ୍କ ମିଳିତ ଉଦ୍ୟମରେ ଅପରାଧ ମୁକ୍ତ ସମାଜ ଗଠନ କରାଯାଇ ପାରିବ ବୋଲି ଆଇଜି ଶେଖର କହିଛନ୍ତି। ଆଇଜି ଓଡ଼ିଶା ରାଜ୍ୟପାଳ ଓ



ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସେହିପରି ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ଏ ଅବସରରେ ସମାଜରେ ଥିବା ଦୁର୍ବଳ ଶ୍ରେଣୀର ଲୋକ, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ। ଲୋକଙ୍କ ମଧ୍ୟରେ ପୁଲିସର ବିଶ୍ୱାସ ଓ ଭରସା ଜନ୍ମାଇବାକୁ ହେବ ବୋଲି ସେ କହିଥିଲେ। ପୁଲିସ ରିଜର୍ଭ ଇନ୍ସପେକ୍ଟର ଏମ.ଲକ୍ଷ୍ମୀ ରଞ୍ଜନ ପେରେଡ଼ ପରିଚାଳନା କରିଥିଲେ। ଏ ଅବସରରେ ଜିଲ୍ଲାରେ କାର୍ଯ୍ୟରତ ପୁଲିସର ବିଭିନ୍ନ କ୍ଷେତ୍ରରେ ଉଲ୍ଲଖନୀୟ ଅବଦାନ ପାଇଁ ଜଣେ ଦିଗପହଣ୍ଡି ଥାନାରେ କାର୍ଯ୍ୟରତ ଏସଆଇ ରାଜ୍ କିଶୋର ପାତ୍ର, ବୈଦ୍ୟନାଥପୁର ଥାନାର ଏଏସଆଇ ବିଜୟ କୁମାର ସୁନାଶଗଡ଼, ଟ୍ରାଫିକ ଥାନା ହାବିଲଦାର ସୁଶାନ୍ତ କୁମାର ନାହାକ, ୭ଜଣ କନେଷ୍ଟେବଳ ତଥା ଗୋପାଳପୁର ଥାନାର ଏନ ପଦ୍ମିନୀ ପାତ୍ର, ଆରଓର ଲକ୍ଷ୍ମୀ ନାୟକ ଶୁଭକାନ୍ତ ଚୌଧୁରୀ, ଟ୍ରାଫିକର ରାକେଶ ଏକା, ନିମଖଣ୍ଡିର ପ୍ରଶାନ୍ତ କୁମାର ମହାନ୍ତି, ଗୋଲନ୍ଥରାର ଡ଼ି ଜାନକୀ ରେଡ଼ି, ମେଡ଼ିକାଲ ଆଉଟ ପୋଷ୍ଟର ପିଙ୍କୁ ସାହୁ, ଟୁଙ୍ଗୁରୁ ମାଳ ବିଷୋୟୀ, ଦୁଇଜଣ ଡ୍ରାଇଭର ତପନ କୁମାର ରଣାସିଂ ଓ ତପନ କୁମାର ପାଇକରାୟ ଆଦି ୧୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସପି ଆଲୋକ ଜେନା, କୈଳାଶ ଚନ୍ଦ୍ର ବୁରୁଦା, ଦିଲୀପ ସାହୁଙ୍କ ସମେତ ସମସ୍ତ ଏସଡ଼ିପିଓ, ଡ଼ିଏସପି ଓ ଥାନାଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।



# ସହର ସାରା 'ବନ୍ଦେ ଉତ୍କଳ ଜନନୀ'

ଭୁବନେଶ୍ୱର, ୧।୪(ସମିସ): ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ଗଠନ ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମେତ ଜୟ ଉତ୍କଳ ଧ୍ୱନୀରେ ରାଜଧାନୀ ସହର ପ୍ରକମ୍ପିତ ହେଉଛି।



ନୂଆଦିଲ୍ଲୀ ଓଡ଼ିଶା ଦିବସ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସମ୍ବର୍ଦ୍ଧନା

### କିଟ୍ ଓ କିସ୍




ଓଡ଼ିଶା ଦିବସ ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛି। ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି, ପ୍ରଫେସର କେ. ଡି ରାଜୁ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କିଟ୍ ଓ କିସ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଓରମାସ୍



ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ) ପରିସରରେ ଚଳିତ ବର୍ଷ ଓଡ଼ିଶା ଦିବସ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଡିଡିୟୁ-ଜିକେୱାଇ ପ୍ରଶିକ୍ଷୁ ଯୁବକ-ଯୁବତୀ ଏବଂ କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷୁମାନେ ଓଡ଼ିଶାର ସମୃଦ୍ଧ କଳା ଓ ପରମ୍ପରାକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। ପାରମ୍ପରିକ ନୃତ୍ୟ, ସଙ୍ଗୀତ ଏବଂ ରଙ୍ଗୋଲି ମାଧ୍ୟମରେ ଓଡ଼ିଶାର ଐତିହ୍ୟ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ, ଅତିରିକ୍ତ ସିଇଓ (ପ୍ରଶାସନ) ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷୁମାନଙ୍କ ସୃଜନଶୀଳତା ଓ ଉତ୍ସାହକୁ ପ୍ରଶଂସା କରିଥିଲେ।

### ବିଶ୍ୱ ଓଡ଼ିଆ ପରିବାର



ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ବୁଧବାର ସିଆରପିଏଫ୍‌ସ୍ଥିତ କାର୍ଯ୍ୟାଳୟଠାରେ 'ଓଡ଼ିଆ ଦିବସ' ପାଳନ ଅବସରରେ ଓଡ଼ିଆ ଭାବ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହୃଦ୍‌ରୋଗ ବିଶେଷଜ୍ଞ ଡ. ଭାଗିରଥି ପାଢ଼ୀ, ସମାଜସେବୀ ସୁଜାତା ସିଂହ, ଜ୍ୟୋତିର୍ବିଦ୍ ଡ. ସୁମିତ ସାହୁ, ସାହିତ୍ୟକ ମନୋରଞ୍ଜନ ଷଡ଼ଙ୍ଗୀ, ପରିବେଶ ବିଜ୍ଞାନୀ ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ଭୂବିଜ୍ଞାନୀ କାରକ ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ।

### ଉତ୍କଳ ସେବା ଅନୁଷ୍ଠାନ




ଯାଁଳା, ୧।୪(ସମିସ):ଉତ୍କଳ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ଉତ୍କଳ ଦିବସ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ସଭାପତି ମୁରଲୀଧର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଦେବରାଜ ପ୍ରଧାନ, ମୁଖ୍ୟବକ୍ତା ଦୀପକ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ରତ୍ନାକର ରାଉତରାୟ ଯୋଗ ଦେଇଥିଲା। ଏତଦ ବ୍ୟତୀତ ବରିଷ୍ଠ ସଦସ୍ୟ ନଳୀନ ପଟନାୟକ, ବାଉରୀବନ୍ଧୁ ପଟନାୟକ, ଆଇନଜୀବୀ ସୁଶୀଲ ଛୁଆଳସିଂ, ସୁରେଶ ରଥ, ପ୍ରତିମା ପାଣିଗ୍ରାହୀ, ମିନାକ୍ଷୀ ଦାସ, ରମାକାନ୍ତ ଦାସ, ଅଶୋକ ମଙ୍ଗରାଜ, ବିକ୍ରମ ମଙ୍ଗରାଜ, ନୀଳମଣି ପ୍ରହରାଜ, ପୁଷ୍ପାରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସର ମହତ୍ତ୍ୱ ଓ ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ଗୋସେବକ ଚିତ୍ତରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଉଷା ଉନ୍ମୋଚିତ ହୋଇଥିଲା। ପତ୍ରିକାର ମୁଖ୍ୟ ସମ୍ପାଦକ ସହ ପ୍ରାଧ୍ୟାପକ ଅମ୍ବରୀଶ ମଙ୍ଗରାଜ ପତ୍ରିକାର ଗୁଣାତ୍ମକ ଦିଗ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବକ୍ତୃତା, କବିତା ପାଠ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଅନୁଷ୍ଠାନର ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ର

ନନ୍ଦନକାନନ, ୧।୪(ସମିସ): ବୁଧବାର ଦିନ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର ପଟିଆର ଦ୍ୱିତୀୟ କ୍ୟାମ୍ପସ ଓସ୍ତପଡ଼ାଠାରେ ୯୦ତମ ପବିତ୍ର ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଶିଶୁ ମାନଙ୍କ ଦ୍ୱାରା ଏକ ବିଶାଳ ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ପରେପରେ ବିଦ୍ୟାଳୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ କରାଯାଇ ଉତ୍କଳମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପାଣି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେପରେ ଶିଶୁ ମାନଙ୍କ ଦ୍ୱାରା ନୃତ୍ୟଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଲୋକଭବନ

ମୂଲ୍ୟବୋଧ ଆଧାରିତ 'ବିକଶିତ ଓଡ଼ିଶା' ଗଠନ ପାଇଁ ସାମୂହିକ ପ୍ରୟାସ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ଦିନ ଲୋକଭବନର ନୂତନ ଅଭିଷେକ ହଲ୍ ଠାରେ ଆୟୋଜିତ ଓଡ଼ିଶା ଦିବସ ପାଳନ ସମାରୋହରେ ଯୋଗଦେଇ ରାଜ୍ୟପାଳ ଉଦବୋଧନ ଦେଇ କହିଛନ୍ତି ଯେ, ପ୍ରକୃତ



ବିକାଶ ଭୌତିକ ଭିତ୍ତିଭୂମି ଏବଂ ଆର୍ଥିକ ଅଭିବୃଦ୍ଧିଠାରୁ ଅଧିକ ଏବଂ ସମାଜରେ ସାଧୁତା, କରୁଣା, ଶୃଙ୍ଖଳା ଏବଂ ଦାୟିତ୍ୱବୋଧରେ ପ୍ରତିଫଳିତ ହେବା ଉଚିତ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣ ଚନ୍ଦ୍ର ଗଜପତି ପ୍ରମୁଖଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଯେଉଁ ମାନେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଡ .ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ତ ସେଣ୍ଟର ଫର୍ ଏକ୍ସେଲେନ୍ସ ଫର୍ ଷ୍ଟଡିଜ୍ ଇନ୍ କ୍ଲାସିକାଲ ଓଡ଼ିଆର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର୍ ବସନ୍ତ କୁମାର ପଣ୍ଡା, ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ରାଜ୍ୟ ୟୁନିଟ୍ ନିର୍ଦ୍ଦେଶକ ଡ. ଡକ୍ଟର ଅସିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ପିଆରଓ ଐଶ୍ୱର୍ଯ୍ୟା ସାମନ୍ତ ସ୍ୱାଗତ ଭାଷଣ ଦେଥିବା ବେଳେ ଓଡ଼ିଶାର ସମୃଦ୍ଧ କଳାତ୍ମକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ



ହାଇଟେକ୍ ମେଡିକାଲ୍ କଲେଜ ପରିସରରେ ଥିବା ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟରେ ଉତ୍କଳ ଦିବସ ମହାସମାରୋହରେ ପାଳନ କରାଯାଇଛି। ବିଦ୍ୟାର୍ଥୀମାନେ ବିଦ୍ୟା ଅର୍ଜନ କରିବା ସହ ଓଡ଼ିଶାର ଗାରିମାମୟ ଅଧ୍ୟାୟ ଏବଂ ପରମ୍ପରା ସମ୍ପର୍କରେ ଜାଣିବା ଦରକାର। ଜାତୀୟତାବୋଧ ଦିବସ ଗୁଡ଼ିକରେ ମହାବିଦ୍ୟାଳୟ ଛୁଟି ରହିଲେ, ଛାତ୍ରଛାତ୍ରୀ ମାନେ ଏହି ଦିବସର ଗାରିମା ସମ୍ପର୍କରେ ଜାଣିବାରୁ ବଞ୍ଚିତ ହୁଅନ୍ତି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ସାହୁ କହିଛନ୍ତି। ବିଦ୍ୟାର୍ଥୀମାନେ ଦେଶ, ଜାତି ଓ ରାଷ୍ଟ୍ର ସମ୍ପର୍କରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ଆବଶ୍ୟକ ବୋଲି ମହାବିଦ୍ୟାଳୟର ଓଡିଆ ଭାଷା, ସାହିତ୍ୟ ବିଭାଗର ଅଧ୍ୟାପକ ତଥା ଆନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟ ଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀ କହିଥିଲେ। ଉତ୍ସବରେ ପଦାର୍ଥ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଡକ୍ଟର ମୁରଲୀଧର ସ୍ୱାଇଁ, ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଶରତ କୁମାର ନାୟକ, ରସାୟନ ବିଭାଗର ମୁଖ୍ୟ ଡକ୍ଟର ଧର୍ମେନ୍ଦ୍ର କୁମାର ଜେନା, ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଭାତ କୁମାର ସାହୁ ଏବଂ ଇଁରାଜୀ ବିଭାଗର ଅଧ୍ୟାପକ ପ୍ରିୟବ୍ରତ ସେଠୀ ବିଦ୍ୟାର୍ଥୀ ମାନଙ୍କୁ ଓଡ଼ିଶାର ଅସ୍ମିତା ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ରାଜ୍ୟଗାନ ବନ୍ଦେ ଉତ୍କଳ ଜନନା ଗାନ କରାଯିବା ସହ ଗଣିତ ବିଭାଗର ଅଧ୍ୟାପକ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ଆଲୋକ କୁମାର ସାହୁ ଏବଂ ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଶୁଭଦର୍ଶିନୀ ସାହୁଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ



ଓଡ଼ିଶା ପ୍ରଦେଶ ଗଠନର ୯୦ ତମ ଦିବସ ବୁଧବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପାଠାଗାର ପରିସରରେ ଆୟୋଜିତ ହୋଇଯାଇଛି। ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସଙ୍କଳିତ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ସମେତ ଓଡ଼ିଶା ଓ ଓଡ଼ିଆ ଭାଷା ସମ୍ବନ୍ଧରେ ପ୍ରକାଶିତ ବହୁ ଦୁର୍ମୂଲ୍ୟ ଗ୍ରନ୍ଥକୁ ଏକତ୍ର ପାଠାଗାରରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶନ କରାଯାଇଥିଲା। ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏହାକୁ ଉଦଘାଟନ କରିଥିଲେ। ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର ଏହାକୁ ପରିଚାଳନା କରିଥିବା ବେଳେ ପାଠାଗାର ଦାୟିତ୍ୱ ନିର୍ବାହୀ ପୁଷ୍ପଲତା ନେଗି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମାଧରେ ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି ପ୍ରଫେସର ରଶ୍ମିରେଖା ସେଠୀ, ଡ. କଳିଙ୍ଗ କେତକୀ, ଡ. ସର୍ବେଶ ମୌର୍ଯ୍ୟ, ଡ. ରାହୁଲ ସାହାନା, ଡ. ରାଜ କୁମାର, ଅଶୋକ କୁମାର ବଳିଆରସିଂ, କୁମାର ତ୍ରିପାଠୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଉତ୍କଳ ଦିବସରେ 'ଜୟଦେବ ଗଣଦୌଡ଼'

ବାଲିପାଟଣା, ୧।୪ସମିସ): ଉତ୍କଳ ଦିବସ ଅବସରରେ ଜୟଦେବ ଅଞ୍ଚଳରେ ଏକ ଭବ୍ୟ'ଜୟଦେବ ଗଣଦୌଡ଼' ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦ ଚାରିଟେବୁଲ ଟ୍ରଷ୍ଟ ପ୍ରାୟୋଜିତ ଓ ନିର୍ଭିକ ଖବରର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଐତିହାସିକ ବୃଦ୍ଧନାଥ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ଼ ପ୍ରସିଦ୍ଧ ଶିଶୁ ଅନନ୍ତ ପୀଠ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଯାଇ ଶେଷ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅରବିନ୍ଦ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ଃ ଅରବିନ୍ଦ ଢ଼ାଲି, ତନୟା ଦାସ ଗୌସ୍ୱାମୀ, ରଞ୍ଜନ ମହାପାତ୍ର, ବିଦ୍ୟାଭୂଷଣ ଭୋଳ, ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ବାଳକ ବିଭାଗରେ ସୁବମ୍ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ହରେକୃଷ୍ଣ ଭୋଇ ଦ୍ୱିତୀୟ ଓ ଆକାଶ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ରଶ୍ମିତା ଭୋଇ ପ୍ରଥମ, ଝରଣାରାଣୀ ନାୟକ ଦ୍ୱିତୀୟ ଓ ଲକ୍ଷ୍ମୀପ୍ରିୟା ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୫ ହଜାର, ୩ ହଜାର, ୨ ହଜାର ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଗଣୌଡ଼ରେ ପ୍ରାୟ ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ନିର୍ଭିକ ଖବରର ସହ ସମ୍ପାଦକ ପ୍ରଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୁରେଶ ବେହେରା, ପ୍ରାର୍ଥ ରବିନାରାୟଣ ମିଶ୍ର, ଗୁରୁ ପ୍ରସାଦ ଦାଶ, ଦୀପକ ସ୍ୱାଇଁ, ବିଷ୍ଣୁପ୍ରସାଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉତ୍କଳ ଦିବସରେ ବିଜେଡି ପକ୍ଷରୁ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୧।୪(ସମିସ): ଉତ୍କଳ ଦିବସ ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ, ବ୍ୟାସ କବି ଫକୀର ମୋହନ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ପ୍ରକୃତି କବି ଗଙ୍ଗାଧର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ମହାରାଜା ସୁଢୋଳ ଦେବ ପ୍ରଭୃତିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଭରତ ଚନ୍ଦ୍ର ଦାସ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଶିକ୍ଷାବିତ୍ ନଗେନ୍ଦ୍ରନାଥ ମିଶ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା, ସରୋଜିନୀ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁଜାତା ମୁଦୁଲି, ଅଧବକ୍ତା ଦେବେନ୍ଦ୍ର ପ୍ରସାଦ ଦାସ, ବିଜୟ କୁମାର ସାହୁ, କବି ନାରାୟଣ ମୁଦୁଲି, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

**ମୁଣ୍ଡମୁହାଣ ରାମଲୀଳାରେ 'ସୀତାଚୋରି'**

## ରାବଣର ମାୟାରେ ବି ପଡ଼ି ଯାଇଥିଲେ ମହାପ୍ରଭୁ



ଯାଁଳା, ୧।୪(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିଚରିତ ରାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ କ୍ରମାଗତ ଭାବେ ପ୍ରଦର୍ଶିତ ହେଉଛି। ରାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନେ ରାମଲୀଳା ପରିବେଷଣ କରୁଛନ୍ତି। ନାଟକ ୬ଷ୍ଠ ସନ୍ଧ୍ୟାରେ ରାମନାଟକ ସୀତାଚୋରି ପରିବେଷିତ ହୋଇଯାଇଛି। ମହାପ୍ରତାପୀ, ମହାଜ୍ଞାନୀ ରାବଣ ମନେ ମନେ ସ୍ଥିର କରନ୍ତି ଯେ ସେ ବହୁତ ପାପ କରିଛନ୍ତି କ'ଣ କଲେ ମୋ କ୍ଷପ୍ରାପ୍ତ ହେବ। ସେଥିପାଇଁ ସେ ଏମିତି କିଛି କରିବେ ଯାହା ଦ୍ୱାରାକି ପ୍ରଭୁ ଶ୍ରୀରାମଙ୍କ ହସ୍ତରେ ମୋକ୍ଷ ପ୍ରାପ୍ତ ହେବେ। ଏପରି ଭାବି ସେ ସୀତାଙ୍କୁ ହରଣ କଥା ଚିନ୍ତା କଲେ। ମାୟାଜାଲ ବିଛାଇଲେ। ପ୍ରଥମେ ମାୟାମୃଗ ଦ୍ୱାରା ମାତା ସୀତାଙ୍କୁ ଭ୍ରମିତ କରନ୍ତି। ସୀତା ମାୟା ମୃଗକୁ ଦେଖି ଖୁସି ହୁଅନ୍ତି। ତାକୁ ଧରି ଆଣିବାକୁ ପ୍ରଭୁ ରାମଙ୍କୁ କୁହନ୍ତି। ପ୍ରଭୁ ମାୟା ମୃଗକୁ ଧରିବା ପାଇଁ ତା ପଛରେ ଅନୁଶରଣ କରନ୍ତି। ଏପଟେ ରାବଣ ଏକ ଯୋଗୀ ବେଶ ହୋଇ ମାତା ସୀତାଙ୍କୁ ହରଣ କରି ନିଅନ୍ତି। ବିଭିନ୍ନ ଭୂମିକାରେ ବିଜୟ ବାରିକ (ରାମ), ପ୍ରସନ୍ନ ପରିଡ଼ା (ସୀତା), ଶିବ ମଙ୍ଗରାଜ (ଲକ୍ଷ୍ମଣ), ରବୀନ୍ଦ୍ର ବାରିକ (ରାବଣ), ପ୍ରମୋଦ ମହାପାତ୍ର (ସୁପର୍ଣ୍ଣଖା), ରବୀନ୍ଦ୍ର ପ୍ରଧାନ (ଜଟାୟୁ), ସଞ୍ଜୟ ପରିଡ଼ା (ମନ୍ଦୋଦରୀ) କଳାକାରଙ୍କ ଅଭିନୟ ଏବଂ ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

## ଉତ୍କଳ ଦିବସରେ ନବକୃଷ୍ଣ ଚୌଧୁରୀ ଓ ମଧୁସୂଦନଙ୍କ ପାଦତଳେ 'ଜ୍ଞାନଦୀପ' ପ୍ରଦାନ

ଭୁବନେଶ୍ୱର, ୧।୪(ସମିସ): ଉତ୍କଳ ଦିବସ ଅବସରରେ ଭାଷା ଆନ୍ଦୋଳନ ତରଫରୁ ଭାଷା ଆଇନ ପ୍ରଣେତା ନବକୃଷ୍ଣ ଚୌଧୁରୀ ଏବଂ ଓଡ଼ିଶା ନିର୍ମାତା ଉତ୍କଳ ଗୌରବ ମଧୂସୁଧନଙ୍କ ପ୍ରତିମୂର୍ତ୍ତି ପାଖରେ 'ଜ୍ଞାନଦ୍ୱୀପ' ପ୍ରଜ୍ୱଳନ କରାଯାଇଛି। ସରକାରଙ୍କ ଜ୍ଞାନ ଉଦୟ ହେଉ ଭାଷା ଆଇନ ଏବଂ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ଇତ୍ୟାଦିରେ ଯେଉଁ ତ୍ରୁଟି କରିଛନ୍ତି ସେଗୁଡିକୁ ତୁରନ୍ତ ସଠିକ କରନ୍ତୁ ବୋଲି ଭାଷା ଆନ୍ଦୋଳନ ତରଫରୁ ସୂଚିତ ବା ଚେତାବନୀ ଦିଆଯାଇଛି। ନଚେତ ଆଗାମୀ ଦିନରେ ପୁନର୍ବାର ୨୦୧୬ ମସିହାରେ ଚାଲିଥିବା କଳାପତାକା ଅଭିଯାନ ଆସନ୍ତା ଓଡ଼ିଆ ନୂଆବର୍ଷ ପଣା ସଂକ୍ରାନ୍ତି ଠାରୁ କଳାପତାକା ଅଭିଯାନ ଚାଲିବ ବୋଲି ଭାଷା ଆନ୍ଦୋଳନ ତରଫରୁ ସ୍ପଷ୍ଟ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଭାଷା ଆନ୍ଦୋଳନର ସଭାପତି ଜାନକୀଶ ବଡ଼ପଣ୍ଡା, ଆବାହକ ପବିତ୍ର ମହାରଥା, ଡମ୍ବରୁଧର ହରଣସିଂହ, ଦାଶରଥି ଗୁମାନସିଂହ, ନବକିଶୋର ପ୍ରଧାନ, ହିମାଂଶୁ ପଣ୍ଡା, ଶୃତକୀର୍ତ୍ତି ତ୍ରିପାଠୀ, କମାଣ୍ଡର ନନ୍ଦକିଶୋର ସାମଲ, ନୀଳମଣିମିଶ୍ର, ଉପେନ୍ଦ୍ରସାମନ୍ତସିଂହାରଏବଂପ୍ରହଲ୍ଲାଦସିଂହପ୍ରମୁଖଯୋଗଦେଇଥିଲେ।

## ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର, ୧।୪(ସମିସ): ଉତ୍କଳ ଦିବସ ଅବସରରେ ସୁସ୍ଥ ଓଡ଼ଶା ଗଠନ କରିବା ଲକ୍ଷରେ ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ରେଡକ୍ରସ ଭବନ ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସାମାଜିକ ଦାୟିତ୍ୱ ପାଳନ ପାଇଁ ପ୍ରତିବଦ୍ଧ ଥିବା ଏହି ଅନୁଷ୍ଠାନ ନିଜର ସାମାଜିକ ଦାୟିତ୍ୱ ତୁଲାଇବାକୁ ଯାଇ ଉତ୍କଳ ଦିବସ ଅବସରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲା। ଏହି ଅବସରରେ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଡ଼. ଦେବାଶିଷ ସାହୁ, ଯୁବ ଶକ୍ତି ଟ୍ରଷ୍ଟର ଟ୍ରଷ୍ଟି ଆଶିଷ୍ କୁମାର ରାଉତ, ଟ୍ରଷ୍ଟର ସଭାପତି ଅମିତ୍ ମଲ୍ଲିକ ଉପସ୍ଥିତ ରହିଥିଲେ। ତତ୍‌ସହିତ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଅଭିନେତା ବାବୁଶାନ୍ ମହାନ୍ତି, ଡ. ଅମୃତ ପାଟ୍ଟଯୋଷୀ, ଯୁବ କ୍ରୀଡ଼ାବିତ ଦୂତି ଚାନ୍ଦ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡ଼ି ସଭାପତି ଇପ୍ସିତା ସାହୁ, ଯୁବ ନେତ୍ରୀ ଚିନ୍ମୟୀ ଜେନା, ଯୁବ ନେତ୍ରୀ ସ୍ୱାଗତିକା ମହାନ୍ତି, ମହିଳା ନେତ୍ରୀ ଲୋରା ମହାପତ୍ର, ପ୍ରମୁଖ ଏହି ରକ୍ତଦାନ ଶିବିରରେ ସାମିଲ ହୋଇ ରକ୍ତଦାନ ଏକ ଶ୍ରେଷ୍ଠ ମହାନ ଦାନର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

## ସରିଲା ବ୍ରହ୍ମକୁଣ୍ଡଳ ଭଗବତ ବାସୁଦେବ ମେଳନ



ଯାଁଳା, ୧।୪(ସମିସ): ରାଜଧାନୀ ଉପକଣ୍ଠ ପଞ୍ଚୁପଲ୍ଲୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳରେ ଦୁଇଦିନ ବ୍ୟାପି ଚାଲି ଆସୁଥିବା ଭଗବତ ବାସୁଦେବ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଖ ପାଖ ଗାଁର ବିମାନ ବାବା ନୀଳକଣ୍ଠଶ୍ୱର ଦେବ, ଝିଁ ଖରଡ଼ା ଶତ୍ରୁ ଶୁଆଁ, ତୃତୀୟାପଡ଼ା, ସାନନୂଆଗାଁ, ବେରୁହାଁ, ବାଇରଙ୍ଗ, କନ୍ତିଆ, ମାଳିସାହି, ପଞ୍ଚୁପଲ୍ଲୀ ଓ ପ୍ରଧାନ ସାହି ଆଦି ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ଠାକୁର ବୁଧବାର ପରସ୍ପର ରଙ୍ଗ ଅବିର ଖେଳି ନିଜ ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜମାଣ ଦିନ ରାତିରେ ଥାନପତି ଭଗବତ ବାସୁଦେବଙ୍କୁ ସୁସଜ୍ଜିତ ବିମାନରେ ଅଣାଯାଇଥିଲା। ପାରମ୍ପରିକ ନୀତିରେ ଘଣ୍ଟ ଘଣ୍ଟା, ବାଣ, ରୋଷଣୀ, ହରିବୋଲ, ହୁଳହୁଳି, ଧ୍ୱନିରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଖୁଣ୍ଟି ଲାଗିବା ପରେ ଥାନପତି ସମେତ ଅନ୍ୟ ନିମନ୍ତ୍ରିତ ଠାକୁରଙ୍କୁ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ଆଟିକା ଭୋଗ ସମର୍ପଣ ପୂର୍ବକ ପୂଜା ଅର୍ଚ୍ଚନା କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଆଖପାଖ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ଏତତ୍ ବ୍ୟତୀତ ବାସୁଦେବ ୟୁଥ କ୍ଲବ ସଦସ୍ୟମାନଙ୍କ ସହଯୋଗରେ ଯାତ୍ରା ମହାରଥି କଳିଙ୍ଗ ଗଣନାଟ୍ୟ ଦ୍ୱାରା ଅପେରା ପରିବେଷିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ










ଆଠଗଡ଼,୧୪(ସମିସ): ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଠଗଡ଼ ଉପଖଣ୍ଡ ସଦର ମହକୁମାରେ ପବିତ୍ର ଓଡିଶା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାହିତ୍ୟିକ ତଥା ଗବେଷକ ଡଃ ନାରାୟଣ ପଣ୍ଡା, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ବିଡିଓ ଆକାଶ ପଣ୍ଡା, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ବକ୍ତବ୍ୟ ରଖିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତୀ ପାଢୀ ସମସ୍ତ କାର୍ଯ୍ୟ ସଂଯୋଜନା କରିଥିଲେ।

**ଟିଗିରିଆ:** ଟିଗିରିଆ ଯୁବ କଳା ବିକାଶ ପରିଷଦ ପକ୍ଷରୁ ଏକ ଗଣଦୌଡ ପ୍ରତିଯୋଗିତାରେ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବୁନୁ ବେହେରା ପ୍ରଥମ, ଶୁଭେନ୍ଦୁ ମହାନ୍ତି ଓ ଶ୍ରୀପତି ବେହେରା ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରକରିଥିଲେ।ଅନୁଷ୍ଠାନରସଭାପତିଜୟନ୍ତସିଂ, ସଂପାଦକ ବ୍ରଜସୁନ୍ଦର ଦାସ, ସହ ସଂପାଦକ ଦିପ୍ତିରଞ୍ଜନ ଦାସ, ଅକ୍ଷୟ କୁଅଁର, ଶୀଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ ସହଯୋଗ କରିଥିଲେ।

**ନରସିଂହପୁର:** ପାଏକପଡାପାଟଣାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧକ୍ଷା ଏ. ଅନୁରାଧା ରାଓଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ ବେହେରା, ମଳୟ ରଞ୍ଜନ ସାହୁ, ବିଶ୍ୱଜିତ ସାହୁ, ଭବାନୀ ଶଙ୍କର ସାହୁ, ବିପିନ ରାଉତ, ପ୍ରିୟମ୍ବଦା ନାୟକ, ରାଧିକା ରାଉତ, ଧରିତ୍ରୀରାଣୀ ମାଝୀ ଯୋଗ ଦେଇଥିଲେ। ସେହିପରି ନରସିଂହପୁର ବ୍ଲକ କାର୍ଯ୍ୟାଳୟରେ ବିଡିଓ ପ୍ରଳୟାନନ୍ଦ ଶତପଥୀଙ୍କ ପୌରୋହିତ୍ୟରେ ଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ବ୍ଲକ ଉପାଧକ୍ଷ ନାରାୟଣ ନାୟକ, ଏବିଡିଓ ଉଷାରାଣୀ ଜେନା, ସମିତିସଭ୍ୟ ମନୋଜ ପଣ୍ଡା, ଶକ୍ତି ମିଶ୍ର, ମହେଶ୍ୱର ସେଠୀ, ପ୍ରଭାକର ମିଶ୍ର, ପ୍ରଦୀପ ପଟ୍ଟନାୟକ ମୂଲ୍ୟଭିତ୍ତିକ ବାର୍ତ୍ତା ପ୍ରଦାନ କରିଥିଲେ।

**ବଡମ୍ବା:** ବଡମ୍ବା ପଞ୍ଚାୟତସମିତି ପରିସରରେ ଆୟୋଜିତ ଉତ୍କଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡମ୍ବା ବିଧାୟକ ବିଜୟ ଦଳବେହେରା, ସମ୍ମାନିତ ଅତିଥିରୂପେ ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ୩୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବିଡିଓ ଚିତ୍ତରଞ୍ଜନ ଦାସ, ମହେନ୍ଦ୍ର ପଡିଆରି, ପଞ୍ଚାୟତ ସମିତିର ସମସ୍ତ କର୍ମକର୍ତ୍ତା ଓ ବଡ଼ମ୍ବାର ସମସ୍ତ ନିର୍ବାଚିତ ଜନପତିନିଧି ବକ୍ତବ୍ୟ ରଖିଥିଲେ।

**ଚୌଦ୍ୱାର:** ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀଛକସ୍ଥିତ ମହିଳା ମହାବିଦ୍ୟାଳୟରେ ମଧୁବାବୁ, ଓଟିଏମ୍ ପରିବା ମାର୍କେଟସ୍ଥିତ ଗୋପବନ୍ଧୁ, ବିଜୁବାବୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବା ସହ ଉତ୍କଳ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା। ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଶିକ୍ଷାବିତ ଭାଗିରଥୀ ମିଶ୍ର, ଭାଗବତ ରାଉତ, କାଉନସିଲର ଅଜୟ ବେହେରା, ଅର୍ଜୁନୀ ବେହେରା, ସାମ୍ବାଦିକ ଗଙ୍ଗାଧର ସାହୁ, ଅକ୍ଷୟ ଭୂୟାଁ, ଦେବେନ୍ଦ୍ର ପୃଷ୍ଟିଙ୍କ ସମେତ ଅଞ୍ଚଳର ବହୁ ନାଗରିକ ଯୋଗଦେଇ ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂପାଦକ ଦିବ୍ୟଜ୍ୟୋତି ପାଣି, ସଂଗଠନ ସଂପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଯୁଗ୍ମ ସଂପାଦିକା ସରିତା ଦାସ, ସହସଂପାଦକ ଭାସ୍କର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌଦ୍ୱାର ମହାବିଦ୍ୟାଳୟରେ ଅଧକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗଳ୍ପ, ପ୍ରବନ୍ଧ, କବିତା, ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆୟୋଜିତ କବିତା ପାଠୋତ୍ସବରେ ଅଞ୍ଚଳର ବହୁ କବି ଓ କବୟିତ୍ରୀ ଯୋଗ ଦେଇଥିଲେ। ସ୍ଥାନୀୟ ଶିଶୁ ସଦନରେ ଅନୁଷ୍ଠାନର ମୁଖ୍ୟ ଦାମୋଦର ସାହୁଙ୍କ ପରିଚାଳନାରେ ଆୟୋଜିତ ଉତ୍କଳ ଦିବସ ଉତ୍ସବ କାର୍ଯ୍ୟକ୍ରମରେ ସଦନର ପିଲାମାନେ ଓ କର୍ମକର୍ତ୍ତା ଆଲୋଚନା କରିଥିଲେ। କପାଳେଶ୍ୱର ନୂଆସାହିସ୍ଥିତ ବରିଷ୍ଠ ନାଗରିକ ସଂଘର ସଭାପତି ଆଦିକନ୍ଦ ବିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦ ନାୟକ, ଅଶୋକ ନାୟକ, ରଘୁନାଥ ସ୍ୱାଇଁ, ଶିବ ପ୍ରସାଦ ପତିଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉତ୍କଳର ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ମୁଖ୍ୟ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।







**ମାହାଙ୍ଗା:** ସାରସ୍ୱତ ସେବାମଞ୍ଚ ମାହାଙ୍ଗା ଆନୁକୂଲ୍ୟରେ ବରାହୀପୁର ବିକାଶ ଭବନରେ ଡ. ଭାବଗ୍ରାହୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବିପିନ ବିହାରୀ କର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଖିଳେଶ ପଦ ମହାନ୍ତି, ସମ୍ମାନିତ ଅତିଥି ଭାବେ କବି କୁଳମଣି ସାହୁ, ପ୍ରଶାନ୍ତ କର, ପ୍ରାଧ୍ୟାପକ ଜନାର୍ଦ୍ଦନ ରାଉତ, ଅଧ୍ୟାପକ ନଳିନୀକାନ୍ତ ସାହୁ, ସମାଜସେବୀ ହିମାଂଶୁ ଶେଖର ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ରାଜକିଶୋର ମୁଣ୍ଡି, ଅଧ୍ୟାପକ ବାଇଧର ସାହୁ, ଶିକ୍ଷକ ଅକ୍ଷୟ ସାହୁ, ସମାଜସେବୀ ଧୃବାନନ୍ଦ ଶରଣ, ସାମ୍ବାଦିକବିଜୟଜେନାଓଯୁବସଂଗଠକଅବଦୁଲହମିଦଉପସ୍ଥିତ ଥିଲେ। ଆଇନଜୀବୀ ବିକାଶ ରଞ୍ଜନ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମ୍ବାଦିକ ଧନେଶ୍ୱର ସେଠୀ ଧନ୍ୟବାଦ ଦେଇଥିଲେ। ରଶ୍ମିତା ସାମଲ, ସାଇରଞ୍ଜନ ପ୍ରଧାନ, କୈବଲ୍ୟ ପ୍ରସାଦ ମହାନ୍ତି ଓ ସୁରେନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।

## ମାହାଙ୍ଗା ବିକାଶ ପରିଷଦ




**ନିଶ୍ଚିନ୍ତକୋଇଲି:** ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ନିକଟରେ ଥିବା କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରମୋଦ ଉଦ୍ୟାନରେ ପରିଷଦର ସଂଯୋଜକ ଅଧ୍ୟାପକ ଡ. ଅଶୋକ ରାଉତଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାବିତ୍ ଓ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଧାୟକଙ୍କ ଦ୍ୱାରା ଜନ୍ମପୀଠ ଦୀକ୍ଷିତପଡାରେ ଥିବା ଏବଂ ପାର୍କସ୍ଥିତ କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ପୂର୍ବତନ ସମିତିସଭ୍ୟ ବିଜୟ ବଳ ଧନ୍ୟବାଦ ଦେଇଥିଲେ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ

ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବରପୁତ୍ର ଉତ୍କଳ ଗୋ÷ରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, ପଦାଧିକାରୀ ପ୍ରଦୀପ ପ୍ରଜ୍ୱଳନ ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସୀରେ ଏହି ଜାତୀୟ ପର୍ବର ଅଭିନନ୍ଦନ ଜଣାଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ ଯୋଗ ଦେଇଥିଲେ। ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ଡେପୁଟି ରେଜିଷ୍ଟ୍ରାର ଶିଶିର ସାହୁ, ଉପଦେଷ୍ଟା ସୁଶାନ୍ତ ଦାସ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ରସଂପର୍କ) ଲୋକନାଥ ବେହେରା, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡା. ଦୁର୍ଗାପ୍ରସାଦ ମିଶ୍ର, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ବିଶ୍ୱରଂଜନ ମହାନ୍ତି, ଡ. ଯାମିନୀ ରଞ୍ଜନ ମହାନ୍ତି, ଡ. ଦୀପକ ରଞ୍ଜନ ବିଶ୍ୱାଳ, ଡିନ୍ ବିକାଶ ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ପ୍ରାଧ୍ୟାପକ ଦିଲ୍ଲୀପ ମଲ୍ଲିକ, ଡ. ଅଜିତ ମହାପାତ୍ର, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ଅଜିତ୍ ମିଶ୍ର, ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ କର୍ମଚାରୀ ଯୋଗ ଦେଇଥିଲେ। ଲୋକସଂପର୍କ ଅଧିକାରୀ ନିରାକାର ସାହୁ ସଂଯୋଜନା କରିଥିଲେ।



## ମଧୁବାବୁଙ୍କୁ ଭାରତରତ୍ନ ଦାବିରେ ଶୋଭାଯାତ୍ରା



କଟକ,୧୪(ସମିସ): ମଧୁପ୍ରେମୀଙ୍କ ଦ୍ୱାରା ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀରେ ଉତ୍କଳ ଦିବସ ପାଳିତ ହେବା ସହ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଦାବି ନେଇ ଟାଙ୍ଗୀଠାରୁ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ପର୍ଯ୍ୟନ୍ତ ବିଶାଳ ବାଇକ୍ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଧୁପ୍ରେମୀର ଆବାହକ ତଥା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରାଙ୍କ ସଂଯୋଜନାରେ ଟାଙ୍ଗୀ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ନାଗରିକ ବିଷ୍ଣୁ ଚରଣ ଦାସଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୁଇଟି ମଶାଲ ଜାଳି ଆବାହକ ତ୍ରିଦେବ ବେହେରା ସୁସଜ୍ଜିତ ଗାଡ଼ିରେ ବାଇକ୍ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ପ୍ରଥମେ ବ୍ଲକଠାରୁ ରାମମନ୍ଦିର, ହନୁମାନ ମନ୍ଦିର ଛକ ଦେଇ ଡ୍ରିମ୍ସ ଛକ, ଭଟିମୁଣ୍ଡା, ଗୋପିନାଥପୁର ଗ୍ରାମ ଅତିକ୍ରମ କରି ସତ୍ୟଭାମାପୁର ମଧୁବାବୁଙ୍କ ଜନ୍ମପୀଠରେ ବାଇକ୍ ଶୋଭାଯାତ୍ରା ପହଞ୍ଚିଥିଲା। ଛଅ ଶହରୁ ଊର୍ଦ୍ଧ୍ୱ ଯୁବକ ଚାରି ଶହରୁ ଊର୍ଦ୍ଧ୍ୱ ବାଇକରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ମଧୁପ୍ରେମୀ ଆକାଶ ପାତ୍ର, ଅମୂଲ୍ୟ ବେଉରା, ବିଶ୍ୱରଞ୍ଜନ ସାହୁ, ହୃଷିକେଶ ସାମଲ, ଚୌଧୁରୀ ମାନସ ସାହୁ, ବିଶ୍ୱଜିତ ଆଞ୍ଚଲ, ତ୍ରିନାଥ ମହାରଣା, ଜୟପ୍ରକାଶ ମହାନ୍ତି ଓ ରକ୍ଷ୍ୟାନନ୍ଦ ସ୍ୱାଇଁଙ୍କ ସମେତ ୧୫ ପଞ୍ଚାୟତର ମଧୁପ୍ରେମୀ ଯୋଗଦେଇଥିଲେ।

## ହିଙ୍ଗୁଳା ମହାଯଜ୍ଞ ଉଦ୍‌ଯାପିତ



ଚୌଦ୍ୱାର,୧୪(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଖଡ଼ି ଗ୍ରାମସ୍ଥିତ ବାବା ବାଞ୍ଛେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୬୯ତମ ପ୍ରସିଦ୍ଧ ମା' ହିଙ୍ଗୁଳା ବିଶ୍ୱଶାନ୍ତି ମହାଯଜ୍ଞ ଶୋଭାଯାତ୍ରାରେ ମହାନଦୀର କଖଡ଼ି ଘାଟକୂଳରେ ମାତା ଗଙ୍ଗାଙ୍କୁ ପୂଜାର୍ଚ୍ଚନା କରି ପବିତ୍ର ଜଳକୁମ୍ଭ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ଦେବାଦେବୀଙ୍କ ବିଭିନ୍ନ ଉପଚାର ପୂଜା ପରେ ଅଗ୍ନିକୁଣ୍ଡରେ ପବିତ୍ର ଅଗ୍ନି ସଂଯୋଗ କରାଯାଇ ଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଅଫିସର ନାୟକ ଓ ତାଙ୍କ ପତ୍ନୀଙ୍କୁ ଯଜ୍ଞରେ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଯଜ୍ଞାନୁଷ୍ଠାନ ବୁଧବାର ଉଦ୍‌ଯାପିତ ହୋଇଥିବା କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଗ୍ରାମ୍ୟ କମିଟି ସଭାପତି ଦିଲ୍ଲୀପ ଛତାର, ଯଜ୍ଞ କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ା, ନାରାୟଣ ସାହୁ, ରଞ୍ଜନ ମୁଦୁଲି, ଶରତଚନ୍ଦ୍ର ମହାନ୍ତି, ଓମ୍ ପ୍ରକାଶ ମୁଦୁଲି, ସୌଭାଗ୍ୟ ମହାନ୍ତି, ପ୍ରତାପ ରାଉତ, ତପନ ମୁଦୁଲି ପ୍ରମୁଖଙ୍କ ସମେତ ଗ୍ରାମର ମୁରବୀ ଓ ଯୁବଗୋଷ୍ଠୀ ପରିଚାଳନା କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଚୌଦ୍ୱାର,୧୪(ସମିସ): ଚୌଦ୍ୱାର ଅଞ୍ଚଳରେ କାର୍ଯ୍ୟରତ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ପଦ୍ମଲାଭ ବରାଳଙ୍କ ପିତା ରାମଚନ୍ଦ୍ର ବରାଳଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ବରାଳ ଓଟିଏମର ଜଣେ ଜଣାଶୁଣା ଶ୍ରମିକ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କର ପରଲୋକଗତଖବରପାଇଅଞ୍ଚଳରେଶୋକରଛାୟାଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତିନାତୁଣୀ ବନ୍ଧୁ ପରିଜନ ବର୍ଗ ଉପସ୍ଥିତ ଥିଲେ। ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତାଙ୍କ ନୁନଟିକିରି ଗ୍ରାମସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ପଦ୍ମଲାଭ ବରାଳ ମୁଖାଗ୍ନି ଦେଇଥିଲେ।

## ଗ୍ୟାସ କଳାବଜାର; ୩୭ ସିଲିଣ୍ଡର ଜବତ



ବଡମ୍ବା,୧୪(ସମିସ): ବଡମ୍ବା ଥାନା ଅନ୍ତର୍ଗତ ଝାଜିଆ ଗ୍ରାମରେ ଜୈନିକ ବ୍ୟବସାୟୀ ଗ୍ୟାସ କଳାବଜାରୀ କରୁଥିବା ବେଳେ ବୁଧବାର ଆଠଗଡ଼ ଯୋଗାଣ ବିଭାଗ ଓ ବଡମ୍ବା ତହସିଲ ପ୍ରଶାସନ ପକ୍ଷରୁ ଚଡ଼ଉ କରାଯାଇ ୧୩ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ଏବଂ ୨୪ଟି ଖାଲି ସିଲିଣ୍ଡର ମୋଟ ୩୭ଟି ସିଲିଣ୍ଡର ଜବତ କରାଯାଇଛି। ଇନ୍ଧନ ଗ୍ୟାସ ଏଜେନ୍ସି ନାଁରେ ରନ୍ଧନ ଗ୍ୟାସ କଳାବଜାର ହେଉଥିଲା ବୋଲି ସୂଚନା ମିଳିଛି। ଚଢଉରେ ବଡମ୍ବା ଅତିରିକ୍ତ ତହସିଲଦାର ଜ୍ୟୋର୍ତିମୟୀ ଆଚାର୍ଯ୍ୟ, ଆଠଗଡ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡା ଓ ବଡମ୍ବା ପୁଲିସ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ବଡମ୍ବା,୧୪(ସମିସ): ବଡମ୍ବା ବ୍ଲକ ଅଧୀନ ଶଙ୍ଖାମେରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଖଗେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଓ ଶିକ୍ଷକ ରମେଶଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଗୁରୁପାଦ ବ୍ରହ୍ମ, ଅବଧୂତ ସୁକାନ୍ତ ଦାଶ ମହାରାଜ, ବିଶିଷ୍ଟ ଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ପରମାନନ୍ଦ ସେଠୀ, ସମ୍ମାନିତ ଅତିଥିଭାବେ ପରିଚାଳନା ସମିତିର ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବଡମ୍ବା ପଞ୍ଚାୟତସମିତିର ପ୍ରାକ୍ତନ ଉପାଧକ୍ଷା ଶାନ୍ତିଲତା ସେଠୀ, ସମାଜସେବୀ ମାନସ ରଞ୍ଜନ ବିଶ୍ୱାଳ, ଦିଲ୍ଲୀପ ପଙ୍ଗାରି, ରବୀନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ସାହୁ ମେଧାବୀ ଛାତ୍ରୀ ସ୍ୱାଗତିକା ମଲ୍ଲିକଙ୍କୁ ସମ୍ମାନିତ କରିବା ସହ ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଓମକୁମାର ସାହୁ ପରିଚାଳନା କରିଥିଲା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା ସମିତିର ସଭ୍ୟ ଓ ସଭ୍ୟା ସହଯୋଗ କରିଥିଲେ। ପ୍ରଧାନଆଚାର୍ଯ୍ୟ ଦୁଖୀ ଦେଇ ଧନ୍ୟବାଦ ଦେଇଥିଲେ।

● ନିଶ୍ଚିନ୍ତକୋଇଲିରେ ଓଜେସିର ବିଶାଳ ସମାବେଶ

## ଜନଗଣଙ୍କ ସ୍ୱାର୍ଥ ପାଇଁ ସୃଷ୍ଟି ହୋଇଛି ଓଜେସି: ମୋକିମ୍

ନିଶ୍ଚିନ୍ତକୋଇଲି,୧୪(ସମିସ): ଓଡ଼ିଶାରେ ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାର ଅଧିକ ମାତ୍ରାରେ ଲୁଟ୍ କରିଚାଲିଛନ୍ତି। ରାଜ୍ୟରେ ବେକାରୀ ସଂଖ୍ୟା ବୃଦ୍ଧି ହେବାରେ ଲାଗିଥିଲା ବେଳେ ବହୁ ଶିକ୍ଷିତ ଯୁବକ ଦାଦନ ଖଟିବା ପାଇଁ ଦେଶର ବିଭିନ୍ନ ରାଜ୍ୟ ଓ ବିଦେଶକୁ ଯାଇ ଚରମ ହଟହଟାର ଶିକାର ହେଉଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟର ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ବର୍ତ୍ତମାନ ଏକ ଆଞ୍ଚଳିକ ଦଳର ନିତାନ୍ତ ଆବଶ୍ୟକକୁ ଲକ୍ଷ୍ୟ କରି ଓଡିଶା ଜନତା କଂଗ୍ରେସ ପାର୍ଟି (ଓଜେସି) ଗଠନ ହୋଇଛି ବୋଲି ପାର୍ଟିର ପ୍ରତିଷ୍ଠାତା ଇଂ ମହମ୍ମଦ ମୋକିମ୍ ମତ ରଖିଛନ୍ତି। ମାହାଙ୍ଗା ନିର୍ବାଚନ ମଣ୍ଡଳୀସ୍ତରୀୟ ଓଡିଶା ଜନତା କଂଗ୍ରେସ ପାର୍ଟି (ଓଜେସି)ର ବିଶାଳ ସମାବେଶ ନିଶ୍ଚିନ୍ତକୋଇଲିସ୍ଥିତ ବନ୍ଧନ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଯୁବନେତା ରମାକାନ୍ତ ବେହେରାଙ୍କ ସଂଯୋଜନାରେ ଏହି ନିର୍ବାଚନମଣ୍ଡଳୀର ୭୦୦ରୁ ଊର୍ଦ୍ଧ୍ୱ ଲୋକେ ବିଭିନ୍ନ ଦଳ ପରିତ୍ୟାଗ କରି ଓଡିଶା ଜନତା କଂଗ୍ରେସ ପାର୍ଟି (ଓଜେସି)ରେ ଯୋଗଦେଇଥଲେ। ଯୁବନେତା ଶୁଭେନ୍ଦୁ ମଲିକ, ସରପଞ୍ଚ ଶିବପ୍ରସାଦ ବେହେରା, ରାମଚନ୍ଦ୍ର ମଳିକ, ଦୀପକ ପରିଡା, ଅନୀଲ ନାୟକ, ସୂର୍ଯ୍ୟକୁମାର ରାଉତ ପାର୍ଟିର ଆଗାମୀ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟପନ୍ଥା ସଂକ୍ରାନ୍ତ ଆଲୋଚନା କରିଥିଲେ। ଅଜୟ ସେଠୀ, ବିନୋଦ ମଳିକ, ବନବିହାରୀ ଲେଙ୍କା, ପ୍ରଶାନ୍ତ ମହାପାତ୍ର, ସୁରେଶ ମଳିକ, ଭ୍ରମର ମଳିକ ପରିଚାଳନା କରିଥିଲା ବେଳେ ଦୀନବନ୍ଧୁ ସେଠୀ ଧନ୍ୟବାଦ ଦେଇଥିଲେ।




## ଆସାମ ନିର୍ବାଚନରେ ହିମାଂଶୁ



**କଟକ,୧୪(ସମିସ):** ଟାଙ୍ଗୀ ସାଲେପୁର ବିଜେପି ନେତା ତଥା ଗ୍ରାମୀଣ ଜିଲ୍ଲା ବିଜେପି ଉପସଭାପତି ଡ଼ ହିମାଂଶୁ କୁମାର ମହାନ୍ତି ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିବା ଜଣାପଡିଛି। ରାଷ୍ଟ୍ରୀୟ ବିଜେପି ଉପସଭାପତି ବୈଜୟନ୍ତ ଜୟ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ମହାନ୍ତି ଆସାମର ଗୌହାଟୀ ଦିସପୁର ବିଧାନସଭା କ୍ଷେତ୍ରରେ ନିଜ ସାଥୀଙ୍କ ସହ ପ୍ରଚାର କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଅଷ୍ଟାବତାର ବେଶରେ ଦାରୁ ରଘୁନାଥଜୀଉ



ଟିଗିରିଆ,୧୪(ସମିସ): ଟିଗିରିଆ ବ୍ଲକ ଅଧୀନ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପବିତ୍ର ରାମନବମୀ ପର୍ବରେ ଆଜି ଷଷ୍ଠ ଦିନରେ ପ୍ରଭୁ ଶ୍ରୀ ରଘୁନାଥଜୀଉ ଭକ୍ତମାନଙ୍କୁ ଅଷ୍ଟ ଅବତାର ବେଶରେ ଦର୍ଶନ ଦେଇଛନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ପରେ ବିଗ୍ରହମାନଙ୍କୁ ସନ୍ଧ୍ୟା ସମୟରେ ଅଷ୍ଟ ଅବତାର ବେଶ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି। ଆଜି ରାତିରେ ବଡମ୍ବା, ବାଙ୍ଗରସିଂହା ପାଇକସାହିର ଶ୍ରୀ ଶ୍ରୀ ରଘୁନାଥଜୀଉ ରାମ ନାଟ୍ୟ ସଂସଦ ପକ୍ଷରୁ ଲବ କୁଶ ବିଷୟ ବସ୍ତୁକୁ ନେଇ ନାଟକ ପରିବେଷଣ କରାଯିବ ବୋଲି ଗ୍ରାମ୍ୟ କମିଟି ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।